

ଏନ୍‌ସିଇଆରଟି ବହି ଉପରେ ଲାଗିଲା ବ୍ୟାନ୍ | ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 335 ଭାଗ ୩୩ | ସଂଖ୍ୟା ୩୩୫ | Friday 27 February 2026 | Page 8 Rs. 5.00 | ଭୁବନେଶ୍ୱର ଶୁକ୍ରବାର ୨୭ ଫେବ୍ରୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା



**ସହସମ୍ପାଦକ ଆବଶ୍ୟକ**

ଦୈନିକ 'ସଂଚାର'' ପାଇଁ ସହ-ସମ୍ପାଦକ ଆବଶ୍ୟକ। ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତି କମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବା। ଏଥିସହ ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ। ଓଡ଼ିଆ ଟାଇପିଂ ସହ କମ୍ପ୍ୟୁଟରରେ ତାଙ୍କର ଦକ୍ଷତା ଥିବା ଅନିର୍ବାର୍ଯ୍ୟ। ଆଗ୍ରହୀ ପ୍ରାର୍ଥୀମାନେ ଆସନ୍ତା ୭ ଦିନ ମଧ୍ୟରେ ନିମ୍ନ ଠିକଣାରେ ଆବେଦନ କରିପାରିବେ।



ଯୋଗାଯୋଗ
Mail :- sancharodisha@gmail.com
Whatsapp :- +91 8093008776


## ଆଇସିସି ଟି-୨୦ ବିଶ୍ୱକପ୍:ପରାଜୟ ସହ ଜିମ୍ବାୱେ ବିଦା

# ଭାରତ ବିଜୟୀ, ସେମି ଆଶା କାଏମ



### ଇଣ୍ଡିଜ୍ ବିପକ୍ଷ ମ୍ୟାଚ୍‌ରେ ଭାଗ୍ୟ ପରୀକ୍ଷା

ଚେନ୍ନାଇ,୨୬।୨: ଚଳିତ ଆଇସିସି ଟି-୨୦ ବିଶ୍ୱକପ୍‌ରେ ଆଜି ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ସୁପର୍-୮ ପର୍ଯ୍ୟାୟର ଦ୍ୱିତୀୟ ମ୍ୟାଚ୍‌ରେ ଜିମ୍ବାୱେକୁ ୭୨ ରନ୍‌ରେ ପରାସ୍ତ କରିଛି। ଏଥିସହ ଦଳ ଗ୍ରୁପ୍‌ରୁ ଅନ୍ୟତମ ଦଳ ଭାବେ ସେମିଫାଇନାଲ୍‌ରେ ପ୍ରବେଶ କରିବା ଆଶାକୁ କାଏମ ରଖିଛି। ପ୍ରଥମେ ବ୍ୟାଟିଂ ପାଇଥିବା ଭାରତ ନିର୍ଦ୍ଧାରିତ ୨୦ ଓଭର୍‌ରେ ୪ଟି ୱିକେଟ୍ ହରାଇ ୨୫୬ ରନ୍ କରିଥିଲା। ଏହାର ଜବାବରେ ଜିମ୍ବାୱେ ୬ଟି ୱିକେଟ୍ ହରାଇ ୧୮୪ ରନ୍ କରିବା ଫଳରେ ଭାରତ ସହଜସାଧ୍ୟ ବିଜୟ ହାସଲ କରିଛି।

ଭାରତ ପକ୍ଷରୁ ଈଶାନ୍ କିଶନ୍‌ଙ୍କ ସ୍ଥାନରେ ଅଭିଷେକ ଶର୍ମାଙ୍କ ସହ ସଞ୍ଜୁ ସାମ୍‌ସନ୍ ଇନିଂସ ଆରମ୍ଭ କରିଥିଲେ। ଛକା ସହ ଖାତା ଖୋଲିଥିବା ସଞ୍ଜୁ ୧୫ ବଲ୍‌ରେ ଗୋଟିଏ ଚୌକା ଓ ୨ଟି ଛକା ସହାୟତାରେ ୨୪ ରନ୍ କରି ଆଉଟ୍ ହୋଇଥିଲେ। ତାଙ୍କ ସ୍ଥାନରେ ଆସିଥିବା ଈଶାନ୍ ଓ ଅଭିଷେକଙ୍କ ମଧ୍ୟରେ ୭୨ ରନ୍‌ର ଭାଗୀଦାରୀ ହେବା ଫଳରେ ଭାରତର ରନ୍ ରେଟ୍ ଯଥେଷ୍ଟ ବଢ଼ିଯାଇଥିଲା। ଈଶାନ୍ ମାତ୍ର ୨୪ ବଲ୍ ଖେଳି ୪ଟି ଚୌକା ଓ ଗୋଟିଏ ଛକା ଲଗାଇ ୮ ରନ୍ କରି ଆଉଟ୍ ହେବା ଫଳରେ ଏହି ଭାଗୀଦାରୀ ବ୍ରେକ୍ ହୋଇଥିଲା। ପରେ ଅଭିଷେକ, ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ତିଲକ ବର୍ମା ଯଥାକ୍ରମେ ୫୫, ୩୩ ଓ ୪୪ ରନ୍ କରିଥିବା ବେଳେ ହାର୍ଦ୍ଦିକ ୨୩ଟି ବଲ୍ ଖେଳି ଧୂଆଁଧାର ଅର୍ଦ୍ଧଶତକ ପୂରଣ କରିଥିଲେ। ଅଭିଷେକ ତାଙ୍କ ଇନିଂସରେ ୪ଟି ଲେଖାଏଁ ଚୌକା ଓ ଛକା ଲଗାଇଥିବା ବେଳେ ସୂର୍ଯ୍ୟକୁମାରଙ୍କ ଇନିଂସରେ ୩ଟି ଚୌକା ଓ ୨ଟି ଛକା ଏବଂ ହାର୍ଦ୍ଦିକ ୨ଟି ଚୌକା ଓ ୪ଟି ଛକା ଲଗାଇଥିଲେ। ପଞ୍ଚମ ୱିକେଟ୍‌ରେ ତିଲକ ଓ ହାର୍ଦ୍ଦିକଙ୍କ ମଧ୍ୟରେ ଇନିଂସର ସର୍ବାଧିକ ଭାଗୀଦାରୀ ୮୪ ରନ୍ ହୋଇଥିଲା, ଯାହାକି ମାତ୍ର ୩୧ଟି ବଲ୍‌ରୁ ଆସିଥିଲା। ଜିମ୍ବାୱେ ପକ୍ଷରୁ ➪ପୃଷ୍ଠା-୬

## ନୂଆଦିଲ୍ଲୀରେ ଓଡ଼ିଶା ଭବନର ଶିଳାନ୍ୟାସ



**ଖର୍ଚ୍ଚ ହେବ ୯୩.୨୭ କୋଟି**

**୩ ବେସ୍‌ମେଣ୍ଟ ଉପରେ ୭ ମହଲା, ୪୫ ରୁମ୍**

**ନିର୍ମାଣଶୈଳୀରେ ରହିବ ଓଡ଼ିଶା କଳା ଓ ସଂସ୍କୃତିର ଝଲକ**

**ଅଯୋଧ୍ୟା, ବେଙ୍ଗାଲୁରୁ ଓ ସୁରଟରେ ବି ହେବ**

ଭୁବନେଶ୍ୱର,୨୬।୨(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୂଆଦିଲ୍ଲୀଠାରେ ନୂତନ ଓଡ଼ିଶା ଭବନର ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ନୂତନ ଭବନର ନିର୍ମାଣ ଶୈଳୀରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, କଳା ଓ ସଂସ୍କୃତିର ପ୍ରତିଫଳନ ଦେଖିବାକୁ ମିଳିବ।

ପୂର୍ବରୁ ଥିବା ଭବନଟି ପୁରୁଣା ହୋଇଯାଇଥିବା ସହ ସ୍ଥାନ ଓ ସୁବିଧାର ଅଭାବ ଥିବାରୁ ଏବର ଆବଶ୍ୟକତାକୁ ଆଖି ଆଗରେ ରଖି ଏହି ନୂଆ ଭବନ ନିର୍ମାଣ କରାଯାଉଛି। ଏଥିରେ ୩ଟି ବେସ୍‌ମେଣ୍ଟ, ଗ୍ରାଉଣ୍ଡ ଫ୍ଲୋର୍ ସହ ଆଉ ୬ଟି ମହଲା ରହିବ। ସମସ୍ତ ଅତ୍ୟାଧୁନିକ ସୁବିଧା ସହ ଏଥିରେ ୪୫ଟି ସୁଟ୍ ବ୍ୟବସ୍ଥା ➪ପୃଷ୍ଠା-୬

## ପାରାଦୀପ ବନ୍ଦରରେ ସବୁଜ ହାଇଡ୍ରୋଜେନ୍ ଜେଟି

ନୂଆଦିଲ୍ଲୀ, ୨୬।୨: କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ପାରାଦୀପ ବନ୍ଦରରେ ସବୁଜ ହାଇଡ୍ରୋଜେନ, ଆମୋନିଆ ଏବଂ ଅନ୍ୟାନ୍ୟ ତରଳ କାର୍ଗୋ ପରିବହନ ପାଇଁ ଆବଶ୍ୟକ ସୁବିଧା ସହିତ ଏକ ସ୍ୱତନ୍ତ୍ର ଜେଟି ବିକଶିତ କରିବ। ଏଥିପାଇଁ ୭୯୭ କୋଟି ୧୭ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଦ୍ୱାରା ବିଲ୍ଡ-ଅପରେଟ-ଟ୍ରାନ୍ସଫର (ବିଓଟି) ଆଧାରରେ କାର୍ଯ୍ୟକାରୀ କରାଯିବ। ପ୍ରସ୍ତାବିତ ପ୍ରକଳ୍ପରେ ବାର୍ଷିକ ୪ ନିୟୁତ ଟନ୍ ମାଲ ପରିଚାଳନା କ୍ଷମତା ରହିବ। ପାରାଦୀପ ବନ୍ଦରକୁ ଏକ ସବୁଜ ଶକ୍ତି କାର୍ଗୋ କେନ୍ଦ୍ର ଭାବରେ ବିକଶିତ କରିବା ଲାଗି ଏହି ପ୍ରକଳ୍ପକୁ ଡିଜାଇନ୍ କରାଯାଇଛି। ପ୍ରସ୍ତାବିତ ଭିତ୍ତିଭୂମିରେ ଏକ ସ୍ୱତନ୍ତ୍ର ଜେଟି, ସଂରକ୍ଷଣ ପ୍ରଣାଳୀ, ପାଇପଲାଇନ, ପରିଚାଳନା ଉପକରଣ ଏବଂ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଅନ୍ତର୍ଭୁକ୍ତ ହେବ।

କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କହିଛନ୍ତି, ଏହି ମଞ୍ଜୁରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭବିଷ୍ୟତ ପାଇଁ ପ୍ରସ୍ତୁତ ସବୁଜ ଭିତ୍ତିଭୂମି ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

ଶ୍ରୀ ସୋନୱାଲ କହିଛନ୍ତି, ଏହି ଅନୁମୋଦନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରେରଣାଦାୟୀ ଏବଂ ନିର୍ଣ୍ଣାୟକ ନେତୃତ୍ୱର ପ୍ରତ୍ୟକ୍ଷ ପରିଣାମ ଯାହା ଭାରତକୁ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ବିଶ୍ୱସ୍ତରୀୟ ଅଗ୍ରଣୀ ରାଷ୍ଟ୍ର ଭାବରେ ସ୍ଥାନିତ କରିଥାଏ।

**୭୯୭ କୋଟି ଟଙ୍କା ମଞ୍ଜୁର କଲା କେନ୍ଦ୍ର**



ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ, ଆମର ବନ୍ଦରଗୁଡ଼ିକୁ ସବୁଜ ଅଭିବୃଦ୍ଧି, ନବସୃଜନ ଏବଂ ସ୍ଥାୟୀ ଲଜିଷ୍ଟିକ୍ସ ପାଇଁ ପ୍ରବେଶପଥରେ ପରିଣତ କରାଯାଉଛି। ଜେଟିର ଏକ୍ସଟ୍ରିମ୍ ଏଣ୍ଡ ଡଲଫିନ୍ ମଧ୍ୟରେ କେନ୍ଦ୍ରରୁ କେନ୍ଦ୍ର ଦୂରତା ୨୭୯ ମିଟର ଏବଂ ବର୍ଥ ସମ୍ମୁଖରେ ୧୪.୩ ମିଟର ଡ୍ରେଜ୍ ଗଭୀରତା ରହିବ ଯାହାଦ୍ୱାରା ତରଳ କାର୍ଗୋ ଜାହାଜର ସୁରକ୍ଷିତ ପରିଚାଳନା ସମ୍ଭବ ହେବ।

ନିର୍ମାଣ ପର୍ଯ୍ୟାୟରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ପ୍ରକଳ୍ପ ମୂଲ୍ୟର ୨୦% ସମତୁଲ୍ୟ ପୁଞ୍ଜି ସହାୟତା ପ୍ରଦାନ କରିବେ, ଯାହାର ପରିମାଣ ୧୫୯.୪୩ କୋଟି ଟଙ୍କା। ପ୍ରକଳ୍ପଟି ୨୪ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବାର ଆଶା କରାଯାଉଛି। କେନ୍ଦ୍ର ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କହିଛନ୍ତି, ଉତ୍ସର୍ଗୀକୃତ ସବୁଜ ହାଇଡ୍ରୋଜେନ୍ ଜେଟି ରପ୍ତାନି ଲଜିଷ୍ଟିକ୍ସକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ➪ପୃଷ୍ଠା-୬

## ମନ୍ତ୍ରୀଙ୍କ ଘୋଷଣା ବନାମ ତ୍ରିଲୋଚନର ଚିତ୍କାର

# ୪୦ ଦିନ ଦୌଡ଼ି ଦୌଡ଼ି ଗଲା ଜୀବନ

ରାଜନଗର,୨୬।୨(ସଂଚାର ବ୍ୟୁରୋ): ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଟୋକନ ଅବଧି ବଢ଼ାଇବା ନେଇ ଭିଡିଓ ବାର୍ତ୍ତା ଦେବାର ୨୪ ଘଣ୍ଟା ନ ପୂରୁଣୁ ମଣ୍ଡିରେ ଚାଷୀ ଶୋଷିତ ହୋଇ ମୃତ୍ୟୁବରଣ କରିବାର ବିକଳ ଚିତ୍ର ସାମ୍ନାକୁ ଆସିଛି। ୪୦ ଦିନ ଧରି ଧାନ ବିକିବାକୁ ମଣ୍ଡିରୁ ସମିତି, ସମିତିରୁ ମଲକୁ ଦୌଡ଼ି ଦୌଡ଼ି ଶେଷରେ ମରିଗଲେ ରାଜନଗର ବ୍ଲକ ଅନ୍ତର୍ଗତ ଜୁଣଗଡ଼ି ଗାଁର ଜଣେ ୫୩ ବର୍ଷ ବୟସ୍କ ଚାଷୀ ତ୍ରିଲୋଚନ ନାୟକ।



**ଲାଞ୍ଚ ସହ ଅଧିକ କଟନୀ ପାଇଁ ରାଜିହେଲେ**

**ଟ୍ରାକ୍ଟର ବାବଦ ୧୫ ହଜାର ବି ନିଜେ ଦେଲେ**

**ସହିପାରିଲେନି ମଣ୍ଡି ଓ ମିଲରଙ୍କ ନିର୍ଯାତନା**

ତ୍ରିଲୋଚନଙ୍କୁ ଗତ ଜାନୁଆରୀ ୧୬ ତାରିଖରେ ଧାନ ବିକିବା ପାଇଁ ମେସେଜ ଆସିଥିଲା। ଫେବ୍ରୁଆରୀ ୧୫ ଧାନ ଦେବାର ଶେଷ ତାରିଖ ଥିଲା। ତ୍ରିଲୋଚନ ଜାନୁଆରୀ ୧୬ ତାରିଖଠାରୁ ଈଶ୍ୱରପୁରସ୍ଥିତ ଡାଙ୍ଗମାଳ ସେବା ସମବାୟ ସମିତି ମଣ୍ଡିକୁ ବାରମ୍ବାର ଦୌଡ଼ି ଦୌଡ଼ି ଥକିପଡ଼ିଥିଲେ ବି ଧାନ ଦେଇପାରି ନଥିଲେ। ଟୋକାନ ଅବଧି ସରିବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ଗତ ୧୪ ତାରିଖରେ ତ୍ରିଲୋଚନ ଧାନ ଦେଇନଥିଲେ ମଧ୍ୟ ତାଙ୍କର ଆଖି ସ୍କାନ କରାଯାଇଥିଲା। ଗତ ୨୩ ତାରିଖ ଦିନ ତ୍ରିଲୋଚନ ଓ ତାଙ୍କ ଭାଇ ଦୁର୍ଯ୍ୟୋଧନ ଧାନ ନେଇ ନୁରୁଗାଁସ୍ଥିତ ରାମଚଣ୍ଡୀ ମିଲକୁ ଯାଇଥିଲେ। ରାମଚଣ୍ଡୀ ମିଲରେ ୨୩ରୁ ୨୫ ତାରିଖ ସନ୍ଧ୍ୟା ଯାଏଁ ଅଖିଆଅପିଆ ତ୍ରିଲୋଚନ ଓ ଦୁର୍ଯ୍ୟୋଧନ ପଡ଼ିରହିଥିଲେ। ଖୋଲା ଆକାଶ ତଳେ ତିନି ଦିନ ଅଖିଆଅପିଆ ରହିବା ଯୋଗୁ ତ୍ରିଲୋଚନ ଅସୁସ୍ଥ ହୋଇପଡ଼ିଥିଲେ। ସନ୍ଧ୍ୟାରେ ତ୍ରିଲୋଚନଙ୍କୁ ଘରକୁ ପଠାଇଦେଇ ଦୁର୍ଯ୍ୟୋଧନ ମିଲ୍‌ରେ ରହିଥିଲେ। ତ୍ରିଲୋଚନ ଘରେ ପହଞ୍ଚିବା କ୍ଷଣି ତାଙ୍କୁ ପ୍ରଥମେ ଈଶ୍ୱରପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ତ୍ରିଲୋଚନ ଅସୁସ୍ଥ ହୋଇପଡ଼ିବା ପରେ ଦୁର୍ଯୋଧନ ମିଲରଙ୍କୁ ତାଙ୍କ ଧାନ ଖାଲି କରିଦିଅନ୍ତୁ, ଭାଇ ମେଡିକାଲରେ ପଡ଼ିଛି ବୋଲି ବାରମ୍ବାର ନେହୁରା ହେବା ପରେ ରାମଚଣ୍ଡୀ ମିଲ୍ ସାହାଯ୍ୟ କରିବା ତ ଦୂରର କଥା, ବରଂ ଶୋଷଣ ଆରମ୍ଭ ହୋଇଯାଇଥିଲା। ଧାନ ଅନଲୋଡ କରିବା ପାଇଁ ୩ ହଜାର ଟଙ୍କା ➪ପୃଷ୍ଠା-୬

### ଜାମସେଦପୁରରେ ଶ୍ରୀଜଗନ୍ନାଥ ମନ୍ଦିରର ଶିଳାନ୍ୟାସ କଲେ ଧର୍ମେନ୍ଦ୍ର

## ଶ୍ରୀଜଗନ୍ନାଥ ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାର ନୂତନ ଅଧ୍ୟାୟ



**ଝାଡ଼ଖଣ୍ଡର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ବି ମହଜୁଦ**

ଜାମସେଦପୁର,୨୬।୨: ଝାଡ଼ଖଣ୍ଡର ଜାମସେଦପୁରଠାରେ ଶ୍ରୀଜଗନ୍ନାଥ ଆଧ୍ୟାତ୍ମିକ ଓ ସାଂସ୍କୃତିକ କେନ୍ଦ୍ରର ଭୂମି ପୂଜନ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭବ୍ୟ ମନ୍ଦିରର ଶିଳାନ୍ୟାସ କାର୍ଯ୍ୟକ୍ରମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କରକମଳରେ ସମ୍ପନ୍ନ ହୋଇଛି। ଶ୍ରୀଜଗନ୍ନାଥ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଚାରିଟେବୁଲ୍ ସେଣ୍ଟର ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ମହାପ୍ରଭୁଙ୍କ ନିକଟରେ ସମସ୍ତଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ମହାପ୍ରଭୁଙ୍କ ଆଶୀର୍ବାଦରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି। ଜାମସେଦପୁରରେ ମହାପ୍ରଭୁଙ୍କ ଏହି ଭବ୍ୟ ମନ୍ଦିର କେବଳ ଏକ ଆଧ୍ୟାତ୍ମିକ କେନ୍ଦ୍ର ହେବନାହିଁ, ବରଂ ଏହା ଝାଡ଼ଖଣ୍ଡର ସାଂସ୍କୃତିକ ପରିଚୟକୁ ଏକ ନୂତନ ଦିଶା ପ୍ରଦାନ କରିବ।

ସେ ଆହୁରି କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥ ସମଗ୍ର ଜଗତର ନାଥ ଓ ତାଙ୍କର ଉପାସନା ଆମକୁ କରୁଣା ଓ ଲୋକମଙ୍ଗଳର ଶାଶ୍ୱତ ସନ୍ଦେଶ ଦେଇଥାଏ। ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ଆୟୋଜିତ ଏହି ଉତ୍ସବ ଜଗନ୍ନାଥ ସଂସ୍କୃତିରେ ଏକ ➪ପୃଷ୍ଠା-୬

## ଏନ୍‌କାଉଣ୍ଟରରେ ଟଳିଲେ ୨ ମାଓବାଦୀ

ମାଲକାନଗିରି,୨୬।୨(ସଂଚାର ବ୍ୟୁରୋ): ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଆଜି ସୁରକ୍ଷା ବାହିନୀ ସହ ହୋଇଥିବା ଏନକାଉଣ୍ଟରରେ ୨ ଜଣ ମାଓବାଦୀ ନିହତ ହୋଇଛନ୍ତି। ଘଟଣାସ୍ଥଳରୁ ୩ଟି ରାଇଫଲ୍, ୧୨ଟି ବୋର୍ ରାଇଫଲ୍, ୪ଟି ହ୍ୟାଣ୍ଡ୍ ଗ୍ରେନେଡ୍ ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଆଦି ଜବତ କରାଯାଇଛି। ଜିଲ୍ଲା ପୁଲିସ ଅଧୀକ୍ଷକ ଡକ୍ଟର ଜିତେନ୍ଦ୍ର ଯାଦବ କହିଛନ୍ତି ଯେ ବିଜାପୁରର ଇନ୍ଦ୍ରାବତୀ ନଦୀ ଅଞ୍ଚଳରେ କେତେକ ମାଓବାଦୀ ଲୁଚିଥିବା ନେଇ ଗୁଇନ୍ଦା



ସୂତ୍ରରୁ ସୂଚନା ପାଇବା ପରେ ସୁରକ୍ଷା ବାହିନୀର ଏକ ମିଳିତ ଦଳ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲା। ଏହି ଅପରେସନ୍ ସମୟରେ ମାଓବାଦୀମାନେ ସୁରକ୍ଷା ଦଳ ଉପରେ ଆମ୍ବୁସ୍ ଲଗାଇ ଗୁଳି ଚଳାଇଥିଲେ। ଏହାର ପାଲଟା ଜବାବ ସୁରକ୍ଷା ବାହିନୀ ଦେବା ଫଳରେ ସେଠାରେ ଗୁଳିଗୋଳା ବିନିମୟ ଚାଲିଥିଲା। ➪ପୃଷ୍ଠା-୬

**ରାଇଫଲ ସହ ବ୍ୟାପକ ବିସ୍ଫୋରକ ଜବତ**

**ମୁଣ୍ଡରେ ଥିଲା ୫ ଲକ୍ଷର ପୁରସ୍କାର**

## ରାଜଧାନୀରେ କୋଲକାତା ଇଡିର ଘଣ୍ଟାଚକଟା

ଭୁବନେଶ୍ୱର,୨୬।୨(ସଂଚାର ବ୍ୟୁରୋ): ଭୁବନେଶ୍ୱରର ୫ଟି ସ୍ଥାନରେ ଆଜି କୋଲକାତା ଇଡି ପକ୍ଷରୁ ଚଢ଼ାଉ କରାଯାଇଛି। ଆଜି ସକାଳୁ ସକାଳୁ ଆରମ୍ଭ ହୋଇଥିବା ଏହି ଚଢ଼ାଉ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ବି ଜାରି ରହିଛି। ଇଡି ଟିମ୍ ହାଇଟେକ୍ ମେଡିକାଲ କଲେଜ ସମେତ ୫ଟି ସ୍ଥାନରେ ଚଢ଼ାଉ କରିଛି। ତେବେ ବ୍ୟାପକ ଅର୍ଥ ହେରଫେର ଓ ଜମି ଜାଲିଆତି ନେଇ ରେଡ୍ ଚାଲିଥିବା ସୂଚନା ରହିଛି। ଭାରତୀୟ ବିଜ୍ଞାନ ବିକାଶ ଚାରିଟେବୁଲ ଟ୍ରଷ୍ଟର ସହିଦ ନଗରସ୍ଥିତ ଅଫିସ୍‌ରେ ବି ଚଢ଼ାଉ କରାଯାଇଛି। ବ୍ରହ୍ମପୁରରେ ସାହାରା ଇଣ୍ଡିଆ ଜମି ଜାଲିଆତି କରି କିଣିଥବା ନେଇ ଅଭିଯୋଗ ହେବା ପରେ ଇଡି ପକ୍ଷରୁ ଏନେଇ ଅଧିକ ତଥ୍ୟ ହାସଲ ସକାଶେ ଚଢ଼ାଉ ଚାଲିଛି। ତେବେ ଇଡି ଟିମ୍ କ'ଣସବୁ ଜବତ କରିଛି, ସେନେଇ ବିଶେଷ କିଛି ସୂଚନା ମିଳିପାରିନାହିଁ।

## ବଦଳିବ ରଥ କୋଡ୍ !



**ଦୁଇ ବର୍ଷର ଅଭିଜ୍ଞତାରୁ ଶିକ୍ଷା**

**ମୁଖ୍ୟ ସଚିବ କରିଛନ୍ତି ବ୍ଲୁପ୍ରିଣ୍ଟ**

ଭୁବନେଶ୍ୱର,୨୬।୨(ସଂଚାର ବ୍ୟୁରୋ): ଏବର୍ଷ ପୁରୀ ରଥଯାତ୍ରା ପରିଚାଳନାରେ ବଡ଼ ପରିବର୍ତ୍ତନ ଆସିବା ନେଇ ପ୍ରଶାସନିକ ମହଲରେ ଚର୍ଚ୍ଚା ହେଉଛି। ଗତ ଦୁଇ ବର୍ଷର ଅଭିଜ୍ଞତା ଓ ଅଘଟଣକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ତ୍ରୁଟିଶୂନ୍ୟ ରଥଯାତ୍ରା ପାଇଁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ୪୨ ବର୍ଷ ପରେ ସଂଶୋଧିତ ହେବାକୁ ଯାଉଛି 'ରଥ କୋଡ୍-୧୯୮୩'। ଭିଡ଼ ନିୟନ୍ତ୍ରଣଠାରୁ ଆରମ୍ଭ କରି ଏଆଇ ବ୍ୟବହାର ଓ ସେବାୟତଙ୍କ ଶୃଙ୍ଖଳା ପର୍ଯ୍ୟନ୍ତ, ସବୁଥିରେ ହେବ ବ୍ୟାପକ ସଂସ୍କାର। ଏନେଇ ନିକଟରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସିଥିବା ଗୁରୁତ୍ୱପୂର୍ଣ୍ଣ ବୈଠକରେ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଥିବା ସୂଚନା ➪ପୃଷ୍ଠା-୬


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ରାଜ୍ୟସଭାରେ ନବୀନ ପୁଣି ଦେବେ ଚକମା



**ବିଜେଡି ୬ ସେଟ ପ୍ରାର୍ଥିପତ୍ର କିଣିବା ପରେ ବଢ଼ିଲା ଚର୍ଚ୍ଚା**

**ଚତୁର୍ଥ ଆସନରୁ ଛିଡ଼ା ହୋଇପାରନ୍ତି ଜଣେ ନିର୍ଦ୍ଦଳୀୟ ପ୍ରାର୍ଥୀ**

**ନୂଆ ମୋଡ଼ ନେବ ରାଜ୍ୟ କଂଗ୍ରେସ ସମୀକରଣ**

ଭୁବନେଶ୍ୱର,୨୬।୨(ସଂଚାର ବ୍ୟୁରୋ): ରାଜ୍ୟସଭା ନିର୍ବାଚନ ପାଇଁ ଆଜି ବିଧିବଦ୍ଧ ଭାବେ ବିଗୁଲ୍ ବାଜିଥିବା ବେଳେ ବିଜେଡି ୨ ଜଣ ପ୍ରାର୍ଥୀଙ୍କ ପାଇଁ ଆବଶ୍ୟକ ୬ ସେଟ ପ୍ରାର୍ଥିପତ୍ର ନେବା ଏବେ ରାଜନୀତିକୁ ରୋଚକ କରିଛି। ଦ୍ୱିତୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ବିଜେଡି ନିକଟରେ ଆବଶ୍ୟକ ସଂଖ୍ୟକ ବିଧାୟକ ନ ଥିବା ବେଳେ କାହା ବଳରେ ଦଳ ଚତୁର୍ଥ ପ୍ରାର୍ଥୀ ଦେବାକୁ ଅଗ୍ରସର ହୋଇଛି, ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ରାଜ୍ୟର ୪ଟି ରାଜ୍ୟସଭା ଆସନ ପାଇଁ ଆଜି ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପରେ ବିଜେଡି ବିଧାନସଭାରୁ ଦୁଇ ପ୍ରାର୍ଥୀଙ୍କ ପାଇଁ ୬ ସେଟ୍ ପ୍ରାର୍ଥିପତ୍ର ନେଇଛି। ଜଣେ ଜଣେ ପ୍ରାର୍ଥୀ ୩ ସେଟ୍ କରି ପ୍ରାର୍ଥିପତ୍ର ଦାଖଲ କରିଥାନ୍ତି। ସେହି ଆଧାରରେ ବିଜେଡି ୬ ସେଟ୍ ପ୍ରାର୍ଥିପତ୍ର ନେଇଛି। ତେବେ ଦଳ କାହାକୁ ଦ୍ୱିତୀୟ ପ୍ରାର୍ଥୀ କରିବ, ତା'କୁ ➪ପୃଷ୍ଠା-୬

## ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ

ଭୁବନେଶ୍ୱର,୨୬।୨(ସଂଚାର ବ୍ୟୁରୋ): ଭାରତର ନିର୍ବାଚନ କମିଶନ (ଇସିଆଇ) ଆଜି ରାଜ୍ୟସଭା ନିର୍ବାଚନ ପାଇଁ ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ତଦନୁଯାୟୀ, ୪ ଜଣ ସଦସ୍ୟଙ୍କୁ ରାଜ୍ୟସଭାକୁ ନିର୍ବାଚିତ କରିବା ପାଇଁ ଏକ ନିର୍ବାଚନ ଅନୁଷ୍ଠିତ ହେବ। ମମତା ମହନ୍ତ, ସୁଜିତ କୁମାର ଓ ମୁଜିବୁଲ୍ଲା ଖାନ ଓ ନିରଞ୍ଜନ ବିଶିଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ୍ ୨ ତାରିଖରେ ସମାପ୍ତ ହେଉଛି। ଏହି ନିର୍ବାଚନକୁ ପରିଚାଳନା ପାଇଁ ଓଡ଼ିଶା ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କୁ ରିଟର୍ଣ୍ଣିଂ ଅଧିକାରୀ ଓ ବିଧାନସଭାର ଯୁଗ୍ମ ସଚିବ ବିଦ୍ୟାଧର ମାଝୀଙ୍କୁ ➪ପୃଷ୍ଠା-୬



**୧୬ରେ ରାଜ୍ୟସଭା ନିର୍ବାଚନ**

**ଅପରାହ୍ନ ୫ଟାରେ ଫଳାଫଳ**

## ଦୁଇ ମଦ ବେପାରୀ କୋର୍ଟ ଚାଲାଣ

ମାହାଙ୍ଗା,୨୬।୨ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ ପକ୍ଷରୁ ମାହାଙ୍ଗା ବ୍ଲକ ଉମର ପଞ୍ଚାୟତ ଓଡ଼ପୁର ଓ ନାଳିପଡ଼ିଆ ଗ୍ରାମରେ ଚଢ଼ାଉ କରି ଦୁଇ ଜଣ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରା କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଅବକାରୀ ବିଭାଗ ଅଧିକାରୀ ରାଜକିଶୋର ନାୟକଙ୍କ ନେତୃତ୍ୱରେ ଏକ ଟିମ ଓଡ଼ପୁର ଗ୍ରାମରେ ଚଢ଼ାଉ କରି ସନାତନ ବେହେରାଙ୍କ ଠାରୁ ୨୦ ଲିଟର ବୋତଲ ମଦ ଏବଂ ନାଳିପଡ଼ିଆ ବଜାରର ରବୀନ୍ଦ୍ର ନାଥ ମହାନ୍ତିଙ୍କ ନିକଟରୁ ୩୧ ବୋତଲ ବିଦେଶୀ ମଦ ସହ ବାଇକ ଜବତ କରିଥିଲେ। ଚଢ଼ାଉ ସମୟରେ ଅବକାରୀ ଏଏସଆଇ ଚିତ୍ତରଞ୍ଜନ ଦାସ, ଖିରୋଦ୍ର ବେହେରା, ତୃପ୍ତିମୟୀ ପରିଡ଼ା, ସୁଶୀଳ ଦେହୁରୀ ପ୍ରମୁଖ ସାମିଲ ହୋଇଥିଲେ।

## ଘର ମାଲିକ ସରକାରୀ ବିଦେଶୀ ମଦ ଦୋକାନରେ ପକାଇଲେ ତାଲା



ମାହାଙ୍ଗା,୨୬।୨ (ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକ ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ ଅଧିନ ସସସରପୁର ଭୋଳିଦାସପୁର ଠାରେ ଭଡା ଘରେ ଚାଲୁଥିବା ସରକାରୀ ବିଦେଶୀ ମଦ ଦୋକାନରେ ଆଜି ଘର ମାଲିକ ତାଲା ପକାଇଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ଆଜି ଅପରାହ୍ନରେ ଘର ମାଲିକ ଓ ଦୋକାନ କର୍ମଚାରୀଙ୍କୁ ଘରଭଡା ବାବଦ ଚୁକ୍ତିପତ୍ର ଦେଖାଇବା ପାଇଁ କହିଥିଲେ। ଏ ନେଇ ଦୋକାନ କର୍ମଚାରୀ ଓ ଘର ମାଲିକ ଗିରିଶ କୁମାର ସାହୁଙ୍କ ମଧ୍ୟରେ ଯୁକ୍ତି ତର୍କ ହୋଇଥିଲା। ଏପରିକି ଏହି ଘର ଭଡା ଚୁକ୍ତିପତ୍ରରେ ଚଞ୍ଚକତା କରାଯାଇଥିବା ଅଭିଯୋଗ କରି ମଦ ଦୋକାନକୁ ତାଲା ପକାଇଥିଲେ। ଯାହାକୁ ନେଇ ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ ଅଧିକାରୀ ରାଜକିଶୋର ନାୟକଙ୍କୁ ପଚାରିବାରୁ ଏହି ମଦ ଦୋକାନର କାଗଜପତ୍ର ଠିକ୍ ଅଛି। ତଦନ୍ତ ପରେ ଘଟଣା ଜଣାପଡ଼ିବ ବୋଲି କହିଥିଲେ।

## ବେଆଇନ୍ ଗୋ ମାଂସ ଜବତ; ବ୍ୟବସାୟୀ ଅଟକ, ଚାପା ଉତ୍ତେଜନା



ଯାଜପୁର,୨୬।୨ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାରେ ଦିନକୁ ଦିନ ବେଆଇନ୍ ଗୋମାଂସ ବିକ୍ରି ବୃଦ୍ଧି ପାଉଛି। ଯାହାକି ଯାଜପୁର ଜିଲା ଧର୍ମଶାଳା ଥାନା ସୁନ୍ଦୁରିଆ ପଞ୍ଚାୟତର ଏକ ପୋଖରୀ ନିକଟରୁ ବେଆଇନ୍ ଗୋ ମାଂସ ନେଇ ଯାଉଥିବା ଜଣେ ବ୍ୟବସାୟୀଙ୍କୁ ସ୍ଥାନୀୟ ଲୋକେ ଅଟକ ରଖି ପୁଲିସ ଜିମା ଦେଇଛନ୍ତି । ଇଲ୍ଲେଖ ଯୋଗ୍ୟ ଯେ, ନେଉଳପୁର ଅଞ୍ଚଳର ଜଣେ ବ୍ୟକ୍ତି ଗୋମାଂସ ନେଇ ବିକ୍ରି କରୁଥିବା ସ୍ଥାନୀୟ ଲୋକେ କୌଣସି ସୂତ୍ରରୁ ଖବର ପାଇ ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ଅଟକାଇ ବ୍ୟାଗ ଯାଞ୍ଚ କରିବା ପରେ ବ୍ୟାଗ୍‌ରେ ୧୦କିଲୋରୁ ଅଧିକ ଗୋ ମାଂସ ଥିବା ଜାଣିବାକୁ ପାଇଥିଲେ । ସମ୍ପୃକ୍ତ ବ୍ୟବସାୟୀ ଜଣକ ହେଲେ ସେକ ଅମୀର ଉଦିନ। ତାଙ୍କୁ ଲୋକେ ଧରି ପଚରା ଉଚୁରା କରିବା ପରେ ନେଉଳପୁର ପଂଚାୟତର କାଲା ମିଆଁ ଠାରୁ ଅମୀର ଉଦିନ ବେପାର କରିବାକୁ ଆଣିଥିବାର ପ୍ରକାଶ କରିଥିଲା । ଏଥି ନେଇ ଘଟଣା ସ୍ଥଳରେ ଲୋକେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ଖବର ପାଇ ଧର୍ମଶାଳା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ବ୍ୟବସାୟୀଙ୍କୁ ଥାନାରେ ଅଟକ ଥିବା ସୂଚନା ।

## ମାନସିକ ବିକୃତ ଭିନ୍ନକ୍ଷମ ଯୁବକକୁ ଅମାନୁଷିକ ମାଡ଼



ପାରାଦୀପ,୨୬।୨ (ସଂଚାର ବ୍ୟୁରୋ): ବିଧା ଗୋଇଠା ଆଉ ଚାପୁଡ଼ା। ମନ ଶାନ୍ତି ହେଲାନି ଯେ ପୁଣି ଏକ ପ୍ଲାଷ୍ଟିକ କେବୁଲ, ବାଡି ଆଣି ପିଟିଲେ। ସାର୍ଟକୁ ଟାଣି ଫଡା ଫଡା କରି ପକାଇଲେ । ଏହା କୌଣଷି ସାଧାରଣ ଲୋକଙ୍କୁ ନୁହେଁ, ମାଡ ହେଉଥିଲା ଏକ ମାନସିକ ବିକୃତ ଭିନ୍ନକ୍ଷମ ଯୁବକଙ୍କୁ । ଭାଇ ଛାଡିଦିଅ ଛାଡିଦିଅ ସେ ବିକଳ ହୋଇ ହାତ ଯୋଡି ଥିଲେ ମଧ୍ୟ ଦୁଇ ଅମାନୁଷିକ ଯୁବକଙ୍କ ହୃଦୟ ତରଳି ପାରିନଥିଲା । ଏଭଳି ଘଟଣା ବନ୍ଦର ନଗରୀ ପାରାଦୀପର ସଣ୍ଡକୁଦ ବସ୍ତିରେ ଥିବା ଦୁର୍ଗା ମନ୍ଦିର ପଛପଟେ ହୋଇଥିବା ଏକ ଭିଡିଓ ଏବେ ଭାଇରାଲ୍ ହେଉଛି । ମାନସିକ ବିକୃତ ଭିନ୍ନକ୍ଷମ ଯୁବକଙ୍କର ଭୁଲ ଥିଲା ଏତିକି ଯେ ସେ ଏକ ସାର୍ଟ ଶୁଖା ଯାଉଥିବା ବେଳେ ତାକୁ ଆଣି ପିନ୍ଧି ଦେଇଥିଲେ । ସାର୍ଟ କଣ ପାଇଁ ଆଣି ପିନ୍ଧିଲୁ ବୋଲି ଉଦ୍‌କ୍ଷିପ୍ତ ହୋଇ ଦୁଇ ଯୁବକ ଏଭଳି ତାକୁ ମାଡ ମାରିଥିବା ଭିଡିଓରେ ସ୍ପଷ୍ଟ ଦେଖିବାକୁ ମିଳିଛି ।

## ପ୍ରଧାନଶିକ୍ଷକଙ୍କ ନିଲମ୍ବନ ଘଟଣା
# ୫ ଦିନ ଧରି ପାଠପଢ଼ା ଠପ୍



**ଆମ ଉମେଶ ସାର ବିଦ୍ୟାଳୟକୁ ନ ଆସିବା ପର୍ଯ୍ୟନ୍ତ ପାଠ ପଢ଼ିବୁ ନାହିଁ କି ପରୀକ୍ଷା ଦେବୁ ନାହିଁ**

**ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳୁଛି ଶିକ୍ଷା ବିଭାଗ**

ମାହାଙ୍ଗା,୨୬।୨ (ସଂଚାର ବ୍ୟୁରୋ): ମାହାଙ୍ଗା ଯଶୁଆପୁର ସ୍ଥିତ ଗୋପବନ୍ଧୁ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ଦେହୁରୀଙ୍କୁ ମାହାଙ୍ଗା ବ୍ଲକ ଶିକ୍ଷା ଅଧିକାରିଣୀ ମୋନାଲିସା ସରକାର ମଧ୍ୟାହ୍ନଭୋଜନ ବ୍ୟତିକ୍ରମକୁ ଆଳ କରି ନିଲମ୍ବନ କରିବା ଓ ଘଟଣାର ୫ ଦିନ ପରେ ବି ବିଦ୍ୟାଳୟରେ ପାଠ ପଢ଼ା ନ ହେବା ଏବଂ ବିଦ୍ୟାର୍ଥି ମାନେ ବିଦ୍ୟାଳୟକୁ ନ ଆସିବା ଘଟଣା ସମଗ୍ର ମାହାଙ୍ଗାରେ ଆଲୋଚନାର ବିଷୟ ହୋଇଥିବା ବେଳେ ମାହାଙ୍ଗା ଶିକ୍ଷା ବିଭାଗ ଏହି ସମସ୍ୟା ସମାଧାନ ନ କରିବା ଯୋଗୁଁ ପିଲାଙ୍କ ଭବିଷ୍ୟତ ଅନ୍ଧାର ଆଡକୁ ଗତି କରୁଛି। ବିଦ୍ୟାର୍ଥିଙ୍କ ଅତି ପ୍ରିୟ ସାର ଉମେଶ ଦେହୁରୀ ବିଦ୍ୟାଳୟକୁ ଆସି ପାଠ ନ ପଢ଼ାଇବା ପର୍ଯ୍ୟନ୍ତ ସ୍କୁଲ ଓ ବାର୍ଷିକ ପରୀକ୍ଷା ବର୍ଜନ କରିବେ ବୋଲି ଛାତ୍ରଛାତ୍ରୀ ମାନେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏପରି ସ୍ଥଳେ ଏହି ବିଦ୍ୟାଳୟରେ ଯୋଗ ଦେଇଥିବା ନୂତନ ଶିକ୍ଷକ ବିଦ୍ୟାଳୟକୁ ଆସି ବସି ବସି ଘରକୁ ଫେରୁଥିବା ବେଳେ ମାହାଙ୍ଗା ବିଇଓ ମୋନାଲିସା ସରକାର ଏଭଳି ଘଟଣାକୁ ଅତି ହାଲକା ସହ ନେଇ ଏହାର ସ୍ଥାୟୀ ସମାଧାନ ନ କରିବା ଏବଂ ନିଜ ଜିଦରେ ଅଟଳ ରହିବା ଘଟଣା ପିଲାଙ୍କ ଭବିଷ୍ୟତ ସହ ଶିକ୍ଷା ବିଭାଗ ଖେଳ ଖେଳୁଥିବା ଅଭିଯୋଗ ହୋଇଛି।

ଏଥିନେଇ ଆଜି ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଓ ପରିଚାଳନା କମିଟି ସଭ୍ୟ ସଭ୍ୟା ଶିକ୍ଷାମନ୍ତ୍ରୀ, ଜିଲ୍ଲାପାଳ, ବିଡିଓ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏହି ସମସ୍ୟାର ସମାଧାନ ନିମନ୍ତେ ପତ୍ର ଲେଖି ଅଭିଯୋଗ କରିଥିବା ଜଣାଯାଇଛି। କଣ ପାଇଁ ଓ କେଉଁ ଉଦ୍ଦେଶ୍ୟରେ ବିଇଓ ଏକ ସାଧାରଣ ଘଟଣାକୁ ବଡ ରୂପ ଦେଇ ପିଲାଙ୍କ ଭବିଷ୍ୟତକୁ ନଷ୍ଟ ଆଡକୁ ଠେଲି ଦେଉଛନ୍ତି ଏହାର ଏକ ନିରପେକ୍ଷ ତଦନ୍ତ କରି ସଠିକ୍ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହୋଇଛି। ଦୀର୍ଘ ୫ ଦିନ ଧରି ଏହି ବିଦ୍ୟାଳୟରେ ପାଠ ପଢ଼ା ବନ୍ଦ ହେବା ଓ ବିଦ୍ୟାଳୟକୁ ଛାତ୍ରଛାତ୍ରୀ ମାନେ ନ ଆସୁଥିଲେ ମଧ୍ୟ ଶିକ୍ଷା ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଏହାକୁ ଦୃଷ୍ଟି ନ ଦେବା ଘଟଣାକୁ ବୁଦ୍ଧିଜିବୀ ମହଲରେ ଦୃଢ ନିନ୍ଦା କରାଯାଇଛି।

## ମହିଳା ଓ ଶିଶୁ ବିକାଶ କମିଶନରଙ୍କ ପୁଷ୍ଟି ପୁନର୍ବାସ କେନ୍ଦ୍ର ପରିଦର୍ଶନ



କେନ୍ଦ୍ରାପଡ଼ା,୨୬।୨(ସଂଚାର ବ୍ୟୁରୋ): ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡ଼.ମୃଣାଳିନୀ ଦାରସୱାଲ କେନ୍ଦ୍ରାପଡ଼ା ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ଥିବା ପୁଷ୍ଟି ପୁନର୍ବାସ କେନ୍ଦ୍ର ପରିଦର୍ଶନ କରିଛନ୍ତି। ପୁନର୍ବାସ କେନ୍ଦ୍ରରେ ଥିବା ସମସ୍ତ ମା'ମାନଙ୍କୁ ସେମାନଙ୍କ ଶିଶୁର ସ୍ୱାସ୍ଥ୍ୟ କଥା ପଚାରି ବୁଝିଛନ୍ତି। ଶିଶୁଙ୍କ ଉତ୍ତମ ଯତ୍ନ ନେବାକୁ କମିଶନର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ କମିଶନର ବିଭାଗୀୟ ଅଧିକାରୀଙ୍କୁ କିପରି ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ ଯୋଜନାର ସୁଫଳ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ପାଇବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରେ କମିଶନର ୱାନ ଷ୍ଟପ ସେଣ୍ଟର (ସଖୀ) ପରିଦର୍ଶନ କରି ବିଭିନ୍ନ ସଂକ୍ରାନ୍ତରେ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ।

## ଅନୁକମ୍ପାମୂଳକ ନିଯୁକ୍ତି ମେଳା




କେନ୍ଦ୍ରାପଡ଼ା,୨୬।୨(ସଂଚାର ବ୍ୟୁରୋ): ଶିକ୍ଷା ବିଭାଗରେ କାର୍ଯ୍ୟ କରୁଥିବା ସମୟରେ ମୃତ୍ୟୁବରଣ କରିଥିବା ସରକାରୀ କର୍ମଚାରୀଙ୍କୁ ପରିବାର ଜଣଙ୍କୁ ଅନୁମୋଦନମୂଳକ ନିଯୁକ୍ତି ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୧୧୭୭୧ ତା.୪.୪.୨୦୨୫ ରିଖରେ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ସରକାରଙ୍କ ସାଧାରଣ ପ୍ରଶାସନ ପତ୍ର ସଂଖ୍ୟା ୧୪୩୨୭ ତା. ୪.୦୩.୨୦୧୭ ରିଖ ନିୟମାବଳୀ ଅନୁସାରେ କାଉଁସିଲିଂ ପ୍ରକ୍ରିୟାରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲାରେ ଏକକାଳୀନ ୪୦ ଜଣଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କରାଯାଇଛି। ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଜିଲ୍ଲାପାଳ ରଘୁରାମ ଆର ଆୟର ଉକ୍ତ ୪୦ ଜଣଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଥିଲେ।

ରାଜ୍ୟରେ ଏକକାଳୀନ ନିଯୁକ୍ତି ପତ୍ର ପ୍ରଦାନ କରିବାରେ କେନ୍ଦ୍ରାପଡ଼ା ଜିଲ୍ଲା ସର୍ବାଧିକ ଭାବେ ପରିଗଣିତ ହୋଇଛି । ଜିଲ୍ଲାପାଳ ନିଯୁକ୍ତି ପତ୍ର ବଣ୍ଟନ କରିବା ସହ ସମସ୍ତଙ୍କୁ ଶୁଭ କାମନା ଜ୍ଞାପନ କରି ନିଜ ନିଜ କାମରେ ସାଧୁତା ଓ ନିଷ୍ଠାବାନ ଭାବେ ଦାୟିତ୍ୱ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ନିଯୁକ୍ତି ପତ୍ର ପାଇଥିବା ବ୍ୟକ୍ତି ମାନେ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରିବେ ।

## ଜିଲ୍ଲାସ୍ତରୀୟ ଆତ୍ମନିର୍ଭର ଓ ସ୍ୱଦେଶୀ ମେଳା ଉଦ୍‌ଘାଟିତ




ପାରାଦୀପ,୨୬।୨ (ସଂଚାର ବ୍ୟୁରୋ): ଆତ୍ମନିର୍ଭରଶୀଳତା ଓ ସ୍ୱଦେଶୀ ଉତ୍ପାଦର ପ୍ରଚାର- ପ୍ରସାର ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ତରଫରୁ ଆଜି ପାରାଦୀପ ସ୍ଥିତ କଳିଙ୍ଗ ବାଲିଯାତ୍ରା ପଡ଼ିଆରେ ଆତ୍ମନିର୍ଭର ସ୍ୱଦେଶୀ ମେଳା ଉଦଘାଟିତ ହୋଇଛି।

ଏହି ମେଳାର ଉଦଘାଟନରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱଦେଶୀ ଦ୍ରବ୍ୟର ବ୍ୟବହାରରେ ହିଁ ବିକଶିତ ଆତ୍ମନିର୍ଭର ଭାରତ ଗଠନ ହୋଇପାରିବ ବୋଲି କହିଥିଲେ। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ "ଚିପ୍ ସେ ଲେକର ଶିପ ତକ", ଭାରତରେ ଉତ୍ପାଦିତ ହେବ ଏବଂ ଓଡିଶାର ପାରାଦୀପ ହେବ ଏହି ଅର୍ଥନୈତିକ ପ୍ରଗତିର ମୁଖଶାଳା। ନାରୀମାନଙ୍କର ଆର୍ଥିକ ସ୍ୱାବଲମ୍ବନ ଓ ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ଉପରେ ଜୋର ଦେବା ସହ ଆତ୍ମ ନିର୍ଭର ଭାରତ ଗଢ଼ିବାରେ ଏହି ଭଳି ମେଳା ସହାୟକ ହେବ ଏବଂ ସ୍ୱଉତ୍ପାଦିତ ଦ୍ରବ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ସକ୍ରିୟ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରୀ ମତ ପ୍ରକାଶ କରିଥିଲେ । ଏହି ଅବସରରେ ମୁଖ୍ୟବକ୍ତା ଭାବେ

**ମେଳାରେ ଖୋଲାଯାଇଛି ୧୫୦ରୁ ଊର୍ଦ୍ଧ୍ୱ ଷ୍ଟଲ**

ଯୋଗଦେଇ ସାଂସଦ ବିଭୁ ପ୍ରସାଦ ତରାଇ ନାରୀ ସଶକ୍ତ ହେଲେ ସାମୁହିକ ଉନ୍ନତି ହେବ ବୋଲି ମତବ୍ୟକ୍ତ କରିଥିଲେ ସ୍ୱଦେଶୀ ଉତ୍ପାଦନ ସହ ଏହାର ବିକ୍ରୟ ନିମନ୍ତେ ବଜାର ସୃଷ୍ଟି କରିବା ଦିଗରେ ସାଂସଦ ଗୁରୁତ୍ୱାରୋପ କରିଥିଲେ।

ସଭାରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ ଆତ୍ମନିର୍ଭର ଭାରତ ଗଠନ ଦିଗରେ ସ୍ୱଦେଶୀ ଦ୍ରବ୍ୟର ବ୍ୟବହାର ଓ ନାରୀ ଶକ୍ତିର ବିକାଶ ଦିଗରେ ଆଲୋକପାତ କରିଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପାରାଦୀପ ପୌର ପରିଷଦ ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ ପାରାଦୀପ କୁ ଓଡ଼ିଶା ଅର୍ଥନୀତିର ମୁଖଶାଳା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, କୁଜଙ୍ଗ ବିଡିଓ ଶ୍ରୀ ଦୀପକ ପ୍ରସାଦ ସ୍ୱାଇଁ, ଡେପୁଟି ସି ଇ ଓ ଓରମାସ, ମଧୁସ୍ମିତା ସାହୁ ମଞ୍ଚାସୀନ ଥିଲେ।

ଓରମାସ ଓ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମିଳିତ ସହଯୋଗରେ ଆୟୋଜିତ ଏହି ମେଳା ଫେବୃୟାରୀ ୨୬ ତାରିଖ ଠାରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ହେବ। ପ୍ରତ୍ୟେକ ସନ୍ଧ୍ୟାରେରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

### ରାଜକନିକା ସ୍କୁଲ୍ ଛାତ୍ରୀଙ୍କୁ ନ୍ୟାୟ ଦାବି
## ଏଆଇଏମ୍‌ଏସ୍‌ଏସ୍‌ର ଜିଲ୍ଲା କାର୍ଯ୍ୟାଳୟ ଘେରାଉ

କେନ୍ଦ୍ରାପଡା,୨୬।୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ରାଜକନିକା ଥାନା ଓଲାଭରର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ଉପରେ ହୋଇଥିବା ଯୌନ ନିର୍ଯ୍ୟାତନାକୁ ବିରୋଧ କରି ବୁଧୁବାର ଜିଲ୍ଲା କାର୍ଯ୍ୟାଳୟ ଆଗରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ




କରାଯାଇଛି । ସଂଗଠନର ରାଜ୍ୟ ସମ୍ପାଦିକା ସରୋଜିନୀ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା ଏଥିରେ ସମ୍ପୃକ୍ତ ଥିବା ସମସ୍ତ ଅପରାଧିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଏମାନଙ୍କୁ ଗିରଫ କରିବା ପାଇଁ ଏଲିନା ସାମନ୍ତରାୟ, ସୁଲୋଚନା ପ୍ରଧାନ, ଭାରତୀ ନାୟକ, ରୋଜାଲିନ୍ ବେଗମ୍, ସଂଯୁକ୍ତା ପାତ୍ର ପ୍ରମୁଖ ଦାବି କରିଛନ୍ତି ।

## ଜିଲ୍ଲାସ୍ତରୀୟ ସୁପୋଷିତ ଲକ୍ଷ୍ୟ କର୍ମଶାଳା




କେନ୍ଦ୍ରାପଡ଼ା,୨୬।୨(ସଂଚାର ବ୍ୟୁରୋ): ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ସୁପୋଷିତ ଓଡିଶା ମିଶନ କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାସ୍ତରୀୟ ସୁପୋଷିତ ଲକ୍ଷ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ୨୦୨୯ ସୁଦ୍ଧା ସମସ୍ତ ଅଙ୍ଗନବାଡି କେନ୍ଦ୍ରଗୁଡିକୁ ୧୦୦% ସୁପୋଷିତ କରିବା ଲକ୍ଷ୍ୟ ରହିଛି । କିନ୍ତୁ ଆମକୁ ମିଶନ ମୋଡ଼ରେ କାର୍ଯ୍ୟ କରି ୨୦୨୬ ବର୍ଷ ଶେଷ ସୁଦ୍ଧା ଲକ୍ଷ୍ୟ ରଖି କାର୍ଯ୍ୟ କରିବାକୁ କର୍ମଶାଳାରେ ଉପସ୍ଥିତ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଡ଼.ମୃଣାଳିନୀ ଦାରସୱାଲ, ଭା,ପ୍ର.ସେ, ତୃଣମୂଳ ସ୍ତରରକୁ ଯାଇ ସଠିକ ତଥ୍ୟ ସଂଗ୍ରହ ସହିତ ଉତ୍ତମ ଯୋଜନା କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଗୋଟିଏ ଟିମ ଭାବରେ କାର୍ଯ୍ୟକରିବାକୁ ପରାମର୍ଶ ଦେଇଛନ୍ତି। ମା ଏବଂ ଶିଶୁ ପାଇଁ ପାଇଁ ଯଦି ଆମେ ସଠିକ ସମୟରେ ସଠିକ ଜିନିଷ ଯୋଗେଇଦେବା ତେବେ ନିଶ୍ଚିତ ଭାବେ ସମସ୍ତଙ୍କୁ ସୁପୋଷିତ କରିପାରିବା ବୋଲି କହିଛନ୍ତି ।

ଆଜିର ଏହି କର୍ମଶାଳାରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ସୁଷମା ମହାନ୍ତି,ସିଡବ୍ଲୁସି ଅଧ୍ୟକ୍ଷା ସ୍ୱାଗତିକା ପାତ୍ର ପ୍ରମୁଖ ମଂଚାସୀନ ଥିଲେ । କର୍ମଶାଳାରେ ଜିଲ୍ଲାର ସମସ୍ତ ସିଡିପିଓ, ସୁପରଭାଇଜର, ଆଗନୱାଡି କର୍ମୀ, ୱାର୍କରମାନେ ଉପସ୍ଥିତ ଥିଲେ । କର୍ମଶାଳାରେ ଶିକ୍ଷାଦିଆଯାଉଥିବା ସମସ୍ତ ଜିନିଷ ଶିଖି ତାକୁ ତୃଣମୂଳସ୍ତରରେ କାର୍ଯ୍ୟକରିବାକୁ କମିଶନର ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି ।

## ଅଗ୍ନିବିପନ୍ନ ପରିବା ବ୍ୟବସାୟୀଙ୍କୁ ଭେଟିଲେ ବିଜେଡି ନେତା ବାପି ସର୍ଖେଲ୍



ପାରାଦୀପ,୨୬।୨ (ସଂଚାର ବ୍ୟୁରୋ): ଅଗ୍ନିବିପନ୍ନ ପରିବା ବ୍ୟବସାୟୀଙ୍କୁ ଭେଟିଲେ ବିଜେଡି ନେତା ବାପି ସର୍ଖେଲ୍। ପାରାଦୀପ ବଡ଼ପଡ଼ିଆ ଠାରେ ଥିବା ମୁଖ୍ୟ ପରିବା ମାର୍କେଟ ରେ ଅଗ୍ନିକାଣ୍ଡ ଘଟି ୭୦ରୁ ଉର୍ଦ୍ଧ ପରିବା ବ୍ୟବସାୟୀଙ୍କ ଦୋକାନ ଘର ପୋଡି ପାଉଁଶ ହୋଇଯାଇଛି। ପାରାଦୀପ ବନ୍ଦର ତରଫରୁ ଅସ୍ଥାୟୀ ଭାବେ ଯୋଗାଇ ଦିଆ ଯାଇଥିବା ପିଣ୍ଡିରେ ଦୀର୍ଘ ବର୍ଷ ଧରି ଜରିପାଲ ଟାଣି ପରିବା ବ୍ୟବସାୟ କରି ଆସୁଥିଲେ। ହେଲେ ଅଗ୍ନିକାଣ୍ଡ ଘଟି ସବୁ ଧ୍ୱଂସ ହେବାପରେ ପ୍ରାକୃତିକ ବିପର୍ଯ୍ୟୟ ବା ଅଗ୍ନିକାଣ୍ଡରୁ ରକ୍ଷା ପାଇବା ପାଇଁ ସ୍ଥାୟୀ ବ୍ୟବସ୍ଥା ଦାବିକୁ ବନ୍ଦର ପ୍ରଶାସନକୁ ଜଣାଇବେ ବୋଲି କହିଛନ୍ତି ବିଜେଡି ନେତା ବାପି ସର୍ଖେଲ୍। ତେଣୁ ଖୁବଶୀଘ୍ର ସ୍ଥାୟୀ ଭାବେ ପରିବା ବ୍ୟବସାୟ କିପରି କରାଯିବ ସେନେଇ ବନ୍ଦର ପ୍ରଶାସନକୁ ଦାବି ରଖିବେ ବୋଲି ବିଜେଡ଼ି ନେତା ବାପି ସର୍ଖେଲ୍ କହିଛନ୍ତି। ଏହାଦ୍ୱାରା ପରିବା ବ୍ୟବସାୟୀ ମାନଙ୍କର ଦିର୍ଘ ଦିନର ସମସ୍ୟା ସମାଧାନ ହେବା ସହିତ ଉଠା ଦୋକାନୀ ମାନେ ମଧ୍ୟ ବ୍ୟବସାୟ କରିବାରେ ସୁବିଧା ହେବ ବୋଲି ବ୍ୟବସାୟୀ ମାନେ ପ୍ରକାଶ କରିଛନ୍ତି।

## ଲଛମନଜୀଉ ମନ୍ଦିରେ ଆଧ୍ୟାତ୍ମିକ ଗ୍ରନ୍ଥାଗାର ଉଦ୍‌ଘାଟିତ



କେନ୍ଦ୍ରାପଡା,୨୬।୨(ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଅନ୍ତର୍ଗତ ବାଲିପାଟଣା ଗାଁର ପ୍ରଭୁ ଶ୍ରୀ ଲଛମନଜୀଉ ଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ "ଆଧ୍ୟାତ୍ମିକ ଗ୍ରନ୍ଥାଗାର" ଉଦଘାଟିତ ହୋଇଯାଇଛି । ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରନ୍ଥାଗାର ଉଦଘାଟନ କରିବା ସହିତ ଏକ ସମୃଦ୍ଧ ସମାଜ ନିର୍ମାଣରେ ପାଠାଗାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ପ୍ରତ୍ୟେକ ଧର୍ମାନୁଷ୍ଠାନରେ ଏକ ଆଧ୍ୟାତ୍ମିକ ଗ୍ରନ୍ଥାଗାର ରହିବା ଉଚିତ୍ ବୋଲି ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର ମତବ୍ୟକ୍ତ କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ଗୁରୁ କାଙ୍ଗାଳି ଚରଣ ବାରିକ ଓ ଶିକ୍ଷୟତ୍ରୀ ତଥା କବି ମଞ୍ଜୁଶ୍ରୀ ବରାଳ ସ୍ଥାନୀୟ ଯୁବକମାନଙ୍କ ଏହି ଉଦ୍ୟମକୁ ପ୍ରସଂଶା କରିବା ସହିତ ପ୍ରତ୍ୟକ ବ୍ୟକ୍ତି ଏହି ଗ୍ରନ୍ଥାଗାରକୁ ଆସି ପୁସ୍ତକ ପାଠ କରିବାକୁ ପରାମର୍ଶ ଦେଇଥିଲେ । ଉତ୍ସବରେ ବକ୍ତା ଭାବେ ଯୋଗଦେଇ ଗାଳ୍ପିକ ତଥା ପ୍ରାବନ୍ଧିକ ମାତୃଦତ୍ତ ମହାନ୍ତି ପାଠାଗାର ପ୍ରତିଷ୍ଠା ଏକ ଆନ୍ଦୋଳନରେ ପରିଣତ ହେଲେ ହିଁ ସଚେତନ ପାଠକ ଗୋଷ୍ଠୀ ସୃଷ୍ଟି ହୋଇ ପାରିବ ବୋଲି ମତ ଦେଇଥିଲେ ।

ଶ୍ରୀ ଲଛମନଜୀଉ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ଥାପିତ ଏହି ଗ୍ରନ୍ଥାଗାର ରେ ଶତାଧିକ ଆଧ୍ୟାତ୍ମିକ ଓ ରାଷ୍ଟ୍ରବାଦୀ ପୁସ୍ତକ ରହିଚି । ଏହି ଗ୍ରନ୍ଥାଗାର ପାଇଁ ଆଧ୍ୟାତ୍ମିକ ପୁସ୍ତକ ଦାନ କରିବାକୁ ଆୟୋଜକ ମାନେ ଆହ୍ୱାନ ଦେଇଛନ୍ତି ।

## ତାରିଣିଗଡା ଯୁବତୀ ମୃତ୍ୟୁ ଘଟଣାରେ ଜଣଙ୍କର ଡାକ୍ତରୀ ମାଇନା

ପାରାଦୀପ,୨୬।୨ (ସଂଚାର ବ୍ୟୁରୋ): ଖୁଣ୍ଟିଆ ନିବାସ ଚାରିମହଲା କୋଠା ତଳୁ ଅର୍ଦ୍ଧ ଉଲଗ୍ନ ଯୁବତୀ ଙ୍କ ଶବ ମିଳିବା ଘଟଣାରେ ଅଟକ ଥିବା ୬ ଜଣ ଭଡାଟିଆଙ୍କ ମଧ୍ୟରୁ ଆଜି ଜଣଙ୍କର ଡାକ୍ତରୀ ମାଇନା କରାଯାଇଛି। ତା ନାମ ସୁମନ ସିଂ । ସେ ଅନୁଗୋଳରୁ ପାରାଦୀପ ଆସୁଥିବା ବେଳେ ପାରାଦୀପର କିଛି ବାଟ ପୂର୍ବରୁ ଯୁବତୀ ଜଣଙ୍କ ଲିଫ୍ଟ ମାଗିବାରୁ ତାକୁ ନିଜ ମୋଟର ସାଇକେଲରେ ପାରାଦୀପ ଆଣିଥିଲେ। ଗତକାଲି ମୃତ ଯୁବତୀର ଭାଇ ଅପହରଣ ହତ୍ୟା ଓ ଗଣ ଦୁଷ୍କର୍ମ କରାଯାଇ ହତ୍ୟା କରାଯାଇଥିବା ପାରାଦୀପ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଏହି ଘଟଣାକୁ ଗୁରୁତର ସହ ନେଇ ଅଭିଯୁକ୍ତ ଯୁବକଙ୍କର ଡାକ୍ତରୀ ମାଇନା କରିଛି | ଉକ୍ତ ଘର ସିସିଟିଭିର ପାସୱାର୍ଡ ଏପର୍ଯ୍ୟନ୍ତ ଦେଉନାହିଁ ଘର ମାଲିକ। ଯାହାକୁ ନେଇ ତଦନ୍ତ ବାଟବଣା ହେବାକୁ ଯାଉଥିବା ଆଲୋଚନା ହେଲାଣି।

## ହତ୍ୟା ମାମଲାରେ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

ବାରିପଦା,୨୬।୨ (ସଂଚାର ବ୍ୟୁରୋ): ଆଜି ଗୁରୁବାର ଏକ ହତ୍ୟା ମାମଲାର ବିଚାରକରି ମାନ୍ୟବର ଜିଲ୍ଲା ଓ ଦୌରାଜଜ ସୁଦୀପ୍ତ ଆଚାର୍ଯ୍ୟ ଅଭିଯୁକ୍ତ ମୟୁରଭଞ୍ଜ ଜିଲ୍ଲା ବୈଶିଂଘା ଥାନା ଅନ୍ତର୍ଗତ ଆମ୍ବଗଡ଼ିଆ ଗ୍ରାମର କ୍ରିଷ୍ଣା ସିଂ ଏଲିଏସ ଜୟଦେବ ସିଂ କୁ ଦଫା ୩୦୨ ଅନୁଯାୟୀ ଆଜୀବନ କାରାଦଣ୍ଡ ସମେତ ଦଶ ହଜାର ଟଙ୍କା ଜୋରିମାନା ଅନାଦେୟ ଅଧିକ ଛଅ ମାସ ସଶ୍ରମ କରାଦଣ୍ଡରେ ଦଣ୍ଡିତ କରିଛନ୍ତି । ସେହିପରି ଦଫା ୩୪୧ ରେ ପନ୍ଦର ଦିନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।

ମାମଲାର ବିବରଣୀରୁ ପ୍ରକାଶ ଯେ ବୈଶିଙ୍ଘା ଥାନା ଅନ୍ତର୍ଗତ ନୂଆସାହି ଆମ୍ବଗଡ଼ିଆ ଗ୍ରାମର ଶଙ୍କର ସିଂର ଝିଅକୁ ଉକ୍ତ ଗ୍ରାମର କାର୍ତ୍ତିକ ସିଂର ପୁଅ ଭଲପାଇ ନିଜ ଘରକୁ ନେଇଯାଇଥିଲା। ୨୦୨୨ ଫେବୃଆରୀ ୯ ତାରିଖରେ ଶଙ୍କର ସିଂ ଝିଅର ଆଧାର କାର୍ଡ ଏବଂ ବ୍ୟାଙ୍କ ପାଶବହି ଇତ୍ୟାଦି ଆଣିବାକୁ କାର୍ତ୍ତିକ ସିଂର ଘରକୁ ଯାଇଥିଲେ। ଏହି ସମୟରେ କାର୍ତ୍ତିକର ପରିବାରଲୋକ ଶଙ୍କର ସହିତ ଝଗଡା କରିଥିଲେ। ବାଟରେ ଘରକୁ ଫେରୁଥିବା ସମୟରେ କାର୍ତ୍ତିକର ତିନି ପୁଅ ଗୌର ସିଂ, ବାପୁନ ସିଂ, କ୍ରିଷ୍ଣା ସିଂ ଏବଂ ତାର ସ୍ତ୍ରୀ ସ୍ୱରସତୀ ସିଂ ଆସି ଶଙ୍କରକୁ ଏକ ଧରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଶଙ୍କରଙ୍କୁ ସ୍ଥାନୀୟ ବେତନଟୀ ଡାକ୍ତରଖାନାକୁ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏ ନେଇ ବୈଶିଙ୍ଗା ଥାନାରେ ଏକ ହତ୍ୟା ମାମଲା ରୁଜୁ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା।

## ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ପ୍ରଧାନଶିକ୍ଷକଙ୍କ ପ୍ରତି କୋହଳ କାର୍ଯ୍ୟାନୁଷ୍ଠାନ

କେନ୍ଦ୍ରାପଡା,୨୬।୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ରାଜକନିକା ତହସିଲ୍‌ରେ ଗତ ଫେବୃଆରୀ ୧୧ରେ ଓଳାଭର ମାର୍କେଟ ଜବରଦଖଲ ଉଚ୍ଛେଦ ସମୟରେ ଜଣେ କାର୍ଯ୍ୟରତ ସରକାରୀ ବେତନଭୋଗୀ ପ୍ରଧାନ ଶିକ୍ଷକ ଉଚ୍ଛେଦ ସ୍ଥଳରେ ଉପସ୍ଥିତ ରହିବା, ମହିଳା ପୁଲିସ, ତହସିଲ କର୍ମଚାରୀଙ୍କୁ ନାଲିଆଖି ଦେଖାଇବା, ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଓ ଥାନା ଅଧିକାରୀଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି ବେତଣ୍ଡା ଯୁକ୍ତିତର୍କ କରିବା ଭଳି ଗୁରୁତର ଓ ସଙ୍ଗୀନ୍ ଅଭିଯୋଗ ସହ ଭାଇରାଲ୍ ହୋଇଥିବା ଭିଡିଓ ଏବଂ ଫଟୋ ସହ ଜିଲ୍ଲା ଶିକ୍ଷା ଆଧିକାରୀ ପବିତ୍ର କୁମାର ବାରିକଙ୍କୁ ଆଇନଗତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ଗତ ଫେବୃଆରୀ



୧୩ରେ ଓଳାଭର ଅଞ୍ଚଳର ସଚେତନ ନାଗରିକ ଲିଖିତ ଅଭିଯୋଗ କରିଥିଲେ ।

ସେମାନେ ଅଭିଯୋଗରେ ଦର୍ଶାଇଥିଲେ ଗତ ୧୧ରେ ଚର୍ଚ୍ଚିତ ଓଳାଭର ମାର୍କେଟ ଜବରଦଖଲ ମୁକ୍ତ ସମୟରେ ବିଦ୍ୟାଳୟରେ ପାଠପଢା ଚାଲିଥିବା ସମୟରେ ଜଣେ ପ୍ରଧାନ ଶିକ୍ଷକ ବିଦ୍ୟାଳୟ ଛାଡି ଉଚ୍ଛେଦ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା, ପ୍ରତିବାଦ କରିବା ନେଇ ପ୍ରଶ୍ନ ଉଠାଇଥିଲେ। ଏହାବାଦ୍ ଉଚ୍ଛେଦ ପ୍ରକ୍ରିୟାର ପକ୍ଷ ହୋଇଥିବା ସାମାଜିକ କର୍ମୀ ନଳିନୀକାନ୍ତ ପୃଷ୍ଟିଙ୍କୁ ଜୀବନରୁ ମାରି ଦେବାକୁ ମଧ୍ୟ ଯୋଜନା କରିଥିଲେ ବୋଲି ଲିଖିତ ଅଭିଯୋଗ ହୋଇଛି କରିଥିଲେ ପୃଷ୍ଟି ।

ଏଥିସହିତ ଶିକ୍ଷକ ଜଣକ ଉଚ୍ଚ ଅଧିକାରୀଙ୍କ ବିନା ଅନୁମତିରେ ଓଳାଭର ବଣିକ ସଂଘର ଉଚ୍ଚ ପଦବୀ ଭଳି ସଭାପତି ପଦ ମଣ୍ଡନ କରି ଦାୟିତ୍ୱରେ ରହି ଥିବାରୁ ଏହା ମଧ୍ୟ ସରକାରୀ ନିୟମାନୁଯାୟୀ ସର୍ତ୍ତାବଳୀର ଘୋର ବିରୁଦ୍ଧାଚରଣ କରୁଛି। ତେବେ ଏ ସମ୍ପର୍କରେ ରାଜକନିକା ମଣ୍ଡଳ ଶିକ୍ଷା ଅଧିକାରୀ ରତିକାନ୍ତ ସେନାପତିଙ୍କୁ ପଚାରିବାରେ ସେ କହିଛନ୍ତି ଯେଉଁଦିନ ପ୍ରଧାନ ଶିକ୍ଷକ ନ ଜଣାଇ ବିଦ୍ୟାଳୟରେ ଅନୁପସ୍ଥିତ ଥିଲେ ସେହି ଗୋଟିଏ ଦିନରେ ଦରମା ବନ୍ଦ କରିବା ସହ ଆଗାମୀ ଦିନରେ ଏମିତି ଉଚ୍ଚ ଅଧିକାରୀଙ୍କ ବିନା ଅନୁମତିରେ ବିଦ୍ୟାଳୟ ଛାଡି ପାରିବେନି ବୋଲି ଚେତାବନୀ ଦେଇଥିବା କହିଛନ୍ତି ।

ତେବେ ଏଠାରେ ପ୍ରଶ୍ନ ଜଣେ କାର୍ଯ୍ୟରତ ସରକାରୀ ପ୍ରଧାନ ଶିକ୍ଷକ ବିଦ୍ୟାଳୟ ସମୟରେ ବିଦ୍ୟାଳୟରେ ଉପସ୍ଥିତ ନ ରହି ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରି ସରକାରୀ ଅଧିକାରୀମାନଙ୍କୁ ଆପତ୍ତିଜନକ ମନ୍ତବ ପୋଷଣ କରିବାରେ କାହିଁକି ଶିକ୍ଷା ବିଭାଗର ଅଧିକାରୀଙ୍କ ଶିଥିଳ କାର୍ଯ୍ୟାନୁଷ୍ଠାନ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏବଂ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ।

## ଚିକିତ୍ସା ଅବହେଳାରୁ ନବଜାତ ଶିଶୁର ମୃତ୍ୟୁ ଅଭିଯୋଗ



ଯାଜପୁର ରୋଡ଼,୨୬।୨ (ସଂଚାର ବ୍ୟୁରୋ): ଯାଜପୁର ରୋଡ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି। ଡାକ୍ତର ଓ ଷ୍ଟାଫଙ୍କ ଅବହେଳା ଯୋଗୁଁ ନିରୀହ ନବଜାତ ଶିଶୁଟିର ଜୀବନ ଚାଲିଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିବା ଦେଖିବାକୁ ମିଳିଛି।

ଅଭିଯୋଗ ମୁତାବକ ଗତ ୧୭ତାରିଖ ରାତିରେ ଯାଜପୁର ରୋଡ ମେଡିକାଲରେ ଶଙ୍କର୍ଷଣ ମଲିକଙ୍କ ସ୍ତ୍ରୀ ରୀନା ମଲିକ'ଙ୍କର ଏକ ଶିଶୁ ସନ୍ତାନ ଜନ୍ମ ହୋଇଥିଲା। ଶିଶୁଟି ଜନ୍ମ ହେବାର ଦୁଇ ଦିନ ପରେ ଦଣ୍ଡିସରେ ଆକ୍ରାନ୍ତ ହୋଇଥିବା ଯୋଗୁଁ ଶିଶୁ ଡାକ୍ତର ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଶିଶୁଟିକୁ ଲାଇଟରେ ରଖିବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ। ଲାଇଟ ପକାଇଥିଲେ ମଧ୍ୟ ଶିଶୁଟିକୁ ଡାକ୍ତର ଓ ଷ୍ଟାଫ ନର୍ସ ମାନେ ସଠିକ ଚିକିତ୍ସା ନକରିବାରୁ ଓ ଚିକତ୍ସାରେ ଅବହେଳା କରାଯାଇଥିବାରୁ ଶିଶୁଟିର ୮ଦିନ ପରେ ଜୀବନ ଚାଲିଯାଇଥିବା ନେଇ ଶିଶୁଟିର ମାଆ ରିନା ଅଭିଯୋଗ କରିଛନ୍ତି। ଅନ୍ୟପଟେ ଡାକ୍ତରଙ୍କୁ ଏ ବିଷୟରେ ପଚାରିବାରୁ ସେ ଏହାକୁ ଖଣ୍ଡନ କରି ମାଆ ଶିଶୁଟିକୁ ସଠିକ୍ ଭାବରେ ଲାଇଟ ଚିକିତ୍ସା ନପକେଇବାରୁ ତାର ଦଣ୍ଡିସ ବଢ଼ିଯାଇଥିବା ହେତୁ ଶିଶୁଟିର ଜୀବନ ଚାଲିଯାଇଥିବା କହିଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛିଯେ ଯଦି ତାର ମାଆ ଲାଇଟ ଚିକିତ୍ସାରେ ଶିଶୁଟିକୁ ନରଖିଥିଲା ତେବେ ଷ୍ଟାଫ ନର୍ସ ମାନେ କରୁଥିଲେ କଣ ? ଯଦି ଶିଶୁଟିର ମାଆର ଅଭିଯୋଗକୁ ଭିତି କରି ଯଦି ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଏ ତେବେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ଗୋଲକ ମହାପାତ୍ରଙ୍କୁ ଆଶ୍ୱସ୍ତି ଭିଜିଲାନ୍ସ ମାମଲା ରଦ୍ଦ କଲେ ହାଇକୋର୍ଟ



କଟକ,୨୬।୨(ସଂଚାର ବ୍ୟୁରୋ): ବିଜେପି ନେତା ଗୋଲକ ପ୍ରସାଦ ମହାପାତ୍ରଙ୍କୁ ମିଳିଛି ଆଶ୍ୱସ୍ତି। ହାଇକୋର୍ଟରେ ତାଙ୍କ ବିରୋଧରେ ବିଚାରାଧୀନ କୋଇଲା ବଣ୍ଟନରେ ବ୍ୟାପକ ଅନିୟମିତତା ଅଭିଯୋଗ ସମ୍ପର୍କିତ ଭିଜିଲାନ୍ସ ମାମଲାକୁ ଆଜି କୋର୍ଟ ରଦ୍ଦ କରିଛନ୍ତି। ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଓ ଗୋଲକ ପ୍ରସାଦ ମହାପାତ୍ରଙ୍କ ଆବେଦନର ଶୁଣାଣି କରି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଓଡ଼ିଶା କଞ୍ଜ୍ୟୁମର୍ସ କୋଅପରେଟିଭ ଫେଡେରେସନ ଲିମିଟେଡ୍ (ଓସିସିଏଫ) ସଭାପତି ଭାବେ ଆବେଦନକାରୀ କାର୍ଯ୍ୟ କରୁଥିବା ବେଳେ ୨୦୧୦ରେ ଭିଜିଲାନ୍ସ ଏହି ମାମଲା ରୁଜୁ କରିଥିଲା। ୨୦୦୮ରୁ ୨୦୧୦ ବର୍ଷରେ ଓସିସିଏଫ ପକ୍ଷରୁ କୋଇଲା ବଣ୍ଟନ ହୋଇଥିଲା। ତେବେ ଏମ୍‌ଏସ୍‌ଏମ୍‌ଇ ପାଇଁ ଥିବା କୋଇଲା ଓସିସିଏଫ ବିକ୍ରି କରିବା ବେଳେ ବ୍ୟାପକ ଆର୍ଥିକ ଅନିୟମିତା ହୋଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଭୁବନେଶ୍ୱର ଭିଜିଲାନ୍ସ ସେଲ୍ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିଲା। ଗତ ୨୦୧୩ରେ ଭିଜିଲାନ୍ସ ଅଦାଲତରେ ଚାର୍ଜସିଟ ଦାଖଲ ହୋଇଥିବା ବେଳେ ୨୦୨୨ରେ ମାମଲାରେ ଚାର୍ଜଫ୍ରେମ ହୋଇଥିଲା। ମାମଲାର ତଦନ୍ତ, ଚାର୍ଜଫ୍ରେମ, ଟ୍ରାଏଲରେ ବିଳମ୍ବ ଓ ବିନା ଠୋସ ତଥ୍ୟ ପ୍ରମାଣରେ ଆବେଦନକାରୀଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିବା ଅଭିଯୋଗ କରି ଏହି ମାମଲା ହାଇକୋର୍ଟରେ ଦାୟର କରାଯାଇଥିଲା।

# ହରଦୀପଙ୍କ କୁଶପୁତ୍ତଳିକା ଦାହ




ଭୁବନେଶ୍ୱର,୨୬।୨(ସଂଚାର ବ୍ୟୁରୋ): ଅଖିଳ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଲଙ୍କା ଲାମ୍ବାଙ୍କ ନିର୍ଦ୍ଦେଶରେ ଆଜି ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନିପତିଙ୍କ ନେତୃତ୍ୱର ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନ ଓ କୋରାପୁଟର ଜୟପୁରଠାରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ମହିଳା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ଯେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପୁରୀ ଏପିଷ୍ଟିନଙ୍କ ସହ ତାଙ୍କର ସମ୍ପର୍କକୁ ଘୋଡ଼ାଇବା ପାଇଁ ମିଛ କାହାଣି ରଚନା କରୁଛନ୍ତି। ଏପିଷ୍ଟିନ ଫାଇଲରେ ବିଶ୍ୱର ବହୁ ପ୍ରତିଷ୍ଠିତ ବ୍ୟକ୍ତିଙ୍କର ନାମ ବାହାରିବା ପରେ ଯେଉଁମାନେ ସଂପୃକ୍ତ ସରକାରୀ ବ୍ୟବସ୍ଥା ଭିତରେ ରହିଥିଲେ ସେମାନେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଛନ୍ତି। ହରଦିପ ସିଂ ପୁରୀ-ଏପିଷ୍ଟିନ ସମ୍ପର୍କକୁ ନେଇ ବାଟଘାଟରେ ଚର୍ଚ୍ଚା ହେଉଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହରଦିପି ସିଂ ପୁରୀଙ୍କୁ କ'ଣ ପାଇଁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରିନାହାନ୍ତି ବୋଲି ମିନାକ୍ଷୀ ବାହିନୀପତି ପ୍ରଶ୍ନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜୟଶ୍ରୀ ପଟ୍ଟନାୟକ, ପ୍ରଣତୀ ମିଶ୍ର, ସୁମିତା ବିଶ୍ୱାଳ, ବିଶ୍ୱକଲ୍ୟାଣି କର, ଶ୍ରେୟାସ୍ମିତା ପଣ୍ଡା, ଜୟସ୍ମିତା ମହାନ୍ତି, ନିରୁପମା ପାତ୍ର, କୁସୁମ ପ୍ରଧାନ, କଳ୍ପନା ଅର୍ପିଟ, ଗୋରେଖି ଖେସ, ଅସ୍ମନା ବେଗମ, ଜାନକୀ ମଲ୍ଲିକ, ପ୍ରୀତିଛନ୍ଦା ରାଉତରାୟ, ଉର୍ବଶୀ ମିଶ୍ର, କବିତା ଦାସ ପ୍ରମୁଖ ମହିଳା କଂଗ୍ରେସର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଓଡବ୍ଲ୍ୟୁଏସ୍‌ଏସ୍‌ବିର ୨୮ତମ ବୈଠକ

# ପ୍ରଶାସନିକ ଓ କଲ୍ୟାଣକାରୀ ସଂସ୍କାର ପାଇଁ ନିଷ୍ପତ୍ତି

ଭୁବନେଶ୍ୱର,୨୬।୨(ସଂଚାର ବ୍ୟୁରୋ): ଅବିରତ ଜଳ ଯୋଗାଣ ସୁନିଶ୍ଚିତ କରୁଥିବା ଜଳ ଯୋଗାଣ ଓ ପାନୀୟ ଜଳ କର୍ମଚାରୀମାନେ ଉପଯୁକ୍ତ ସାମାଜିକ ସୁରକ୍ଷା ପାଇବାକୁ ଗୁରୁତ୍ୱ ଦେଇଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ଆଜି ଓଡ଼ିଶା ଜଳ ଯୋଗାଣ ଓ ପରିମଳ ବୋର୍ଡ ଓଡବ୍ଲ୍ୟୁଏସ୍‌ଏସ୍‌ବି)ର ୨୮ତମ ବୋର୍ଡ ବୈଠକରେ ଜଳ ଯୋଗାଣ ଓ ପରିମଳରେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ପ୍ରଶାସନିକ ଓ କଲ୍ୟାଣକାରୀ ସଂସ୍କାର ଯୋଜନାକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଛି।



ବୈଠକରେ ଦୀର୍ଘ ଦିନରୁ ପଡ଼ି ରହିଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ସେବା, ଆର୍ଥିକ ଏବଂ ପ୍ରଶାସନିକ ସଂସ୍କାର ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ବିଶେଷ କରି ବୋର୍ଡ କ୍ୟାଡର ଅଧୀନରେ କାର୍ଯ୍ୟରତ ଇଞ୍ଜିନିୟରମାନଙ୍କ ମନୋବଳ ବୃଦ୍ଧି ପାଇଁ ସେମାନଙ୍କୁ ପିଏଚଇ କ୍ୟାଡର ଅନୁରୂପ ପଦୋନ୍ନତି ସୁବିଧା ପ୍ରଦାନ କରିବାକୁ ଅନୁମୋଦନ ମିଳିଛି।

ଏଥିସହ ସହକାରୀ କାର୍ଯ୍ୟନିର୍ବାହୀ ଇଞ୍ଜିନିୟର ପାହ୍ୟାରେ ଥିବା ଡେପୁଟି ପ୍ରକଳ୍ପ ଇଞ୍ଜିନିୟରମାନଙ୍କୁ 'ଅତିରିକ୍ତ ପ୍ରକଳ୍ପ ଇଞ୍ଜିନିୟର' ଭାବେ ପୁନଃନାମିତ କରାଯିବା ସହ ସେମାନଙ୍କ ପାଇଁ ଏକ ସ୍ୱଚ୍ଛ ପଦୋନ୍ନତି ପ୍ରକ୍ରିୟା ନିର୍ଦ୍ଧାରଣ କରାଯାଇଛି। ଇଞ୍ଜିନିୟରମାନେ ସହରୀ ଭିତ୍ତିଭୂମିର ମେରୁଦଣ୍ଡ ହୋଇଥିବାରୁ ସେମାନଙ୍କ ପାଇଁ ଉଚିତ ସେବା ସର୍ତ୍ତାବଳୀ ସୁନିଶ୍ଚିତ କରିବା ସରକାରଙ୍କ ପ୍ରାଥମିକତା ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି।

କ୍ଷେତ୍ର ସ୍ତରରେ କାର୍ଯ୍ୟ କରୁଥିବା ଦୈନିକ ମଜୁରିଆ (ଡିଏଲଆର)ମାନଙ୍କ ପାଇଁ ମଧ୍ୟ ବୋର୍ଡ ଏକ ମାନବୀୟ ନିଷ୍ପତ୍ତି ଗ୍ରହଣ କରିଛି। ସେମାନଙ୍କର କଠିନ ପରିଶ୍ରମକୁ ସମ୍ମାନ ଜଣାଇ ଦୈନିକ ୨୦୦ ଟଙ୍କାର ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ଘୋଷଣା କରାଯାଇଛି। ଏହା ବ୍ୟତୀତ ୬୦ ବର୍ଷ ବୟସରେ ଅବସର ନେଉଥିବା ଡିଏଲଆର କର୍ମଚାରୀମାନେ ଏବେ ଗ୍ରାଚ୍ୟୁଇଟି ସୁବିଧା ପାଇବାକୁ ଯୋଗ୍ୟ ବିବେଚିତ ହେବେ। ବୈଠକରେ ୱାଟକୋର ପରିଚାଳନା ନିର୍ଦ୍ଦେଶକଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦେଶି ମଦ ଚାଲାଣ ବେଳେ ଚଢ଼ଉ, ଜଣେ ଗିରଫ

ଜୟପୁର,୨୬।୨(ସଂଚାର ବ୍ୟୁରୋ): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଆଜି ଚଢଉ କରି ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲା ବୈରାଗିମଠ ଗ୍ରାମର ଗୋପାଳ ଟାକରି। ସୂଚନା ଅନୁଯାୟୀ, ଦେଶି ମଦ ଚାଲାଣ ସୂଚନା ପାଇ ଜୟପୁର ଅବକାରି ଥାନା ବୈରାଗିମଠ ଗ୍ରାମ ରାସ୍ତାରେ ଚଢଉ କରି ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଠାରୁ ୧୦ ଲିଟର ଦେଶି ମଦ ଜବତ କରି କୋର୍ଟଚାଲାଣ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି।

# ୫୪ତମ ପୁଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଘାଟିତ



ଯାଜପୁର,୨୬।୨(ସଂଚାର ବ୍ୟୁରୋ): ଆଜି ପୂର୍ବାହ୍ନରେ ପୋଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନ (ପିଟିଆଇ), ବୈରୀ ପରିସରରେ ଓଡ଼ିଶା ପୁଲିସର ୫୪ତମ ରାଜ୍ୟ ବୁଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ନିର୍ଦ୍ଦେଶକ, ଗୁଇନ୍ଦା ଆରପି କୋଚେ ଯୋଗଦେଇ ଆକର୍ଷଣୀୟ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଶ୍ରୀ କୋଚେ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ବନ୍ଧୁକ ଚାଳନା ଦକ୍ଷତା ବୃଦ୍ଧି କରିବା ଏହି ପ୍ରତିଯୋଗିତାର ମୁଖ୍ୟ ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ପ୍ରତିଟି ପ୍ରତିଯୋଗୀ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବେ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଜାତୀୟ ସ୍ତରରେ ଓଡ଼ିଶା ପୁଲିସର ଏକ ସ୍ୱତନ୍ତ୍ର ସୁନାମ ଓ ପରିଚୟ ରହିଥିବା ବେଳେ ଏହାକୁ ବଜାୟ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିସହ କ୍ରୀଡ଼ା ଅନୁଶାସନ, ଖେଳୁଆଡ଼ ମନୋଭାବ ଓ ଦୃଢ଼ ଆତ୍ମବିଶ୍ୱାସ ସହ ଏହି ପ୍ରତିଯୋଗିତାକୁ ସଫଳ କରିବା ପାଇଁ ସେ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ରେଞ୍ଜ ଓ ବାଟାଲିୟନରୁ ୧୬ଟି ପୁଲିସ ଟିମ୍ ଅଂଶଗ୍ରହଣ କରିଛନ୍ତି। ଏଥିରେ ୨୬୫ ଜଣ ପୁରୁଷ ଓ ୪ ଜଣ ମହିଳାଙ୍କୁ ମିଶାଇ ସମୁଦାୟ ୨୬୯ ଜଣ ଖେଳାଳି ସାମିଲ ହୋଇଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଚାମ୍ପିୟାନସିପର ଉଦଘାଟନୀ ସମାରୋହରେ ଆଇଜିପି (ଏସଏପି) ଗଜଭିୟେ ସତୀଶ କୁମାର, କମାଣ୍ଡାଣ୍ଟ ପିଟିଆଇ, ବୈରୀ ଅଶୋକ କୁମାର ଦେହୁରୀ, କମାଣ୍ଡାଣ୍ଟ ଷଷ୍ଠ ଓଏସଏପି, କଟକ, ସୂର୍ଯ୍ୟନାରାୟଣ ମଲ୍ଲିକ, ରାଜ୍ୟ ପୁଲିସ ମୁଖ୍ୟାଳୟର କ୍ରୀଡ଼ାଧିକାରୀ ନୀଳମାଧବ ସ୍ୱାଇଁଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

# କେନାଲ ଭିତରେ ଖସିଲା ବାଇକ, ସ୍ତ୍ରୀ ମୃତ ସ୍ୱାମୀ ଆହତ

ମାଲକାନଗିରି,୨୬।୨(ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି -୧୨୬ କେନାଲ ରାସ୍ତାରେ ବାଇକ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଗୋଟିଏ ବାଇକରେ ଏମ ଭି -୫୧ ଗ୍ରାମର ପରିତୋଶ ସରକାର ଓ ସ୍ତ୍ରୀ ସୁରୁଚି ସରକାର ଏମ ଭି -୮୧ ରୁ ନିଜ ଘରକୁ ଫେରୁଥିବା ସମୟରେ ଅପରାହ୍ନ ରେ ଏମଭି -୧୨୬ କେନାଲ ରେ ଥିବା ମୋଡ଼ ରାସ୍ତାରେ ଭାରସାମ୍ୟ ହରାଇ କେନାଲ ଭିତରେ ପଡ଼ିଯାଇଥିଲେ। ଦୁର୍ଘଟଣା ରେ ସ୍ତ୍ରୀ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିବା ବେଳେ ସ୍ୱାମୀ ଗୁରୁତର ଆହତ ହେବାରୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି।

## ଚେସ ସଂଘକୁ ଡେଇଁଲା କ୍ରିକେଟ୍ ସଂଘ କଳି

# ସମ୍ପାଦକଙ୍କୁ ନିଲମ୍ବନ କଲେ ସଭାପତି

ଭୁବନେଶ୍ୱର,୨୬।୨(ସଂଚାର ବ୍ୟୁରୋ): ରାଜ୍ୟରେ କ୍ରୀଡ଼ାର ବିକାଶ ନିମନ୍ତେ କ୍ରୀଡ଼ା ସଂଘଗୁଡ଼ିକ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବାକୁ ପଡ଼ିବ। କିନ୍ତୁ ଏବେ ରାଜ୍ୟର ବିଭିନ୍ନ କ୍ରୀଡ଼ା ସଂଘରେ ଗୋଟିଏ ପରେ ଗୋଟିଏ ବିବାଦ ସାମ୍ନାକୁ ଆସିବାରେ ଲାଗିଛି। ଗତ ସପ୍ତାହରେ ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ)ରେ ନିର୍ବାଚନ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଏବେ ଓସିଏର ଏହି କଳି ଚେସ୍ ସଂଘକୁ ଡେଇଁଛି। ଅଲ୍ ଓଡ଼ିଶା ଚେସ୍ ସଂଘ (ଏଓସିଏ) ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଓ ସମ୍ପାଦକ ଦେବବ୍ରତ



ଭଞ୍ଜ ଦୁଇ ଗୋଷ୍ଠୀ ହୋଇ ପରସ୍ପର ବିରୋଧରେ ଆରୋପମାନ ଲଗାଉଛନ୍ତି। ପୂର୍ବରୁ ସଭାପତି ସଂଘରେ ସମ୍ପାଦକଙ୍କ ବ୍ୟାପକ ଆର୍ଥିକ ଅନିୟମିତତାର ଅଭିଯୋଗ ଆଣିବା ସହ ବ୍ୟାଙ୍କ ଖାତାଙ୍କୁ ଅଚଳ କରିଦେଇଥିଲେ। ପୁଣି ଭୁବନେଶ୍ୱରରେ ଗତ ୨୪ ତାରିଖରେ ସଭାପତିଙ୍କ ଅଧ୍ୟକ୍ଷତାରେ ସଂଘର କାର୍ଯ୍ୟକାରୀ କର୍ମକର୍ତ୍ତାଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ସମ୍ପାଦକ ଭଞ୍ଜଙ୍କୁ ନିଲମ୍ବନ କରାଯାଇଛି। ଆସନ୍ତା ୧ ତାରିଖରେ ସଂଘର ଜରୁରୀ ସାଧାରଣ ବୈଠକ ବସିବ ବୋଲି ଗତ ୧୮ରେ ସମ୍ପାଦକଙ୍କ ଅଧ୍ୟକ୍ଷତାରେ କଟକରେ ଅନୁଷ୍ଠିତ କାର୍ଯ୍ୟକାରିଣୀ କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା। ଗତବର୍ଷ ଡିସେମ୍ବର ୩୧ ତାରିଖରେ ସଭାପତିଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱରରେ ବସିଥିଲା। ତେବେ ବାଦବିବାଦ ବଢ଼ିବା ପରେ ସଂଘର କାର୍ଯ୍ୟ ବନ୍ଦ ହୋଇଯାଇଛି। ଏହାର ପ୍ରଭାବ ଖେଳାଳିଙ୍କ ଉପରେ ବି ପଡୁଛି, ଯାହାକୁ ନେଇ ଅଭିଭାବକମାନେ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି। ଜାତୀୟ ପ୍ରତିଯୋଗିତାର ଅବ୍ୟବହିତ ପୂର୍ବରୁ ଗତବର୍ଷ ରାଜ୍ୟ ପ୍ରତିଯୋଗିତାଗୁଡ଼ିକ ଠିକ୍ ସମୟରେ ଆୟୋଜିତ ହୋଇପାରି ନଥିଲା। ତେଣୁ ଖେଳାଳିମାନେ ଭଲ ଭାବେ ପ୍ରାକ୍ ପ୍ରସ୍ତୁତି କରିପାରି ନଥିଲେ। ଏନେଇ ଜଣେକ ଅଭିଭାବକ କହିଛନ୍ତି ଯେ ରାଜ୍ୟ ସଂଘଗୁଡ଼ିକରେ ଏଭଳି ବିବାଦ ଯୋଗୁ କୁପ୍ରଭାବ ପିଲାଙ୍କ ଉପରେ ପଡୁଛି। ତେଣୁ ସରକାର ଏଥିରେ ହସ୍ତକ୍ଷେପ କରିବା ଉଚିତ।

# ଟ୍ରକ୍-ମୋଟରସାଇକେଲ ମୁହାଁମୁହିଁ ଧକ୍କା: ୪ ଆହତ

ମାଲକାନଗିରି,୨୬।୨(ସଂଚାର ବ୍ୟୁରୋ): ଟ୍ରକ୍ ଓ ମୋଟର ସାଇକେଲ ମଧ୍ୟରେ ମୁହାଁମୁହିଁ ଧକ୍କା। ଦୁର୍ଘଟଣା ସ୍ଥଳରେ ମୋଟରସାଇକେଲ ଚାଳକଙ୍କ ସହ ସ୍ତ୍ରୀ ଏବଂ ଦୁଇ ପୁଅ ଗୁରୁତର। ମିଳିଥିବା ସୂଚନା ଅନୁଯାୟୀ, ସକାଳ ପାଖାପାଖି ୯ଟା ୪୦ ମିନିଟ ବେଳେ ମାଲକାନଗିରି ପଟୁ ମୋଟରସାଇକେଲରେ ଦୁଇ ପୁଅଙ୍କ ସହ ସ୍ତ୍ରୀକୁ ନେଇ କୋରୁକୋଣ୍ଡା ଆଡେ ଯାଉଥିବା ସମୟରେ ଏମିଭି-୧୧ ଗାଁ ନିକଟସ୍ଥ ଟେକଗୁଡା ମୁଖ୍ୟ ସଡ଼କରେ ମୋଟରସାଇକେଲଟି ଭାରସାମ୍ୟ ହରାଇ ଟ୍ରକକୁ ଧକ୍କା ଦେଇଥିଲା। ଫଳରେ ମୋଟରସାଇକେଲ ଚାଳକଙ୍କ ଗୋଡ ଭାଙ୍ଗି ଯାଇଥିଲା, ତାଙ୍କ ସ୍ତ୍ରୀଙ୍କର ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବା ବେଳେ ଦୁଇ ପୁଅଙ୍କ ଗୋଡ଼ ଫ୍ରାକ୍ଚର ଥିବା ଏକ୍ସରେରେ ଜଣାପଡ଼ିଛି। ସ୍ତ୍ରୀଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ବିଶେଷଜ୍ଞଙ୍କ ଯାଞ୍ଚ ପରେ ସମସ୍ତଙ୍କୁ ଉନ୍ନତ ଚିକିତ୍ସା ନିମନ୍ତେ ରେଫର କରାଯିବ ବୋଲି ଡାକ୍ତର କହିଛନ୍ତି।

# 'ନିର୍ମଳ' ଓ ଗ୍ରାମୀଣ ୱାଶ ଭିତ୍ତିଭୂମିକୁ ପ୍ରୋତ୍ସାହନ ଦେଉଛି ବେଦାନ୍ତ

ସୁନ୍ଦରଗଡ,୨୬।୨(ସଂଚାର ବ୍ୟୁରୋ): ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଏହାର ଜଳ, ପରିମଳ ଓ ସ୍ୱଚ୍ଛତା (ୱାଶ) ପଦକ୍ଷେପ ଭାବେ ପ୍ରକଳ୍ପ 'ନିର୍ମଳ' ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ସୁବିଧା ଦେଉଛି। ଗତ ବର୍ଷ ଏପ୍ରିଲରେ କାର୍ଯ୍ୟକ୍ଷମ ହୋଇଥିବା ୧୨ଟି ସୌରଚାଳିତ ନଳକୂପ ଓ ୨୦ଟି ଜଳ ବିଶୋଧନ ବ୍ୟବସ୍ଥାକୁ ନେଇ ଗଠିତ ଭିତ୍ତିଭୂମି ଜାମଖାନି, ଘୋଘରପାଲ୍ଲୀ, କୁରାଲୋଇ, ମୁଣ୍ଡେଲଖେତ, ଗିରିସିମା, ବିଲିମୁଣ୍ଡା, ଛତାବର, ଗର୍ଜନଜୋର, ଗ୍ରିଣ୍ଡୋଲା, ପିପିଲିମାଳ, ବେଲପାହାଡରେ ଦୈନିକ ପ୍ରାୟ ୨.୪୬ ଲକ୍ଷ ଲିଟର ନିରାପଦ ପାନୀୟ ଜଳ ଯୋଗାଇଦେଉଛି,




ଯାହାର ଫାଇଦା ୨୩,୦୦୦ରୁ ଅଧିକ ଲୋକଙ୍କୁ ମିଳୁଛି। ସେହିପରି ୱାଶ ଆଭିମୁଖ୍ୟକୁ ସୁଦୃଢ଼ କରି କମ୍ପାନୀ ୫୦ଟି ବିଦ୍ୟାଳୟରେ ପରିବେଶ ଅନୁକୂଳ ଶୌଚାଳୟ ସ୍ଥାପନ ସହ ଭିତ୍ତିଭୂମିକୁ ସୁଦୃଢ଼ କରିଛି ଓ ୨୦୦୦ ଛାତ୍ରଙ୍କ ପାଇଁ ଦୈନିକ ସ୍ୱଚ୍ଛତା ବ୍ୟବସ୍ଥାରେ ଉନ୍ନତି ଆଣିଛି। ଖରା ଦିନରେ ଏହି ଅଞ୍ଚଳରେ ଜଳାଭାବ ଏକ ସାଧାରଣ ସମସ୍ୟା। ବେଦାନ୍ତର ଆଲୋଚ୍ୟ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପୂର୍ବରୁ ଅନେକ ଜନବସତି ୬ରୁ ୧୨ ଏନଟିୟୁ (ନେଫେଲୋମେଟ୍ରିକ୍ ଟର୍ବିଡିଟି ୟୁନିଟ୍)ଠାରୁ ଆରମ୍ଭ କରି ଟର୍ବିଡିଟି ସ୍ତର ରହିଥିଲା। ନଳକୂପ ଶୁଦ୍ଧିକରଣ ସହ ଅନୁମତିପ୍ରାପ୍ତ ସୀମା (୧ ଏନଟିୟୁ) ମଧ୍ୟରେ ଜଳର ମାନକୁ ବଜାୟ ରଖାଯାଇଛି। ସ୍ଥିରତା ନୀତି ଉପରେ ପରିକଳ୍ପିତ ଏହି ପ୍ରକଳ୍ପ ସ୍ୱଚ୍ଛ ଶକ୍ତି ଓ ପରିବେଶ ପରିଚାଳନା କ୍ଷେତ୍ରରେ ଯୋଗଦାନ କରିଥାଏ।

# ଦୁଇ ଲୁଟେରା ଗିରଫ: ଲକେଟ, ସାଇକେଲ ଓ ବ୍ଲେଡ୍ ଜବତ

ଧର୍ମଶାଳା,୨୬।୨(ସଂଚାର ବ୍ୟୁରୋ): ରସୁଲପୁର ବ୍ଲକ ରାଉତରାପୁର ପଞ୍ଚାୟତସ୍ଥ ରତପୁର ଏକ ଦୋକାନ ନିକଟରୁ ଜଣେ ଶିଶୁପୁତ୍ର ବେକରୁ ୨ ଜଣ ଯୁବକ ଲକେଟ କାଟି ନେବା ଅଭିଯୋଗରେ ୨ ଜଣ ଯୁବ ଲୁଟେରାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। କୋରାଇ ଥାନା ଅନ୍ତର୍ଗତ ବରୁଣ୍ଡେଇ ଗ୍ରାମର କୈଳାସ ଦାସଙ୍କ ପୁଅ କାହ୍ନ(୨୧) ଓ ବାବୁଲା ଦାସଙ୍କ ପୁଅ ନରେଶ(୩୬) ବୋଲି ଜଣାପଡ଼ିଛି। ଦୁହେଁ ଭିକ୍ଷାବୃତ୍ତି ଆଳରେ ଆସି ଲୁଟ କରୁଥିଲେ। ସେମାନଙ୍କ ନିକଟରୁ ସୁନା ଲକେଟ, ବ୍ୟବହୃତ ଏକ ସାଇକେଲ ଓ ଲେଜର ବ୍ଲେଡ୍ ଜବତ କରାଯାଇଥିବା ନେଇ ବ୍ରହ୍ମବରଦା ଥାନା ଏଏସ୍‌ଆଇ ଅଚ୍ୟୁତାନନ୍ଦ ଦାସ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ବ୍ରହ୍ମବରଦା ଥାନା ରାଉତରାପୁର ପଞ୍ଚାୟତସ୍ଥ ରତପୁର ନିକଟରେ ଥିବା ଏକ ଦୋକାନକୁ ଜେଜ ନାତି ଦୁହେଁ ପଂହଚି ଥିଲେ। ସେଠାରେ ଜେଜ କୃଷ୍ଣ ବରାଳ ଜିନିଷ କିଣିବା ସମୟରେ ନିକଟରେ ନାତି ଛିଡା ହୋଇଥିବା ବେଳେ ୨ ଯୁବକ ସାଇକେଲରେ ଆସି ପଂହଚି ଥିଲେ। ସେମାନେ କୌଶଳକ୍ରମେ ଏକ ଲେଜର ବ୍ଲେଡରେ ସୁନା ଲକେଟ କାଟି ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ।

# ଭିକ ମାଗୁଛନ୍ତି ବାପ-ମା' ଛେଉଣ୍ଡ ଆଦିବାସୀ ପିଲା

କେନ୍ଦୁଝର,୨୬।୨(ସଂଚାର ବ୍ୟୁରୋ): ଆଦିବାସୀ ପିଲାଏ ଭିକ ମାଗୁଛନ୍ତି। ପେଟକୁ ଦାନା ଗଣ୍ଡାଏ ପାଇଁ ବାର ଦୁଆର ବୁଲୁଛନ୍ତି। ଆଜିର ଦିନରେ କଥାଟି ଅବିଶ୍ୱାସ ଲାଗୁଥିଲେ ବି ସତ। କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକ୍ କୁଣ୍ଢେଇ ଗାଁର ସ୍ୱର୍ଗତଃ ଶୁକୁରା ମୁଣ୍ଡାର ଅନାଥ ପିଲାଙ୍କ ଦୁରାବସ୍ଥା ଦେଖି ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଶା' ପକ୍ଷରୁ ଆଦିବାସୀଙ୍କ ଉନ୍ନତି ଓ କଲ୍ୟାଣ ପରିବର୍ତ୍ତେ କେବଳ ଭୋଟ୍ ଖଣ୍ଡେ ପାଇଁ ସମସ୍ତେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ଅଭିଯୋଗ କରାଯାଇଛି।

କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକ୍‌ର କୋଡ଼ିପଶା ପଞ୍ଚାୟତ ଅଧୀନସ୍ଥ ଏକ ଆଦିବାସୀ ବହୁଳ ଗାଁ ହେଉଛି କୁଣ୍ଢେଇ। ଜିଲ୍ଲା ସଦର ମହକୁମାଠାରୁ ମାତ୍ର ୧୭ କିମି ଦୂରରେ ଶୁକୁରାର ଘର। ଚାଷବାସ ବୋଲି କିଛି ନାହିଁ। ପର ଘରେ ମୂଲ ଲାଗି ପରିବାର ପାଳୁଥିଲା। ସୁଖଦୁଃଖର ସଂସାରରେ ପ୍ରଥମ ସ୍ତ୍ରୀର ଦେହାନ୍ତ ପରେ ସେ ଦ୍ୱିତୀୟ ବିବାହ କରିଥିଲା। ତେବେ ଦ୍ୱିତୀୟ ସ୍ତ୍ରୀ ମଧ୍ୟ ରୋଗରେ ପଡ଼ି ଗେରସ୍ତ ଓ ପିଲାଙ୍କୁ ଛାଡି ଆର ପାରିକି ଚାଲିଗଲା। ଶୁକୁରା ବି ତା' ପଛେ ପଛେ ଆଖି ବୁଜିଲା। ଅନାଥ ହୋଇଯାଇଥିବା ଦୁଇଟି ପିଲାଙ୍କ ବୟସ ୮ ଓ ୩ ବର୍ଷ ହୋଇଥିଲା। କିନ୍ତୁ ସେମାନଙ୍କ ମୁହଁରେ ଦାନା ଗଣ୍ଡେ ଦେବାକୁ କେହି ଏକମାତ୍ର ସାହା ଭରସା ୭୦ ବର୍ଷୀୟା ଜେଜେମା'। ଏବେ ଏହି ଦୁଇଟି ବାଳୁତ ପିଲାଙ୍କ ଲାଳନପାଳନ ଦାୟିତ୍ୱ ତାଙ୍କ କାନ୍ଧରେ



ରହିଛି। କିନ୍ତୁ ସେ ବା କ'ଣ କରିପାରିବେ? ଦାରିଦ୍ର୍ୟ ସୀମାରେଖା ତଳେ ରହିଥିଲେ ମଧ୍ୟ ଏହି ପରିବାରକୁ ସରକାରୀ ଚାଉଳ ମିଳୁନାହିଁ। ବାପ-ମା' ମରିଗଲା ପରେ ବି ଏମାନଙ୍କୁ କୌଣସି ଅନୁକମ୍ପାମୂଳକ ସହାୟତା ରାଶି ମିଳିନାହିଁ। ଏପରିକି ଘର ଖଣ୍ଡେ ମଧ୍ୟ ଏମାନଙ୍କ ଭାଗ୍ୟରେ ଜୁଟିନି। ଭଙ୍ଗା ଦଦରା ଘରେ ସେମାନେ ଯେପରି ଚଳୁଛନ୍ତି, ତାକୁ ଦେଖିଲେ କାହା ମନ ବି ବିଚଳିତ ହୋଇପଡ଼ିବ।

ସେମାନଙ୍କ ଅବସ୍ଥା କଥା ବୁଝିବାକୁ ବି କୌଣସି ଲୋକପ୍ରତିନିଧିଙ୍କ ପାଖରେ ସମୟ ନାହିଁ। ନା ସରପଞ୍ଚ ନା ବ୍ଲକ୍ କର୍ତ୍ତୃପକ୍ଷ କେହି ବି ଏମାନଙ୍କ ଅବସ୍ଥା ପ୍ରତି ଆଡ଼ ଆଖିରେ ବି ଚାହାଁନ୍ତି। ବାଧ୍ୟ ହୋଇ ପେଟ ଚାଖଣ୍ଡକ ପୂରାଇବା ସକାଶେ ଦୁଇ ପିଲା ଘର ଘର ବୁଲି ଭିକ ମାଗୁଛନ୍ତି। ସେମାନଙ୍କ ସମ୍ପର୍କରେ ପୂର୍ବରୁ 'ଆଶା' ପକ୍ଷରୁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଏ ସମ୍ପର୍କରେ ଅବଗତ କରାଯାଇଛି।

## ଚାଷୀଙ୍କ ମୃତ୍ୟୁ ପାଇଁ ସରକାରଙ୍କୁ ଦାୟୀ କଲା ବିଜେଡି

# ନୈତିକତା ଦୃଷ୍ଟିରୁ ଯୋଗାଣ ମନ୍ତ୍ରୀ ଇସ୍ତଫା ଦିଅନ୍ତୁ:ଦେବୀ

ଭୁବନେଶ୍ୱର,୨୬।୨(ସଂଚାର ବ୍ୟୁରୋ): ଧାନ ସଂଗ୍ରହ ବ୍ୟବସ୍ଥା ରାଜ୍ୟରେ ଭୁଶୁଡ଼ି ପଡିଛି ବୋଲି ଅଭିଯୋଗ କରି ଆସୁଥିବା ବେଳେ ଆଜି ରାଜନଗର ଅଞ୍ଚଳରେ ଜଣେ ଚାଷୀଙ୍କ ମୃତ୍ୟୁକୁ ନେଇ ବିଜେଡି ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି। ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଭିନ୍ନ ସମୟରେ ମିଥ୍ୟା ତଥ୍ୟ ଦେଉଥିବାରୁ ଆଜି ହୋଇଥିବା ଚାଷୀଙ୍କ ମୃତ୍ୟୁ ପାଇଁ ସେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବାକୁ ବିଜେଡି ଦାବି କରିଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ




ମୁଖପାତ୍ର ଲେନିନ ମହାନ୍ତି ଧାନ ସଂଗ୍ରହ କ୍ଷେତ୍ରରେ ରାଜ୍ୟ ବିଜେପି ସରକାରଙ୍କ ବିଫଳତାକୁ ଦାୟୀ କରିଛନ୍ତି।

ଦେବୀ ମିଶ୍ର ଅଭିଯୋଗ କରିଥିଲେ ଯେ, ବିଜେପି ସରକାରଙ୍କର ବିଫଳତା ତାଲିକା ଦିନକୁ ଦିନ ଲମ୍ବା ହୋଇ ଚାଲିଛି। ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ଯାଇଛି। ଧାନ ସଂଗ୍ରହ ବ୍ୟବସ୍ଥା ବିଫଳତା କାରଣରୁ ଆଜି ଜଣେ ଚାଷୀ, ତ୍ରିଲୋଚନ ନାୟକଙ୍କ ମୃତ୍ୟୁ ହୋଇଛି। ଜାନୁଆରି ୧୬ ତାରିଖରେ ସେ ଟୋକନ ପାଇଥିଲେ। କଟନୀ ଛଟନୀରେ ତାର ପ୍ରତି କୁଇଣ୍ଟାଲରେ ୬ କିଗ୍ରା କଟା ଯାଇଛି। ଏହା ଛଡା ଧାନ ବିକ୍ରି କରିବା ପାଇଁ ମୃତ ତ୍ରିଲୋଚନ ନାୟକ ପ୍ରତ୍ୟେକ ସ୍ତରରେ ହତାଶ ହେବାକୁ ପଡିଥିଲା ବୋଲି ତାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ଯୋଗାଣ ମନ୍ତ୍ରୀ ଏକ ଭିଡିଓ ବାର୍ତ୍ତାରେ ଧାନ କିଣା ରାଜ୍ୟରେ ସୁରୁଖୁରୁରେ ଚାଲିଛି ବୋଲି କହିଥିଲେ। ଯାହା ଡାହା ମିଛ ବୋଲି ସେ କହିଛନ୍ତି। ରାଜନଗର ଅଞ୍ଚଳର ତ୍ରିଲୋଚନ ନାୟକଙ୍କ ମୃତ୍ୟୁ ଏହି ମିଛ ଧରା ପକାଇଦେଇଛି।

ସରକାରୀ ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ୧୯୩ ଲକ୍ଷ ମେଟ୍ରିକ ଟନ ଧାନ ଉତ୍ପାଦନ ହୋଇଛି। ରାଜ୍ୟ ବିଜେପି ସରକାର ସମସ୍ତ ଧାନ କିଣିବ ବୋଲି କହିଥିବା ବେଳେ, ଏବେ ସୁଦ୍ଧା ମାତ୍ର ୬୩ ଲକ୍ଷ ମେଟ୍ରିକ ଟନ କିଣା ଯାଇଛି, ଯାହା ସମୁଦାୟ ଧାନ ଉତ୍ପାଦନର ମାତ୍ର ୩୩ ପ୍ରତିଶତ। ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଧାନ କିଣା ଚାଲିବ ବୋଲି କୁହାଯାଇଥିବାରୁ ଆଉ ମାତ୍ର ଗୋଟିଏ ମାସରେ ସରକାର ବଳକା ଧାନ କିଣିବାରେ ସକ୍ଷମ ହେବେ ବୋଲି ବିଶ୍ୱାସଯୋଗ୍ୟ ନୁହେଁ। ଡ. ଲେନିନ ମହାନ୍ତି କହିଥିଲେ, ବିଜେପି ସରକାର ଯାହା କୁହନ୍ତି ତାହା କେବେ ହେଲେ କରନ୍ତି ନାହିଁ। କଟନୀ ଛଟନୀ ବିନା ଧାନ କିଣିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ ପ୍ରତି କ୍ୱିଣ୍ଟାଲ ପିଛା ୭ କେଜିରୁ ୧୦ କେଜି କଟାଯାଉଛି। ୪୮ ଘଣ୍ଟା ଭିତରେ ଧାନର ମୂଲ୍ୟ ଡିବିଟି ମାଧ୍ୟମରେ କୃଷକ ମାନଙ୍କୁ ପ୍ରଦାନ କରାଯିବ ବୋଲି କୁହା ଯାଇଥିଲେ ମଧ୍ୟ ପ୍ରାୟ ତିନି ସପ୍ତାହ ପର୍ଯ୍ୟନ୍ତ ମୂଲ୍ୟ ମିଳିପାରୁନାହିଁ। ନୈତିକତା ଦୃଷ୍ଟିରୁ ଯୋଗାଣ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

# ଯୁବ କଂଗ୍ରେସ ସଭାପତିଙ୍କ ଗିରଫଦାରୀକୁ ବିରୋଧ

ଭୁବନେଶ୍ୱର,୨୬।୨(ସଂଚାର ବ୍ୟୁରୋ): ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଉଦୟଭାନୁ ଚିବଙ୍କୁ ଦିଲ୍ଲୀ ପୁଲିସ ଗିରଫ କରିଥିବା ବେଳେ ଏହା ପ୍ରତିବାଦରେ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ମାଷ୍ଟର




କ୍ୟାଣ୍ଟିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କ କୁଶପୁତ୍ତଳିକା ଦାହ କରି ପ୍ରତିବାଦ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ସନ୍ଧ୍ୟାରେ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ କଂଗ୍ରେସ ଭବନଠାରୁ ଏକ ରାଲିରେ ବାହାରି ମାଷ୍ଟରକ୍ୟାଣ୍ଟିନ ଛକଠାରେ ପହଞ୍ଚି ପ୍ରତିବାଦ କରିଥିଲେ। ଯୁବ କଂଗ୍ରେସର କର୍ମୀମାନେ କହିଛନ୍ତି ଯେ ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତିଙ୍କୁ ଦିଲ୍ଲୀ ପୁଲିସ ବିଜେପି ସରକାରଙ୍କ ପ୍ରରୋଚନାରେ ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି ଅଗଣତାନ୍ତ୍ରିକ ଭାବେ ଗିରଫ କରିଛି। ଏହା ପୂର୍ବରୁ ମଧ୍ୟ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରୁଥିବା ଯୁବ କଂଗ୍ରେସର କାର୍ଯ୍ୟକର୍ତ୍ତାଙ୍କୁ ଦିଲ୍ଲୀ ପୁଲିସ ଗିରଫ କରି ଜେଲ ହାଜତକୁ ପଠାଇଛି। ରାଷ୍ଟ୍ରୀୟ ସଭାପତି ଦେଶର ଯୁବକଯୁବତୀ ଏବଂ କୃଷକମାନଙ୍କର ଅଧିକାର ପାଇଁ ଲଢ଼େଇ କରିଆସୁଛନ୍ତି। କେନ୍ଦ୍ରର ମୋଦି ସରକାର ଏବେ ସଂପୂର୍ଣ୍ଣଭାବରେ ଆମେରିକା ପାଖରେ ସମର୍ପଣ କରିଦେଇଛି। ଆମେରିକା ସହ ଟ୍ରେଡିଂ କରି ଦେଶର ଅର୍ଥନୀତି ସହ ଦେଶର କୃଷିକ୍ଷେତ୍ର ଓ ବ୍ୟବସାୟ କ୍ଷେତ୍ରକୁ ସଂକଟକୁ ଠେଲି ଦେଇଛି। ରାଷ୍ଟ୍ରୀୟ ସଭାପତି ଏହାକୁ ବିରୋଧ କରିବାରୁ ସାରା ଦେଶରେ ମୋଦି ସରକାରର ଓ ତାଙ୍କ ତାଙ୍କର ଅସଲ ଚେହେରା ଧରାପଡ଼ିଯିବା ଭୟରେ ବିଜେପି ସରକାର ଭୟଭୀତ ହୋଇ ଆକ୍ରୋଶମୂଳକ ଭାବେ ତାଙ୍କୁ ଗିରଫ କରିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ ଶୁକ୍ରବାର ୨୭ ଫେବ୍ରୁଆରୀ ୨୦୨୬, ଭୁବନେଶ୍ୱର
Friday 27 February 2026, Bhubaneswar


# ଏଆଇ ପ୍ଲାଟଫର୍ମର ଦୁରୁପଯୋଗ

ଆଧୁନିକ ଯୁଗରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ମାନବ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ବିପ୍ଳବ ଆଣିଛି। ଶିକ୍ଷା କ୍ଷେତ୍ରରେ ଏହାର ସକାରାତ୍ମକ ପ୍ରଭାବ ଅନସ୍ୱୀକାର୍ଯ୍ୟ। ଏଆଇ ପ୍ଲାଟଫର୍ମଗୁଡ଼ିକ ଯେପରିକି ଚାଟଜିପିଟି, ଗୁଗଲ ବାର୍ଡ ପରି ଉପକରଣଗୁଡ଼ିକ ଛାତ୍ରମାନଙ୍କ ଜଟିଳ ବିଷୟଗୁଡ଼ିକର ବ୍ୟାଖ୍ୟା କରିବାରେ, ଅନୁସନ୍ଧାନରେ ଏବଂ ସୃଜନଶୀଳ ଚିନ୍ତନରେ ସହାୟତା କରୁଛି। କିନ୍ତୁ ସମ୍ପ୍ରତି ବିଶେଷକରି ପରୀକ୍ଷା ସମୟରେ ଛାତ୍ରମାନଙ୍କ ଦ୍ୱାରା ଏହି ପ୍ଲାଟଫର୍ମଗୁଡ଼ିକର ଦୁରୁପଯୋଗ ଏକ ଗମ୍ଭୀର ଚିନ୍ତାର ବିଷୟ ହୋଇଛି। ଏହା ନୈତିକତା, ଶିକ୍ଷାର ମୂଲ୍ୟ ଏବଂ ଭବିଷ୍ୟତ ପିଢ଼ିର ନିର୍ମାଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ପରୀକ୍ଷା ହେଉଛି ଛାତ୍ରମାନଙ୍କର ଜ୍ଞାନ, ବୁଦ୍ଧି ଏବଂ କଠୋର ପରିଶ୍ରମର ମୂଲ୍ୟାଙ୍କନର ଏକ ମାଧ୍ୟମ। କିନ୍ତୁ ଏଆଇର ଆଗମନ ସହିତ ଅନେକ ଛାତ୍ର ଏହାକୁ ଚୋରିର ଉପକରଣ ଭାବରେ ବ୍ୟବହାର କରୁଛନ୍ତି। ଉଦାହରଣ ସ୍ୱରୂପ, ଅନଲାଇନ୍ ପରୀକ୍ଷାରେ ସ୍ମାର୍ଟଫୋନ୍ ବା କମ୍ପ୍ୟୁଟର ମାଧ୍ୟମରେ ଏଆଇ ଚାଟବଟ ଗୁଡ଼ିକରୁ ଉତ୍ତର ପାଉଛନ୍ତି, ପ୍ରବନ୍ଧ ଲେଖିବା ବା ଗଣିତ ସମସ୍ୟାର ସମାଧାନ କରିବା ଏପରି ଘଟଣା ବଢ଼ିବାରେ ଲାଗିଛି। ଭାରତରେ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଏହିପରି ମାମଲା ରିପୋର୍ଟ ହେଉଛି, ଯେଉଁଥିରେ ଛାତ୍ରମାନେ ଏଆଇ ଟୁଲ୍ସର ସାହାଯ୍ୟରେ ପ୍ରଶ୍ନପତ୍ରର ଉତ୍ତର ପ୍ରସ୍ତୁତ କରୁଛନ୍ତି। ଏହା କେବଳ ନିଜର ଶିକ୍ଷାକୁ ହାନି ପହଞ୍ଚାଉଛି ନାହିଁ, ବରଂ ଅନ୍ୟ ଛାତ୍ରମାନଙ୍କ ପ୍ରତି ଅନ୍ୟାୟ କରୁଛି।

ଏହି ଦୁରୁପଯୋଗର କାରଣଗୁଡ଼ିକ ବହୁମୁଖୀ। ପ୍ରଥମେ, ପରୀକ୍ଷା ବ୍ୟବସ୍ଥାର ଚାପ ଏବଂ ପ୍ରତିଯୋଗିତା ଯୋଗୁଁ ଛାତ୍ରମାନେ ସହଜ ରାସ୍ତା ଖୋଜୁଛନ୍ତି। ଦ୍ୱିତୀୟରେ, ଏଆଇ ପ୍ଲାଟଫର୍ମଗୁଡ଼ିକର ସହଜ ଉପଲବ୍ଧତା ଏବଂ ବିନାମୂଲ୍ୟର ପ୍ରକୃତି ଏହାକୁ ଆହୁରି ସହଜ କରିଛି। ତୃତୀୟରେ, ନୈତିକ ଶିକ୍ଷାର ଅଭାବ ଯୋଗୁଁ ଅନେକ ଛାତ୍ର ଏହାକୁ ଅପରାଧ ଭାବରେ ଦେଖୁନାହାନ୍ତି। ଫଳସ୍ୱରୂପ, ଏହା ଶିକ୍ଷାର ମୂଳ ଉଦ୍ଦେଶ୍ୟକୁ ବାଧା ଦେଉଛି – ଜ୍ଞାନର ଅର୍ଜନ ଏବଂ ବ୍ୟକ୍ତିଗତ ବିକାଶ। ଯଦି ଛାତ୍ରମାନେ ଏଆଇରୁ ଉତ୍ତର କପି କରିବା ଆରମ୍ଭ କରିବେ, ତେବେ ସେମାନଙ୍କର ସୃଜନଶୀଳତା ଏବଂ ସମସ୍ୟା ସମାଧାନ କ୍ଷମତା ହ୍ରାସ ପାଇବ। ଏହା ଭବିଷ୍ୟତରେ କର୍ମକ୍ଷେତ୍ରରେ ସେମାନଙ୍କୁ ଅସୁବିଧାରେ ପକାଇବ, କାରଣ ପ୍ରକୃତ ଦକ୍ଷତାର ଅଭାବ ହେବ।

ସମାଜରେ ଏହାର ପ୍ରଭାବ ଗଭୀର। ଯଦି ଶିକ୍ଷିତ ଯୁବକମାନେ ନୈତିକତାହୀନ ହୋଇଯିବେ, ତେବେ ରାଷ୍ଟ୍ରର ଭବିଷ୍ୟତ ଅନିଶ୍ଚିତ ହୋଇଯିବ। ଡାକ୍ତର, ଇଞ୍ଜିନିୟର୍ ବା ନେତାମାନେ ଯଦି ଚୋରି ମାଧ୍ୟମରେ ଯୋଗ୍ୟତା ହାସଲ କରିବେ, ତେବେ ସେ ସମାଜର ବିକାଶ ବାଧାପ୍ରାପ୍ତ ହେବ। ଅନ୍ୟପକ୍ଷରେ, ଏଆଇର ସକାରାତ୍ମକ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଆବଶ୍ୟକ। ଶିକ୍ଷକମାନେ ଏଆଇକୁ ଶିକ୍ଷଣର ଉପକରଣ ଭାବରେ ବ୍ୟବହାର କରି ଛାତ୍ରମାନଙ୍କୁ ନିର୍ଦ୍ଦେଶନା ଦେଇପାରିବେ।

ଏହି ସମସ୍ୟାର ସମାଧାନ ପାଇଁ ବିଭିନ୍ନ ପଦକ୍ଷେପ ଆବଶ୍ୟକ। ପ୍ରଥମେ, ପରୀକ୍ଷା ବ୍ୟବସ୍ଥାକୁ ଆଧୁନିକୀକରଣ କରିବା – ଯେପରିକି ଏଆଇ ଭିତ୍ତିକ ପ୍ରୋକ୍ଟରିଙ୍ଗ୍ ସିଷ୍ଟମ୍ ବ୍ୟବହାର କରିବା, ଯାହା ଚୋରିକୁ ଚିହ୍ନଟ କରିପାରିବ। ଦ୍ୱିତୀୟରେ, ବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଏଆଇର ନୈତିକ ବ୍ୟବହାର ଉପରେ ଶିକ୍ଷା ପ୍ରଦାନ କରିବା। ତୃତୀୟରେ, ଅଭିଭାବକ ଏବଂ ସମାଜର ଭୂମିକା – ଛାତ୍ରମାନଙ୍କୁ ସଚ୍ଚୋଟନିଷ୍ଠାର ମହତ୍ତ୍ୱ ବୁଝାଇବା। ସରକାର ଏବଂ ଶିକ୍ଷା ସଂସ୍ଥାଗୁଡ଼ିକ ଏହି ଦିଗରେ ନୀତି ଗଠନ କରିବା ଉଚିତ।

ଏଆଇ ଏକ ବରଦାନ ହୋଇପାରେ, କିନ୍ତୁ ଏହାର ଦୁରୁପଯୋଗ ଶିକ୍ଷା ବ୍ୟବସ୍ଥାକୁ ହାନି ପହଞ୍ଚାଉଛି। ଛାତ୍ରମାନେ ଏହାକୁ ସହାୟକ ଭାବରେ ବ୍ୟବହାର କରି ନିଜର ଦକ୍ଷତା ବଢ଼ାଇବା ଉଚିତ୍, ନା ଚୋରିର ଉପକରଣ ଭାବରେ। ଏହା କେବଳ ବ୍ୟକ୍ତିଗତ ବିକାଶ ନୁହେଁ, ସମାଜର ଉନ୍ନତି ପାଇଁ ଆବଶ୍ୟକ। ଆସନ୍ତୁ ଆମେ ସମସ୍ତେ ମିଳିମିଶି ଏହି ଚ୍ୟାଲେଞ୍ଜର ମୁକାବିଲା କରିବା।

# ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଆଶୀର୍ବାଦର ମହତ୍ତ୍ୱ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ସର୍ବଦା ଡାହାଣ ହାତରେ କାହିଁକି ଆଶୀର୍ବାଦ ଦିଆଯାଏ ? କାରଣ ସୂର୍ଯ୍ୟ ଏବଂ ଶରୀରର ଶକ୍ତି ସହିତ ଜଡିତ। ଭାରତୀୟ ପରମ୍ପରାରେ, ଡାହାଣ ହାତରେ ଆଶୀର୍ବାଦ ଦେବାର ଅଭ୍ୟାସ ଜ୍ୟୋତିଷ, ଯୋଗ ଏବଂ ମନସ୍ତତ୍ତ୍ୱ ସହିତ ଜଡିତ ବୋଲି ବିଶ୍ୱାସ କରାଯାଏ। ଏହା ପିଢ଼ି ପିଢ଼ି ଧରି ସମାଜରେ ଏକ ପ୍ରାକୃତିକ ଅଭ୍ୟାସ ହୋଇଆସିଛି, ଯାହା ସକାରାତ୍ମକ ଶକ୍ତି, ଆତ୍ମବିଶ୍ୱାସ ଏବଂ ସମ୍ମାନର ପ୍ରତୀକ। ଯେତେବେଳେ ଜଣେ ବୟସ୍କ ବ୍ୟକ୍ତି ଆମ ମୁଣ୍ଡରେ ହାତ ରଖି କୁହନ୍ତି "ଖୁସି ରୁହନ୍ତୁ" କିମ୍ବା "ସର୍ବଦା ସଫଳ ହୁଅନ୍ତୁ", ସେତେବେଳେ ଆମେ ସେହି ମୁହୂର୍ତ୍ତରେ ଏକ ଅଦ୍ଭୁତ ଉଷ୍ମତା ଅନୁଭବ କରୁ। ଏହା କେବଳ ଶବ୍ଦର ପ୍ରଭାବ ନୁହେଁ, ବରଂ ସ୍ପର୍ଶର ଶକ୍ତି ଯାହା ଆମେ ପିଲାଦିନରୁ ଅନୁଭବ କରିଆସୁଛୁ। ଆଶ୍ଚର୍ଯ୍ୟର କଥା, ଆଶୀର୍ବାଦ କରିବାର ସମାନ ପଦ୍ଧତି ପ୍ରାୟ ପ୍ରତ୍ୟେକ ସଂସ୍କୃତି ଏବଂ ପ୍ରତ୍ୟେକ ଘରେ ଦେଖାଯାଏ - ଡାହାଣ ହାତରେ। ଆପଣ କେବେ ଭାବିଛନ୍ତି କାହିଁକି? ଏହା କେବଳ ଏକ ପରମ୍ପରା, ନା ଏହା ପଛରେ ଏକ ଗଭୀର ଅର୍ଥ ଏବଂ ଯୁକ୍ତି ଅଛି? ପ୍ରକୃତରେ, ଭାରତୀୟ ବିଶ୍ୱାସରେ, ଡାହାଣ ହାତରେ ଆଶୀର୍ବାଦ କରିବାର ପରମ୍ପରାକୁ ଜ୍ୟୋତିଷ, ଯୋଗ ଏବଂ ବ୍ୟବହାରିକ ବିଜ୍ଞାନ ସହିତ ଜଡିତ ବୋଲି କୁହାଯାଏ। ଏହି କାରଣରୁ ଏହି ଅଭ୍ୟାସ ପିଢ଼ି ପରେ ପିଢ଼ି ଚାଲିଆସିଛି ଏବଂ ଆଜି ମଧ୍ୟ ପ୍ରାକୃତିକ ମନେହୁଏ।

ଭାରତୀୟ ଜ୍ୟୋତିଷରେ, ଶରୀର ମଧ୍ୟ ଗ୍ରହ ସହିତ ଜଡିତ। ଏହା ବିଶ୍ୱାସ କରାଯାଏ ଯେ ଶରୀରର ଡାହାଣ ପାର୍ଶ୍ୱ ସୂର୍ଯ୍ୟ ଦ୍ୱାରା ପ୍ରଭାବିତ। ସୂର୍ଯ୍ୟଙ୍କୁ ଶକ୍ତି, ଆତ୍ମବିଶ୍ୱାସ ଏବଂ ଜୀବନଶକ୍ତିର ପ୍ରତୀକ ଭାବରେ ବିବେଚନା କରାଯାଏ। ତେଣୁ, ଡାହାଣ ପାର୍ଶ୍ୱ କାର୍ଯ୍ୟକଳାପ, ନେତୃତ୍ୱ ଏବଂ ସକାରାତ୍ମକ ପ୍ରଭାବ ସହିତ ଜଡିତ। ଯେତେବେଳେ ଜଣେ ବ୍ୟକ୍ତି ଡାହାଣ ହାତରେ ଆଶୀର୍ବାଦ କରନ୍ତି, ସେତେବେଳେ ଏହା ବିଶ୍ୱାସ କରାଯାଏ ଯେ ସେମାନେ ତାଙ୍କ ସୌରଶକ୍ତି ତାଙ୍କ ସାମ୍ନାରେ ଥିବା ବ୍ୟକ୍ତିଙ୍କୁ ପଠାନ୍ତି। ଏହି କାରଣରୁ ଆଶୀର୍ବାଦର ସ୍ପର୍ଶ କେବଳ ଏକ ଔପଚାରିକତା ନୁହେଁ, ବରଂ ଶୁଭ ଶକ୍ତିର ପ୍ରସାରଣ ଭାବରେ ବିବେଚନା କରାଯାଏ। ଭାରତୀୟ ସଂସ୍କୃତିରେ, ଶୁଭ କାର୍ଯ୍ୟ ପାଇଁ ଡାହାଣ ହାତକୁ ଶୁଭ ବୋଲି ବିବେଚନା କରାଯାଏ। ପୂଜା, ହବନ, ପ୍ରସାଦ ଅର୍ପଣ ଏବଂ ଦାନ - ଏହି ସମସ୍ତ କାର୍ଯ୍ୟକଳାପରେ ଡାହାଣ ହାତ ସାମିଲ ଅଛି। ଏହା ପଛରେ ଏକ ସାଂସ୍କୃତିକ ମନସ୍ତତ୍ତ୍ୱ ଅଛି। ଡାହାଣ ହାତକୁ ସକ୍ରିୟ ଏବଂ ଦାନ ବୋଲି ବିବେଚନା କରାଯାଏ, ଯେତେବେଳେ ବାମ ହାତ ଗ୍ରହଣ କିମ୍ବା ବ୍ୟକ୍ତିଗତ କାର୍ଯ୍ୟ ସହିତ ଜଡିତ। ଧୀର ଗତିରେ, ଏହି ଅଭ୍ୟାସ ଏକ ସାମାଜିକ ସଙ୍କେତ ହୋଇଗଲା। ଏହା ସମ୍ମାନ ଦେଖାଇବା, ହାତ ମିଳାଇବା କିମ୍ବା କିଛି ହସ୍ତାନ୍ତର କରିବା ହେଉ - ଡାହାଣ ହାତ ବ୍ୟବହାର କରିବା ଶିଷ୍ଟାଚାରର ଅଂଶ ହୋଇଗଲା। ଆଶୀର୍ବାଦ ମଧ୍ୟ ଏହି ବର୍ଗରେ ପଡ଼ିଲା। ଏହା ପରମ୍ପରାରେ ସମାନତା ବଜାୟ ରଖିଲା ଏବଂ ସମାଜରେ ସମ୍ମାନ ପ୍ରକାଶ କରିବାର ଏକ ସ୍ଥିର ଉପାୟ ହୋଇଗଲା। ଯୋଗ ଏବଂ ଆଧ୍ୟାତ୍ମିକତା ଶରୀରର ତିନୋଟି ମୁଖ୍ୟ ନାଡ଼ି - ଇଡା, ପିଙ୍ଗଳା ଏବଂ ସୁଷୁମ୍ନାକୁ ବର୍ଣ୍ଣନା କରେ। ଏଥିମଧ୍ୟରୁ, ପିଙ୍ଗଳା ନାଡ଼ିକୁ ଡାହାଣ ପାର୍ଶ୍ୱ ସହିତ ଜଡିତ ବୋଲି ବିବେଚନା କରାଯାଏ। ଏହାକୁ ଶକ୍ତି, ଉଷ୍ମତା ଏବଂ କାର୍ଯ୍ୟକଳାପର ନାଡ଼ି ବୋଲି ବିବେଚନା କରାଯାଏ। ଏହା ବିଶ୍ୱାସ କରାଯାଏ ଯେ ଡାହାଣ ହାତ ଅଧିକ ସକ୍ରିୟ ଜୀବନ ଶକ୍ତି ସହିତ ଜଡିତ। ଯଦି କାହାର ମୁଣ୍ଡକୁ ଡାହାଣ ହାତରେ ଆଶୀର୍ବାଦ କରାଯାଏ, ତେବେ ଏହାକୁ ଶକ୍ତି ସଂଚାରର ଏକ ପ୍ରକ୍ରିୟା ଭାବରେ ଦେଖାଯାଏ। ଏହି କାରଣରୁ ଆଶୀର୍ବାଦର ସ୍ପର୍ଶ ଲୋକଙ୍କୁ ମାନସିକ ଭାବରେ ଆଶ୍ୱସ୍ତ ଏବଂ ଭାବପ୍ରବଣ ଭାବରେ ସୁରକ୍ଷିତ ଅନୁଭବ କରାଏ।

ଆଧୁନିକ ବିଜ୍ଞାନ ଏହି ପରମ୍ପରାକୁ ଭିନ୍ନ ଭାବରେ ବ୍ୟାଖ୍ୟା କରେ। ଶରୀରର ଡାହାଣ ପାର୍ଶ୍ୱ ମସ୍ତିଷ୍କର ବାମ ପାର୍ଶ୍ୱ ଦ୍ୱାରା ନିୟନ୍ତ୍ରିତ ହୁଏ, ଏବଂ ବାମ ପାର୍ଶ୍ୱ ତର୍କ, ଭାଷା ଏବଂ ନିଷ୍ପତ୍ତି ଗ୍ରହଣ ସହିତ ଜଡିତ ବୋଲି ବିଶ୍ୱାସ କରାଯାଏ। ଅଧିକାଂଶ ଲୋକ ଡାହାଣ ହାତିଆ, ତେଣୁ ଏହି ହାତ ଅଧିକ ନିୟନ୍ତ୍ରିତ ଏବଂ ସଠିକ୍। ମନୋବିଜ୍ଞାନ ପରାମର୍ଶ ଦିଏ ଯେ ଯେତେବେଳେ ଜଣେ ବ୍ୟକ୍ତି ନିଜ ପ୍ରଭାବଶାଳୀ ହାତ ସହିତ ସ୍ପର୍ଶ କରନ୍ତି, ସେମାନେ ସ୍ୱାଭାବିକ ଭାବରେ ଆତ୍ମବିଶ୍ୱାସ ଏବଂ ନିୟନ୍ତ୍ରଣର ଭାବନା ଅନୁଭବ କରନ୍ତି। ଏହି ସଙ୍କେତ ଅନ୍ୟ ବ୍ୟକ୍ତିଙ୍କୁ ସୁରକ୍ଷା ଏବଂ ବିଶ୍ୱାସର ଭାବନା ପ୍ରଦାନ କରେ। ଏହି କାରଣରୁ ଡାହାଣ ହାତରେ ଦିଆଯାଇଥିବା ଆଶୀର୍ବାଦ ଅଧିକ ଶକ୍ତିଶାଳୀ ଅନୁଭବ ହୁଏ। ଆପଣ ହୁଏତ ଲକ୍ଷ୍ୟ କରିଥିବେ ଯେ ଘରେ ପିଲାମାନେ ମଧ୍ୟ ବଡ଼ମାନଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିବା ସମୟରେ ଅଚେତନ ଭାବରେ ଡାହାଣକୁ ମୁଣ୍ଡ ନୁଆଁଇଥାନ୍ତି, ଯାହା ସଠିକ୍ ହାତ ସ୍ଥାପନ ସୁନିଶ୍ଚିତ କରିଥାଏ। ଏହି ଅଭ୍ୟାସ ବିବାହ, ପର୍ବ ଏବଂ ଧାର୍ମିକ ସମାରୋହ ସମୟରେ ମଧ୍ୟ ଅନୁସରଣ କରାଯାଏ। ଆପଣ ହୁଏତ ଲକ୍ଷ୍ୟ କରିଥିବେ ଯେ ଏହା କେବଳ ଏକ ଧାର୍ମିକ ନିୟମ ନୁହେଁ, ବରଂ ଏକ ସାମାଜିକ ଅଭ୍ୟାସ ହୋଇଗଲାଣି। ଯେତେବେଳେ ଆମେ ପିଲାଦିନରୁ ସମାନ ପଦ୍ଧତି ପାଳନ କରୁ, ଏହା ସ୍ୱାଭାବିକ ମନେହୁଏ। ଧୀରେ ଧୀରେ, ଏହି ପରମ୍ପରା ଆମର ପରିଚୟର ଏକ ଅଂଶ ହୋଇଯାଏ। ଡାହାଣ ହାତରେ ଆଶୀର୍ବାଦ କରିବାର ପରମ୍ପରା କେବଳ ଏକ ଧାର୍ମିକ ବିଶ୍ୱାସ ନୁହେଁ। ଏହା ଜ୍ୟୋତିଷ ଶାସ୍ତ୍ରର ପ୍ରତୀକ, ଯୋଗର ଶକ୍ତି ଧାରଣା ଏବଂ ବିଜ୍ଞାନର ବ୍ୟବହାରିକ ତର୍କକୁ ମିଶ୍ରଣ କରିଥାଏ। ଏହି କାରଣରୁ ଏହି ଅଭ୍ୟାସ ଆଜି ମଧ୍ୟ ସେହିପରି ପ୍ରାଣବନ୍ତ ରହିଛି। ଯେତେବେଳେ ଜଣେ ବୃଦ୍ଧ ତାଙ୍କର ଡାହାଣ ହାତ ମୁଣ୍ଡ ଉପରେ ରଖନ୍ତି, ସେ କେବଳ ଏକ ପୂଜାର୍ଚ୍ଚନା କରନ୍ତି ନାହିଁ - ସେ ପିଢ଼ି ପରେ ପିଢ଼ି ଧରି ଆସୁଥିବା ବିଶ୍ୱାସର ଏକ ପରମ୍ପରାକୁ ଆଗକୁ ବଢ଼ାନ୍ତି।


ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ୍: ୯୯୩୮୯୦୬୦୭୦


# ବିଗାଡୁଛି ପ୍ରଦୂଷଣ ଓ ଯାଞ୍ଚ ସାର୍ଟିଫିକେଟ ପ୍ରହସନ!



ନାରାୟଣ ଚନ୍ଦ୍ର ବିଶ୍ୱାଳ

ପ୍ରଦୂଷଣ ବଢ଼ୁଛି। ପରିବେଶକୁ କ୍ଷତି ପହଞ୍ଚୁଛି। ଗାଡ଼ିସଂଖ୍ୟା ବଢ଼ିବା କାରଣରୁ ଏଥିରୁ ନିର୍ଗତ ଧୂଆଁ ପରିବେଶ ନଷ୍ଟ କରୁଛି। ତେଣୁ ଯେଉଁ ଗାଡ଼ି ଅଧିକ ପ୍ରଦୂଷଣ ସୃଷ୍ଟି କରୁଛନ୍ତି ସେମାନଙ୍କ ଉପରେ କଟକଣା ଲଗାଇବା ଏବଂ ଯେଉଁ ଗାଡ଼ି ଗୁଡ଼ିକ ପରିବେଶ ଅନୁକୂଳ ସେମାନେ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ବା ପଲ୍ୟୁସନ ଅଣ୍ଡର କଣ୍ଟ୍ରୋଲ ସାର୍ଟିଫିକେଟ ହାସଲ କଲେ ଯାଇ ଗାଡ଼ିରେ ତେଲ ପକାଇ ପାରିବେ ବୋଲି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ଏଥିପାଇଁ ସାରା ରାଜ୍ୟରେ ଗାଡ଼ି ଟେଷ୍ଟିଂ କେନ୍ଦ୍ର ଆଗରେ ନାହିଁ ନଥିବା ଭିଡ଼। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଯେତେ ଗାଡ଼ି ଟେଷ୍ଟିଂ କେନ୍ଦ୍ରକୁ ଯାଉଛି ସମସ୍ତଙ୍କୁ ମିଳୁଛି ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ। ବିଶେଷକରି କୌଣସି ଦୁଇ ଚକିଆ ଗାଡ଼ି ଏଥିରେ ଫେଲ ହେଉନାହାନ୍ତି। ଫଳରେ ସାର୍ଟିଫିକେଟ ଦେବା ନାଁରେ କେବଳ ପ୍ରହସନ ଚାଲିଥିବା ଆଲୋଚନା ହେଉଛି।

ରାସ୍ତାର ଏବେ ବିଭିନ୍ନ ସ୍ଥାନରେ ଭ୍ରାମ୍ୟମାଣ ପ୍ରଦୂଷଣ ଟେଷ୍ଟିଂ ଗାଡ଼ି ଛିଡ଼ା ହୋଇଛି। ଆଜି କେଉଁଠି ସ୍ଥାୟୀ କେନ୍ଦ୍ର ରହିଛି। ଏହିସବୁ କେନ୍ଦ୍ରରେ ପ୍ରଦୂଷଣ ଯାଞ୍ଚ କରାଯାଇ ଏଥିରେ ସଫଳ ଗାଡ଼ିକୁ ସାର୍ଟିଫିକେଟ ପ୍ରଦାନ କରାଯାଉଛି। ଅର୍ଥାତ୍ ଯେଉଁ ଗାଡ଼ି ଏହି ସାର୍ଟିଫିକେଟ ପାଇଲା ସମ୍ପୃକ୍ତ ଗାଡ଼ି ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ। ସବୁଗାଡ଼ି ଯାଞ୍ଚରେ ପାସ କରୁଥିବାରୁ ଏହାକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ପରିବହନ ବିଭାଗର ସୂଚନା ଅନୁଯାୟୀ, ଓଡ଼ିଶାର ଅଧିକାଂଶ ଦୁଇଚକିଆ ଯାନ କେବଳ କିଣା ହେବା ସମୟରେ ପ୍ରଦୂଷଣ ସେମାନେ ଚେତାବନୀ ଦେଇ କହିଛନ୍ତି ଯଦି ତତ୍କାଳ ପଦକ୍ଷେପ ନିଆ ନଯିବ ତେବେ ଏହି ସମସ୍ୟା ପ୍ରତିବର୍ଷ ବଢ଼ିବ। ସବୁଠାରୁ ବଡ଼ କଥା ହେଲା ଗତ ୧୦ ବର୍ଷ ହେଲା ହୃଦରୋଗ ସହ ମେଦ ବହୁଳତା ଯୋଡ଼ି ହୋଇଯାଇଛି। ଏଥିରେ ଯାନବାହାନ ଓ ବିମାନରୁ ନିର୍ଗତ ବିଷାକ୍ତ ତତ୍ତ୍ୱର ବଡ଼ ଭୂମିକା ରହିଛି। ବାୟୁ ପ୍ରଦୂଷଣ ଉପରେ ଭାରତ ସରକାର ନୂଆ ଫୋକସ ଅବଶ୍ୟ କରିଛନ୍ତି। କିନ୍ତୁ ଏହା ବହୁ ବିଳମ୍ବ ହୋଇଯାଇଛି।

ଭାରତରେ ବାୟୁ ପ୍ରଦୂଷଣ ଯୋଗୁଁ ସୃଷ୍ଟି ହେଉଥିବା ହୃତପିଣ୍ଡ, ଶ୍ୱାସ ପ୍ରଶ୍ୱାସ, ସ୍ନାୟୁ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାର ପର୍ଯ୍ୟାପ୍ତ ବୈଜ୍ଞାନିକ ପ୍ରମାଣ ରହିଛି। ପ୍ରଦୂଷଣକୁ ରୋକିବା ଲାଗି ପଦକ୍ଷେପ ନେବାରେ ବିଳମ୍ବ ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଆର୍ଥିକ ବୋଝ ବଢ଼ିବ। ମୁଣ୍ଡବିନ୍ଧା, ହାଲିଆ ଲାଗିବା, ହାଲକା କାଶ, ଗଳା ଦରଜ, ପାଚନ ସମସ୍ୟା, ଆଖି ଶୁଷ୍କ ହୋଇଯିବା, ଚର୍ମରେ ଲାଲ ଚିହ୍ନ ଓ କ୍ରମାଗତ ସଂକ୍ରମଣ ଭଳି ସମସ୍ୟାକୁ ଛୋଟମୋଟ କହି ସବୁବେଳେ ଲୋକମାନେ ଅଣଦେଖା କରୁଛନ୍ତି। କିନ୍ତୁ ବାସ୍ତବରେ ଏହା କୌଣସି ଗମ୍ଭୀର ରୋଗର ସଙ୍କେତ ହୋଇଥାଏ। ପ୍ରଦୂଷିତ ସହରରେ ବାୟୁ ଆଖିକୁ ପରିଷ୍କାର ଦେଖାଯାଉଥିଲେ ମଧ୍ୟ ସେଥିରେ ଅନେକ ଛୋଟ ଛୋଟ କଣିକା (ପିଏମ୨.୫ ପ୍ରଦୂଷଣ) ରହିଛି। ଯାହା ହୃଦରୋଗ ପ୍ରତି ବିପଦ ସୃଷ୍ଟି କରିପାରେ। ହୃଦରୋଗ ଏକ ମନ୍ଥର ପ୍ରକ୍ରିୟା, କିନ୍ତୁ ଏଥିରେ ହଠାତ୍ ସ୍ଥିତି ବିଗିଡ଼ି ଯାଏ। ପିଏମ୍୨.୫ ପ୍ରଦୂଷଣ ଆଖିକୁ ଦେଖାଯାଏ ନାହିଁ। ରକ୍ତଚାପ କିମ୍ବା କୋଲେଷ୍ଟ୍ରୋଲ ଭଳି ଏହାକୁ ସହଜରେ ମପାଯାଇ ପାରିବ ନାହିଁ। ଫଳରେ ଲୋକମାନେ ଏହାର ଗମ୍ଭୀର ବିପଦକୁ ଜାଣିପାରନ୍ତି ନାହିଁ।

ସଦ୍ୟ ସମାପ୍ତ ହୋଇଥିବା ସଂସଦର ଶୀତକାଳୀନ ଅଧିବେଶନରେ କେନ୍ଦ୍ର ସରକାର କହିଥିଲେ ଯେ ପ୍ରଦୂଷଣ ଓ ତାର ସିଧାସଳଖ ପ୍ରଭାବ ହୃତପିଣ୍ଡ ଉପରେ ପଡ଼ିବା ସମ୍ପର୍କରେ କୌଣସି ଠୋସ ତଥ୍ୟ ତାଙ୍କ ପାଖରେ ନାହିଁ। କିନ୍ତୁ ସରକାର ମାନିଥିଲେ ଯେ ବାୟୁ ପ୍ରଦୂଷଣ ଶ୍ୱାସପ୍ରଶ୍ୱାସ ଜନିତ ରୋଗ ବୃଦ୍ଧିର ଏକ କାରଣ ପାଲଟିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସଂସଦରେ ଆଗତ କରାଯାଇଥିବା ରିପୋର୍ଟ ଅନୁସାରେ ଗତ ୩ ବର୍ଷରେ ଦିଲ୍ଲୀରେ ଶ୍ୱାସପ୍ରଶ୍ୱାସ ଜନିତ ସମସ୍ୟାରେ ପୀଡ଼ିତ ହୋଇ ୨ ଲକ୍ଷରୁ ଅଧିକ ଲୋକ ହସ୍ପିଟାଲ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ୩୦ ହଜାରରୁ ଅଧିକ ରୋଗୀଙ୍କୁ ହସ୍ପିଟାଲରେ ଚିକିତ୍ସିତ ହେବାକୁ ପଡ଼ୁଛି।

ଲାନସେଟ ଫାଉଣ୍ଡେସନ ଅଫ ହେଲଥ ଆଣ୍ଡ କ୍ଲାଇମେଟ ଚେଞ୍ଜ ୨୦୨୫






ରିପୋର୍ଟ ଅନୁସାରେ ୨୦୨୨ରେ ଭାରତରେ ପିଏମ ୨.୫ ପ୍ରଦୂଣେ ଯୋଗୁଁ ୧୭ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ସେଥିରେ ୨.୬୯ ଲକ୍ଷ ମୃତ୍ୟୁ ସଡ଼କ ପରିବହନ ସହ ଜଡ଼ିତ ପେଟ୍ରୋଲ ଓ ଡିଜେଲରୁ ସୃଷ୍ଟି ପ୍ରଦୂଷଣ ଯୋଗୁଁ ହୋଇଥିଲା। ଗତ ମେ'ରେ ଇଣ୍ଟରନ୍ୟାସନାଲ କାଉନସିଲ ଅନ କ୍ଲିନ ଟ୍ରାନ୍ସପୋର୍ଟେସନ ପକ୍ଷରୁ କରାଯାଇଥିବା ଏକ ବୈଶ୍ୱିକ ଅଧ୍ୟୟନରେ କୁହାଯାଇଥିଲା ଗାଡ଼ିରୁ ବାହାରୁଥିବା ବିଷାକ୍ତ ଗ୍ୟାସକୁ ନିୟନ୍ତ୍ରଣ କରିବା ଲାଗି ନୀତି ଅଣାଗଲେ ୨୦୪୦ ବେଳକୁ ୧୯ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ବଞ୍ଚିପାରିବ। ଏଥିସହ ୧୪ ଲକ୍ଷ ପିଲାଙ୍କୁ ଶ୍ୱାସ ରୋଗରୁ ରକ୍ଷା କରାଯାଇପାରିବ। ପ୍ରଦୂଷଣ ଯାଞ୍ଚ ବାସ୍ତବାଭିମୁଖୀ ହେଉ ଏବଂ ସବୁଠାରୁ ବଡ଼କଥା ହେଉଛି ଭାରତରେ ବାୟୁ ପ୍ରଦୂଷଣ, କୋଭିଡ଼ - ୧୯ ମହାମାରୀ ପରେ ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସଙ୍କଟ ପରି ଉଭା ହୋଇଛି। ଆଗାମୀ ଦିନରେ ଏହି ପ୍ରଦୂଷଣ ଲୋକଙ୍କ ସ୍ୱାସ୍ଥ୍ୟ ଓ ଦେଶର ଅର୍ଥ ବ୍ୟବସ୍ଥା ଉପରେ ଦୀର୍ଘ କାଳୀନ ପ୍ରଭାବ ପକାଇବ। ଏବେ ଶୀତ ଯଦିଓ କମୁଛି କିନ୍ତୁ ପ୍ରଦୂଷଣର ବିଷ ସେତିକି ବଢ଼ୁଛି। ଓଡ଼ିଶା କଥା ବିଚାର କଲେ ଓଡ଼ିଶାର ସାତଟି ସହରରେ ବାୟୁର ମାନ ବିଗିଡ଼ି ଚାଲିଛି। ଯେଉଁ ହାରରେ ଓଡ଼ିଶାରେ ବାୟୁ ପ୍ରଦୂଷଣ ବଢ଼ୁଛି ତାହା ଅନେକଙ୍କୁ ଚକିତ କରିଛି। ଶୀତ ଦିନେ ଭୂପୃଷ୍ଠରେ ତାପମାତ୍ରା ଉପର ବାୟୁ ଅପେକ୍ଷା କମ ଥାଏ। ଏହାକୁ ଇନଭର୍ସନ କୁହାଯାଏ। ତେଣୁ ଭୂପୃଷ୍ଠର ଧୂଳିକଣା ଉପରକୁ ଯାଇପାରେନି କିମ୍ବା ବିସ୍ତାରିତ ନହୋଇ ଗୋଟିଏ ନିର୍ଦ୍ଦିଷ୍ଟ ବାୟୁମଣ୍ଡଳରେ ଜମାଟ ବାନ୍ଧେ। ଏହି କାରଣରୁ ବର୍ତ୍ତମାନ ବାୟୁ ପ୍ରଦୂଷଣ ଅଧିକ ରହୁଛି। ସେହିପରି ଆଉ ଗୋଟିଏ କଥା ହେଉଛି ଏଯାବତ୍ ରାଜ୍ୟରେ ମୋଟ ୧୪୪୦୧୧ଟି ଗାଡ଼ିକୁ ପ୍ରଦୂଷଣ ଯାଞ୍ଚ ସାର୍ଟିଫିକେଟ ମିଳି ସାରିଲାଣି। ଗାଡ଼ିର ପ୍ରଦୂଷଣ ଯାଞ୍ଚ ପାଇଁ ଏକ ମେସିନ ରହିଛି। ଏହି ମେସିନରେ ଗାଡ଼ିରୁ ଅଙ୍ଗାରକାମ୍ଳ କେତେ ନିର୍ଗତ ହେଉଛି ତାହାକୁ ଆଧାର କରି ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ପ୍ରଦାନ କରାଯାଇଥାଏ। ଦୁଇଚକିଆ ଯାନର ନିର୍ଗତ ଧୂଆଁରୁ କେଉଁ ଉପାଦାନ କେତେ ଥିଲେ ଏହା ପ୍ରଦୂଷଣ ସୃଷ୍ଟି କରୁଛି ବୋଲି ଧରାଯିବ ତାହାର ଏକ ମାନକ ଧାର୍ଯ୍ୟ କରାଯାଇଛି। ଦୁଇଚକିଆ ଯାନରୁ କାର୍ବନ ଡାଇଅକ୍ସାଇଡ଼ ୩.୫% ରହିବା ଦରକାର। ଏହାଠାରୁ ଅଧିକ ନିର୍ଗତ ହେଲେ ତାହା ପ୍ରଦୂଷଣ କରୁଛି ବୋଲି ଧରାଯିବ। ସେହିପରି ହାଇଡ୍ରୋକାର୍ବନ ପରିମାଣ ୪୫୦୦ ପିପିଏମ ରହିବା ଦରକାର। ଏଥିପାଇଁ ଗାଡ଼ିର ସାଇଲେନ୍ସରରେ ଏକ ପାଇପ ଭର୍ତ୍ତି କରାଯାଏ। ଏହି ପାଇପ ଜରିଆରେ ଉପରୋକ୍ତ ଉପାଦାନ ନିର୍ଗତର ପରିମାଣ କେତେ ତାହା ଜଣାପଡ଼ିଥାଏ। ଏହି ଆଧାରରେ ଗାଡ଼ିକୁ ପ୍ରଦୂଷଣ ଯାଞ୍ଚ ସାର୍ଟିଫିକେଟ ଦିଆଯଏ। ଏବେ କେତେକ କେନ୍ଦ୍ରରେ ଯଦିଓ ଏହି ପାଇପ ଭର୍ତ୍ତି କରାଯାଇ ପ୍ରଦୂଷଣ ଯାଞ୍ଚ କରାଯାଉଛି କିନ୍ତୁ ଏହାର ସତ୍ୟତାକୁ ନେଇ ପ୍ରଶ୍ନ ଉଠୁଛି। କାରଣ ସବୁ ଗାଡ଼ି ଏହି ପରୀକ୍ଷାରେ ପାସ ହେଉଛନ୍ତି। ଆଉ କେତେକ କେନ୍ଦ୍ରରେ ସାଇଲନ୍ସେରରେ ପାଇପ ମଧ୍ୟ ଭର୍ତ୍ତି କରାଯାଉନାହିଁ। କେବଳ ଗାଡ଼ି ପଞ୍ଜୀକରଣ ସମୟରେ ଦିଆଯାଇଥିବା ମୋବାଇଲ ନମ୍ବର ମଗାଯାଉଛି। ଉକ୍ତ ମୋବାଇଲରେ ଏକ ଓଟିପି ଯାଉଛି। ଓଟିପି କହିଦେବା ପରେ ଗାଡ଼ିକୁ ସାର୍ଟିଫିକେଟ ମିଳିଯାଉଛି ବୋଲି କୁହାଯାଉଛି।

ଯଦି ଏଭଳି ଭାବେ ଗାଡ଼ିକୁ ସାର୍ଟିଫିକେଟ ଦିଆଯିବ ତାହାହେଲେ ଗାଡ଼ି ଯାଞ୍ଚ କେବଳ ଏକ ପ୍ରହସନ ବୋଲି ପରିବେଶ ବିଶେଷଜ୍ଞ ମତ ରଖନ୍ତି, ସେମାନଙ୍କ କହିବା ଅନୁଯାୟୀ, ଯଦି ଏମାନେ ଠିକ ଭାବେ ଯାଞ୍ଚ କରୁଥାନ୍ତେ ତାହାହେଲେ ସବୁ ଗାଡ଼ି ପ୍ରଦୂଷଣ ପରୀକ୍ଷାରେ ପାସ କରିପାରିବେ ନାହିଁ। ଏହି ପ୍ରସଙ୍ଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବର୍ତ୍ତମାନ ବିଏସ-୪ ବା ବିଏସ-୬ ଇଞ୍ଜିନ ବିଶିଷ୍ଟ ଦୁଇଚକିଆ ଗାଡ଼ି ବିକ୍ରି ହେଉଛି। ଏହି ଗାଡ଼ି ଗୁଡ଼ିକ ଦ୍ୱାରା ପ୍ରଦୂଷଣ ଆଦୌ ହେବନାହିଁ କହିଲେ ଚଳେ। କାରଣ ଏହିସବୁ ଗାଡ଼ି ଗୁଡ଼ିକରେ କାଟାଲିଟିକ କନଭର୍ଟର ବ୍ୟବହାର କରାଯାଉଛି। ଏହାଦ୍ୱାରା ଗାଡ଼ିରୁ ଅଧିକ ଅଙ୍ଗାରକାମ୍ଳ ନିର୍ଗତ ହେବନାହିଁ। ଦ୍ୱିତୀୟରେ ବର୍ତ୍ତମାନ ସମୟରେ ଯେଉଁ ପେଟ୍ରୋଲ ଆସୁଛି ସେସବୁ ସଲଫରର ପରିମାଣ ବହୁତ କମ ରହୁଛି। ପେଟ୍ରୋଲରେ ସଲଫର ଅଧିକ ଥିଲେ ଏହା ଅଧିକ ପ୍ରଦୂଷଣ ସୃଷ୍ଟି କରିଥାଏ। କିନ୍ତୁ ପେଟ୍ରୋଲରେ ସଲଫର ପରିମାଣ କମିଯିବାରୁ ପ୍ରଦୂଷଣ ମାତ୍ରା ମଧ୍ୟ କମିଯାଉଛି। ତେଣୁ ଏଭଳି ସ୍ଥିତିରେ ଦୁଇ ଚକିଆ ଯାନକୁ ସମ୍ପୂର୍ଣ୍ଣ ପ୍ରଦୂଷଣ ସାର୍ଟିଫିକେଟ ମୁକ୍ତ କରିବା ଆବଶ୍ୟକ। ନଚେତ ଏହି ସାର୍ଟିଫିକେଟ ବାହାନାରେ କେବଳ ଲୋକଙ୍କ ଠାରୁ ଜରିମାନା ଆଦାୟ ହିଁ ସାର ହେଉଛି। ଉଦାହରଣ ବଶତଃ ଗତ ପାଞ୍ଚ ଦିନ ପରିବହନ ବିଭାଗ ୱେବସାଇଟରେ କେବଳ କେତେ ଗାଡ଼ିକୁ ସାର୍ଟିଫିକେଟ ଦିଆଯାଉଛି ତାହାର ସୂଚନା ରହିଥିଲାବେଳେ କେତେଜଣଙ୍କର ବାତିଲ ହେଉଛି ସେ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ। ଏହି କଥା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ପ୍ରଦୂଷଣ ଯାଞ୍ଚ ହେଉ କିନ୍ତୁ ପ୍ରଦୂଷଣକୁ ନେଇ ଲୋକମାନଙ୍କର ଯେଉଁ ସ୍ୱାସ୍ଥ୍ୟ ସମସ୍ୟା ହେଉଛି ଏହାପାଇଁ କିଏ ଉତ୍ତରଦାୟୀ ରହିବ?


ବାକ୍‌ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, କଟକ,
ମୋବାଇଲ୍:୯୪୩୮୨୭୬୭୬୦


# ଡାକ୍ତରୀ ଶିକ୍ଷା ଓ 'ବିତର୍କରେ ବିଯୁକ୍ତ ୪୦'



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଡାକ୍ତରୀ ପାଠପଢ଼ା ସବୁଠାରୁ କଷ୍ଟଦାୟକ ଓ ଏହି କଷ୍ଟଲବ୍ଧ ପାଠ ପାଇଁ ସମ୍ଭବତଃ ଡାକ୍ତରୀ ଶିକ୍ଷାକୁ ଏକ କଷ୍ଟଦାୟକ ଶିକ୍ଷା ଭାବରେ ସମସ୍ତେ ଜାଣନ୍ତି। ଅନେକ ଜାଣିଛନ୍ତି ଡାକ୍ତରୀ ପାଠ୍ୟକ୍ରମରେ ପିଜି ଡିଗ୍ରୀ ପାଇବା ନିମିତ୍ତ ଏମବିବିଏସ ଅର୍ଥାତ୍ ଡାକ୍ତରୀ ସ୍ନାତକମାନଙ୍କୁ ଆଉ ସମ୍ଭବତଃ ବେଶି ପରିଶ୍ରମ ବା ଅଧ୍ୟବସାୟ କରିବା ପାଇଁ ପଡ଼ିବନାହିଁ। ଆମ ଦେଶରେ ଡାକ୍ତରୀ ପାଠ୍ୟକ୍ରମ ବ୍ୟବସ୍ଥାରେ ଏପରି ଶିକ୍ଷା ଓ ତାଲିମର ବ୍ୟବସ୍ଥା ରହିଛି ଜଣେ ପରୀକ୍ଷାର୍ଥୀ ଏଥିପାଇଁ ଆବଶ୍ୟକ ହେଉଥିବା ପ୍ରବେଶିକା ପରୀକ୍ଷା ଯାହାକୁ ନିଟ-ପିଜି କୁହାଯାଉଛି ସେଥିପରେ ବିଯୁକ୍ତ ଚାଳିଶ ନମ୍ବର ରଖିଲେ ମଧ୍ୟ ନାମ ଲେଖାଇବା ପାଇଁ ଯୋଗ୍ୟତା ରଖିପାରୁଛି। ନିକଟରେ ଏଭଳି ଏକ ପ୍ରସଙ୍ଗ ଉଦାହରଣ ସୃଷ୍ଟି ହେବାପରେ ଏହା ଅନେକ ବିବାଦ, ବିତର୍କ ଓ ତର୍କ ଆଲୋଚନାର ଝଡ଼ ସୃଷ୍ଟି କରିଛି। କେବଳ ସେତିକି ନୁହେଁ ଭାରତ ପରି ଡାକ୍ତର ସମୃଦ୍ଧ ଦେଶରେ ଡାକ୍ତରୀ ଶିକ୍ଷା ଓ ଡିଗ୍ରୀଧାରୀ ଡାକ୍ତରମାନଙ୍କର ଗୁଣାତ୍ମକ ଦକ୍ଷତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ବା ଡାକ୍ତରୀ ଡିଗ୍ରୀ ହାସଲ କରିବା ପାଇଁ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା ନିର୍ଦ୍ଧାରଣ କରିବାକୁ ଆମ ଦେଶରେ ନିର୍ଦ୍ଦିଷ୍ଟ ପ୍ରବେଶିକା ପରୀକ୍ଷା ଏମବିବିଏସ ପାଇଁ ନିଟ ୟୁଜି ଏବଂ ସ୍ପେଶାଲିଷ୍ଟ ପାଇଁ ନିଟ ପିଜି ପ୍ରଚଳିତ ଅଛି। ଏହି ପ୍ରବେଶିକା ପରୀକ୍ଷାର ଫଳାଫଳ ଆଧାରରେ ମାନ୍ୟତାପ୍ରାପ୍ତ ମେଡ଼ିକାଲ କଲେଜରେ ନାମ ଲେଖାଇବାର ସୁଯୋଗ ମିଳୁଛି। ପ୍ରତି ଠିକ ଉତ୍ତର ପାଇଁ ୪ ନମ୍ବର ମିଳୁଥିବା ବେଳେ ପ୍ରତି ଭୁଲ ଉତ୍ତର ପାଇଁ ୧ ନମ୍ବର ବିଯୁକ୍ତ ହୋଇଯାଏ ଏବଂ ଆଦୌ ଉତ୍ତର ନଲେଖିଲେ ଶୂନ ମିଳେ। ମୋଟ ଠିକ ଉତ୍ତରର ଗୁଣନ ୪ର ଫଳାଫଳରୁ ମୋଟ ଭୁଲ ଉତ୍ତର ଗୁଣନ ୧ ଫଳାଖଳକୁ ବିଯୁକ୍ତ କଲେ ଯେଉଁ ସର୍ବଶେଷ ନମ୍ବର ରହେ ତାହା ଯୋଗ୍ୟତା ମାନଦଣ୍ଡ ବା ମେଧା ନିର୍ଦ୍ଧାରଣ କରେ। ସାମାନ୍ୟ ବା ଅତି ନଗଣ୍ୟ ପଏଣ୍ଟ ବ୍ୟବଧାନରେ ଭାଗ୍ୟ ନିର୍ଦ୍ଧାରଣ ହେଉଥିବାରୁ ଛାତ୍ରଛାତ୍ରୀମାନେ ଗଳଦର୍ଘମ ଉଦ୍ୟମ କରି ଆସୁଛନ୍ତି ଏବଂ ମେଡ଼ିକାଲ ଛାତ୍ରଛାତ୍ରୀ ଉତ୍ପାଦନକାରୀ ମେସିନ ରୂପେ ପରିଚିତ ରାଜସ୍ଥାନର କୋଟାରେ ଛାତ୍ରଛାତ୍ରୀମାନେ ଆକାଂକ୍ଷା, ପ୍ରତିଯୋଗିତା ଓ ମାତ୍ରାଧିକ ଚାପରେ



ଆତ୍ମହତ୍ୟା କରୁଥିବା ଭଳି ଉଦାହରଣ ବଢ଼ିବାରେ ଲାଗିଛି। କିନ୍ତୁ ସଦ୍ୟତମ ନିଟ ପିଜିରେ ସୃଷ୍ଟି ହୋଇଥିବା ଏହି ବ୍ୟତିକ୍ରମ ଯେତିକି ଆଶ୍ଚର୍ଯ୍ୟଜନକ ତତୋଧିକ ଉଦବେଗଜନକ। ଏହି ପରୀକ୍ଷାରେ ଠିକ ଉତ୍ତର ଓ ଆଦୌ ଉତ୍ତର ଦେଇନଥିବା ପ୍ରଶ୍ନ ତୁଳନାରେ ଅଧିକ ଭୁଲ ଉତ୍ତର ଦେଇଥିବା ବା ବିଯୁକ୍ତାତ୍ମକ ୪୦ (-୪୦) ନମ୍ବର ରଖିଥା ଜଣେ ପରୀକ୍ଷାର୍ଥୀଙ୍କୁ ପିଜି ସ୍ପେଶାଲିଷ୍ଟ ପାଠ୍ୟକ୍ରମରେ ନାମ ଲେଖାଇବାର ସୁଯୋଗ ମିଳିଛି। ଏହି ଧାରା ପୂର୍ବବର୍ଷ ମାନଙ୍କରୁ ଜାରି ରହିଥିବା ବେଳେ ଚଳିତ ବର୍ଷ ବିଯୁକ୍ତ ୪୦ ପର୍ଯ୍ୟନ୍ତ ହ୍ରାସ ପାଇଛି।

ସବୁଠାରୁ ବଡ଼କଥା ହେଉଛି ଆମ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ର ପ୍ରତି ଅନେକ ଆହ୍ୱାନ ଭିତରେ ଗୋଟିଏ ବଡ଼ ଆହ୍ୱାନ ହେଉଛି ଚଳିତ ବର୍ଷ ଦେଶର ବିଭିନ୍ନ ମେଡ଼ିକାଲ କଲେଜରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ପିଜି ସିଟ ସଂଖ୍ୟା ଯୋଡ଼ା ଯାଇଥିଲେ ମଧ୍ୟ ସେଥିରେ ନାମ ଲେଖାଇବା ପାଇଁ ପରୀକ୍ଷାର୍ଥୀମାନେ ଆଶା ମୁତାବକ ନିର୍ଦ୍ଦିଷ୍ଟ ନମ୍ବର ରଖିବାରେ ବଞ୍ଚିତ ହୋଇଛନ୍ତି। ତେଣୁ ସମସ୍ତ ପିଜି ସିଟ ସଂଖ୍ୟା ପୂରଣ କରିବା ଉଦ୍ଦେଶ୍ୟରେ ଶତପ୍ରତିଶତ ନମ୍ବର ରଖିଥିବା ପ୍ରାର୍ଥୀଙ୍କ ସହିତ ଶୂନ ବା ତଳକୁ ଚାଳିଶ ପର୍ଯ୍ୟନ୍ତ ବିଯୁକ୍ତାତ୍ମକ ନମ୍ବର ରଖିଥିବା ପ୍ରାର୍ଥୀଙ୍କୁ ସୁଯୋଗ ଦେବା ପାଇଁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଏହାର ଫଳସ୍ୱରୂପ ଡାକ୍ତର ପିଜି ପାଠ୍ୟକ୍ରମରେ ନାମ ଲେଖାଇବା ନିମିତ୍ତ ଚିଳତ ବର୍ଷ କଟଅପ ମାର୍କ ବିଯୁକ୍ତ ୪୦କୁ ଖସି ଆସିଛି। ବିଶେଷଜ୍ଞ ହେବାକୁ ଯାଉଥିବା ବିଶେଷକରି ଜୀବନରକ୍ଷାକାରୀ ଏକ ସେବା ବ୍ୟବସ୍ଥାରେ ଯୋଡ଼ି ହେବାକୁ ଯାଉଥିବା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା ଏଥିରୁ ସୁସ୍ପଷ୍ଟ। ଉଲ୍ଲେଖନୀୟ କଥା ହେଉଛି ସରକାରୀ ଭାବରେ ଏହି ଅପରିଣାମଦର୍ଶୀ ନୀତି, ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିର ଫଳ ଆଗାମୀ ଦିନରେ ନିଶ୍ଚିନ୍ତ ପଡ଼ିବ।

ଏହା ବେଶ ଭଲଭାବେ ଜଣାଯେ ଭାରତରେ ଯେତିକି ସଂଖ୍ୟାରେ ମେଡ଼ିକାଲ କଲେଜମାନ ନିର୍ମାଣ ହେଉଛି ତାହାକୁ ଦେଖି ସେଥି ନିମିତ୍ତ ଆବଶ୍ୟକ ପଡୁଥିବା ଭିତ୍ତିଭୂମି, ଆବଶ୍ୟକ ପାରା ମେଡ଼ିକାଲ ସୁବିଧା ଓ ସର୍ବୋପରି ଶିକ୍ଷକଙ୍କ ଘୋର ଅଭାବ ରହିଛି। ତେଣୁ ଡାକ୍ତରୀ ଶିକ୍ଷା ଓ ତାଲିମ ଭଳି ଏକ କ୍ଷେତ୍ର ଯାହା ଅଧିକରୁ ଅଧିକ ପ୍ରାକ୍ଟିକାଲ ହେବା କଥା ସେଥିରେ ଆମ ଡାକ୍ତରୀ ଛାତ୍ରଛାତ୍ରୀମାନେ କେବଳ ଥିଓରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଡିଗ୍ରୀ ହାସଲ କରୁଛନ୍ତି। ସଂଖ୍ୟା ଦୃଷ୍ଟିରୁ ଦେଖିଲେ ସରକାର ଶ୍ରେୟ ନେବାକୁ ଯାଇ ଏହି ପ୍ରୟାସରେ ଭାରତରେ ପ୍ରତି ବର୍ଷ ଡିଗ୍ରୀଧାରୀ ଡାକ୍ତରଙ୍କ ସଂଖ୍ୟାତ ବଢ଼ୁଛି କିନ୍ତୁ ଗୁଣାତ୍ମକ କ୍ଷେତ୍ର ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ତେଣୁ ନିଟ-ପିଜିରେ ଯଦି ବିଯୁକ୍ତ ଚାଳିଶ ନମ୍ବର ରଖିଥିବା ଜଣେ ଛାତ୍ର ନାମ ଲେଖାଇବାର ସୁଯୋଗ ପାଇଲା ସେଥିରେ କେହି ଆଶ୍ଚର୍ଯ୍ୟ ହେବାର ନାହିଁ।

ଏଠାରେ ଏକ ସ୍ୱତଃ ପ୍ରଶ୍ନ ଉଠୁଛି ଭାରତ ପରି ଏକ ବିଶାଳ ଜନସଂଖ୍ୟାର ରାଷ୍ଟ୍ରରେ ଯଦି ଏହି ଧାରା ଜାରି ରହେ ତେବେ ଆସନ୍ତା ଦିନରେ ଡାକ୍ତରୀ ପାଠ୍ୟକ୍ରମର ଛାତ୍ରଛାତ୍ରୀମାନେ ନିଟ ପିଜିରେ କେବଳ ଶତପ୍ରତିଶତ ନିଶ୍ଚିନ୍ତ ଥିବା ଦୁଇ ଚାରୋଟି ଉତ୍ତର ଲେଖି ଦେଇ କିମ୍ବା ଆଦୌ ଉତ୍ତର ନ ଲେଖି ଖାତା ଦେଇ ଚାଲିଆସିବାର ସମ୍ଭାବନାଯେ ସୃଷ୍ଟି ନ ହେବ ତାହା କିଏ କହିବ? କାରଣ ଯେଉଁଠି କଟଅଫ ମାର୍କ ବିଯୁକ୍ତ ୪୦ ପର୍ଯ୍ୟନ୍ତ ଯାଉଛି ସେଠାରେ ୧୨/୧୬ ନମ୍ବର କିମ୍ବା ଶୂନ ରଖିଲେ ମଧ୍ୟ ନାମ ଲେଖା ପାଇଁ ସୁଯୋଗ ମିଳିପାରିବ। ହୁଏତ କର୍ତ୍ତୃପକ୍ଷ ବିଯୁକ୍ତ ୪୦ ବିତର୍କ ଓ ସମାଲୋଚନାରୁ ବର୍ତ୍ତିବା ପାଇଁ ଆଗାମୀ ବର୍ଷ ଠାରୁ ଅତି ସହଜ ପ୍ରଶ୍ନପତ୍ର ପ୍ରସ୍ତୁତ କରିବେ ଏବଂ କଟଅଫ ମାର୍କ ବିଯୁକ୍ତାତ୍ମକ ନ ହୋଇପାରେ, କିନ୍ତୁ ଏହାଦ୍ୱାରା ବିନା ପ୍ରାକ୍ଟିକାଲ କିମ୍ବା ବିନା ଶିକ୍ଷକରେ ଉତ୍ତୀର୍ଣ୍ଣ ହୋଇଥିବା ଆମ ଏମବିବିଏସ ଡିଗ୍ରୀଧାରୀ ମାନଙ୍କର ମେଧାଶକ୍ତି ଯେ ବୃଦ୍ଧି ପାଇବ ତାହା ଭାବିବା ଭୁଲ। ପୁଣି ଏହି ପରମ୍ପରା ଯଦି ଏମବିବିଏସ ପାଠ୍ୟକ୍ରମ ବା ନିଟୟୁଜିକୁ ସଂକ୍ରମିତ ହୁଏ ଆଗାମୀ ଦିନରେ ଆମ ସ୍ୱାସ୍ଥ୍ୟସେବାକୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଭବିଷ୍ୟତର ଡାକ୍ତର ମାନଙ୍କର ରୋଗ ନିଦାନ ଦକ୍ଷତା, ଚିକିତ୍ସାଗତ ପାରଦର୍ଶିତା ଓ ସ୍ୱାସ୍ଥ୍ୟ ବିଜ୍ଞାନ ସମ୍ପର୍କିତ ଜ୍ଞାନ ଓ ଅଭିଜ୍ଞାତ କ'ଣ ହେବ ତାହା ଅନୁମେୟ। ଏକ ପକ୍ଷରେ ସରକାର ଅଧିକ ଡାକ୍ତର ସୃଷ୍ଟି କରିବାର ଶ୍ରେୟ ସାଉଁଟି ଚାଲିଥିବେ, ଅପରପକ୍ଷରେ ରୋଗୀମାନେ କେବଳ ଭାଗ୍ୟ ଓ ଭଗବାନଙ୍କୁ ଭରସା କରି ଡାକ୍ତରଖାନାକୁ ଯାଉଥିବାବେ କିମ୍ବା ସେଠାରୁ ଫେରୁଥିବେ।


ପ୍ରତିରକ୍ତିକ ଓ ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋବାଇଲ୍: ୯୪୩୭୦୫୧୯୫୭

### ଏନ୍‌ସିଇଆରଟି ବହି ଉପରେ ଲାଗିଲା ବ୍ୟାନ୍

# ଡିଜିଟାଲ ଓ ହାର୍ଡକପି ଫେରାଇବାକୁ ନିର୍ଦ୍ଦେଶ




ନୂଆଦିଲ୍ଲୀ, ୨୬।୨: ସୁପ୍ରିମକୋର୍ଟ ଏନ୍‌ସିଇଆର୍‌ଟିର ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ନ୍ୟାୟପାଳିକାରେ ଦୁର୍ନୀତି ଅଧ୍ୟାୟ ସମ୍ପର୍କରେ ଏକ ସ୍ୱତଃପ୍ରବୃତ୍ତ ମାମଲାର ଶୁଣାଣି କରୁଛନ୍ତି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜେ. ବାଗଚୀ ଓ ବିଚାରପତି ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି। ସିଜେଆଇଙ୍କ ଅସନ୍ତୋଷ ପରେ,ଏନ୍‌ସିଇଆର୍‌ଟି ପୁସ୍ତକଟିକୁ ପ୍ରତ୍ୟାହାର କରିନେଇଥିଲା। ପରିଷଦ ମଧ୍ୟ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଥିଲା। କୋର୍ଟ ଶୁଣାଣି ସମୟରେ, କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି, ପ୍ରଥମେ, ଆମେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରୁଛୁ। ସ୍କୁଲ ଶିକ୍ଷା ସଚିବ ଏଠାରେ ଅଛନ୍ତି।

ତେବେ ସିଜେଆଇ କହିଛନ୍ତି ଜାଣିଶୁଣି ଏଭଳି କରାଯାଇଛି। ସେ ଭର୍ତ୍ସନା କରି କହିଛନ୍ତି ଯେ, କେବଳ କ୍ଷମା ମାଗିବା କିମ୍ବା ଅଧ୍ୟାୟକୁ ହଟାଇବା ଯଥେଷ୍ଟ ନୁହେଁ। ସୁପ୍ରିମକୋର୍ଟ ଏନ୍‌ସିଇଆର୍‌ଟିକୁ ଏହା ପଛରେ କିଏ ଅଛି ତାହା ପ୍ରକାଶ କରିବାକୁ କହିଛନ୍ତି। ସମ୍ପୂର୍ଣ୍ଣ ମାମଲା ପ୍ରକାଶ ନହେବା ପର୍ଯ୍ୟନ୍ତ ଶୁଣାଣି ଜାରି ରହିବ। ସୁପ୍ରିମକୋର୍ଟ ଏନ୍‌ସିଇଆର୍‌ଟି ଏବଂ ଶିକ୍ଷା ସଚିବଙ୍କୁ ନୋଟିସ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୧ ରେ ହେବ ବୋଲି ଖଣ୍ଡପୀଠ କହିଛନ୍ତି। ନ୍ୟାୟପାଳିକାର ମର୍ଯ୍ୟାଦା ଏବଂ ସାମ୍ବିଧାନିକ ଦାୟିତ୍ୱ ବିଷୟରେ ସୂଚନା ନ ଦେଇ, ଏହାର ମର୍ଯ୍ୟାଦାକୁ ବାଛି ବାଛି କ୍ଷୁର୍ଣ୍ଣ କରାଯାଇଛି।। ସଲିସିଟର ଜେନେରାଲ କହିଛନ୍ତି, ମାମଲାରେ ଦାୟୀ ଲୋକଙ୍କୁ ଆଉ ଏଭଳି କାର୍ଯ୍ୟପାଇଁ ନିଯୁକ୍ତ କରାଯିବ ନାହିଁ। ୩୨ଟି ପୁସ୍ତକ ପ୍ରକାଶିତ ହୋଇ ବଜାରକୁ ଆସିଛି। ସେଗୁଡ଼ିକୁ ପ୍ରତ୍ୟାହାର କରାଯାଉଛି। ଏକ ଦଳ ସମ୍ପୂର୍ଣ୍ଣ ଅଧ୍ୟାୟର ସମୀକ୍ଷା କରିବେ। ବିଚାରାଧୀନ ମାମଲା ବିଷୟରେ ଆଉ ଏକ ବିଭାଗ ଅଛି, ଯାହାର ଶୀର୍ଷକ ବିଳମ୍ବିତ ନ୍ୟାୟ ହେଉଛି ପ୍ରତ୍ୟାଖ୍ୟାନ ନ୍ୟାୟ। ଆମେ ଶିକ୍ଷା ଦେଇପାରିବୁ ନାହିଁ ଯେ ନ୍ୟାୟ ପ୍ରତ୍ୟାଖ୍ୟାନ କରାଯାଇଛି। ନ୍ୟାୟ ମିଳିନାହିଁ। ସିଜେଆଇ କହିଛନ୍ତି,ଏହାକୁ ହାଲୁକା ଭାବରେ ଗ୍ରହଣ କରାଯାଇଛି। ତୀରଟି ଏଥିପାଇଁ ଦାୟୀଥିବା ଲୋକଙ୍କ ଧନୁରୁ ଆସିଥିଲା । ଆଜି ନ୍ୟାୟପାଳିକା ରକ୍ତାକ୍ତ। ପୁସ୍ତକଟି ବଜାରରେ ଉପଲବ୍ଧ, ମୁଁ ମଧ୍ୟ ଏହାର ଏକ କପି ପାଇଛି।।

## ଦୋଷୀଙ୍କ ଉପରେ ହେବ ଆକ୍ସନ: ଶିକ୍ଷା ମନ୍ତ୍ରୀ



ଏନସିଇଆରଟିର ଅଷ୍ଟମ ଶ୍ରେଣୀ ପାଠ୍ୟ ପୁସ୍ତକରେ ନ୍ୟାୟପାଳିକାରେ ଦୁର୍ନୀତି ଉପରେ ଏକ ଅଧ୍ୟାୟ ଯୋଡ଼ା ଯିବା ପ୍ରସଙ୍ଗରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁହଁ ଖୋଲିଛନ୍ତି। ସେ ଏନସିଇଆରଟିର ପାଠ୍ୟ ପୁସ୍ତକରେ ବିବାଦୀୟ ଅଧ୍ୟାୟକୁ ଯୋଡ଼ିବା ନେଇ ଦୁଃଖ ପ୍ରକାଶ କରିଛନ୍ତି। ବିବାଦୀୟ ଅଂଶକୁ ଡ୍ରାଫ୍ଟ କରିଥିବା ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭରସା ଦେଇଛନ୍ତି। ସେ କହିଛନ୍ତି, ସରକାର ନ୍ୟାୟପାଳିକାର ପୂରା ସମ୍ମାନ କରିଥାଏ। ନ୍ୟାୟପାଳିକାକୁ ଅପମାନିତ କରିବାର କୌଣସି ଉଦ୍ଦେଶ୍ୟ ନାହିଁ। ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଯାହା ଘଟି ଯାଇଛି ତାକୁ ନେଇ ମୁଁ ବହୁତ ଦୁଃଖିତ। ନ୍ୟାୟପାଳିକାକୁ ଅପମାନିତ କରିବାର କୌଣସି ଅଭିପ୍ରାୟ ନାହିଁ। ତଦନ୍ତ ହେବ, ଘଟଣା ପାଇଁ କିଏ ଦାୟୀ ତାହା ସ୍ଥିର କରାଯିବ। ଅଧ୍ୟାୟକୁ ଡ୍ରାଫ୍ଟ କରିବାରେ ସାମିଲ୍ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେମିତି ଘଟଣା ବିଷୟରେ ଜାଣିଲୁ ତୁରନ୍ତ ପୁସ୍ତକର ବିତରଣ ଉପରେ ରୋକ୍ ଲଗାଇଛୁ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଜାମସେଦପୁରରେ ସାମ୍ବାଦିକଙ୍କ ସହ ଆଲୋଚନା ବେଳେ କହିଛନ୍ତି, ଭାରତ ପରି ଗଣତାନ୍ତ୍ରିକ ଦେଶରେ ନ୍ୟାୟପାଳିକା ସବୁଠୁ ଉପରେ ରହିଛି। ଆମେ ସମସ୍ତେ ଏହାର ବହୁତ ସମ୍ମାନ କରୁ। ଆମେ ଘଟଣାକୁ ବହୁତ ଗମ୍ଭୀରତାର ସହ ଗ୍ରହଣ କରିଛୁ। କୋର୍ଟଙ୍କ ନିର୍ଦ୍ଦେଶର ପାଳନ ହେବ।

### ଇନଷ୍ଟାଗ୍ରାମରେ ମୋଦୀ ବିଶ୍ୱନେତା

# ୧୦୦ ମିଲିୟନ ଛୁଇଁଲା ଫଲୋଅର୍ସ ସଂଖ୍ୟା

**ପଛରେ ପଡିଗଲେ ବିଶ୍ୱର ଟପ୍ ନେତା**

ନୂଆଦିଲ୍ଲୀ, ୨୬।୨: ଇନଷ୍ଟାଗ୍ରାମରେ ପ୍ରଧନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରେକର୍ଡ। ପ୍ରଥମ ବିଶ୍ୱନେତା ଭାବେ ରଚିଲେ ଇତିହାସ। ଅତିକ୍ରମ କଲେ ୧୦୦ ମିଲିୟନ ଫଲୋଅର୍ସ। ଏହାସହ ସେ ବିଶ୍ୱର ଅନ୍ୟ ଟପ୍ ନେତାଙ୍କୁ ପଛରେ ପକାଇ ଦେଇଛନ୍ତି। ଇନଷ୍ଟାରେ ସବୁଠୁ ଲୋକପ୍ରିୟ ନେତା ଭାବେ ସେ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ୨୦୧୪ରେ ପ୍ରଧାନମନ୍ତ୍ରୀ ଇନଷ୍ଟାରେ ଯୋଗ ଦେଇଥିଲେ। ଗତ ୧୨ ବର୍ଷ ହେଲା ତାଙ୍କ ପ୍ରୋଫାଇଲ୍ ଏବଂ ଆକାଉଣ୍ଟ ବିଶ୍ୱରେ ଏକ ସବୁଠୁ ଏନଗେଜିଂ ଆକାଉଣ୍ଟ ଭାବେ ପ୍ରତିଷ୍ଠା ଅର୍ଜନ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କଠୁ ମୋଦୀଙ୍କ ଦୁଇଗୁଣା ଅଧିକ ଫଲୋଅର୍ସ ଅଛନ୍ତି। ବିଶ୍ୱର ଟପ୍ ୫ ବଡ ନେତାଙ୍କ ଇନଷ୍ଟା ଫଲୋଅର୍ସଙ୍କ ସଂଖ୍ୟାକୁ ମିଶାଇଲେ ମଧ୍ୟ ମୋଦୀଙ୍କ ସମକକ୍ଷ ହୋଇପାରିବନି।

ଏହି ତାଲିକାରେ ଟ୍ରମ୍ପ୍ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ତାଙ୍କର ମୋଟ୍ ଫଲୋଅର୍ସ ହେଲେ ୪୩.୨ ମିଲିୟନ। ସେହିପରି ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରାବୋଓ୍ୱୋ ସୁବାୟାନଟୋଙ୍କ ଫଲୋଅର୍ସ ସଂଖ୍ୟା ୧୫ ମିଲିୟନ। ବ୍ରାଜିଲ ରାଷ୍ଟ୍ରପତିଙ୍କ ଫଲୋଅର୍ସ ସଂଖ୍ୟା ୧୪.୪ ମିଲିୟନ ହୋଇଥିବା ବେଳେ ତୁର୍କୀ ରାଷ୍ଟ୍ରପତି ତେୟିପ୍ ଏଡ୍ରୋଗାନଙ୍କ ଫଲୋଅର୍ସ ସଂଖ୍ୟା ୧୧.୬ ମିଲିୟନ। ଏତତ୍ ବ୍ୟତୀତ ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିଏର୍ ମିଲେଇଙ୍କ ମୋଟ୍ ୬.୪ ମିଲିୟନ ଫଲୋଅର୍ସ ରହିଛନ୍ତି। ଏଥିରୁ ଜଣାପଡୁଛି ଯେ, ସାରା ବିଶ୍ୱରେ ମୋଦୀଙ୍କ ଫ୍ୟାନ ଏବଂ ଫଲୋଅର୍ସ ରହିଛନ୍ତି। ଏପରିକି ଭାରତରେ ମଧ୍ୟ ମୋଦୀଙ୍କ ଫଲୋଅର୍ସ ଏବଂ ଅନ୍ୟ ନେତାଙ୍କ ଫଲୋଅର୍ସ ମଧ୍ୟରେ ଆକାଶ ପାତାଳର ଫରକ ରହିଛି। ମୋଦୀଙ୍କ ପରେ ଦ୍ୱିତୀୟରେ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରହିଛନ୍ତି। ତାଙ୍କର ଫଲୋଅର୍ସ ସଂଖ୍ୟା ୧୬.୧ ମିଲିୟନ। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ୧୨.୬ ମିଲିୟନ ଫଲୋଅର୍ସ ରହିଛନ୍ତି।




### ପାକିସ୍ତାନକୁ ପରୋକ୍ଷ ଚେତାବନୀ

## ଅପରେସନ ୨.୦ରେ ଥରହର ହେବେ ଶତ୍ରୁ

ନୂଆଦିଲ୍ଲୀ, ୨୬।୨: ଅପରେସନ ସିନ୍ଦୂର ପରେ ଅପରେସନ ସିନ୍ଦୂର ୨.୦ରେ ବିଶ୍ୱ ଦେଖିବ ଭାରତର ପରାକ୍ରମ, ଥରହର ହେବେ ଶତ୍ରୁ। ଆକାଶରୁ ହେବ ନିଆଁ ବର୍ଷା, ଛାରଖାର ହେବ ଶତ୍ରୁ ସୈନ୍ୟ, ମାଟିରେ ମିଶିଯିବ ଖାସ୍ କରି ପାକିସ୍ତାନ। କାରଣ ଏଥର ଆଉ ତ୍ରାହି ନାହିଁ । ପୁଣି ଥରେ ପାକିସ୍ତାନକୁ ସ୍ପଷ୍ଟ ଚେତାବନୀ ଦେଇଛି ଭାରତୀୟ ସେନା।

ସେନା କମାଣ୍ଡର ଲେଫ୍ଟନାଣ୍ଟ ଜେନେରାଲ ରାଜେଶ ପୁଷ୍କର କହିଛନ୍ତି ଯେ ଏଥର, ଆମେ ଏପରି ଏକ ଆଘାତ ଦେବୁ ଉଠିବା ମୁସ୍କିଲ ହୋଇଯିବ। କାରଣ ଆରମ୍ଭ ହୋଇଗଲାଣି ଅପରେସନ ସିନ୍ଦୂର ୨.୦। ସେ କହିଛନ୍ତି ଯେ ଅପରେସନ ସିନ୍ଦୂର ୨ ଏବେ ଆରମ୍ଭ ହୋଇଛି। ଗତ ମେ ୨୦୨୫ରେ ପାକିସ୍ତାନକୁ ଅପରେସନ ସିନ୍ଦୂରରେ କେବଳ ଏକ ଛୋଟିଆ ନମୁନା ଦେଖାଯାଇଥିଲା। ମାତ୍ର ଚାରି ଦିନ ମଧ୍ୟରେ, ଆଣ୍ଠୁମାଡ଼ି ବସିବାକୁ ପାକିସ୍ତାନକୁ ବାଧ୍ୟ କରାଯାଇଥିଲା। ମିଲିଟାରୀ ଅପରେସନର ଡାଇରେକ୍ଟର ଜେନେରାଲଙ୍କୁ ସହିତ ଯୋଗାଯୋଗ କରି ଯୁଦ୍ଧ ବନ୍ଦ କରିବାକୁ ଅନୁରୋଧ କରିଥିଲା ପାକିସ୍ତାନ। ଭାରତ ମେ ୨୦୨୫ ରେ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା । ଏହାର ଉଦ୍ଦେଶ୍ୟ ଥିଲା ପାକିସ୍ତାନ ଏବଂ ପିଓକେରେ ଲୁଚି ରହିଥିବା ଆତଙ୍କବାଦୀ ଶିବିର ଏବଂ ସେମାନଙ୍କର ସମର୍ଥନ ପ୍ରଣାଳୀକୁ ନଷ୍ଟ କରିବା। ପାକିସ୍ତାନୀ ସେନା ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଥିଲା। ଏବେ, ଅପରେସନ ସିନ୍ଦୂର ୨.୦ ଆରମ୍ଭ ହୋଇଛି। ଲେଫ୍ଟନାଣ୍ଟ ଜେନେରାଲ ପୁଷ୍କର କହିଛନ୍ତି ଯେ ଏଥର ପ୍ରସ୍ତୁତିର ସ୍ତର ବହୁତ ଅଧିକ। କ୍ଷତିର ପରିମାଣ ଶତ୍ରୁର ଆଚରଣ ଉପରେ ନିର୍ଭର କରିବ। ଆମେ ସମସ୍ତ ତିନୋଟି ମୋର୍ଚ୍ଚା - ବାୟୁ, ସ୍ଥଳ ଓ ସମୁଦ୍ରରେ ଯେକୌଣସି ସମୟରେ ଆକ୍ରମଣ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଯଦି ଭାରତ ପାକିସ୍ତାନ ଉପରେ ପୂର୍ଣ୍ଣମାତ୍ରାରେ ଆକ୍ରମଣ କରେ ତେବେ ପ୍ରତିହତ କରିବା ଅସମ୍ଭବ ହୋଇପଡିବ।

# ଏପ୍ରିଲ୍ ୧ରୁ ପେଟ୍ରୋଲରେ ମିଶିବ ଇଥାନଲ୍

ନୂଆଦିଲ୍ଲୀ, ୨୬।୨: ତୈଳ ଓ ଗ୍ୟାସ୍‌କୁ ନେଇ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି କେନ୍ଦ୍ର ସରକାର । ନୂଆ ନିଷ୍ପତ୍ତି ଅନୁସାରେ ତେଲ ଏବଂ ଗ୍ୟାସ କମ୍ପାନୀଗୁଡ଼ିକୁ ଏପ୍ରିଲ ୧ ତାରିଖରୁ ଦେଶବ୍ୟାପୀ ପେଟ୍ରୋଲ ପମ୍ପଗୁଡ଼ିକରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରିତ ପେଟ୍ରୋଲ ବିକ୍ରୟ କରିବା ବାଧ୍ୟତାମୂଳକ। ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଏକ ବିଜ୍ଞପ୍ତି ଅନୁଯାୟୀ, ତେଲ ମାର୍କେଟିଂ କମ୍ପାନୀଗୁଡ଼ିକୁ ଏପ୍ରିଲ ୧ ଠାରୁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ୨୦ ପ୍ରତିଶତ ପର୍ଯ୍ୟନ୍ତ ଇଥାନଲ୍ ମିଶ୍ରିତ ପେଟ୍ରୋଲ ଏବଂ ସର୍ବନିମ୍ନ ରିସର୍ଚ୍ଚ ଅକ୍ଟାନ୍ ନମ୍ବର (ଆଓଏନ) ୯୫ ସହିତ ପେଟ୍ରୋଲ ବିକ୍ରୟ କରିବା ବାଧ୍ୟତାମୂଳକ ହେବ। ତେଲ ଆମଦାନୀ ଏବଂ ପ୍ରଦୂଷଣ ହ୍ରାସ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ତଥାପି, ଏହି ପରିବର୍ତ୍ତନ ସାଧାରଣ ଗାଡ଼ି ଚାଳକଙ୍କ ଉପରେ ମଧ୍ୟ ସିଧାସଳଖ ପ୍ରଭାବ ପକାଇବ ବୋଲି ଆଶଙ୍କା କରାଯାଉଛି।

**ଗାଡ଼ିର ମାଇଲେଜ୍ କମିବା ଆଶଙ୍କା**

ଅକ୍ଟାନ୍ ନମ୍ବର ଯେତେ ଅଧିକ ହେବ, ଇଞ୍ଜିନରେ ଇନ୍ଧନ ସେତେ ଭଲ ଜଳିବ ଏବଂ ପ୍ରି-ଇଗ୍ନିସନ୍ ସମସ୍ୟା ସେତେ କମ୍ ହେବ। ବିଶେଷକରି ଟର୍ବୋଚାର୍ଜଡ୍ କିମ୍ବା ଉଚ୍ଚ-ପ୍ରଦର୍ଶିତ ଇଞ୍ଜିନ୍ ଥିବା ଯାନଗୁଡ଼ିକରେ,୯୫ ଆରଓଏନ ପେଟ୍ରୋଲ ସୁଗମ ଡ୍ରାଇଭିଂ ଓ ଉତ୍ତମ ଶକ୍ତି ପ୍ରଦାନ କରିପାରିବ। ଫେବୃଆରୀ ୧୭ ତାରିଖରେ ଏକ ବିଜ୍ଞପ୍ତିରେ, ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ପେଟ୍ରୋଲିୟମ୍ କମ୍ପାନୀଗୁଡ଼ିକ ଭାରତୀୟ ମାନକ ବ୍ୟୁରୋ ଅନୁଯାୟୀ ୨୦ ପ୍ରତିଶତ ପର୍ଯ୍ୟନ୍ତ ଇଥାନଲ୍ ମିଶ୍ରିତ ପେଟ୍ରୋଲ ବିକ୍ରୟ କରିବେ, ସର୍ବନିମ୍ନ ୯୫ ଆରଓଏନ ସହିତ। ଏହାର ଅର୍ଥ ଭବିଷ୍ୟତରେ ସାରା ଦେଶରେ ଉପଲବ୍ଧ ପେଟ୍ରୋଲର ସ୍ତର ସମାନ ଏବଂ ଉଚ୍ଚମାନର ହେବ। ପେଟ୍ରୋଲ ସହିତ ଇଥାନଲ୍ ମିଶ୍ରଣ କରିବା ଦ୍ୱାରା ଅଶୋଧିତ ତୈଳ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ ପାଇବ ଏବଂ ଯାନବାହନ ନିର୍ଗମନ ହ୍ରାସ ପାଇବ। ପଟ୍ରୋଲିୟମ କମ୍ପାନୀ ଅଧିକାରୀଙ୍କ ମତରେ ୨୦୨୩-୨୪ ପରେ ନିର୍ମିତ ଅଧିକାଂଶ ଯାନ ୨୦ ପ୍ରତିଶତ ଇଥାନଲ୍ ମିଶ୍ରିତ ପେଟ୍ରୋଲରେ ଚାଲିବା ପାଇଁ ଡିଜାଇନ୍ କରାଯାଇଛି। ତେଣୁ ନୂତନ ଯାନ ସହିତ କୌଣସି ବଡ଼ ସମସ୍ୟା ଆଶା କରାଯାଏ ନାହିଁ। ତଥାପି, ପୁରୁଣା ଯାନଗୁଡ଼ିକ ମାଇଲେଜରେ ୩ ରୁ ୭ ପ୍ରତିଶତ ହ୍ରାସ ପାଇପାରେ। କିଛି ରବର କିମ୍ବା ପ୍ଲାଷ୍ଟିକ୍ ଅଂଶ ପ୍ରଭାବିତ ହେବାର ସମ୍ଭାବନା ମଧ୍ୟ ଅଛି।




## ଗର୍ଭବତୀ ପତ୍ନୀଙ୍କ ସମେତ ୩ ଝିଅଙ୍କୁ ହତ୍ୟା



ନୂଆଦିଲ୍ଲୀ, ୨୬।୨: ଦିଲ୍ଲୀ ସମୟପୁର ବାଦଲୀର ଏକ ଘରୁ ୨ ମାସ ଗର୍ଭବତୀ ଜଣେ ମହିଳାଙ୍କ ସମେତ ୩ରୁ ୫ ବର୍ଷ ବୟସ୍କ ତାଙ୍କ ୩ ଝିଅଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ଏହି ହତ୍ୟାକାଣ୍ଡ ମଙ୍ଗଳବାର ରାତିରେ ହୋଇଥିଲା। ଏଥିରେ ହତ୍ୟାକାରୀ ସମସ୍ତ ୪ ଜଣଙ୍କୁ ଗଳାକାଟି ହତ୍ୟା କରିଛି। ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ମୁଖ୍ୟ ମୁଞ୍ଜୁନ କେବଟ ଭାବେ ଚିହ୍ନଟ କରିଛି। ଘଟଣା ପରଠାରୁ କେବଟ ଫେରାର ଅଛି। ଏଣୁ ହତ୍ୟା ପଛରେ କେବଟର ହାତ ଥାଇପାରେ ବୋଲି ଏବେ ପୋଲିସ ସନ୍ଦେହ କରୁଛି।

ଡିସିପି ହରେଶ୍ୱର ସ୍ୱାମୀ କହିଛନ୍ତି ଯେ ମୁଞ୍ଜୁନ କେବଟ ଆଜାଦପୁର ମଣ୍ଡିରେ ପରିବା ବେପାର କରେ। ସେ ହିଁ ଏହି ହତ୍ୟାକାଣ୍ଡର ମୁଖ୍ୟ ସନ୍ଦିଗ୍ଧ। ଚନ୍ଦନପାର୍କସ୍ଥିତ ଆପାର୍ଟମେଣ୍ଟ ବିଲ୍ଡିଂର ବାସିନ୍ଦା ବୁଧବାର ହତ୍ୟାକାଣ୍ଡ ସମ୍ପର୍କରେ ପୋଲିସକୁ ସୂଚନା ଦେଇଥିଲେ। ଏହି ହତ୍ୟାକାଣ୍ଡ ସ୍ଥଳରେ ପୋଲିସ କୌଣସି ପ୍ରକାରର ଧସ୍ତାଧସ୍ତିର ପ୍ରମାଣ ପାଇନାହିଁ। ତେଣୁ ଶୋଇଥିବା ବେଳେ ହତ୍ୟାକାରୀ ସମସ୍ତଙ୍କ ଗଳାକୁ ଧାରୁଆ ଅସ୍ତ୍ରରେ କାଟି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ତେବେ ହତ୍ୟାକାଣ୍ଡ ପାଇଁ ପୂର୍ବରୁ ଖାଦ୍ୟ ଅଥବା ପାନୀୟରେ ନିଶା ଔଷଧ ଉପଯୋଗ କରାଯାଇ ଥିଲା କି ନା ତାହା ଜାଣିବା ପାଇଁ ପୋଲିସ ଫରେନସିକ୍ ରିପୋର୍ଟକୁ ଅପେକ୍ଷା କରିଛି। ପୋଲିସ କହିବା ଅନୁସାରେ କେବଟ ଓ ତା ପତ୍ନୀ ସୁନୀତା ମଧ୍ୟରେ ରାତି ପ୍ରାୟ ୯ଟା ବେଳେ ପାଟିତୁଣ୍ଡ ହୋଇଥିଲା। ପୋଲିସକୁ ସିସିଟିଭି ଫୁଟେଜ ମିଳିଛି, ଯେଉଁଥିରେ ସନ୍ଦିଗ୍ଧଙ୍କୁ ଘରେ ଚାଲୁଥିବାର ଦେଖାଯାଇଛି। ସୂତ୍ରରୁ ମିଳୁଥିବା ସୂଚନା ଅନୁସାରେ କେବଟର ଫୋନ ରାତି ସାଢ଼େ୧୦ଟା ପରଠାରୁ ବନ୍ଦ ରହିଛି। ମୃତକଙ୍କ ପରିଜନଙ୍କ ଅନୁସାରେ ଶବଗୁଡ଼ିକୁ ସର୍ବ ପ୍ରଥମେ କେବଟର ୧୦ ବର୍ଷିୟ ଝିଆରୀ ଦେଖିଥିଲା, ଯିଏ ନିକଟରେ ରହେ। ଭାଇର ଫୋନ ବନ୍ଦ ଥିବାରୁ ଝିଅକୁ ତାଙ୍କ ଘରକୁ ପଠାଇଥିଲା। କାରଣ ଦୁଇ ଭାଇ ସାଙ୍ଗ ହୋଇ ସବୁଦିନ ମଣ୍ଡିକୁ ଯାଇଥାନ୍ତି, ହେଲେ ସେଦିନ କେବଟ ଆସିନଥିଲା।

# ମାର୍ଚ୍ଚରେ ୧୮ ଦିନ ବନ୍ଦ ରହିବ ବ୍ୟାଙ୍କ

ନୂଆଦିଲ୍ଲୀ, ୨୬।୨: ଶେଷ ହେବାକୁ ଯାଉଛି ଫେବୃଆରୀ ମାସ ଏବଂ ମାର୍ଚ୍ଚ ମାସ ପାଇଁ ଆରମ୍ଭ ହୋଇଗଲାଣି ପ୍ରସ୍ତୁତି। ୨୦୨୬ ମାର୍ଚ୍ଚ ମାସରେ ବିଭିନ୍ନ ପର୍ବପର୍ବାଣୀ ଏବଂ ସାପ୍ତାହିକ ଛୁଟି ଯୋଗୁଁ ମୋଟ୍ ୧୮ ଦିନ ବ୍ୟାଙ୍କ ବନ୍ଦ ରହିବ। ମାର୍ଚ୍ଚ ୧ ତାରିଖ ରବିବାର ପଡୁଥିବାରୁ ସାରା ଦେଶରେ ବ୍ୟାଙ୍କ ବନ୍ଦ ରହିବ। ମାର୍ଚ୍ଚ ୨ ତାରିଖରେ ହୋଲିକା ଦହନ ପାଇଁ କାନପୁର ଓ ଲକ୍ଷ୍ନୌରେ ବ୍ୟାଙ୍କ ଖୋଲିବ ନାହିଁ। ମାର୍ଚ୍ଚ ୩ ତାରିଖରେ ହୋଲି ପାଇଁ ଭୋପାଳ, ମୁମ୍ବାଇ, ପାଟନା, କଲିକତା ଆଦି ସ୍ଥାନରେ ବ୍ୟାଙ୍କ ବନ୍ଦ ରହିବ। ମାର୍ଚ୍ଚ ୪ରେ ହୋଲି ପାଇଁ ଭୁବନେଶ୍ୱର, ଦିଲ୍ଲୀ, ଚଣ୍ଡିଗଡ଼, ଅହମ୍ମଦାବାଦରେ ବନ୍ଦ ରହିବ ବ୍ୟାଙ୍କ। ମାର୍ଚ୍ଚ ୮ତାରିଖ ରବିବାର ପଡୁଥିବାରୁ ସାରା ଦେଶରେ ବ୍ୟାଙ୍କ ବନ୍ଦ। ମାର୍ଚ୍ଚ ୧୩ ତାରିଖରେ ଚାପଚର କୁଟ ପାଇଁ ଆଇଜ୍ୱାଲରେ ବ୍ୟାଙ୍କ ବନ୍ଦ। ମାର୍ଚ୍ଚ ୧୪ ତାରିଖ ଦ୍ୱିତୀୟ ଶନିବାର, ତେଣୁ ସାରା ଦେଶରେ ବ୍ୟାଙ୍କ ବନ୍ଦ ରହିବ। ମାର୍ଚ୍ଚ ୧୫ ପୁଣି ଏକ ରବିବାର ଥିବାରୁ ସାରା ଦେଶରେ ବ୍ୟାଙ୍କ ବନ୍ଦ ରହିବ। ମାର୍ଚ୍ଚ ୧୭ରେ ଶବ୍-ଏ-କଦର ପାଇଁ ଜମ୍ମୁ ଓ ଶ୍ରୀନଗରରେ ବ୍ୟାଙ୍କ ବନ୍ଦ ରହିବ। ମାର୍ଚ୍ଚ ୧୯ରେ ଗୁଡ଼ି ପାଡ଼ୱା/ଉଗାଦି ଆଦି ପର୍ବ ପାଇଁ ମୁମ୍ବାଇ, ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ ଭଳି ଅନେକ ସହରରେ ବ୍ୟାଙ୍କ ବନ୍ଦ ରହିବ। ମାର୍ଚ୍ଚ ୧୦ରେ ଇଦ୍-ଉଲ୍-ଫିତର/ଜୁମାତ-ଉଲ୍-ବିଦାଜାମ୍ମୁ ପାଇଁ କୋଚି, ଶ୍ରୀନଗର, ତିରୁବନନ୍ତପୁରମରେ ବ୍ୟାଙ୍କ ବନ୍ଦ ରହିବ। ମାର୍ଚ୍ଚ ୨୧ରେ ରମଜାନ ଇଦ୍/ସରହୁଲ ପାଇଁ ଅଧିକାଂଶ ସହରରେ ବ୍ୟାଙ୍କ ବନ୍ଦ ରହିବ। ମାର୍ଚ୍ଚ ୨୨ ତାରିଖ ଆଉ ଏକ ରବିବାର ପାଇଁ ସାରା ଦେଶରେ ବନ୍ଦ ରହିବ ବ୍ୟାଙ୍କ। ମାର୍ଚ୍ଚ ୨୭ ତାରିଖ ରାମ ନବମୀ ପାଇଁ କିଛି ନିର୍ଦ୍ଦିଷ୍ଟ ରାଜ୍ୟରେ ସରକାରୀ ଛୁଟି ଥିବାରୁ ବ୍ୟାଙ୍କ ବନ୍ଦ ରହିବ। ମାର୍ଚ୍ଚ ୨୮ ତାରିଖ ଚତୁର୍ଥ ବା ଶେଷ ଶନିବାର ପାଇଁ ସାରା ଦେଶରେ ବ୍ୟାଙ୍କ ବନ୍ଦ। ମାର୍ଚ୍ଚ ୨୯ ରବିବାର ପାଇଁ ସାରା ଦେଶରେ ବନ୍ଦ ରହିବ ବ୍ୟାଙ୍କ। ମାର୍ଚ୍ଚ ୩୧ ତାରିଖ ମହାବୀର ଜୟନ୍ତୀ ପାଇଁ ଅନେକ ସହରରେ ବ୍ୟାଙ୍କ ବନ୍ଦ ରହିବ। ବ୍ୟାଙ୍କ ଶାଖା ବନ୍ଦ ରହିଲେ ମଧ୍ୟ ନେଟ ବ୍ୟାଙ୍କିଙ୍ଗ, ମୋବାଇଲ୍ ବ୍ୟାଙ୍କିଙ୍ଗ ଏବଂ ଏଟିଏମ ସେବା ଜାରି ରହିବ। ତେବେ ସ୍ଥାନୀୟ ପର୍ବପର୍ବାଣୀ ଅନୁସାରେ, ବିଭିନ୍ନ ରାଜ୍ୟରେ ଛୁଟିର ଦିନ ଅଲଗା ଅଲଗା ହୋଇପାରେ।



## କ୍ୟୁବା ଓ ଆମେରିକାରେ ମଧ୍ୟ ବଢୁଛି ଉତ୍ତେଜନା

କ୍ୟୁବା, ୨୬।୨: ଆମେରିକାର ପଞ୍ଜିକୃତ ସ୍ପିଡ୍‌ବୋଟରେ କ୍ୟୁବା ଜଳସୀମାରେ ପ୍ରବେଶ କରିଥିବା ଚାରି ଜଣ ଲୋକ କ୍ୟୁବା ତଟରକ୍ଷୀ ବାହିନୀ ସହିତ ଗୁଳିବିନିମୟରେ ମୃତ୍ୟୁବରଣ କରିଛନ୍ତି। କ୍ୟୁବା ଗୃହ ମନ୍ତ୍ରଣାଳୟ ଅନୁସାରେ ସ୍ପିଡ୍‌ବୋଟଟି କ୍ୟୁବା ଜଳସୀମାରେ ପ୍ରବେଶ କରି ତଟରକ୍ଷୀ ବାହିନୀ ସହିତ ମୁହାଁମୁହିଁ ହୋଇଥିଲା। କ୍ୟୁବାର ଉତ୍ତର ଉପକୂଳର ଏକ ଦ୍ୱୀପ ନିକଟରେ ଘଟିଥିବା ଏହି ଘଟଣାରେ ଅନ୍ୟ ଛଅ ଜଣ ଯାତ୍ରୀ ଆହତ ହୋଇଛନ୍ତି। କ୍ୟୁବା ଗୃହ ମନ୍ତ୍ରଣାଳୟ ସୋସିଆଲ ମିଡିଆରେ ଏହି ଘଟଣା ବିଷୟରେ ଏକ ବିବୃତି ପୋଷ୍ଟ କରି କହିଛି, ଜଣେ କ୍ୟୁବା ସୀମା ସୁରକ୍ଷା ବାହିନୀ କମାଣ୍ଡର ମଧ୍ୟ ଆହତ ହୋଇଛନ୍ତି। ବିବୃତିରେ କୁହାଯାଇଛି,ସୀମା ସୁରକ୍ଷା ବାହିନୀ ସୈନିକଙ୍କ ଏକ ୟୁନିଟ୍ ଯାଞ୍ଚ ପାଇଁ ଡଙ୍ଗା ପାଖକୁ ଯାଇଥିଲେ। ତେବେ ଆମେରିକାରେ ପଞ୍ଜିକୃତ ଡଙ୍ଗାରେ ଥିବା ଲୋକମାନେ ଗୁଳି ଚଳାଇଥିଲେ। ଫଳରେ ଜଣେ କ୍ୟୁବା କମାଣ୍ଡର ଆହତ ହୋଇଥିଲେ। ଏହି ଘଟଣା ପରେ ଆମେରିକା ଏବଂ କ୍ୟୁବା ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବାର ଆଶଙ୍କା ରହିଛି। ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ କହିଛନ୍ତି, କୌଣସି ପ୍ରତିକ୍ରିୟା ଦେବା ପୂର୍ବରୁ ଆମେରିକା ଘଟଣାର ଏକ ନିରପେକ୍ଷ ତଦନ୍ତ କରିବ। ସେଠାରେ କ'ଣ ଘଟିଥିଲା ତାହା ଆମେ ପ୍ରକୃତରେ ଜାଣିବୁ ଏବଂ ତା ପରେ ଆମେ ସେହି ଅନୁଯାୟୀ ପ୍ରତିକ୍ରିୟା ଦେବୁ। ସେ ଏହା ମଧ୍ୟ କହିଛନ୍ତି ଯେ ଡଙ୍ଗାରେ ଥିବା ଲୋକଙ୍କ ଜାତୀୟତା ସ୍ପଷ୍ଟ ନୁହେଁ। ଆମେରିକା ତଥ୍ୟ ଉପରେ ଆଧାର କରି ନିଷ୍ପତ୍ତି ନେବ। ଆମେରିକା ତଟରକ୍ଷୀ ବାହିନୀ କ୍ୟୁବା ସୀମା ସୁରକ୍ଷା ବାହିନୀ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି। ଆମେରିକା କ୍ୟୁବା ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଉପରେ ନିର୍ଭର କରିବେ ନାହିଁ। ଏହି ମାମଲାର ସତ୍ୟତା ନିଜେ ତଦନ୍ତ କରିବ ବୋଲି ରୁବିଓ କହିଛନ୍ତି। କ୍ୟୁବା ବର୍ତ୍ତମାନ ତୈଳ ସଙ୍କଟର ସମ୍ମୁଖୀନ ହେଉଛି। ଆମେରିକା ଏହି ଅଞ୍ଚଳରେ ଏହାର ଦୀର୍ଘକାଳୀନ ସହଯୋଗୀ ଭେନେଜୁଏଲାରୁ ତେଲ ପରିବହନ ବନ୍ଦ କରିବା ପରେ ସ୍ଥିତି ଆହୁରି ଖରାପ ହୋଇଛି।



## ଆଶୁତୋଷ ବ୍ରହ୍ମଚାରୀଙ୍କ ନାକ କାଟିଲେ ୨୧ ଲକ୍ଷ ପୁରସ୍କାର



ଉତ୍ତର ପ୍ରଦେଶ, ୨୬।୨: ସନାତନ ଧର୍ମଗୁରୁ ଜ୍ୟୋତିଷ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ସରସ୍ୱତୀଙ୍କ ବିରୋଧରେ ଆସିଥିବା ଯୌନ ନିର୍ଯାତନା ଅଭିଯୋଗ ଏବେ ଏକ ଭୟଙ୍କର ରୂପ ନେଇଛି। ଏହି ମାମଲାରେ ଏଫଆଇଆର କରିଥିବା ଆଶୁତୋଷ ବ୍ରହ୍ମଚାରୀଙ୍କ ବିରୋଧରେ ଏବେ ହିନ୍ଦୁ ସଂଗଠନଗୁଡ଼ିକରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଶ୍ରୀକୃଷ୍ଣ ଜନ୍ମଭୂମି ସଂଘର୍ଷ ନ୍ୟାସର ଅଧ୍ୟକ୍ଷ ଫଳାହାରୀ ମହାରାଜ ଏକ ବିବାଦୀୟ ଘୋଷଣା କରି ଚର୍ଚ୍ଚା ସୃଷ୍ଟି କରିଛନ୍ତି । ଫଳାହାରୀ ମହାରାଜ ଘୋଷଣା କରିଛନ୍ତି ଯେ, ଯିଏ ଶଙ୍କରାଚାର୍ଯ୍ୟଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣିଥିବା ଆଶୁତୋଷ ବ୍ରହ୍ମଚାରୀଙ୍କ 'ନାକ କାଟିବ' ତାକୁ ୨୧ ଲକ୍ଷ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯିବ। ସେ ଆଶୁତୋଷଙ୍କୁ ଜଣେ 'ଗୋ-ହତ୍ୟାକାରୀ' ଏବଂ 'ଅପରାଧୀ' ଭାବେ ସମ୍ବୋଧିତ କରି କହିଛନ୍ତି ଯେ, ଶଙ୍କରାଚାର୍ଯ୍ୟଙ୍କ ଭଳି ପୂଜନୀୟ ବ୍ୟକ୍ତିଙ୍କ ବିରୋଧରେ ଏପରି ଘୃଣ୍ୟ ଅଭିଯୋଗ ଆଣି ସେ ୧୨୫ କୋଟି ହିନ୍ଦୁଙ୍କ ଆସ୍ଥାକୁ ଆଘାତ ଦେଇଛନ୍ତି।

ପ୍ରୟାଗରାଜର ଏକ ପୋକ୍ସୋ କୋର୍ଟର ନିର୍ଦ୍ଦେଶକ୍ରମେ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ଏବଂ ତାଙ୍କ ଶିଷ୍ୟ ମୁକୁନ୍ଦାନନ୍ଦଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । ଆଶୁତୋଷ ବ୍ରହ୍ମଚାରୀ ଅଭିଯୋଗ କରିଥିଲେ ଯେ, ମାଘ ମେଳା ସମୟରେ ଆଶ୍ରମରେ ଦୁଇଜଣ ନାବାଳକ ଶିଷ୍ୟଙ୍କୁ ଯୌନ ନିର୍ଯାତନା ଦିଆଯାଇଛି। ପୁଲିସ ଏହି ମାମଲାରେ ତଦନ୍ତ ଆରମ୍ଭ କରିଥିବା ବେଳେ ଶଙ୍କରାଚାର୍ଯ୍ୟ ଏହି ସମସ୍ତ ଅଭିଯୋଗକୁ ମିଥ୍ୟା ଓ ମନଗଢ଼ା ବୋଲି କହିଛନ୍ତି। ଶଙ୍କରାଚାର୍ଯ୍ୟଙ୍କ ସମର୍ଥକମାନେ ଦାବି କରିଛନ୍ତି ଯେ ଆଶୁତୋଷ ବ୍ରହ୍ମଚାରୀଙ୍କ ନିଜସ୍ୱ ଅପରାଧିକ ଇତିହାସ ରହିଛି। ସେ ଜଣେ 'ହିଷ୍ଟ୍ରିସିଟର' ଏବଂ ପୂର୍ବରୁ ତାଙ୍କ ନାମରେ ଅନେକ ମାମଲା ରହିଛି। ଅନ୍ୟପଟେ, ଆଶୁତୋଷ କହିଛନ୍ତି ଯେ ସେ କେବଳ ପୀଡ଼ିତ ଶିଷ୍ୟମାନଙ୍କୁ ନ୍ୟାୟ ଦେବା ପାଇଁ ଲଢ଼େଇ କରୁଛନ୍ତି। ଏପଟେ ଏହି ଘଟଣାକୁ ନେଇ ଉତ୍ତର ପ୍ରଦେଶରେ ରାଜନୀତି ମଧ୍ୟ ସରଗରମ ହୋଇଛି। କଂଗ୍ରେସ ନେତା ଅଜୟ ରାୟ ଶଙ୍କରାଚାର୍ଯ୍ୟଙ୍କୁ ଭେଟି ସମର୍ଥନ ଜଣାଇଥିବା ବେଳେ, ଅନ୍ୟ କେତେକ ହିନ୍ଦୁ ସଂଗଠନ ଏହାକୁ ସନାତନ ଧର୍ମ ବିରୋଧରେ ଏକ ଷଡ଼ଯନ୍ତ୍ର ବୋଲି କହିଛନ୍ତି।

## ଭାଇ ପରେ ଭଉଣୀର ହାର୍ଟ ଆଟାକରେ ଚାଲିଗଲା ଜୀବନ



**ଖାଲି ହୋଇଗଲା ମା କୋଳ**

ରାଜସ୍ଥାନ, ୨୬।୨: କାଳ ସାଜୁଛି ହାର୍ଟ ଆଟାକ ବା କାର୍ଡିଆକ ଆରେଷ୍ଟ। ପିଲାଠୁ ବୁଢା କେହି ବାଦ ପଡୁନାହାନ୍ତି। ବିଶେଷ କରି ଯୁବଗୋଷ୍ଠୀଙ୍କୁ ବେଶୀ କବଳିତ କରୁଛି। କମ ବୟସରେ ହାର୍ଟ ଆଟାକରେ ଚାଲିଆଯାଉଛି ଜୀବନ। ଗୁରୁବାର ରାଜସ୍ଥାନର ଏମିତି ଏକ ଘଟଣା ଚିନ୍ତା ବଢାଇଛି। ରାଜସ୍ଥାନର ନାଗୌର ଜିଲ୍ଲାର ଏକ ଘରୋଇ ସ୍କୁଲରେ ୯ ବର୍ଷର ଝିଅଟି ସ୍କୁଲ ପଡିଆରେ ଖେଳୁଥିଲା ବେଳେ ହଠାତ ତଳେ ପଡିଗଲା। ତୁରନ୍ତ ହସ୍‌ପିଟାଲ ନେଇଥିଲେ ସ୍କୁଲ କର୍ତ୍ତୃପକ୍ଷ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

କୁନି ଝିଅଟି ଖେଳୁ ଖେଳୁ ପଡିଯିବାର ସିସିଟିଭି ଫୁଟେଜ ଏବେ ଭାଇରାଲ ହେଉଛି। ଯିଏ ଦେଖୁଛି ପାଟିରୁ ଆହା, ବାହାରି ପଡୁଛି। ମୃତକ ଜଣକ ତାଲନପୁର ବାସିନ୍ଦା ରାଜେନ୍ଦ୍ର ବାପେଡିଆଙ୍କ ୯ ବର୍ଷର ଝିଅ ଦିବ୍ୟା। ସବୁଦିନ ପରି ଝିଅଟି ଗୁରୁବାର ସ୍କୁଲ ଆସିଥିଲା। ସୁସ୍ଥ ଥିଲା, ସ୍ୱାଭାବିକ ବ୍ୟବହାର କରୁଥିଲା। କିଛି ସମୟ ପରେ ସ୍କୁଲରେ ପ୍ରାର୍ଥନା ହୋଇଥାନ୍ତା। ତା ପୂର୍ବରୁ ସାଂଗମାନଙ୍କ ସହ ଖେଳରେ ମଜି ଯାଇଥିଲେ ଦିବ୍ୟା। ଖେଳୁ ଖେଳୁ ହଠାତ ଚେତାଶୂନ୍ୟ ହୋଇ ତଳେ ପଡିଯାଇଥିଲେ। କଣ ହେଲା ପାଟି କରି ସାଂଗମାନେ ଦୌଡି ଆସିଲେ। ତୁରନ୍ତ ତାଙ୍କୁ ଗୋଟାନ ସରକାରୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେତେବେଳକୁ ଝିଅଟିର ପ୍ରାଣ ବାୟୁ ଉଡିଯାଇଥିଲା। ପିଲାଟିର ଶରୀରରେ କୌଣସି ବାହ୍ୟ ଆଘାତ ଲାଗିନି। ହୃଦଘାତରେ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରିଛନ୍ତି ଡାକ୍ତର।

୪ ମାସ ତଳେ ଦିବ୍ୟାଙ୍କ ବଡଭାଇ ଅଭିଷେକ ମଧ୍ୟ ହାର୍ଟ ଆଟାକରେ ମୃତ୍ୟୁ ହୋଇଥିଲା। ଗତବର୍ଷ ସେପ୍ଟେମ୍ବର ୯ରେ ସମାନ ଢଙ୍ଗରେ ଅଭିଷେକର ମୃତ୍ୟୁ ହୋଇଥିଲା। ସେ ଘରେ ଖେଳୁଥିବା ସମୟରେ ଚେତାଶୂନ୍ୟ ହୋଇଯାଇଥିଲେ। ତୁରନ୍ତ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ ଘୋଷଣା କରିଥିଲେ ଡାକ୍ତର।

# ଇଣ୍ଡିଜକୁ ପରାସ୍ତ କରି ସେମିରେ ଦକ୍ଷିଣ ଆଫ୍ରିକା



**ଅହମ୍ମଦାବାଦ,୨୬।୨:** ପେସ ବୋଲରଙ୍କ ଘାତକ ବୋଲିଂ ଏବଂ ଅଧିନାୟକ ଆଇଡେନ୍ ମାର୍କରାମ୍‌ଙ୍କ ଅପରାଜିତ ୮୧ ରନ୍‌ର ବଳିଷ୍ଠ ଇନିଂସ ବଳରେ ଆଜି ଖେଳାଯାଇଥିବା ଚଳିତ ଟି-୨୦ ବିଶ୍ୱକପ୍‌ର ଏକ ସୁପର-୮ ପର୍ଯ୍ୟାୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୯ ୱିକେଟ୍‌ରେରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଇଣ୍ଡିଜ୍ ପକ୍ଷରୁ ଧାର୍ଯ୍ୟ ହୋଇଥିବା ୧୭୭ ରନର ବିଜୟ ଲକ୍ଷ୍ୟକୁ ଦକ୍ଷିଣ ଆଫ୍ରିକା ମାତ୍ର ୧୬.୧ ଓଭରରେ ଗୋଟିଏ ୱିକେଟ ହରାଇ ହାସଲ କରିନେଇଥିଲା। ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପହଞ୍ଚିଛି। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜର ଶୋଚନୀୟ ପରାଜୟ ଡିଫେଣ୍ଡିଂ ଚାମ୍ପିୟନ ଭାରତକୁ ଏକ ବଡ଼ ସୁଯୋଗ ପ୍ରଦାନ କରିଛି। ମ୍ୟାଚ୍‌ରେ ଜେସନ ହୋଲ୍ଡର ଓ ରୋମାରିଓ ଶେଫର୍ଡ ଅଷ୍ଟମ ୱିକେଟରେ ୮୯ ରନ ଯୋଡ଼ିଥିଲେ, ଯାହାକି ଟି-୨୦ ବିଶ୍ୱକପ୍ ଇତିହାସରେ ଏହି ନିର୍ଦ୍ଦିଷ୍ଟ ୱିକେଟ୍ ପାଇଁ ସର୍ବାଧିକ।

ଟସ୍ ଜିତି ଦକ୍ଷିଣ ଆଫ୍ରିକା ଦଳର ଅଧିନାୟକ ମାର୍କରାମ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତିକୁ କାଗିସୋ ରାବାଡା (୨/୨୨) ଓ ଲୁଙ୍ଗି ଏନ୍‌ଗିଡି (୩/୩୦) ଉପଯୁକ୍ତ ସାବ୍ୟସ୍ତ କରିଥିଲେ। ଇଣ୍ଡିଜ୍ ୧୦.୨ ଓଭରରେ ୮୩ ରନରେ ୭ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ହୋଲ୍ଡର ୩୧ ବଲରେ ୪୯ (୪ ଚୌକା, ୩ ଛକା) ଓ ଶେଫର୍ଡ ୩୭ ବଲରେ ଅପରାଜିତ ୫୨ (୩ ଚୌକା, ୪ ଛକା) ରନ କରି ଦଳକୁ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇଥିଲେ। ଉଭୟଙ୍କ ମଧ୍ୟରେ ଅଷ୍ଟମ ୱିକେଟରେ ରେକର୍ଡ ୮୯ ରନ୍‌ର ଭାଗୀଦାରୀ ହୋଇଥିଲା। ଫଳରେ ଇଣ୍ଡିଜ ୨୦ ଓଭରରେ ୮ ୱିକେଟ ବିନିମୟରେ ୧୭୬ ରନ କରିଥିଲା। ଜବାବରେ ଅଧିନାୟକ ମାର୍କରାମ ଓ କ୍ୱିଣ୍ଟନ ଡି'କକ୍ ଦକ୍ଷିଣ ଆଫ୍ରିକା ପାଇଁ ବିସ୍ଫୋରକ ଆରମ୍ଭ କରିଥିଲେ। ଦୁହେଁ ୮ ଓଭର ସୁଦ୍ଧା ୯୫ ରନ୍ ସଂଗ୍ରହ କରିଥିଲେ। ଅଷ୍ଟମ ଓଭରରେ ଡି' କକ୍‌ଙ୍କୁ ଆଉଟ୍ କରି ରୋଷ୍ଟନ ଚେଜ ଇଣ୍ଡିଜ୍‌କୁ ବହୁପ୍ରତୀକ୍ଷିତ ବ୍ରେକ ଥ୍ରୁ ଦେଇଥିଲେ। ଏହା ପୂର୍ବରୁ ଡି'କକ୍ ୨୪ ବଲ ଖେଳି ୪ଟି ଲେଖାଏ ଚୌକା ଓ ଛକା ସହାୟତାରେ ବଳରେ ୪୭ ରନ କରିଥିଲେ। ଏହାପରେ ମାର୍କରାମ ଓ ରିଆନ ରିକଲଟନ ଦଳକୁ ଜିତିବା ପାଇଁ ଆବଶ୍ୟକ ରନ ଯୋଡ଼ିଥିଲେ। ଦୁଇ ବ୍ୟାଟର ଦ୍ୱିତୀୟ ୱିକେଟରେ ଅବିଭାଜିତ ୮୨ ରନ ଯୋଡ଼ିଥିଲେ। ଫଳରେ ଦ. ଆଫ୍ରିକା ୧୬.୧ ଓଭରରେ ୧୭୭ ରନ କରି ସହଜ ବିଜୟ ହାସଲ କରିନେଇଥିଲା। ମାର୍କରାମ ୪୬ ବଲରେ ୮୨ (୭ ଚୌକା, ୪ ଛକା) ଓ ରିକଲଟନ ୨୮ ବଲରେ ୪୫ (୪ ଚୌକା, ୨ ଛକା) ରନ୍ କରି ଅପରାଜିତ ଥିଲେ।

# ଶାନ୍ତି ଓ ସମୃଦ୍ଧିର ରଣନୀତିକ ଭାଗିଦାରୀ



**ନୂଆଦିଲ୍ଲୀ,୨୬।୨:** ଭାରତ ଏବଂ ଇସ୍ରାଏଲ ମଧ୍ୟରେ ସ୍ନେହ, ସମ୍ଭାବନା ଏବଂ ଗଭୀର ରଣନୀତିକ ଭାଗିଦାରୀକୁ ସ୍ୱୀକୃତି ଦେଇ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୫ରୁ ୨୬ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ଇସ୍ରାଏଲ ଗସ୍ତ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ସହ ବରିଷ୍ଠ ମନ୍ତ୍ରୀ ଏବଂ ଅଧିକାରୀଙ୍କୁ ନେଇ ଗଠିତ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳ ମଧ୍ୟ ଆସିଥିଲେ। ୨୦୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଐତିହାସିକ ଇସ୍ରାଏଲ ଗସ୍ତ ଏବଂ ୨୦୧୮ରେ ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କ ଭାରତ ଗସ୍ତକୁ ଉଭୟ ପକ୍ଷ ସ୍ମରଣ କରିଥିଲେ। ଏହା ମିଳିତ ଭାବରେ ସହଭାଗୀତା ଏବଂ ସହଯୋଗର ଏକ ନୂତନ ଯୁଗର ମୂଳଦୁଆ ସ୍ଥାପନ କରିଥିଲା। ନେତାମାନେ ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ସାଇବର, କୃଷି, ଜଳ ପରିଚାଳନା, ସ୍ୱାସ୍ଥ୍ୟ, ଉଦ୍ୟୋଗ, ପ୍ରତିରକ୍ଷା, ସୁରକ୍ଷା ଏବଂ ଅନ୍ୟାନ୍ୟ କ୍ଷେତ୍ର ସମେତ ଭାରତ-ଇସ୍ରାଏଲ ଦ୍ୱିପାକ୍ଷିକ ସମ୍ପର୍କରେ ହୋଇଥିବା ବିପୁଳ ପ୍ରଗତି ଉଲ୍ଲେଖ କରିଥିଲେ। ପ୍ରଧାନମନ୍ତ୍ରୀ ନେତନ୍ୟାହୁ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ଆପୋସ ସହମତି ଭିତ୍ତିରେ ରଣନୀତିକ ଭାଗିଦାରୀକୁ ଏକ ନୂତନ ସ୍ତରକୁ ଉନ୍ନୀତ କରିବାକୁ ନିଷ୍ପତ୍ତି ନେଇଥିଲେ।

ଦୁଇ ପ୍ରଧାନମନ୍ତ୍ରୀ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ଓ ଉଦ୍ୟୋଗ ମାଧ୍ୟମରେ ଶାନ୍ତି, ସୁରକ୍ଷା ଓ ସମୃଦ୍ଧି ପାଇଁ ପାରସ୍ପରିକ ଆକାଂକ୍ଷାକୁ ଆଧାର କରି ଏକ ଦୃଢ଼ ସ୍ୱତନ୍ତ୍ର ରଣନୀତିକ ଭାଗିଦାରୀ ଲାଗି ସେମାନଙ୍କର ସମାନ ଦୃଷ୍ଟିକୋଣକୁ ଦୋହରାଇଛନ୍ତି। ନେତାମାନେ ସ୍ୱୀକାର କରିଛନ୍ତି ଯେ ଭାରତ ଏବଂ ଇସ୍ରାଏଲୀ କ୍ଷମତା ପରସ୍ପରର ସମ୍ପୂର୍ଣ୍ଣ ଭାବରେ ପରିପୂରକ। ଇସ୍ରାଏଲ ହେଉଛି ପ୍ରଯୁକ୍ତିବିଦ୍ୟା ଓ ଉଦ୍ଭାବନର ଏକ ବିଶ୍ୱ ମହାଶକ୍ତି। ଅନ୍ୟପଟେ ଭାରତ ପ୍ରତିଭା, ଉତ୍ପାଦନ ଉତ୍କର୍ଷତା ଏବଂ ଉଦ୍ୟୋଗ ଶକ୍ତିର ଏକ କେନ୍ଦ୍ର ଭାବରେ କାର୍ଯ୍ୟ କରେ। ଦୁଇ ପ୍ରଧାନମନ୍ତ୍ରୀ ଏଆଇ, ସାଇବର ସୁରକ୍ଷା, ସେମିକଣ୍ଡକ୍ଟର, କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ଜୈବ ପ୍ରଯୁକ୍ତିବିଦ୍ୟା, କୃଷି ଓ ଜଳ ପରିଚାଳନା, ପ୍ରତିରକ୍ଷା ପ୍ଲାଟଫର୍ମ ଏବଂ ମହାକାଶ ଅନୁସନ୍ଧାନରେ ଭାରତ ଏବଂ ଇସ୍ରାଏଲର ଅଗ୍ରଗତିକୁ ଏକୀକୃତ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଦୃଢ଼ କରିଛନ୍ତି। ଏହି ଭାଗିଦାରୀ ଭାରତର 'ଆତ୍ମନିର୍ଭର ଏବଂ ବିକଶିତ ଭାରତ ୨୦୪୭' ଦୃଷ୍ଟିକୋଣକୁ ସୁଦୃଢ଼ କରିଥାଏ, ଯାହା ଉଭୟ ଦେଶର ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନ ଏବଂ ସହଭାଗୀ ପ୍ରଗତିର ପରବର୍ତ୍ତୀ ଧାରାକୁ ଗତିଶୀଳ କରିବ।

ନୀତିଗତ ପ୍ରାଥମିକତାକୁ ସାକାର ଫଳାଫଳରେ ପରିଣତ କରିବା ପାଇଁ ସହଭାଗୀ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇ, ଦୁଇ ଦେଶର ପ୍ରଧାନମନ୍ତ୍ରୀ ନିରନ୍ତର ସହଯୋଗ ଏବଂ ଅର୍ଥପୂର୍ଣ୍ଣ ପ୍ରଭାବ ସୁନିଶ୍ଚିତ କରିବା ନିମନ୍ତେ ସରକାର, ବ୍ୟବସାୟ ଏବଂ ଲୋକ ସମ୍ପର୍କ କ୍ଷେତ୍ରରେ ଦ୍ୱିପାକ୍ଷିକ ବ୍ୟବସ୍ଥାଗୁଡ଼ିକୁ ଆନୁଷ୍ଠାନିକ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ପ୍ରତିରକ୍ଷା ସହଯୋଗ ପାଇଁ ୪ ନଭେମ୍ବର ୨୦୨୫ରେ ସ୍ୱାକ୍ଷରିତ ବୁଝାମଣାପତ୍ରକୁ ସ୍ୱାଗତ କରି, ପ୍ରଧାନମନ୍ତ୍ରୀ ନେତନ୍ୟାହୁ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ସେମାନଙ୍କ ଦେଶ ମଧ୍ୟରେ ବ୍ୟାପକତା ଏବଂ ପରିମାଣ ଉଭୟ ଦୃଷ୍ଟିରୁ ପ୍ରତିରକ୍ଷା ସହଯୋଗରେ ହୋଇଥିବା ଉଲ୍ଲେଖନୀୟ ଅଭିବୃଦ୍ଧିକୁ ସ୍ୱୀକାର କରିଛନ୍ତି। ଉଭୟ ନେତା ଭବିଷ୍ୟତର ପ୍ରତିରକ୍ଷା ସହଯୋଗ ପାଇଁ ଏକ ଦୃଷ୍ଟିକୋଣ ଏବଂ ରୂପରେଖ ପ୍ରଦାନ କରିଛନ୍ତି।

## ଭୁବନେଶ୍ୱରରେ ଆମୋନିଆ ଗ୍ୟାସ ଲିକ୍

● ପ୍ରବଳ ଦୁର୍ଗନ୍ଧ ସହ ଲୋକେ ଅଣନିଶ୍ୱାସୀ



**ଭୁବନେଶ୍ୱର,୨୬।୨ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ଆଇଗିଣିଆ ଶୀତଳଭଣ୍ଡାରରେ ରାତି ଅଧରେ ଅଘଟଣ। ଫାଟିଲା କୋଲ୍ଡ ଷ୍ଟୋରେଜ୍ ପାଇପ୍। ଆଲୁଗୋଦାମ ନିକଟ ଏକ ଶୀତଳଭଣ୍ଡାରରୁ ଆମୋନିଆ ଗ୍ୟାସ ଲିକ୍ । ଗ୍ୟାସ ଲିକ ହେବାରୁ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିଲା। ପ୍ରବଳ ଦୁର୍ଗନ୍ଧ ହେବା ସହ ଲୋକମାନେ ଅଣନିଶ୍ୱାସୀ ହୋଇପଡିଥିଲେ। ଗ୍ୟାସ୍ ଯୋଗୁଁ ଆଖି ମଧ୍ୟ ପୋଡିଥିଲା। ଖବର ପାଇ ତମାଣ୍ଡୋ ଫାୟାର ଷ୍ଟେସନ, ଭୁବନେଶ୍ୱର ଫାୟାର ଷ୍ଟେସନ ଓ ସ୍ପେଶାଲ ଫାୟାର ଫାଇଟିଂ ଫୋର୍ସ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚିଥିଲେ । ପ୍ରଥମେ ସୁରକ୍ଷାମୂଳକ ପଦକ୍ଷେପ ଭାବେ ଆଖପାଖର ଲୋକମାନଙ୍କୁ ସେଠାରୁ ହଟାଯାଇଥିଲା । ଗ୍ୟାସ ଧୂଆଁକୁ ନିୟନ୍ତ୍ରଣ କରିବା ପାଇଁ କୋଲ୍ଡ ଷ୍ଟୋରେଜ ଭିତରେ ପାଣି ଛଟାଯାଇଥିଲା । ଦୀର୍ଘ ୪ ଘଣ୍ଟା ପରେ ଅଗ୍ନିଶମ ବାହିନୀ ସ୍ଥିତି ନିୟନ୍ତ୍ରଣକୁ ଆଣିଥିଲା । ଏହି ଅଘଟଣ ପରେ ଆଜି ଶୀତଳଭଣ୍ଡାର ବନ୍ଦ ରହିବା ନେଇ ସୂଚନା ମିଳିଛି । ଆମୋନିଆ ଗ୍ୟାସ କାହିଁକି ଓ କିପରି ଲିକ୍ ହେଲା ସେନେଇ ପ୍ରଶ୍ନ ସୃଷ୍ଟି ହୋଇଛି ।

## ରାଜ୍ୟର ଏକାଧିକ ଡାକଘରେ ବୋମା ଆତଙ୍କ



**କୋଲକାତା,୨୬।୨ (ସଂଚାର ବ୍ୟୁରୋ):** ବିସ୍ଫୋରଣ ଧମକକୁ ନେଇ ଗୁରୁବାର ପଶ୍ଚିମବଙ୍ଗର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଆତଙ୍କିତ ହୋଇପଡ଼ିଥିଲା। ଗତ ଦୁଇ ଦିନ ମଧ୍ୟରେ ବିଭିନ୍ନ କୋର୍ଟରେ ଧମକପୂର୍ଣ୍ଣ ଇ-ମେଲ୍ ଆସିଥିଲା। ଯଦିଓ ପରେ ଜଣାପଡ଼ିଥିଲା ଯେ ଏହା ସବୁ ଗୁଜବ ଥିଲା। ଏଥର ମୁଖ୍ୟ ଟାର୍ଗେଟ ହେଉଛି ପୋଷ୍ଟ ଅଫିସ ଓ ପାସପୋର୍ଟ ସେବା କେନ୍ଦ୍ର। କୋଲକାତାରୁ କୋଚବିହାର, କାକଦ୍ୱୀପରୁ ବର୍ଦ୍ଧମାନ, ଆଲିପୁରଦୁଆରରୁ ରାମପୁରହାଟ - ବିଭିନ୍ନ ସହରରୁ ବୋମା ଧମକର ଖବର ଆସିଛି। କୋଲକାତା, ବନଗାଁ ଏବଂ ଶ୍ରୀନିକେତନର ପାସପୋର୍ଟ ସେବା କେନ୍ଦ୍ର ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲା।

# ରମାଦେବୀ ମହାବିଦ୍ୟାଳୟରେ ଖୋଲିବ କ୍ୟାମ୍ପସ ରେଡ଼ିଓ




**ଭୁବନେଶ୍ୱର,୨୬।୨(ସଂଚାର ବ୍ୟୁରୋ):** ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଖୋଲିବ କ୍ୟାମସ ରେଡ଼ିଓ। ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗ (ଜେଏମସି) ଦ୍ୱାରା ଆୟୋଜିତ ବାର୍ଷିକ ମିଡିଆ ଫେଷ୍ଟ, ମେଡିଆନ୍ତର-୨୦୨୬ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଏହି ଘୋଷଣା କରିଛନ୍ତି। ଏହି ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସାମ୍ବାଦିକତା ଏବଂ ପ୍ରଯୁକ୍ତିବିଦ୍ୟାରେ ମହିଳା ସଶକ୍ତିକରଣ ଏବଂ ନୈତିକ ଗଣମାଧ୍ୟମର ଗୁରୁତ୍ୱ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ।

କୁଳପତି ପ୍ରଫେସର ଚଣ୍ଡି ଚରଣ ରଥ ସମାବେଶକୁ ସମ୍ବୋଧିତ କରି କହିଥିଲେ ଯେ, ମିଡିଆ ଫେଷ୍ଟ ନୈତିକ ସାମ୍ବାଦିକତା, ମିଡିଆ ସାକ୍ଷରତା ଏବଂ ସୃଜନଶୀଳ ଯୋଗାଯୋଗକୁ ପ୍ରୋତ୍ସାହିତ କରେ, ଛାତ୍ରଛାତ୍ରୀମାନଙ୍କୁ ବ୍ୟବହାରିକ ପରିଚୟ ପ୍ରଦାନ କରେ ଏବଂ ଆଜିର ଭୁଲ ସୂଚନା ଯୁଗରେ ଦାୟିତ୍ୱପୂର୍ଣ୍ଣ ଗଣମାଧ୍ୟମ ବ୍ୟବହାର ବିଷୟରେ ସଚେତନତା ସୃଷ୍ଟି କରେ।

ଏହି ମହୋତ୍ସବରେ ଛୋଟି ଫିଲ୍ମ ବାଡି କାହାଣୀ, ରିଲ୍-ଏ-ରିଲ୍ ଏବଂ ଡୁଡଲ୍ ଡ୍ରାମା ଭଳି ଏଗାରଟି ସୃଜନଶୀଳ ଗଣମାଧ୍ୟମ ପ୍ରତିଯୋଗିତା ସହିତ ଆଠଟି ଖାଦ୍ୟ ଷ୍ଟଲ୍ ଏବଂ ବାଗଚି କରୁଣାଶ୍ରୟଙ୍କ ଦ୍ୱାରା ଏକ ଏନଜିଓ ପଦକ୍ଷେପ ପ୍ରଦର୍ଶିତ ହୋଇଥିଲା। ସୃଜନଶୀଳତା ଏବଂ ନୀତିଗତ ଗଣମାଧ୍ୟମ ଅଭ୍ୟାସକୁ ପ୍ରୋତ୍ସାହିତ କରିବାରେ ସେମାନଙ୍କ ଭୂମିକାକୁ ସ୍ୱୀକୃତି ଦେଇ ପ୍ରତିଯୋଗିତାର ବିଚାରକମାନଙ୍କୁ ସେମାନଙ୍କ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା।

# ବିଦ୍ୟୁତ୍ ବିଭାଗ ହାତୀଙ୍କ ଯମ

**ଭୁବନେଶ୍ୱର,୨୬।୨:** ହାତୀ ମାନଙ୍କର ଯମ ସାଜିଛି ବିଦ୍ୟୁତ୍ ବିଭାଗ। ଦେଢ଼ ବର୍ଷ ମଧ୍ୟରେ ୪୨ ହାତୀ ବିଦ୍ୟୁତ୍ ଆଘାତରେ ମରିବାରୁ ଏହା ଜଳ ଜଳ ହୋଇ ଦିଶୁଛି।

ରାଜ୍ୟରେ ହାତୀ ମୃତ୍ୟୁ ସଂକ୍ରାନ୍ତରେ ବିଧାନସଭାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଯେଉଁ ତଥ୍ୟ ଦେଇଛନ୍ତି ସେଥିରେ ଉଲ୍ଲେଖ କରାଯାଇଛି ଯେ ଗତ ଦେଢ଼ବର୍ଷ ମଧ୍ୟରେ ରାଜ୍ୟରେ ଶିକାରୀଙ୍କ ହାତରେ ୬ଟି ହାତୀ ମରିଥିବାବେଳେ ରେଳ ଦୁର୍ଘଟଣାରେ ୪ଟି, ରୋଗରେ ପଡି ୨୯ଟି, ପ୍ରାକୃତିକ ଭାବେ ୧୭ଟି, ଲୋକଙ୍କ ପ୍ରତିଶୋଧ ପରାୟଣ ପାଇଁ୩ ଏବଂ ପାହାଡରୁ, ନଦୀନାଳରେ ପଡି, ନିଜ ଭିତରେ ଲଢେଇ ଆଦି କାରଣରୁ ୧୩ଟି ହାତୀ ମରିଥିବାବେଳେ ବିଦ୍ୟୁତ୍ ଆଘତରେ ମରିଛନ୍ତି ସର୍ବାଧିକ ୪୨ଟି ହାତୀ।

ତେବେ ରାଜ୍ୟରେ ବିଦ୍ୟୁତ୍ ଆଘାତରେ ହାତୀମାନେ ଯେଭଳି ନମରନ୍ତି ସେଥିପାଇଁ ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଉଭୟ ରାଜ୍ୟ ସରକାର ଓ ବିଦ୍ୟୁତ୍ ବିଭାଗ ମାରମ୍ବାର କହୁଥିବାବେଳେ ଏତେ ସଂଖ୍ୟକ ହାତୀ ବିଦ୍ୟୁତ୍ ଆଘାତରେ ମରିବା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଜଙ୍ଗଲ ଭିତରେ ଥିବା ବିଦ୍ୟୁତ୍ ଖୁଣ୍ଟଗୁଡିକୁ ସୁଉଚ୍ଚ କରିବା ସହିତ ସେଠାରେ ଇନସୁଲୁଟେଡ ତାର ଟାଣିବାପାଇଁ ମଧ୍ୟ ଅର୍ଥ ଖର୍ଚ୍ଚ ହେଉଛି। ହାତୀଙ୍କ ଚଳ ପ୍ରଚଳକକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ କାଟ୍ ପାଇଁ ମଧ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ତାଗିଦା କରାଯାଇଛି।

ହାତୀ ସୁରକ୍ଷା ପାଇଁ ଜଙ୍ଗଲ ବିଭାଗ ଓ ବିଦ୍ୟୁତ୍ ବିଭାଗ ମଧ୍ୟରେ ବାରମ୍ବାର ବୈଠକ ଅନୁଷ୍ଠିତ ହେବା ସହିତ ହାତୀମାନେ କିଭଳି ବିଦ୍ୟୁତ୍ ତାର ସଂସ୍ପର୍ଶରେ ନଆସିବେ ସେଥିପାଇଁ ପଦକ୍ଷେପ ନିଆଯାଉଥିବା କଥା ଦର୍ଶାଯାଉଥିଲେ ବି ହାତୀ ମୃତ୍ୟୁରେ ରୋକ୍ ଲାଗି ପାରୁନାହିଁ। ଶିକାରୀମାନଙ୍କ ସହିତ ଗାଁ ଗହଳର ଲୋକେ ବି ବିଦ୍ୟୁତ୍ ଆଘାତ ଦେଇ ହାତୀମାନଙ୍କୁ ମାରୁଥିବା କେତେକ ସ୍ଥାନରେ ଲକ୍ଷ୍ୟ କରାଯାଉଛି। ଉଲ୍ଲେଖନୀୟ ଯେ ଅପ୍ରାକୃତିକଭାବେ ମୃତ୍ୟୁ ବରଣ କରିଥିବା ହାତୀମାନଙ୍କ ପାଇଁ ୯୩ ଜଣଙ୍କୁ ଗିରଫ ସହିତ କୋର୍ଟ ଚାଲାଣ କରାଯାଇଛି। ଏମାନଙ୍କ ମଧ୍ୟରେ କିଛି ଶିକାରୀ ରହିଥିବାବେଳେ ବିଭିନ୍ନ ଉପାୟରେ ହାତୀଙ୍କୁ ମାରୁଥିବା ଲୋକେ ବି ରହିଛନ୍ତି। ହାତୀ ମୃତ୍ୟୁକୁ ନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଉଦବେଗ ପ୍ରକାଶ କରୁଥିବାବେଳେ ରାଜ୍ୟରେ ଏତେ ସଂଖ୍ୟକ ହାତୀ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିବା ଏବେ ସମସ୍ତଙ୍କୁ ଚିନ୍ତାରେ ପକାଇ ଦେଇଛି। ତୁରନ୍ତ ଏହାର ପ୍ରତିକାର କରାନଗଲେ ହାତୀମାନେ ଯେଭଳି ଜଙ୍ଗଲ ଛାଡି ଗାଁ ମୁହାଁ ହେଉଛି ସେଥିଯୋଗୁଁ ଆହୁରି ଅଧିକ ହାତୀ ବିଦ୍ୟୁତ ଆଘାତରେ ମରିବେ ବୋଲି ପଶୁ ସୁରକ୍ଷା କର୍ମୀମାନେ ଆଶଙ୍କା ପ୍ରକାଶ କରୁଛନ୍ତି। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତ ବିଜୟୀ...

ରିଚାର୍ଡ ନାଗରଭା, ବ୍ଲେସିଙ୍ଗସ ମୁଜାରବାନି, ଟି. ମାପୋସା ଓ ଅଧିନାୟକ ସିକନ୍ଦର ରାଜା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

ବ୍ୟାଟିଂରେ ଦଳ ପକ୍ଷରୁ ଯଦିଓ ଓପନର ବ୍ରାଏନ୍ ବେନିଙ୍ଗ୍ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ, କିନ୍ତୁ ଭାରତ ଏକ ବିଶାଳ ଟାର୍ଗେଟ୍ ଦେଇଥିବାରୁ ଏହା ଜିମ୍ବାୱେ ପକ୍ଷେ ଅସମ୍ଭବ ସାବ୍ୟସ୍ତ ହୋଇଥିଲା। ସେ ମାତ୍ର ୫୯ଟି ବଲ୍ ଖେଳି ୮ଟି ଚୌକା ଓ ୬ଟି ଚୌକା ଜରିଆରେ ୯୭ ରନ୍ କରିଥିଲେ। ଏହାଛଡ଼ା ଅଧିନାୟକ ରାଜା ୨ଟି ଲେଖାଏଁ ଚୌକା ଓ ଛକା ସହାୟତାରେ ୩୧ ରନ୍ କରିବା ସହ ମାତ୍ର ୪୧ଟି ବଲ୍‌ରେ ତୃତୀୟ ୱିକେଟ୍‌ରେ ବେନିଙ୍ଗଙ୍କ ସାଥୀରେ ଇନିଂସାର ସର୍ବାଧିକ ୭୨ ରନ୍‌ର ଭାଗୀଦାରୀ କରିଥିଲେ। ଏହାବ୍ୟତୀତ ଅନ୍ୟତମ ଓପନର ଟି. ମାରୁମାନି ୨ଟି ଛକା ସହ ୨୦ ରନ୍‌ର ଯୋଗଦାନ ଦେଇଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂହ ସର୍ବାଧିକ ୩ଟି ଏବଂ ବରୁନ୍ ଚକ୍ରବର୍ତ୍ତୀ, ଅକ୍ଷର ପଟେଲ୍ ଓ ଶିବମ୍ ଦୁବେ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ହାର୍ଦ୍ଦିକଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଭାରତ ତା'ର ଅନ୍ତିମ ସୁପର୍-୮ ପର୍ଯ୍ୟାୟ ମ୍ୟାଚ୍‌ରେ ଆସନ୍ତା ୧ ତାରିଖରେ ୱେଷ୍ଟଇଣ୍ଡିଜ୍‌କୁ ଭେଟିବ। ଏହି ମ୍ୟାଚ୍‌ର ଫଳାଫଳ ଭାରତର ସେମି ଯୋଗ୍ୟତା ଉପରେ ନିର୍ଭର କରିବ। ଭାରତକୁ ଅତି କମ୍‌ରେ ମ୍ୟାଚ୍‌କୁ ଜିତିବାକୁ ପଡ଼ିବ। କିନ୍ତୁ ମ୍ୟାଚ୍ ବାତିଲ୍ ହେଲେ କିମ୍ବା ଇଣ୍ଡିଜ୍ ଜିତିଲେ, ଭାରତର ଅଭିଯାନ ଶେଷ ହେବ।

## ପାରାଦୀପ...

ଉଦୀୟମାନ ସବୁଜ ହାଇଡ୍ରୋଜେନ୍ ଉତ୍ପାଦନ କ୍ଲଷ୍ଟରଗୁଡ଼ିକୁ ବିଶ୍ୱ ବଜାର ସହିତ ଯୋଡ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ସେ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆତ୍ମନିର୍ଭର ଏବଂ ପରିବେଶଗତ ଭାବରେ ଉତ୍ତରଦାୟୀ ଭାରତ ନିର୍ମାଣର ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ହୋଇ, ଆମେ ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନକୁ ସମର୍ଥନ କରୁଥିବା ବିଶ୍ୱସ୍ତରୀୟ ବନ୍ଦର ଭିତ୍ତିଭୂମି ନିର୍ମାଣ କରୁଛୁ। ପାରାଦୀପ ପ୍ରକଳ୍ପ କେବଳ କାର୍ଗୋ କ୍ଷମତା ବୃଦ୍ଧି କରିବ ନାହିଁ ବରଂ ପୂର୍ବ ଭାରତରେ ନିବେଶକୁ ଗତିଶୀଳ କରିବ। ଏହା ମଧ୍ୟ ନିଯୁକ୍ତି ସୃଷ୍ଟି କରିବ ଏବଂ ଏକ ଦୃଢ଼ ସବୁଜ ଶକ୍ତି ଇକୋସିଷ୍ଟମ ସୃଷ୍ଟି କରିବ।

ଏହି ସୁବିଧାରେ ସବୁଜ ହାଇଡ୍ରୋଜେନ୍ କ୍ଷେତ୍ରର ପ୍ରାରମ୍ଭିକ ଅଭିବୃଦ୍ଧି ପର୍ଯ୍ୟାୟରେ ସର୍ବୋତ୍ତମ ବ୍ୟବହାର ସୁନିଶ୍ଚିତ କରିବା ଏବଂ ପାରାଦୀପ ବନ୍ଦରର କାର୍ଗୋ ପ୍ରୋଫାଇଲକୁ ବିବିଧ କରିବା ପାଇଁ ଅନ୍ୟ ତରଳ କାର୍ଗୋ ପରିଚାଳନା ପାଇଁ ବ୍ୟବସ୍ଥା ମଧ୍ୟ ଅନ୍ତର୍ଭୁକ୍ତ ହେବ।

ଏହି ପ୍ରକଳ୍ପ ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନର ଉଦ୍ଦେଶ୍ୟ ସହିତ ସମନ୍ୱିତ। ଏହା ସ୍ୱଚ୍ଛ ଶକ୍ତି ସାମଗ୍ରୀ ପାଇଁ ବନ୍ଦର-ଆଧାରିତ ଲଜିଷ୍ଟିକ୍ସକୁ ସୁଦୃଢ଼ କରିବା ସହିତ ଓଡ଼ିଶାରେ ସବୁଜ ଶକ୍ତି ଭିତ୍ତିଭୂମିରେ ନିବେଶକୁ ସମର୍ଥନ କରିବ ବୋଲି ଆଶା କରାଯାଉଛି।

ପ୍ରସ୍ତାବିତ ଜେଟି ପାରାଦୀପ ବନ୍ଦର ଚାରିପାଖରେ ଏକ ସମନ୍ୱିତ ସବୁଜ ହାଇଡ୍ରୋଜେନ୍ ଇକୋସିଷ୍ଟମ ବିକାଶକୁ ସମର୍ଥନ କରିବା ସହିତ ସବୁଜ ଶକ୍ତି ଡେରିଭେଟିଭ୍ସ ଏବଂ ଅନ୍ୟାନ୍ୟ ତରଳ କାର୍ଗୋ ପରିଚାଳନା ତଥା ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ଭିତ୍ତିଭୂମି ଏବଂ ଉନ୍ନତ ସୁରକ୍ଷା ବ୍ୟବସ୍ଥାକୁ ଅନ୍ତର୍ଭୁକ୍ତ କରିବ।

## ଶ୍ରୀଜଗନ୍ନାଥ...

ନୂତନ ଅଧ୍ୟାୟ ଯୋଡ଼ିଛି। ଶ୍ରୀ ପ୍ରଧାନ ସମସ୍ତ ଝାଡ଼ଖଣ୍ଡବାସୀ ଏବଂ ଜଗନ୍ନାଥ ଅନୁଯାୟୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ମହାପ୍ରଭୁଙ୍କ ଆଶୀର୍ବାଦରୁ ସମାଜରେ ସମାନତା ଓ ଭାଇଚାରା ବୃଦ୍ଧି ପାଇବ ବୋଲି ଆଶା ବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର ଓ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସମେତ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

## ନୂଆଦିଲ୍ଲୀରେ...

କରାଯିବ। ପ୍ରଥମ ମହଲାରେ ଏକ ଏକ୍‌ଜିବିସନ୍ ଏରିଆ ଓ ଦ୍ୱିତୀୟ ମହଲାରେ ପ୍ରାୟ ୭୦ ଆସନ ବିଶିଷ୍ଟ କନ୍‌ଫରେନ୍ସ ହଲ୍ ରହିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଥିବା ବେଳେ ଖୁବ୍ ଶୀଘ୍ର ନିର୍ମାଣ କାମ ଆରମ୍ଭ ହେବ। ଏଥିପାଇଁ ମୋଟ ୯୩.୨୭ କୋଟି ଟଙ୍କା ବ୍ୟୟ ହେବ। ନୂଆଦିଲ୍ଲୀ ସହ ଦେଶର ବିଭିନ୍ନ ସହରରେ ଓଡ଼ିଶାର ପ୍ରଶାସନିକ ସମନ୍ୱୟ ଓ ସାଂସ୍କୃତିକ ସମ୍ପର୍କ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଓଡ଼ିଶା ଭବନ ନିର୍ମାଣ ଯୋଜନା କରିଛନ୍ତି। ଆଗାମୀ ଦିନରେ ଅଯୋଧ୍ୟା, ବେଙ୍ଗାଲୁରୁ ଓ ସୁରଟରେ ମଧ୍ୟ ଓଡ଼ିଶା ଭବନ ନିର୍ମାଣ ହେବ। ଏଥିପାଇଁ ସମ୍ପୃକ୍ତ ରାଜ୍ୟମାନଙ୍କୁ ଜମି ମଗାଯାଇଛି ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ ରାଜ୍ୟ ସରକାରଙ୍କ ପକ୍ଷରୁ କୋଲକତା, ଚେନ୍ନାଇ ଓ ମୁମ୍ବାଇରେ ଓଡ଼ିଶା ଭବନ କାର୍ଯ୍ୟକ୍ଷମ ଅଛି। ଜନସାଧାରଣଙ୍କ ସୁବିଧା ପାଇଁ ମୁମ୍ବାଇରେ ଆଉ ଏକ ଭବନ ନିର୍ମାଣ ନେଇ ବି ପ୍ରସ୍ତାବ ରହିଛି। ଏହି ସବୁ ଭବନ ଓ ସଦନଗୁଡିକର ରକ୍ଷଣାବେକ୍ଷଣ ପାଇଁ ଗୋଟିଏ ସ୍ୱତନ୍ତ୍ର ଡିଭିଜନ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ପୁଣି କହିଥିଲେ ଯେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଜରୁରୀ କାମରେ ଭୁବନେଶ୍ୱର ଆସୁଥିବା ଲୋକମାନଙ୍କ ପାଇଁ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକ ପାଖରେ ଏକ ଜନଆଶ୍ରୟ ଭବନ ନିର୍ମାଣ କରାଯିବ, ଯେଉଁଥିରେକି ରାଜ୍ୟର ଜନସାଧାରଣଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ୩ ଦିନର ରହଣି ବ୍ୟବସ୍ଥା କରାଯିବ। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍, ଓଡ଼ିଶା ସରକାରଙ୍କ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଉପସ୍ଥିତ ଥିଲେ।

## ବଦଳିବ...

ମିଳୁଛି। ବର୍ତ୍ତମାନର ସ୍ଥିତିକୁ ଦେଖି ପ୍ରଚଳିତ ବିଧି ବ୍ୟବସ୍ଥାରେ ବ୍ୟାପକ ସଂଶୋଧନ ପାଇଁ ମାନସ ମନ୍ଥନ ଆରମ୍ଭ କରିଛନ୍ତି ସରକାର। ବିଶେଷ କରି କ୍ରାଉଡ ମ୍ୟାନେଜମେଣ୍ଟ, ରଥ ଟଣା, ପହଣ୍ଡି କୌଶଳ ଏବଂ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଏକ ସୁଦୂରପ୍ରସାରୀ ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହୋଇଛି। ଗତ ଦୁଇ ବର୍ଷର ପରିଚାଳନାଗତ ତ୍ରୁଟିରୁ ସରକାରଙ୍କୁ ଶିକ୍ଷା ମିଳିଛି। ୨୦୨୪ରେ ପହଣ୍ଡି ସମୟରେ ବଡ଼ଠାକୁର ବଳଭଦ୍ର ପଡ଼ିଯିବା ଓ ପୂର୍ବରୁ ଘଟିଥିବା ଦଳାଚକଟା ପରିସ୍ଥିତିକୁ ନେଇ ସେବାୟତ ମହଲରେ ମଧ୍ୟ ଅସନ୍ତୋଷ ରହିଥିଲା। ତେଣୁ ନୂଆ କୋଡ୍‌ରେ କେବଳ ବ୍ୟବସ୍ଥା ନୁହେଁ, ବରଂ ଅବହେଳା କରୁଥିବା ଅଧିକାରୀ ଓ ସେବାୟତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ପହଣ୍ଡି ଓ ନୀତି ସମୟରେ କେବଳ ସମ୍ପୃକ୍ତ ସେବକଙ୍କ ଉପସ୍ଥିତିକୁ ବାଧ୍ୟତାମୂଳକ କରିବାକୁ ଦାବି କରିଛନ୍ତି ସେବାୟତ ନିଯୋଗ। ଗତବର୍ଷ ମନ୍ତ୍ରୀମାନଙ୍କୁ ଦାୟିତ୍ୱ ଦେବା ପରେ ବି ପରିଚାଳନାରେ ତ୍ରୁଟି ଦେଖାଦେଇଥିଲା।

## ୪୦ ଦିନ...

ଓ ଧାନ କ୍ୱିଣ୍ଟାଲ ପିଛା ଆଉ ଅଧିକ ୩ କେଜି ଲେଖାଏଁ ଧାନ କାଟିବେ ବୋଲି ମୂଳଚାଲ କରିବା ପରେ ଧାନ ଅନଲୋଡ କରିଥିଲେ ବୋଲି ଦୁର୍ଯ୍ୟୋଧନ ଅଭିଯୋଗ କରିଛନ୍ତି। ଦୁର୍ଯ୍ୟୋଧନ ତାଙ୍କ ଭାଇଙ୍କ ମୃତ୍ୟୁ ପାଇଁ ସେବା ସମବାୟ ସମିତିର କର୍ମଚାରୀ ଓ ମିଲରଙ୍କୁ ଦାୟୀ କରିଛନ୍ତି। ୪୦ ଦିନ କାଳ ଦୌଡ଼ି ଦୌଡ଼ି ଶେଷରେ ସହସମ୍ପାଦକ ୧୦୦୦ ଟଙ୍କା ନେଇ ରାମଚଣ୍ଡୀ ମିଲରେ ଧାନ ଦେବାକୁ ଟୋକାନ ଦେଇଥିଲେ। ୨୩ରୁ ୨୫ ତାରିଖ ଯାଏଁ ଖରା ଓ କାକରରେ ଅଖିଆଅପିଆ ପଡ଼ି ରହିଥିଲୁ। କ୍ୱିଣ୍ଟାଲ ପିଛା ୯ କେଜି ଲେଖାଏଁ ମିଲରେ ଧାନ କାଟି ରଖିଥିଲେ। ମିଲରେ ଧାନ ଅନଲୋଡ ପାଇଁ ମିଲର ୩୦୦୦ ଟଙ୍କା ନେଇଛନ୍ତି ଓ ଦୁଇଟି ଟ୍ରାକ୍ଟର ଭଡ଼ା ବାବଦକୁ ୧୫ ହଜାର ଟଙ୍କା ଆମେ ଦେଇଛୁ ବୋଲି ଦୁର୍ଯ୍ୟୋଧନ କହିଛନ୍ତି। ଏନେଇ ଖବର ପାଇ ରାଜନଗର ତହସିଲଦାର ଯୀଶୁକୃଷ୍ଣ ଦାସ ମଣ୍ଡି ଓ ରାମଚଣ୍ଡୀ ମିଲରେ ପହଞ୍ଚି ତଦନ୍ତ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ଆର. ରଘୁନାଥ ଆୟାର ମଧ୍ୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ସରକାର ଚାଷୀଙ୍କ ପାଇଁ ବଜେଟରେ ହଜାର ହଜାର କୋଟି ଟଙ୍କାର ଯୋଜନା କରୁଛନ୍ତି, କିନ୍ତୁ ଗ୍ରାଉଣ୍ଡରେ ମିଲର ଓ ଅସାଧୁ କର୍ମଚାରୀଙ୍କ ପାଇଁ ଚାଷୀ ଆତ୍ମହତ୍ୟା କରୁଛି ନଚେତ ମାନସିକ ଚାପରେ ମରୁଛି। ତ୍ରିଲୋଚନଙ୍କ ମୃତ୍ୟୁ ଏକ ସାଧାରଣ ମୃତ୍ୟୁ ନୁହେଁ, ବରଂ ଏହା ବ୍ୟବସ୍ଥାର ହତ୍ୟା। କେବେ ଚେତିବ ପ୍ରଶାସନ ଆଉ କେବେ ମିଳିବ ତ୍ରିଲୋଚନଙ୍କ ପରିବାରକୁ ନ୍ୟାୟ, ଏହା ହିଁ ଏବର ସବୁଠାରୁ ବଡ଼ ପ୍ରଶ୍ନ।

## ଏନ୍‌କାଉଣ୍ଟରରେ...

ଏହି ଗୁଳିଗୋଳା ବିନିମୟରେ ୨ ଜଣ ମାଓବାଦୀ ନିହତ ହୋଇଥିଲେ। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଜାରି ରହିଛି। ଅନ୍ୟପକ୍ଷରେ ନିପାତ ହୋଇଥିବା ଦୁଇ ମାଓବାଦୀଙ୍କ ପରିଚୟ ମିଳିଛି। ସେମାନେ ହେଲେ ୩୫ ବର୍ଷୀୟ ହିଦମ୍ ମାଦା ଓ ୩୦ ବର୍ଷୀୟ ମାଙ୍ଗି ପୋଡିୟାମ୍। ଉଭୟ ଭୈରମଗଡ଼ ଏରିଆ କମିଟିର ସଦସ୍ୟ ଭାବେ କାର୍ଯ୍ୟ କରୁଥିଷଲ। ଏଥିସହ ସେମାନଙ୍କ ମୁଣ୍ଡ ଉପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ୫ ଲକ୍ଷ ଟଙ୍କାର ପୁରସ୍କାର ମଧ୍ୟ ଘୋଷଣା କରାଯାଇଥିଲା। ଦୁଇ ଦିନ ତଳେ ତେଲଙ୍ଗାନାରେ ସିପିଆଇ(ମାଓବାଦୀ) ନେତା ଦେବଜୀ ଓରଫ୍ ଥିପରି ତିରୁପତି ତାଙ୍କର ୩ ଜଣ ସହଯୋଗୀଙ୍କ ସହ ଆତ୍ମସମର୍ପଣ କରିଥିଲେ। ଆଜି ଦୁଇ ଜଣ ପ୍ରମୁଖ କମିଟି ସଦସ୍ୟଙ୍କ ମୃତ୍ୟୁ ପରେ ଅଞ୍ଚଳରେ ଲାଲ୍‌ଗଡ଼ର ଏକରକମ ମେରୁଦଣ୍ଡ ଭାଙ୍ଗିଯାଇଛି ବୋଲି କହିଲେ ଚଳେ।

## ରାଜ୍ୟସଭାରେ...

ନେଇ ଆରମ୍ଭ ହୋଇଛ ଆକଳନ।

ଉଲ୍ଲେଖନୀୟ ଯେ ବିଜେଡିର ଏବେ ବିଧାନସଭାରେ ୪୮ ଜଣ ସଦସ୍ୟ ରହିଛନ୍ତି। ସଂଖ୍ୟାଗଣିତ ଦୃଷ୍ଟିରୁ ବିଜେଡି ତା'ର ପ୍ରଥମ ପ୍ରାର୍ଥୀଙ୍କୁ ଅନାୟାସରେ ଜିତାଇପାରିବ। ହେଲେ ଦ୍ୱିତୀୟ ପ୍ରାର୍ଥୀଙ୍କ ପାଇଁ ଅନ୍ୟ ଦଳର ସହଯୋଗ ନିହାତି ଆବଶ୍ୟକ। ଅନ୍ୟପକ୍ଷରେ ବିଜେପି ନିକଟରେ ୭୯ ଜଣ ବିଧାୟକ ରହିଛନ୍ତି। ଏଥିସହ ବିଜେପି ସପକ୍ଷରେ ୩ ଜଣ ସ୍ୱାଧୀନ ବିଧାୟକ ରହିଛନ୍ତି। ସେହି ହିସାବରେ ବିଜେପି ସହଜରେ ୨ ଜଣ ପ୍ରାର୍ଥୀଙ୍କୁ ଜିତାଇଦେବ। କିନ୍ତୁ ଗତ କିଛି ଦିନ ହେଲା ବିଜେପି ତୃତୀୟ ପ୍ରାର୍ଥୀଙ୍କୁ ଜିତାଇ ରାଜ୍ୟସଭା ପଠାଇବ ବୋଲି ଦଳୀୟ ନେତାମାନେ କହିଆସୁଛନ୍ତି। ବିଜେଡିରୁ ନିଲମ୍ବନ ହୋଇଥିବା ଦୁଇ ବିଧାୟକଙ୍କ ଭୋଟ ଉପରେ ବି ସମସ୍ତଙ୍କ ନଜର ରହିଛି।

ସେହିଭଳି ଗତ ଦୁଇ ଦିନ ହେଲା ଚତୁର୍ଥ ପ୍ରାର୍ଥୀଙ୍କୁ ନେଇ ବିଜେଡି ନେତାଙ୍କ ବୟାନବାଜି ମଧ୍ୟ ଜୋର ଧରିଛି। ପ୍ରଥମେ ଦଳର ବରିଷ୍ଠ ନେତା ଅରୁଣ ସାହୁ ଓ ଗଣେଶ୍ୱର ବେହେରା ବିଜେପିର ସାଂସଦ ରାଜ୍ୟସଭା ଯିବା ଉଚିତ୍ ନୁହେଁ ବୋଲି କଟାକ୍ଷ କରିବା ସହ ବିଜେଡି ଚତୁର୍ଥ ପ୍ରାର୍ଥୀ ଦେବାକୁ ମତ ରଖିଥିଲେ। ଏହାର ଦିନକ ପରେ ଦଳର ଆଉ ଦୁଇ ନେତା ବିଧାୟକ ବଦ୍ରି ନାରାୟଣ ପାତ୍ର ଓ ମହେଶ ସାହୁ ବିଜେଡି ଚତୁର୍ଥ ପ୍ରାର୍ଥୀ ଦେଉ ଓ ବିଜେପି ପୂର୍ବ ଋଣ ଶୁଝି ଏହି ପ୍ରାର୍ଥୀଙ୍କୁ ସମର୍ଥନ କରିବା ପାଇଁ କହିଥିଲେ।

ବିଜେଡି ନେତାମାନଙ୍କ ବୟାନବାଜି ଅନୁଯାୟୀ ଦଳ ପକ୍ଷରୁ ଆଜି ଦୁଇ ପ୍ରାର୍ଥୀଙ୍କ ପାଇଁ ୬ ସେଟ୍ ପ୍ରାର୍ଥିପତ୍ର ନିଆଯାଇଛି। ତେବେ ଦଳ ଭିତରେ ବିନା ଆଲୋଚନାରେ ଚାରି ଚାରି ଜଣ ନେତା ଖୋଲା ବକ୍ତବ୍ୟ ଦେବା ଆଦୌ ସହଜ ନୁହେଁ ଏବଂ ବିଜେଡି ନିଶ୍ଚିତ ଭାବେ ଚତୁର୍ଥ ପ୍ରାର୍ଥୀ ଦେବ ବୋଲି ଆକଳନ କରାଯାଉଛି। ତେବେ ହେଉଥିବା ଆଲୋଚନା ଅନୁଯାୟୀ, ବିଜେଡି ଏଭଳି ଜଣେ ବ୍ୟକ୍ତିଙ୍କୁ ଚତୁର୍ଥ ପ୍ରାର୍ଥୀ କରିବ, ଯାହାଙ୍କୁ ଉଭୟ ବିଜେପି ଓ କଂଗ୍ରେସର ଭୋଟ ମିଳିବ। ନବୀନ ଏଭଳି ଜଣେ ବ୍ୟକ୍ତିଙ୍କୁ ବାଛିଥିବା ନେଇ ଆଲୋଚନା ବି ଜୋର ଧରିଛି।

ଅନ୍ୟପକ୍ଷରେ ବିଧାନସଭାରେ ୧୪ ଜଣ ବିଧାୟକଙ୍କ ସହ ଜଣେ ସିପିଏମ୍ ବିଧାୟକ ଥିବାରୁ କଂଗ୍ରେସ ମଧ୍ୟ ପ୍ରାର୍ଥୀ ଛିଡ଼ା କରାଇବ ବୋଲି ପୂର୍ବରୁ ପିସିସି ସଭାପତି ଘୋଷଣା କରିଥିଲେ। ହେଲେ ଆଜି ସେ କହିଛନ୍ତି ଯେ ପ୍ରାର୍ଥୀ ନିଷ୍ପତ୍ତି ହାଇକମାଣ୍ଡ ନେବେ। ମିଳୁଥିବା ସୂଚନାନୁଯାୟୀ, ଶୁକ୍ରବାର ପିସିସି ସଭାପତି ଦିଲ୍ଲୀ ଗସ୍ତରେ ଯାଉଛନ୍ତି। ତେଣୁ ଦିଲ୍ଲୀରେ ରାଜ୍ୟସଭା ରାଜନୀତି ନେଇ ମାନସ ମନ୍ଥନ ହେବ ବୋଲି ଆକଳନ କରାଯାଉଛି। ତେବେ ଶାସକ ବିଜେପି କିନ୍ତୁ ଆଜି ସୁଦ୍ଧା ନାମାଙ୍କନପତ୍ର ନେଇନାହିଁ କିମ୍ବା କେତେ ପ୍ରାର୍ଥୀ ଦେବ, ତା'ର ଆଗୁଆ ସୂଚନା ପ୍ରଦାନ କରିନାହିଁ। କିନ୍ତୁ ବିଜେପି ନେତାମାନେ ବାରମ୍ବାର ଦାବି କରୁଛନ୍ତି ଯେ ସେମାନେ ତିନୋଟି ରାଜ୍ୟସଭା ଆସନ ଦଖଲ କରିବେ। ଏସବୁ ଗୋଳିଆ ପାଣି ଭିତରେ ନବୀନ କିଭଳି ରାଜନୈତିକ ଗୋଟି ଚଳାଇବେ, ତାହା ଉପରେ ଏବେ ସମସ୍ତଙ୍କ ନଜର।

## ବିଧିବଦ୍ଧ...

ସହାୟକ ରିଟର୍ଣ୍ଣିଂ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ତେଣୁ ଆଜିଠାରୁ ଏହି ନିର୍ବାଚନ ନିମନ୍ତେ ମନୋନୟନପତ୍ର ଫର୍ମ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭା ସୌଧର ସମ୍ମିଳନୀ କକ୍ଷ (ତଳ ମହଲା)ରେ ଉପଲବ୍ଧ ହେବ। ଆସନ୍ତା ୫ ତାରିଖ (ଗୁରୁବାର) ସୁଦ୍ଧା ଯେ କୌଣସି ଦିନ (ସରକାରୀ ଛୁଟିଦିନ ବ୍ୟତୀତ) ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ପ୍ରାର୍ଥୀ ନିଜେ କିମ୍ବା ତାଙ୍କ ପ୍ରସ୍ତାବକ ଓଡ଼ିଶା ବିଧାନସଭା ସୌଧର ସମ୍ମିଳନୀ କକ୍ଷ (ତଳ ମହଲା) ରିଟର୍ଣ୍ଣିଂ ଅଧିକାରୀଙ୍କ ନିକଟରେ ମନୋନୟନପତ୍ର ଦାଖଲ କରିପାରିବେ। ସେହିପରି ଆସନ୍ତା ୬ ତାରିଖ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ବିଧାନସଭା ସୌଧର ସମ୍ମିଳନୀ କକ୍ଷ (ତଳ ମହଲା)ରେ ମନୋନୟନ ପତ୍ର ଯାଞ୍ଚ କରାଯିବ। ପରେ ୯ ତାରିଖରେ ପ୍ରାର୍ଥିତ୍ୱ ପ୍ରତ୍ୟାହାର ନିମନ୍ତେ ନୋଟିସ୍ ସ୍ୱୟଂ ପ୍ରାର୍ଥୀ ଅଥବା ତା' ଦାଖଲ କରିବା ନିମନ୍ତେ ପ୍ରାର୍ଥୀଙ୍କ ଦ୍ୱାରା ଲିଖିତ ଆକାରରେ ପ୍ରାକୃତ ହୋଇଥିବା ତାଙ୍କ ପ୍ରସ୍ତାବକ ବା ତାଙ୍କ ନିର୍ବାଚନ ଏଜେଣ୍ଟ ରିଟର୍ଣ୍ଣିଂ ଅଧିକାରୀଙ୍କ ନିକଟରେ ଅପରାହ୍ନ ୩ଟା ପୂର୍ବରୁ ଦାଖଲ କରିପାରିବେ।

ସେହିପରି ଯଦି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ହୁଏ, ତା'ହେଲେ ଆସନ୍ତା ୧୬ ତାରିଖ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ମଧ୍ୟରେ ଓଡ଼ିଶା ବିଧାନସଭା ସୌଧର କମିଟି ପ୍ରକୋଷ୍ଠ ନଂ. ୫୪ରେ ଭୋଟ ଗ୍ରହଣ କରାଯିବ ଓ ସନ୍ଧ୍ୟା ୫ଟା ସମୟରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ଉକ୍ତ ଦିନ ନିର୍ବାଚିତ ବ୍ୟକ୍ତିଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯିବ। ଆସନ୍ତା ୨୦ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ସମାପ୍ତ ହେବ ବୋଲି ଉକ୍ତ ବିଜ୍ଞପ୍ତିରେ ଇସିଆଇ ସ୍ପଷ୍ଟ କରିଛନ୍ତି।

# ଥମୁନି ବ୍ରାଉନସୁଗର କାରବାର

**● ୩୫ ଗ୍ରାମ ବ୍ରାଉନ ସୁଗାର ଜବତ ● ପେସାଦାର ବେପାରୀକୁ କୋର୍ଟ ଚାଲାଣ**

ଯାଜପୁର, ୨୬।୨ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାରେ ଏବେ ବ୍ରାଉନ ସୁଗାର ଓ ଚୋରା ମଦ କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ହେଲେ ଆସାମୀମାନଙ୍କୁ ଧରିବା ପାଇଁ ଅବକାରୀ ବିଭାଗ ଓ ପୁଲିସ ସକ୍ରିୟ ଥିଲେ ବି ଏହା ହ୍ରାସ ପାଇବା ଭଳି ଜଣାପଡୁନାହିଁ । ଯାଜପୁର ଜିଲ୍ଲାର ଯାଜପୁର ଟାଉନ, କଳିଙ୍ଗନଗର, ଯଖପୁରା, ଦାନଗଦି, ଯାଜପୁର ରୋଡ଼, ପାଣିକୋଇଲି, କାଳିଆପାଣି ଆଦି ଥାନା ଇଲାକାର ବିଭିନ୍ନ ଦୋକାନ ମାନଙ୍କରେ ଅବାଧରେ ବ୍ରାଉନ ସୁଗାର ବିକ୍ରି ହେଉଥିବା ଅଭିଯୋଗ ହେଉଛି।

ବାରମ୍ବାର ଅଭିଯୋଗ ପରେ ନିକଟରେ କଳିଙ୍ଗନଗରରୁ ୭୧ ଗ୍ରାମ, ଦାନଗଦିରୁ ୭ ଗ୍ରାମ, ଯଖପୁରା ଓ ଯାଜପୁର ଟାଉନରୁ ବ୍ରାଉନ ସୁଗାର



ଜବତ ହୋଇଥିବା ନଜିର ରହିଛି। ସେହିପରି ଯାଜପୁର ରୋଡ଼ସ୍ଥ ଡୋଲିପୁର ଅବକାରୀ ବିଭାଗ ପାଣିକୋଇଲି ଥାନା ଜହ୍ନା ଛକରେ ଚଢାଉ କରି ୩୫ ଗ୍ରାମ ବ୍ରାଉନ ସୁଗାର ଜବତ କରିଥବା ଜଣାପଡିଛି। ଜବତ ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ପ୍ରାୟ ୩.୫ ଲକ୍ଷ ଟଙ୍କା ହେବ। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତକୁ ଅବକାରୀ ବିଭାଗ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

ଗିରଫ ଅଭିଯୁକ୍ତ ବାଲେଶ୍ୱର ଜିଲ୍ଲା କଣ୍ଟାପଡ଼ା ଥାନା ପତରାଗ୍ରାମର ସନ୍ତୋଷ ରାୟଙ୍କ ପୁତ୍ର ଅଶୋକ। ସେ ବର୍ତ୍ତମାନ ଡୁବୁରିରେ ରହୁଛନ୍ତି। ଏହି ଚଢ଼ାଉ ସମୟରେ ଅବକାରୀ ବିଭାଗ ଆଇଆଇସି ସସ୍ମିତା ହୋତା, ଡୋଲିପୁର ଓଆଇସି ରାମେଶ୍ୱର ମହାନ୍ତି, ଡୋଲିପୁର ଏଆଇସି ରଶ୍ମିରେଖା ଜେନା, କନଷ୍ଟେବଳ ଚଗଲା ମାଲିକ ଉପସ୍ଥିତ ଥିଲେ।

## ମହିଳାଙ୍କୁ ନିର୍ଧୂମ ମାଡ, ଥାନାରେ ଅଭିଯୋଗ

ବାଲିଆପାଳ, ୨୬।୨ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ଜାମକୁଣ୍ଡା ପଞ୍ଚାୟତର କୁଲ୍ଲାଚଡ ଗ୍ରାମରେ ଅବଦୁଲ ଇଡିଫ୍ ଖାଁ ଏବଂ ବାପା ଅବଦୁଲ ଅବିଜ ଖାଁ ବାହାରକୁ କାମରେ ଯାଇଥିବା ବେଳେ ବୁଧବାର ସକାଳେ ତାଙ୍କ ନିଜ ବାଡିରୁ ପୋଡଶୀ ଫିରୋଜ ଖାଁ ଜେସିପି ଲଗାଇ ମାଟି ତାଡି ନେଉଥିବା ସମୟରେ ଇଡିଫଙ୍କର ମାଆ ବନିଯ ବବି ବାରଣ କରିବାରୁ ଫିରୋଜ ଖାଁ, ହମିଦ ଖାଁ, ଟୁନୁ ଖାଁ ଏକତ୍ରିତ ହୋଇ ଗୋଇଠା ଓ ଡେଙ୍ଗା ରେ ପିଟି ବୋହୋସ କରି ଜୀବନରୁ ମାରିଦେବା ପାଇଁ ଉଦ୍ୟମ କରିଥିଲେ। ପରେ ବନିଯାଙ୍କ ବୋହୂ ଜାଣି ପାରି ୧୦୮କୁ ଫୋନ୍ କରି ପ୍ରଥମ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଅବସ୍ଥା ଗୁରୁତର ହେବାରୁ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି। ବିନା କାରଣରେ ପୁରୁଷ ଲୋକେ ଘରେ ଥିବା ସମୟରେ ତାଙ୍କ ବୃଦ୍ଧ ମାଙ୍କୁ ମାଡ଼ ମାରିଥିବା ବ୍ୟକ୍ତି ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ପୁଅ। ଅନ୍ୟ ପଟେ ଏନେଇ ଫିରୋଜ ଖାଁ ମଧ୍ୟ ପାଲଟା ଅଭିଯୋଗ କରିଥିବା ଜଣା ପଡ଼ିଛି।

## ନାବାଳିକା ଗର୍ଭବତୀ ଘଟଣାର ମୁଖ୍ୟ ଅଭିଯୁକ୍ତକୁ ଧରିଲା ପୁଲିସ



ଯାଜପୁର ରୋଡ଼, ୨୬।୨ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଞ୍ଚଳରେ ଏକ ନାବାଳିକାର ଶିଶୁଜନ୍ମ ଘଟଣା ଲୋକଙ୍କ ମନରୁ ଲିଭି ନଥିବା ବେଳେ ଗତ ୨୩ ତାରିଖରେ ପୁଣି ଏକ ନାବାଳିକାକୁ ନେଇ ଲଜ୍ଜାଜନକ ଘଟଣା ଘଟିଥିଲା। ସ୍ଥାନୀୟ ସାଗଡିଆ ଅଂଚଳରେ ରହୁଥିବା ଏକ ଆଦିବାସୀ ପରିବାରର ୧୭ବର୍ଷର ନାବାଳିକାକୁ ଚୁନଭାଟି ପୁତ୍ରର ଗାନ୍ଧୀ କଲୋନୀରେ ରହି ନିର୍ମାଣ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଯୁବକ ଅନୈତିକ ସଂପର୍କ ରଖି ଉକ୍ତ ନାବାଳିକାକୁ ଗର୍ଭବତୀ କରି ଫେରାର ହୋଇଯାଇଥିଲା। ଯାଜପୁର ରୋଡ଼ ଆଦର୍ଶ ଥାନାରେ ନାବାଳିକା ଗର୍ଭବତୀ ଘଟଣାକୁ ନେଇ ତାର ମାଆ ଅଭିଯୋଗ କରିଥିଲେ। ଥାନାରେ ପକ୍ସୋ କେସ ନମ୍ବର ୧୩୬/୨୬ରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଥିଲା। ଯାଜପୁର ରୋଡ଼ ଥାନା ଅଧିକାରୀ ଆଶିଷ କୁମାର ସାହୁଙ୍କ ପୁଲିସ ଟିମ୍ ଜାଳରେ ଠାକୁରମୁଣ୍ଡା ଅଂଚଳର ପତ୍ରତୋଳା ଗାଁରୁ ଏହି ମାମଲାରେ ସମ୍ପୃକ୍ତଥିବା ଫେରାର ମୁଖ୍ୟ ଅଭିଯୁକ୍ତ ରଘୁନାଥ ହେମ୍ବ୍ରମଙ୍କୁ ପୁଲିସ ଧରିବାରେ ସଫଳ ହୋଇଛି। ଏହି ଘଟଣାରେ ଅଭିଯୁକ୍ତ କେଉଁ ଦଣ୍ଡ ପାଉଛି ତାହା ଦେଖିବାକୁ ବାକି ରହିଲା।

## ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍ର ଚଢ଼ାଉ, ୪ ଗିରଫ

ଯାଜପୁର ରୋଡ଼,୨୬।୨(ସଂଚାର ବ୍ୟୁରୋ): ଅବକାରୀ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁରରେ ପ୍ରଚୁର ଚୋରା ଦେଶୀ ମଦ ବିକ୍ରି ହେଉଥିବା ଖବର ପାଇ ଆଜି ସକାଳୁ କଟକ ଗୁରୁଭା ଏବଂ ପ୍ରବର୍ତ୍ତନ ବିଭାଗ ୟୁନିଟ୍-ଟୁର ସ୍ୱତନ୍ତ୍ର ଶାଖା ପକ୍ଷରୁ ଏସ.ଆଇ ଶ୍ରୀ ବିଭୁତି ଭୂଷଣ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉରେ ପାଣିକୋଇଲି ରାଜପୁର ଅଂଚଳରୁ ସୁବାସ ଯାଦବ, ସାହାପୁରର ଶ୍ୟାମସୁନ୍ଦର ପ୍ରଜାପତି, ସଠିପୁରର ଚକ୍ରଧର ସାହୁ ଓ ଦାନଗଡି ମାନପୁରର ରଞ୍ଜନ କୁମାର ସାହୁଙ୍କ ଠାରୁ ପାଖାପାଖି ୩୦ଲିଟର ଚୋରା ଦେଶୀ ବିଦେଶୀ ମଦ ଧରି ଥିବା ସୂଚନା ମିଳିଛି । ଏଥିସହିତ ସେମାନଙ୍କ ପିଆର କେସ ନମ୍ବର ୧୧୬,୧୧୭,୧୧୮,୧୧୯/୨୦୨୬ ରେ ମାମଲା ରୁଜୁ କରି ଅଣ୍ଡର ସେକସନ ୫୨(ଏ) ରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଅବକାରୀ ଅଧିକାରୀ ଶ୍ରୀପ୍ରଧାନ ସୂଚନା ଦେଇଥିଲେ। ଏହି ଚଢ଼ାଉରେ ଏଏସଆଇ ପୁର୍ଣ୍ଣଜିତ ମହାପାତ୍ର, ସିପାହୀ ସଞ୍ଜୟ ଦାସ, କିସାନ କୁମାର ସାବୁତ, ଚନ୍ଦ୍ରମା ବାର୍ଗୀ ପ୍ରମୁଖ ସାମିଲ ହୋଇଥିଲେ। ଏହି ଚଢ଼ାଉ ପ୍ରକ୍ରିୟା ଆଗକୁ ବାରମ୍ବାର ଜାରି ରହିବ ବୋଲି ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା।

## ମହିଳାଙ୍କୁ କଟୁରିରେ ହାଣି ପକାଇଲା ଯୁବକ



ଢେଙ୍କାନାଳ,୨୬।୨ (ସଂଚାର ବ୍ୟୁରୋ): ପାଣି ଆଣୁଥିବା ବେଳେ ମହିଳାଙ୍କୁ ଅଚାନକ ଆକ୍ରମଣ। କଟୁରିରେ ଚୋଟ ପରେ ଚୋଟ ମାରି ଚାଲିଥଲା ଯୁବକ। ଆଉ ଗ୍ରାମବାସୀ ଦୌଡ଼ି ଆସିବାରୁ ଘଟଣାସ୍ଥଳରୁ ଆକ୍ରମଣ କରିଥିବା ଯୁବକ ଫେରାର ହୋଇଯାଇଛି। କଟୁରି ଚୋଟରେ ମହିଳାଙ୍କୁ ଅତି ଗୁରୁତର ଅବସ୍ଥାରେ ପ୍ରଥମେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଛି। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅନ୍ତର୍ଗତ ମୁଗପଦା ଗ୍ରାମରେ ଘଟିଛି ଏହି ଅଭାବନୀୟ ଘଟଣା । ଗୁରୁତର ମହିଳା ଜଣଙ୍କ ମୁଗପଦା ଗ୍ରାମର ଜୟଦେବ ନାୟକଙ୍କ ପତ୍ନୀ ପ୍ରତିମା ନାୟକ (୩୫) ବୋଲି ଜଣାପଡିଛି। ପ୍ରତିମା ଗାଁ ଦାଣ୍ଡରେ ପାଇପ ପାଣି ଟ୍ୟାପରୁ ପାଣି ନେଉଥିବା ବେଳେ ଅଚାନକ ତାଙ୍କ ଗ୍ରାମର ଜଣେ ଯୁବକ ତାଙ୍କୁ ଆକ୍ରମଣ କରିଥିଲା। କଟୁରୀ ଚୋଟରେ ପ୍ରତିମାଙ୍କ ବେକ ଓ କାନ୍ଧରେ ଗଭୀର କ୍ଷତ ହୋଇଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ଅଭିଯୁକ୍ତ ଯୁବକ ଉକ୍ତ ଗ୍ରାମର ହନୁଆ ନାୟକ ବୋଲି ଜଣାପଡିଛି। ତେବେ ଆକ୍ରମଣ କାରଣ ଜଣାପଡି ନଥିଲେ ମଧ୍ୟ ଏକ ତରଫା ପ୍ରେମ ସମ୍ପର୍କ ବୋଲି ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ କାମାକ୍ଷାନଗର ପୁଲିସ ପହଞ୍ଚି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ମାଫିଆ ଗିରଫ, ବାଇକ୍ ଓ ୩୫ କିଲୋ ଗଞ୍ଜେଇ ଜବତ



ଫୁଲବାଣୀ,୨୬।୨ (ସଂଚାର ବ୍ୟୁରୋ): ଗୋଛାପଡା ଥାନା ପକ୍ଷରୁ ଗଞ୍ଜେଇ ଧରପଗଡ଼ ଜାରି ରହିଛି । ତେବେ ଏହି ଗୋଛାପଡା ପୋଲିସ ପୁଣି ଏକ ବାଇକ ସହ ୩୫ କିଲୋ ଗଂଜେଇକୁ ଜବତ କରିବାରେ ସଫଳ ହୋଇଥିବା ବେଳେ ଜଣେ ଚାଲାଣକାରୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ବୌଦ୍ଧ ଜିଲ୍ଲା କଣ୍ଟାମାଲ ଥାନା ନନ୍ଦନ ପଡା ଗାଁ ର ରାଜୁ ବାଗ ବୋଲି ଜଣାପଡିଛି। ସୂଚନା ଅନୁସାରେ ଏକ ବିଶେଷ ସୂତ୍ରରୁ ଗୋଛାପଡା ଅଂଚଳରୁ ଭାୟା ଲୋଇସିଂ ହୋଇ କଣ୍ଟାମାଲ ଅଂଚଳକୁ ଏକ ବାଇକରେ ଗଂଜେଇ ଚାଲାଣ ହେଉଥିବା ପୋଲିସକୁ ଖବର ମିଳିଥିଲା । ଖବର ମିଳିବା ପରେ ଥାନା ଅଧିକାରୀ ସଂଜିତ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ କାର୍ଯ୍ୟରତ ଏସଆଇ ଅଶୋକ ପରିଡା ଓ ଅନନ୍ତ ପ୍ରଧାନଙ୍କ ନେତୃତ୍ୱରେ ଗୋଛାପଡା ଥାନା ବନ୍ଧୁଲି ଛକ ନିକଟରେ ବାଇକଟିକୁ କାବୁ କରିବାରେ ସଫଳ ହୋଇଥିଲା । ପରେ ମଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଂଜେଇକୁ ଓଜନ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂଚନା ଦେଇଛି। ଏହି ଘଟଣାକୁ ନେଇ ଗୋଛାପଡା ଥାନାରେ ୩୦/୨୦୨୬ ରେ ଏକ ମାମଲା ରୁଜୁ କରାଯାଇଛି। ଗିରଫ ଯୁବକ ଜଣକ ପେସାଦାର ଗଂଜେଇ ମାଫିଆ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି।

## ନିଖୋଜ ପ୍ରଧାନଶିକ୍ଷକଙ୍କ ମୃତଦେହ ଛତିଶଗଡ଼ରୁ ଠାବ

ନବରଙ୍ଗପୁର/ଉମରକୋଟ,୨୬।୨ (ସଂଚାର ବ୍ୟୁରୋ): ଗତ ୨୧ ତାରିଖ ଠାରୁ ନିଖୋଜ ରହିଥିବା ପ୍ରଧାନ ଶିକ୍ଷକ ଅଲେଖ ଚରଣ ଭକ୍ତଙ୍କ ମୃତଦେହ ଠାବ ହୋଇଛି। ଉମରକୋଟ ବ୍ଲକ ବଡଭରଣ୍ଡି ଗ୍ରାମର ଅଲେଖ ଚରଣ ଭକ୍ତ (୩୨) ଝରିଗାଁ ଗୋଷ୍ଠୀ ଶିକ୍ଷା ଅନ୍ତର୍ଗତ ରତାଖଣ୍ଡିଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ କାମ କରୁଥିଲେ । ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷା ପାଇଁ ସେ କଲେଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ପର୍ଯ୍ୟବେକ୍ଷକ ନିଯୁକ୍ତି ପାଇଥିଲେ। ଶନିବାର ସ୍ୱାଭାବିକ ଭାବେ ଅଲେଖ କଲେଗାଁ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ କାମ ସାରି ଅପରାହ୍ନ ୧୨ ଟା ୧୦ ମିନିଟ



ସମୟରେ ବିଦ୍ୟାଳୟରୁ ଘର ଅଭିମୁଖେ ବାହାରିଥିଲେ। ଅନେକ ସମୟ ପରେ ମଧ୍ୟ ସେ ଘରେ ନପହଞ୍ଚିବାରୁ ପରିବାର ଲୋକେ ଚିନ୍ତାରେ ପଡିଥିଲେ। ସେ ଧରିଥିବା ଦୁଇଟି ମୋବାଇଲ ନମ୍ବରକୁ ବାରମ୍ବାର କଲ୍ କରିଥିଲେ ମଧ୍ୟ ମୋବାଇଲ ନମ୍ବର ବନ୍ଦ ଥିଲା। ଭକ୍ତଙ୍କ ବଡଭାଇ ଝରିଗାଁ ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତିକରି ଝରିଗାଁ ପୁଲିସ ଏକ ଦଳ ଗଠନ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଆଜି ଛତିଶଗଡ ରାଜ୍ୟର ମେନପୁର ଜଙ୍ଗଲରୁ ତାଙ୍କର ଝୁଲନ୍ତା ମୃତଦେହ ଠାବ କରାଯାଇଛି। ଘଟଣାସ୍ଥଳରେ ମୃତକଙ୍କ ବାଇକ, ଭୋଟର ଓ ଆଧାର କାର୍ଡ ମଧ୍ୟ ଜବତ ହୋଇଛି। ହେଲେ ସେ ଆତ୍ମହତ୍ୟା କାହିଁକି କଲେ ଏ ସମ୍ପର୍କରେ କାହା ପାଖରେ କିଛି ତଥ୍ୟ ନାହିଁ। ତଦନ୍ତ ପରେ ସବୁ ଜଣାପଡିବ ବୋଲି ପୁଲିସ ସୂତ୍ରରୁ ଜଣାପଡିଛି ।

**ପଞ୍ଚାୟତ ନିର୍ବାଚନ ସଫଳତା ପାଇଁ ପ୍ରସ୍ତୁତ ହେଲା ବ୍ଲୁ ପ୍ରିଣ୍ଟ**

## ବିଜେପିରେ ସାମିଲ ହେଲେ ଶତାଧିକ କର୍ମୀ

କାକଟପୁର/ଅସ୍ତରଙ୍ଗ,୨୬।୨ (ସଂଚାର ବ୍ୟୁରୋ): ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ବାଜିମାତ କରିବା ସହିତ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ଉନ୍ନତି ମୂଳକ କାର୍ଯ୍ୟ ପାଇଁ ବିଭିନ୍ନ ପଂଚାୟତରେ ଭୋଟରଙ୍କ ମନ ଜିଣିଛନ୍ତି। ଆଗକୁ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଥିବାରୁ ଦଳ କେମିତି ସେଥିରେ ସଫଳ ହେବ ସେ ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ବିଜେପି ମଣ୍ଡଳ ଜୋନ ସଭାପତି ଇନ୍ଦ୍ରମଣୀ ଜେନାଙ୍କ ସଭାପତିତ୍ୱରେ ଗଙ୍ଗାଦେବୀ ନିକଟରେ ଅନୁଷ୍ଠିତ ହୋଇଛି ଏକ ବିଶାଳ କାର୍ଯ୍ୟକର୍ତ୍ତା ବୈଠକ ସହ ମିଶ୍ରଣ ପର୍ବ।



ଏଥିରେ ଅତିଥି ଭାବେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇଙ୍କ ସମେତ ବିଭିନ୍ନ ପଂଚାୟତ ବରିଷ୍ଠ ବିଜେପି କର୍ମକର୍ତ୍ତା ଯୋଗଦେଇଥିଲେ। ଖୁବ ଶୀଘ୍ର ପ୍ରତି ପଂଚାୟତ ରେ ହେବ ବୁଥ୍ କମିଟି ଗଢ଼ା ହେବ। ଗରିବ ମାନଙ୍କ କଲ୍ୟାଣ ଓ ଉତ୍‌ଥାନ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ଗୁଡିକୁ ତୃଣମୂଳ ସ୍ତରରେ ସଫଳ ରୂପାୟନ କରିବାକୁ ଗୁରୁତ୍ୱ ଦିଆଯିବ। ସମସ୍ତ ଯୋଜନା କିଭଳି ବାସ୍ତବ ଭାବେ କାର୍ଯ୍ୟାନ୍ୱୟ ହେବ, ସେ ସମ୍ପର୍କରେ ବିଜେପି ସଦସ୍ୟ ମାନେ ବୈଠକରେ ମତ ରଖିଥିଲେ।

ଏହା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିରେ ସାମିଲ ହୋଇଥିଲେ ୧୩୦ରୁ ଉର୍ଦ୍ଧ୍ୱ ବିଭିନ୍ନ ପଂଚାୟତର ବରିଷ୍ଠ ନେତୃତ୍ୱ। ଯାହାକି ଅସ୍ତରଙ୍ଗ ବ୍ଲକ ଅଂଚଳରେ ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ ଓ ଅସ୍ତରଙ୍ଗ ମଣ୍ଡଳ ଏକ ସଭାପତି ଇନ୍ଦ୍ରମଣୀ ଜେନାଙ୍କ ବଳିଷ୍ଠ ନେତୃତ୍ୱ ରେ କ୍ରମଶଃ ସଶକ୍ତ ହେଉଛି ବିଜେପି। ଦୃଢ଼ ସଂଗଠକ ତଥା ଯୁବ ନେତୃତ୍ୱ ଜିତେନ୍ଦ୍ର ନାୟକ (ଜୁବୁଲି), ନଗର ପଂଚାୟତ ପୂର୍ବତନ ସରପଞ୍ଚ ନିରଞ୍ଜନ ବେହେରା, ସମ୍ପଦ ବେହେରା, ନଈଗୁଆଁ ପଂଚାୟତର ବ୍ରଜବନ୍ଧୁ ବିଶ୍ୱାଳ, ପବିତ୍ର ଦଳାଇଙ୍କ ସମେତ ବହୁ ବରିଷ୍ଠ ବ୍ୟକ୍ତିତ୍ୱଙ୍କୁ ଦଳର ଗୁରୁ ଦାୟିତ୍ୱ ଦେବା ସହ ଅତିଥିମାନେ ପୁଷ୍ପମାଲ୍ୟ ସହ ଉପଢ଼ୋକନ ପ୍ରଦାନ କରିଥିଲେ। ଆଗାମୀ ଦିନରେ ବିଜେପି ସଶକ୍ତ ହେବ ବୋଲି ଶତାଧିକ ବିଜେପି କର୍ମକର୍ତ୍ତା ମତ ଦେଇଥିଲେ।

## ଜିଲ୍ଲାପାଳଙ୍କୁ ଭେଟି ବିଭିନ୍ନ ସମସ୍ୟାର ସମାଧାନ ଦାବି କଲା ସୁନ୍ଦରଗଡ଼ ବିଜେଡି



ସୁନ୍ଦରଗଡ଼,୨୬।୨ (ସଂଚାର ବ୍ୟୁରୋ): ଆଜି ସୁନ୍ଦରଗଡ଼ ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ବିଜେଡିର ବରିଷ୍ଠ ନେତା ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଯାଇ ଜିଲ୍ଲାପାଳ ଡ଼ା. ଶୁଭଙ୍କର ମହାପାତ୍ରଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଜନସାଧାରଣଙ୍କ ସୁବିଧା ପାଇଁ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରି ସେଗୁଡିକର ସମାଧାନ ଲାଗି ଦାବି କରିଥିଲେ।

ସୁନ୍ଦରଗଡ଼ରେ ଜନସାଧାରଣଙ୍କ ରୟତି ଜମିର ପଟ୍ଟା 'ନଜୁଲ' କିସମ ଥିବାରୁ ସେମାନେ ବିଭିନ୍ନ ସମୟରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜନସାଧାରଣଙ୍କ ସୁବିଧା ପାଇଁ ନଜୁଲ କିସମ ପରିବର୍ତ୍ତନ ପାଇଁ ଆବେଦନ କରିଥିବା ସମସ୍ତ ଜନସାଧାରଣଙ୍କ ଏହି ଅସୁବିଧାକୁ ଶୀଘ୍ର ସମାଧାନ କରିବା ପାଇଁ ବିଜେଡିର ବରିଷ୍ଠନେତା ଜୟ ନାରାୟଣ ତ୍ରିପାଠୀ ଜିଲ୍ଲାପାଳଙ୍କ ଠାରେ ଦାବି କରିଥିଲେ। ସେହିପରି ସୁନ୍ଦରଗଡ଼ ସରକାରୀ ଭେଷଜ ମହାବିଦ୍ୟାଳୟ ଏବଂ ଡାକ୍ତରଖାନାଟି ଥିବା ଫିଜିଓଥେରାପି (ଭୌତିକ ଚିକିତ୍ସା) କେନ୍ଦ୍ରଟି ଏହି ଶୀତତାପ ନିୟନ୍ତ୍ରଣ ସୁବିଧାରୁ ବଞ୍ଚିତ ଅଛି। ଏଠାକୁ ସୁନ୍ଦରଗଡ଼ ସହର ଏବଂ ଆଖପାଖ ଅଞ୍ଚଳରୁ ଦୈନିକ ଶହ ଶହ ଲୋକ ଚିକିତ୍ସା ପାଇଁ ଆସୁଛନ୍ତି। ଏହି ଫିଜିଓ ଥେରାପି କେନ୍ଦ୍ରରେ ଶୀତତାପ ନିୟନ୍ତ୍ରଣ ଜମାରୁ କାମ କରୁନାହିଁ। ଯେଉଁଥିପାଇଁ ବିଶେଷ କରି ଗ୍ରୀଷ୍ମଋତୁରେ ଏଠାକୁ ଚିକିତ୍ସା ଲାଗି ଆସୁଥିବା ଲୋକେ ଏବଂ ଏଠାରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀ ଭୀଷଣ ଗରମ ଯୋଗୁଁ ନାହିଁ ନ ଥିବା ଯନ୍ତ୍ରଣା ଭୋଗୁଛନ୍ତି। ତେଣୁ ଏହି ଫିଜିଓଥେରାପି କେନ୍ଦ୍ରରେ ଗ୍ରୀଷ୍ମମାସ ଆରମ୍ଭ ହେବା ପୂର୍ବରୁ ଶୀତତାପ ନିୟନ୍ତ୍ରଣକୁ ଠିକ କରାଯାଉ କିମ୍ବା ଆବଶ୍ୟକ ମୁତାବକ କୁଲରର ବ୍ୟବସ୍ଥା କରାଯିବା ପାଇଁ ଦାବି କରିଥିଲେ। ଜିଲ୍ଲାପାଳ ମହୋଦୟ ଦାବି ଗୁଡିକ ଧର୍ଯ୍ୟର ସହିତ ଶୁଣିବା ଏବଂ ଦାବି ଗୁଡିକର ଯଥାର୍ଥତା କୁ ଉପଲବ୍ଧ କରିବା ପରେ ଖୁବ ଶୀଘ୍ର ଦାବି ଗୁଡିକ ପୂରଣ କରାଯିବ ବୋଲି ନିର୍ଭର ପ୍ରତିଶୃତି ଦେଇଥିଲେ।

## ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ଯୁବ ସମାଜସେବୀ

ବାଲିଅନ୍ତା,୨୬।୨ (ସଂଚାର ବ୍ୟୁରୋ): ଆଜିର ଆଡ଼ମ୍ବରପୂର୍ଣ୍ଣ ଜନ୍ମଦିନ ପାଳନ ପ୍ରଥାକୁ ପଛକୁ ଛାଡ଼ି ସମାଜସେବାକୁ ପ୍ରାଧାନ୍ୟ ଦେଇ ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ର ନିଜ ଜନ୍ମଦିନକୁ ନିଆରା ଓ ସ୍ମରଣୀୟ ଢଙ୍ଗରେ ପାଳନ କରିଛନ୍ତି। ଦିନଟିକୁ ସେ ଉତ୍ସବ ନୁହେଁ, ବରଂ ସେବା ଓ ସମର୍ପଣର ଦିନରୂପେ ପାଳିଛନ୍ତି।

ଜନ୍ମଦିନ ଅବସରରେ ପ୍ରଥମେ ଲବଣଗିରିରେ ଚତୁର୍ଥା ମୂର୍ତ୍ତିଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ପରେ ପ୍ରତିଭା ଆଶ୍ରମରେ ନିର୍ବାସିତ ଓ ଅସହାୟ ଶିଶୁମାନଙ୍କୁ ଜଳଖିଆ ବଣ୍ଟନ କରାଯାଇଥିଲା। ଏହାଛଡ଼ା ଏକ ସ୍ଥାନୀୟ ଶିକ୍ଷାନୁଷ୍ଠାନରେ ୮ମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଖାତା, ପେନ୍ ଓ ଅନ୍ୟାନ୍ୟ ପାଠ୍ୟସାମଗ୍ରୀ ବଣ୍ଟନ କରାଯାଇଥିଲା। କ୍ୟାପିଟାଲ ହସ୍ପିଟାଲରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା।



ଏଥିରେ ଅନେକ ଯୁବକ-ଯୁବତୀ ସ୍ୱଇଚ୍ଛାରେ ଯୋଗଦେଇ ରକ୍ତଦାନ କରିଥିଲେ। ଏଥିରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଡଃ ଅରବିନ୍ଦ ଢ଼ାଲି , ଭୁବନେଶ୍ୱର ଜିଲ୍ଲା ବିଜେପି ସଭାପତି ନିରଂଜନ ମିଶ୍ର , ଶିକ୍ଷାବିତ ବିଦୁଭୂଷଣ ପଟ୍ଟନାୟକ, ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ ପ୍ରମୁଖ ଯୋଗଦେଇଥିଲେ । ଏହାସହ ଶ୍ରୀ କ୍ରିଷ୍ଣା ବୃଦ୍ଧାଶ୍ରମରେ ବୃଦ୍ଧବୃଦ୍ଧାଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିଲା। ସେହିପରି କଳିଙ୍ଗ ଯୁବ ସେନା ଟ୍ରଷ୍ଟ ଆନୁକୂଲ୍ୟରେ ଗୋଶାଳାରେ ଗୋମାତାଙ୍କ ସେବା କରି ଆଶୀର୍ବାଦ ଗ୍ରହଣ କରାଥିଲେ।

## କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବିରୁଦ୍ଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ



ଫୁଲବାଣୀ,୨୬।୨ (ସଂଚାର ବ୍ୟୁରୋ): ଫିରିଙ୍ଗିଆ ବ୍ଲକ ସଲାଗୁଡା ପଞ୍ଚାୟତର ନିର୍ବାହୀ ଅଧିକାରୀ ପଞ୍ଚାୟତକୁ ନ ଆସି ମନ ଇଚ୍ଛା ଛୁଟିରେ ରହୁଥିବା ନେଇ ସଲାଗୁଡା ସରପଞ୍ଚ ରୋହିତ କହଁର ଜିଲ୍ଲାପାଳଙ୍କ ପାଖରେ ଲିଖତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପିଇଓ ରଜନୀ କହଁର ୨୩ ତାରିଖ ଠାରୁ ଗ୍ରାମପଞ୍ଚାୟତକୁ ଆସି ନାହାନ୍ତି। ଫଳରେ ଭତ୍ତା ବଣ୍ଟନ ଓ ଅନ୍ୟାନ୍ୟ କାମ ହେଉନାହିଁ। ଲୋକମାନେ ବସି ବସି ଫେରୁଛନ୍ତି। ଦୁର୍ଗମ ଅପହଞ୍ଚ ଇଲାକାର ଲୋକମାନେ ଆସି ହଇରାଣ ହେଉଛନ୍ତି। ବିଡ଼ିଓଙ୍କୁ ନ ଜଣାଇ ମନ ଇଚ୍ଛା ଛୁଟିରେ ରହୁଛନ୍ତି । ଏ ନେଇ ସରପଞ୍ଚ ବିଡ଼ିଓ ଅନୁପ ଅଭିଷେକ ବେହେରା ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଫୋନ କରିଥିଲେ। କିନ୍ତୁ କୌଣସି ସୁଫଳ ମିଳିନାହିଁ । କାର୍ଯ୍ୟ ନିର୍ବାହୀ ଅଧିକାରୀ ଫୋନ ରିସିଭ କରୁ ନଥିବା ଅଭିଯୋଗ କରିଛନ୍ତି ସରପଞ୍ଚ। ତେଣୁ ଏ ନେଇ ସେ ଜିଲ୍ଲାପାଳ ଓ ବିଡ଼ିଓଙ୍କୁ ଲିଖତ ଭାବେ ଜଣାଇଛନ୍ତି ।

## ବିନାୟକଙ୍କୁ ୩୦ ଦିନିଆ ଉଚ୍ଛେଦ ନୋଟିସ

ସତ୍ୟବାଦୀ,୨୬।୨ (ସଂଚାର ବ୍ୟୁରୋ): ପୁଣି ଚର୍ଚ୍ଚାରେ ଆଇନଜୀବୀ ବିନାୟକ ମହାନ୍ତି। ସ୍ଥାନୀୟ ଅଞ୍ଚଳରେ ଦେବୋତ୍ତର ଓକିଲ ଭାବେ ସମସ୍ତଙ୍କୁ ନୋଟିସ ଦେଇ ଜବରଦଖଲ ଉଚ୍ଛେଦ କରୁଥିବା ବିନାୟକ ଏବେ ସେହି ଜାଲରେ ଛନ୍ଦି ହୋଇପଡିଛନ୍ତି।



ଆଇନଜୀବୀଙ୍କ ବେଆଇନ କାର୍ଯ୍ୟର ଗୋଟିଏ ପରେ ଗୋଟିଏ ଗୁମର ଏବେ ଖୋଲିବାରେ ଲାଗିଛି। କାଞ୍ଚିଆ ମୌଜା ପ୍ଲଟ ନଂ ୧୫୬୩ରେ ବିନାୟକଙ୍କ ଧର୍ମପତ୍ନୀଙ୍କ ନାମରେ ଥିବା ଘର ଜଳସେଚନ ବିଭାଗର ଜାଗାରେ ଦଖଲ ରହିଥିବା ନେଇ ତହସିଲ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ସେ ଏହାକୁ ଚାଲେଞ୍ଜ କରି ପୁନଃ ମାପ କରିବାକୁ ଆବେଦନ କରିଥିଲେ। ରାଜସ୍ୱ ପର୍ଯ୍ୟବେକ୍ଷକ ଦେବସ୍ମିତା ପାଣ୍ଡେ, ସତ୍ୟବାଦୀ ରାଜସ୍ୱ ନିରୀକ୍ଷକ ପ୍ରଶାନ୍ତ କୁମାର ମାଝୀଙ୍କ ସହିତ ତହସିଲର ଏକ ଟିମ ପୁନଃ ମାପଚୁପ କରିବା ପରେ ତାଙ୍କର ପାଖାପାଖି ଅଧା ଘର ଜଳସେଚନ ଜାଗାରେ ରହିଥିବା ଜଣାପଡିଥିଲା। ଏହି ମାପଚୁପ ସମୟରେ ବିନାୟକଙ୍କ ଦୁଇ ପୁଅ ଉପସ୍ଥିତ ଥିଲେ। ତେଣୁ ତହସିଲଦାର ତାଙ୍କୁ ଏକ ୩୦ ଦିନିଆ ଉଚ୍ଛେଦ ନୋଟିସ ଜାରି କରିଛନ୍ତି। ଏହି ଅବଧି ମଧ୍ୟରେ ସେ ନିଜ ତରଫରୁ ଦଖଲ ସ୍ଥାନ ଖାଲି କରିବାକୁ କୁହାଯାଇଛି। ୩୦ ପରେ ତହସିଲ ତରଫରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡା ସୂଚନା ଦେଇଛନ୍ତି।

## ଜନ୍ମମାଟିରେ ଚିତ୍ରାଚାର୍ଯ୍ୟ ପଦ୍ମଶ୍ରୀ ଉପେନ୍ଦ୍ର ମହାରଥିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଚିତ୍ର କଳାରେ ପାଳିତ ହେଲା ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ**



ବାଣପୁର, ୨୬।୨ (ସଂଚାର ବ୍ୟୁରୋ): ବିଶ୍ୱବିଜୟୀ ଚିତ୍ରାଚାର୍ଯ୍ୟ, ପ୍ରଖ୍ୟାତ ସ୍ଥପତି, ମାଟିର ବରପୁତ୍ର ପଦ୍ମଶ୍ରୀ ଉପେନ୍ଦ୍ର ମହାରଥିଙ୍କ ୪୫ତମ ଶ୍ରାଦ୍ଧୋତ୍ସବ ଜନ୍ମମାଟି ନରେନ୍ଦ୍ରପୁରର ଉପେନ୍ଦ୍ର ବିଦ୍ୟାପୀଠ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗ, ଲଳିତ କଳା ଏକାଡ଼େମୀ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ପଦ୍ମଶ୍ରୀ ଉପେନ୍ଦ୍ର ମହାରଥି ସ୍ମୃତି ପରିଷଦଙ୍କ ମିଳିତ ଆନୁକୁଲ୍ୟରେ ଏବଂ ମୁଖ୍ୟ ଉପଦେଷ୍ଟା ପ୍ରଫେସର ଶଶାଙ୍କ ଚୂଡ଼ାମଣିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ପୃଥ୍ୱୀରାଜ ହରିଚନ୍ଦନ, ମାନ୍ୟବର ମନ୍ତ୍ରୀ ଆଇନ, ଅବକାରୀ, ପୂର୍ତ୍ତବିଭାଗ ଓଡ଼ିଶା ମୁଖ୍ୟ ଅତିଥି, ସମ୍ବିତ ପାତ୍ର, ମାନ୍ୟବର ସାଂସଦ ପୁରୀ, ବିଶିଷ୍ଟ ଅତିଥି ଅମରେନ୍ଦ୍ର ରଣସିଂ ଅଧ୍ୟକ୍ଷ ବାଣପୁର, ସବିତା ଦାସ, ସରପଞ୍ଚ ନରେନ୍ଦ୍ରପୁର, କନ୍ଦର୍ପ ଜେନା ସମିତି ସଭ୍ୟ, ସମ୍ମାନିତ ଅତିଥି, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଖ୍ୟାତ ଚିତ୍ରଶିଳ୍ପୀ ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ, ଉତ୍କଳ ସଂସ୍କୃତି ବିଦ୍ୟାଳୟର କୁଳପତିଃ ଡ଼ଃପ୍ରସନ୍ନ କୁମାର ସ୍ୱାଇଁ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ସହ ସଚିବ ସଂଜୟକୁମାର ଛୁଆଲସିଂ, ଚିଲିକା ସାହିତ୍ୟ ସମାଜର ସଭାପତି ବାଳମୁକୁନ୍ଦ ଦାସ,ପଦ୍ମଶ୍ରୀ ଉପେନ୍ଦ୍ର ମହାରଥି ସ୍ମୃତି ପରିଷଦର ସଭାପତି ଡ଼ଃ ନୃସିଂହ ପ୍ରଧାନ, ପୂର୍ବତନ ମନ୍ତ୍ରୀ ଡ଼ା ଦେବେନ୍ଦ୍ରନାଥ ମାନସିଂ , ଚିତ୍ର ଶିଳ୍ପୀ ଶୀତିକାନ୍ତ ସାମନ୍ତସିଂହାର, ଆଡ଼ଭୋକେଟ ବିକ୍ରମ କେଶରୀ ମହାରଥି, ଶିକ୍ଷାବିତ ଗୋଲକ ବିହାରୀ ପରୀଡ଼ା ପ୍ରମୁଖ ଯୋଗଦେଇ ପଦ୍ମଶ୍ରୀ ମହାରଥିଙ୍କ ବହୁମୁଖୀ ପ୍ରତିଭାର ଲୁକ୍କାୟିତ ଅଧ୍ୟାୟକୁ ସମାରୋହରେ ଆଲୋକପାତ କରି ମହାରଥିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । ସଂସ୍କୃତି ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଖ୍ୟାତ ୨୦ଜଣ ଯୁବଚିତ୍ରଶିଳ୍ପୀଙ୍କର ଚିତ୍ର ଲିପିକୁ ନେଇ ଚିତ୍ରାଚାର୍ଯ୍ୟଙ୍କୁ ଚିତ୍ରାଞ୍ଜଳି ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା । ବିଦ୍ୟାଳୟ ଦ୍ୱୟର ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

# ସୁବର୍ଣ୍ଣରେଖା ନଦୀର ପନ୍ତାଇ ଘାଟରୁ ବେଆଇନ ବାଲି ଚାଲାଣ

**ଖଣି ବିଭାଗ ଓ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଶୂନ**



ବାଲିଆପାଳ,୨୬।୨ (ସଂଚାର ବ୍ୟୁରୋ): ସୁବର୍ଣ୍ଣରେଖା ନଦୀରୁ ଏବେ ଟ୍ରକ୍, ଟ୍ରାକ୍ଟର, ଜେସିବି ଆଦି ଯୋଗେ ବ୍ୟାପକ ବାଲି ଚୋରା ଚାଲାଣ ହେଉଛି। ପ୍ରଶାସନ ସବୁ ଜାଣି ମଧ୍ୟ ନିରବ ରହିବା ସାଧାରଣରେ ସୃଷ୍ଟି କରିଛି। ମୁଖ୍ୟତଃ ସୁବର୍ଣ୍ଣରେଖା ଦ୍ୱିତୀୟ ପ୍ରଶ୍ନବାଚୀ ସେତୁ ନିକଟ ଜଳେଶ୍ୱର ତହସିଲ୍ ଅଧୀନରେ କଣ୍ଟାପାଳ ବାଲି ଖାଦାନ ଓ ବାଲିଆପାଳ ତହସିଲ୍ ଅଧୀନ ପଞ୍ଚାୟତର ବଢାପାଳ, ଚଡ ବଡ଼ାପାଳ, ରସଲପୁର, ଇକଡପାଳ, ପନ୍ତାଇ ଘାଟ ଅସ୍ଥି ଗାଁ ତଟ ନଦୀରୁ ଦୈନିକ ଶତାଧିକ ଟ୍ରକ୍ ଓ ଟ୍ରାକ୍ଟର ଯୋଗେ ବାଲି ଚୋରା ଚାଲାଣ ହେଉଛି। ରାତିରେ ଏହି ସବୁ ବେଆଇନ୍ କାର୍ଯ୍ୟ ଚାଲୁଛି। କିଛି ମୁଷ୍ଟିମେୟ ଲୋକ ଉଭୟ ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କୁ ହାତ କରି ଏହି କାରବାର କରୁଛନ୍ତି। ପ୍ରଶାସନର କେତେକ ତଳିଆ କର୍ମଚାରୀ ମାସିକିଆ ବଟି ନେଇ ଚୁପ୍ ରହୁଛନ୍ତି। କେତେକ ସମ୍ବାଦଦାତା ମଧ୍ୟ ବାଲି ଗାଡ଼ି ଅଟକାଇ ଚାନ୍ଦା ଆଦାୟ କରୁଛନ୍ତି ଓ କେତେକ ନିଜକୁ ପୁଲିସ, ଆର୍‌ଆଇ ଆଦି ପରିଚୟ ଦେଇ ମଧ୍ୟ ଚାନ୍ଦା ଆଦାୟ କରୁଛନ୍ତି। ଏମାନଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ସେମାନଙ୍କ ବେଆଇନ୍ କାର୍ଯ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଅସ୍ତି, ଇକଡ଼ପାଳ, ପନ୍ତାଇ ଗ୍ରାମର ସଧାରଣ ଲୋକ ଦୃଢ଼ ଦାବି କରିଛନ୍ତି।

ଅନ୍ୟ ପକ୍ଷରେ ଦୁଇ ବାଲି ଖାଦାନ ନିଲାମକୁ ନେଇ ପ୍ରଶାସନର ଟାଳଟୁଳ ନୀତି ଚୋରା ବାଲି ଚାଲାଣକାରୀକୁ ଖୁବ୍ ସୁହାଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବାଲି ଖାଦାନ ନିଲାମ ହେଲେ ଚୋରି ଅନେକାଂଶରେ ରୋକା ଯାଇ ପାରନ୍ତା। ଉଚ୍ଚ ନ୍ୟାୟାଳୟ ସକାଳ ୭ ଟାରୁ ରାତି ୯ଟା ମଧ୍ୟରେ ବାଲି ଚାଲାଣ ହୋଇ ପାରିବ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଆଇନକୁ କେହି ମାନୁ ନାହାଁନ୍ତି। ଅନେକ ସମୟରେ ବାଲି ଚୋରା ଚାଲାଣକୁ କେନ୍ଦ୍ର କରି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଛି, ଥାନାରେ ମିଥ୍ୟା କେଶ ପର୍ଯ୍ୟନ୍ତ କଥା ଯାଉଛି ଓ ଘର ତିଆରି ପାଇଁ ବାଲି ଜରୁରୀ ଆବଶ୍ୟକ ପଦାର୍ଥ ହୋଇ ଥିବାରୁ ସରକାର ଏଥିପାଇଁ କଡ଼ା ଆଭିମୁଖ୍ୟ ସ୍ପଷ୍ଟ କରିବା ଉଚିତ୍।

ଅନ୍ୟ ପକ୍ଷରେ ସୁବର୍ଣ୍ଣରେଖା ସେତୁର ଉଭୟେ ପାର୍ଶ୍ୱରେ ଦୁଇ ଖାଦାନ ଥିବାରୁ ସେତୁଟି ଧୀରେ ଧୀରେ ଦୁର୍ବଳ ହେଉଛି। ଲଘୁ ଖଣିଜ ସମ୍ପଦ ବିଭାଗ ଓ ରାଜସ୍ୱ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ୨୦ ସହିଦସ୍ତମ୍ଭ ଭାଙ୍ଗିଲେ ଗ୍ରାମବାସୀ



**ମାଲକାନଗିରି, ୨୬।୨ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳରେ ମାଓବାଦୀଙ୍କ ଗତିବିଧି ହ୍ରାସ ପାଇଥିବା ବେଳେ ଶାନ୍ତି ଫେରୁଛି। ଏହି ପରିପ୍ରେକ୍ଷୀରେ ସ୍ୱାଭିମାନ ଅଞ୍ଚଳର ମାଥିଲି, କାଲିମେଲା ଏବଂ ଖଇରପୁଟରେ ଥିବା ୨୦ରୁ ଊର୍ଦ୍ଧ୍ୱ ମାଓବାଦୀଙ୍କ ସହିଦସ୍ତମ୍ଭକୁ ସ୍ଥାନୀୟ ଗ୍ରାମବାସୀ ଆଜି ଭାଙ୍ଗିଦେଇଛନ୍ତି। ମାଓବାଦୀମାନେ ମୃତ କମ୍ରେଡଙ୍କ ସ୍ମୃତିରେ ସହିଦସ୍ତମ୍ଭ ନିର୍ମାଣ କରିଥିଲେ। ଅନ୍ୟପକ୍ଷେ ସରକାରଙ୍କ ପକ୍ଷରୁ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଉଛି।

## ଝାରପଡ଼ା ଗଲା ବିହାରୀ ଅପରାଧୀ ମଧୁକାନ୍ତ



**କଟକ, ୨୬।୨ (ସଂଚାର ବ୍ୟୁରୋ):** ଉତ୍ତରପ୍ରଦେଶରୁ ଗିରଫ ହୋଇଥିବା ଫେରାର ବିହାରୀ ଅପରାଧୀ ମଧୁକାନ୍ତ ରାଣାକୁ ଭୁବନେଶ୍ୱର ଝାରପଡ଼ା ଜେଲ୍‌କୁ ସ୍ଥାନାନ୍ତର କରାଯାଇଛି। କୋର୍ଟର ଅନୁମତି ପରେ ମଧୁକାନ୍ତକୁ କଟକ କମିସନରେଟ୍ ପୁଲିସ ସହାୟତାରେ କଡ଼ା ସୁରକ୍ଷା ବଳୟରେ ଝାରପଡ଼ା ଜେଲ୍‌କୁ ସ୍ଥାନାନ୍ତର କରାଯାଇଛି ବୋଲି ଜେଲ ଅଧିକ୍ଷକ ସୁଜିତ ରାଉଳ ସୂଚନା ଦେଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ମଧୁକାନ୍ତକୁ ସ୍ଥାନାନ୍ତର କରାଯାଇଥିବା ଜେଲ ଅଧିକ୍ଷକ କହିଛନ୍ତି। ସେପଟେ ଅନ୍ୟତମ ଫେରାର ଅପରାଧୀ ରାଜା ସାହାଣିର ଏଯାଏଁ ଟେର ମିଳିପାରିନି। ଦୁର୍ଦ୍ଧାନ୍ତ ଅପରାଧୀ ମଧୁକାନ୍ତ ଓ ରାଜା ଜେଲ ପାଚେରୀ ଡେଇଁ ଫେରାର ହେବା ଘଟଣାରେ ଚୌଦ୍ୱାର ଜେଲ କର୍ତ୍ତୃପକ୍ଷ ଏବେ ବି ଅଡୁଆରେ ଅଛନ୍ତି। ଏହି ଘଟଣାରେ ପୁଲିସର ତଦନ୍ତ ଜାରି ରହିଛି। ବୃନ୍ଦାବନରୁ ମଧୁକାନ୍ତଙ୍କୁ ପୁଲିସ ଗତ ୧୪ ତାରିଖରେ ଗିରଫ କରିବା ପରେ ଅଧିକ ତଦନ୍ତ ପାଇଁ ୬ ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରିଛି। ଜେରାରେ ପୁଲିସକୁ ସେ କିଛି ତଥ୍ୟ ଦେଇଥିବା ଜଣେ ଅଧିକାରୀ କହିଛନ୍ତି। ଜେଲ୍‌ରେ କେଉଁ ପରିସ୍ଥିତିରେ ଅଭିଯୁକ୍ତ ଫେରାର ହେଲା ଏବଂ ଏଥିରେ ସେମାନଙ୍କୁ କେଉଁମାନେ ସହାୟତା କରିଥିଲେ ସେସବୁର ବୟାନ ପୁଲିସ ରେକର୍ଡ କରିଛି। ଚୌଦ୍ୱାର ଜେଲର କିଛି କର୍ମଚାରୀଙ୍କ ଭୂମିକା ସନ୍ଦେହ ଘେରରେ ଥିବାରୁ ସେମାନେ ଏବେ ତଦନ୍ତ ପରିସରଭୁକ୍ତ ହେବେ ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି।

# ପରଲୋକରେ ବିଶିଷ୍ଟ ଘୋଡ଼ା ନାଚ ଗୁରୁ

- ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଉତ୍ସବ ଦାସଙ୍କ ଶେଷକୃତ୍ୟ
- ସମବେଦନା ଜଣାଇଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**କଟକ, ୨୬।୨ (ସଂଚାର ବ୍ୟୁରୋ):** ବିଶିଷ୍ଟ ଘୋଡ଼ାନାଚ କଳାକାର ଡ. ଉତ୍ସବ ଚରଣ ଦାସଙ୍କ ପରଲୋକ ହୋଇଯାଇଛି। ଅସୁସ୍ଥତା କାରଣରୁ ଚୌଦ୍ୱାରର ଏକ ଘରୋଇ ହସ୍ପିଟାଲରେ ତାଙ୍କର ପରଲୋକ ହୋଇଯାଇଛି। କଳା କ୍ଷେତ୍ରରେ ଅବଦାନ ପାଇଁ ୨୦୨୧ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପାରମ୍ପରିକ ଘୋଡ଼ାନାଚକୁ ଉଜ୍ଜୀବିତ ରଖିବାରେ ତାଙ୍କର ବଳିଷ୍ଠ ଅବଦାନ ଥିଲା। ଟାଙ୍ଗି ମଣିଆ ଗାଁରେ ଉତ୍ସବଙ୍କ ଜନ୍ମ। କିନ୍ତୁ ପିଲାଟି ବେଳୁ ସେ କଟକ ଜିଲ୍ଲା ଚୌଦ୍ୱାରରେ ରହି ପାଠ ପଢୁଥିଲେ। ଅଷ୍ଟମ ଶ୍ରେଣୀରେ ପଢ଼ିବା ସମୟରେ ଘୋଡ଼ାନାଚ କରିବାକୁ ସଂକଳ୍ପ ନେଇଥିବା ଏହି କଳାକାର ବର୍ଷସାରା କିଭଳି ଘୋଡ଼ାନାଚ ପ୍ରଦର୍ଶିତ ହୋଇପାରିବ, ଗାଁଠାରୁ ବିଦେଶ, ଯେଭଳି ଘୋଡ଼ାନାଚ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ, ସେ ନେଇ ଅହରହ ଉଦ୍ୟମ ଜାରି ରଖିଥିଲେ। ଓଡ଼ିଶାର ପାରମ୍ପରିକ ଲୋକକଳା 'ଚଇତି ଘୋଡ଼ା ନାଚ'କୁ ବିଶ୍ୱ ଦରବାରରେ ପହଞ୍ଚାଇଥିବା ବିଶିଷ୍ଟ କଳାକାର ପଦ୍ମଶ୍ରୀ ଉତ୍ସବ ଚରଣ ଦାସଙ୍କ ବିୟୋଗ ଖବର ଆଜି ଅଂଚଳବାସୀଙ୍କୁ ଦୁଃଖିତ କରିଛି। ନିଜର ନିଖୁଣ ଅଭିନୟ ଓ ଗୀତିକବିତା ମାଧ୍ୟମରେ ଓଡ଼ିଶାର ଲୋକ ସଂସ୍କୃତିକୁ ସମୃଦ୍ଧ କରିବାରେ ତାଙ୍କର ଅବଦାନ ଅତୁଳନୀୟ। ମାଟ୍ରିକ୍ ପାସ୍ କରିବା ପରେ ୧୯୬୪ ମସିହାରେ ଘୋଡ଼ାନାଚ ଶିଖାଇବା ପାଇଁ ଏକ ଅନୁଷ୍ଠାନ ଆରମ୍ଭ କରିଥିଲେ। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ପାରମ୍ପରିକ ଲୋକକଳାକୁ ସମୃଦ୍ଧ କରିବାରେ ତାଙ୍କର ଅବଦାନକୁ ସ୍ମରଣ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି ଯେ, ଉତ୍ସବ ଚରଣ ଦାସ ନିଜର ନିଖୁଣ ଅଭିନୟ, ଗୀତିକବିତା ଏବଂ ନିର୍ଦ୍ଦେଶନା ମାଧ୍ୟମରେ ସେ ଓଡ଼ିଶାର ଲୋକସଂସ୍କୃତିକୁ ସମୃଦ୍ଧ କରିବାରେ ଯେଉଁ ଅବଦାନ ରଖିଛନ୍ତି, ତାହା ଅତୁଳନୀୟ। ତାଙ୍କର ଆବର୍ତ୍ତମାନରେ ଓଡ଼ିଆ କଳା ଓ ସଂସ୍କୃତି ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି।



## ପୀତବାସ ପଣ୍ଡା ହତ୍ୟା ମାମଲା
## ୫ରେ ବିକ୍ରମଙ୍କ ଜାମିନ ଆବେଦନର ଶୁଣାଣି

**ବ୍ରହ୍ମପୁର, ୨୬।୨ (ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୂର୍ବତନ ବିଜେଡି ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଜାମିନ୍ ଆବେଦନର ଶୁଣାଣି ଆସନ୍ତା ୫ ତାରିଖରେ କରିବା ସକାଶେ ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। ଗତକାଲି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ରଙ୍କ ଖଣ୍ଡପୀଠରେ ଏହି ଜାମିନ ଆବେଦନର ଶୁଣାଣି କରାଯାଇଥିଲା। ତେବେ ଶୁଣାଣି ସମୟରେ ସରକାରୀ ଓକିଲ ଅଧିକ ସମୟ ମାଗିଥିଲେ। ଫଳରେ ଜାମିନ ଆବେଦନର ପରବର୍ତ୍ତୀ ଶୁଣାଣି ଆସନ୍ତା ୫ ତାରିଖରେ ଧାର୍ଯ୍ୟ ହୋଇଥିବା ନେଇ ଆଜି ବିକ୍ରମଙ୍କ ଓକିଲ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି। ସେପଟେ ପୁଲିସ ଚାର୍ଜସିଟ୍ ଦାଖଲ କରିସାରିଥିଲେ ହେଁ ଅଭିଯୁକ୍ତଙ୍କ ମଧ୍ୟରୁ ଦୁଇ ଜଣ ଏବେ ଡାକ୍ତରଖାନାରେ ଥିବାରୁ ଚାର୍ଜଫ୍ରେମ ହୋଇପାରୁନାହିଁ। ପ୍ରତିପକ୍ଷ ଓକିଲଙ୍କୁ ସମସ୍ତ ରେକର୍ଡର କପି ଓ ବିକ୍ରମଙ୍କ ଆପତ୍ତିଜନକ ଫଟୋ ଥିବା ପେନ୍‌ଡ୍ରାଇଭ୍ ମଧ୍ୟ ପୁଲିସ୍ ଦେଇନାହିଁ। ଜବତ ହୋଇଥିବା ସମସ୍ତ କପି ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ଗତକାଲି ପୁଲିସ ଦୁଇଟି ଟ୍ରଙ୍କରେ ଜବତ କାଗଜ ଦାଖଲ କରିଥିଲା। କିନ୍ତୁ ସେଗୁଡ଼ିକ ସ୍ପଷ୍ଟ ଦେଖାଯାଉ ନ ଥିବାରୁ କୋର୍ଟ ଏହାକୁ ଫେରାଇ ଦେଇଥିଲେ। ଆସନ୍ତା ୫ ତାରିଖରେ ସ୍ପଷ୍ଟ ଦିଶୁଥିବା କାଗଜପତ୍ର ଦାଖଲ କରିବାକୁ କୋର୍ଟ କହିଛନ୍ତି।



## ଲୋକ ମଲା ପରେ ବୁଦ୍ଧି ଜୁଟିଲା
## ବୀମାଭୁକ୍ତ ହେବ ଭୁବନେଶ୍ୱରରେ ସବୁ ହୋର୍ଡିଂ



**ଭୁବନେଶ୍ୱର, ୨୬।୨ (ସଂଚାର ବ୍ୟୁରୋ):** ପ୍ରତ୍ୟେକ ହୋର୍ଡିଂର ହେବ ତୃତୀୟ ପକ୍ଷ ଇନସ୍ୟୁରାନ୍ସ। ସୁସଙ୍ଗଠିତ ହେବ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ହୋର୍ଡିଂ ବ୍ୟବସ୍ଥା। କମିଶନର ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ କମିଶନର ରତ୍ନାକର ସାହୁ ଓ ରାଜସ୍ୱ ଉପାୟୁକ୍ତ ଅଜୟ କୁମାର ମହାନ୍ତିଙ୍କ ଉପସ୍ଥିତିରେ ଅନୁବନ୍ଧିତ ବିଜ୍ଞାପନ ସଂସ୍ଥାର ପ୍ରତିନିଧିମାନଙ୍କୁ ନେଇ ଆଜି ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ସମସ୍ତ ଅନୁବନ୍ଧିତ ସଂସ୍ଥାଙ୍କୁ ଚିଠି ମାଧ୍ୟମରେ ହୋର୍ଡିଂଗୁଡ଼ିକର ସ୍ଥାୟୀତ୍ୱ ପ୍ରମାଣପତ୍ର ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ହୋର୍ଡିଂ ଷ୍ଟ୍ରକଚର କିପରି ପରିଚାଳନା, ଦେଖାଶୁଣା ଓ ସୁରକ୍ଷା କିପରି ହେଉଛି, ତାହାର ପ୍ରାମାଣିକ ବିବରଣୀ ଦେବାକୁ ମଧ୍ୟ କୁହାଯାଇଛି। ଏହି ଅବସରରେ ସମସ୍ତେ ନିଜ ନିଜର ହୋର୍ଡିଂଗୁଡ଼ିକୁ ସମୀକ୍ଷା କରି ଏହାର ସ୍ଥିତି କିପରି ଅଛି, ତାହା ଜଣାଇବାକୁ ବିଏମସି ପକ୍ଷରୁ କୁହାଯାଇଛି। ଲଗାଯାଇଥିବା ହୋର୍ଡିଂଗୁଡ଼ିକରେ ନିଜ ସଂସ୍ଥାର ନାମ ଲେଖିବାକୁ ମଧ୍ୟ କୁହାଯାଇଛି। ପ୍ରତ୍ୟେକ ଏଜେନ୍ସି ସବୁ ହୋର୍ଡିଂର ଥାର୍ଡ ପାର୍ଟି ଇନସ୍ୟୁରାନ୍ସ କରିବାକୁ କୁହାଯାଇଛି। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଯଦି କୌଣସି ହୋର୍ଡିଂରେ ଫ୍ଲେକ୍ସ ଇତ୍ୟାଦି ଛିଡ଼ିକରି ଉଡ଼େ, ତେବେ ସେଗୁଡ଼ିକୁ ସଙ୍ଗେ ସଙ୍ଗେ କାଟିଦେବା ପାଇଁ କୁହାଯାଇଛି। ଆବଶ୍ୟକୀୟ ସ୍ଥଳେ ସୁରକ୍ଷା ଦୃଷ୍ଟିରୁ ହୋର୍ଡିଂଗୁଡ଼ିକୁ ହଟାଇ ଦେବା ପାଇଁ ଏଜେନ୍ସିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଯାତ୍ରୀ ଟର୍ମିନାଲ କ୍ଷମତା ବୃଦ୍ଧି ପାଇଁ ରେଳ ମନ୍ତ୍ରୀଙ୍କ ନିର୍ଦ୍ଦେଶ
## ୭୬ଟି ରେଳ ଷ୍ଟେସନରେ ହୋଲ୍ଡିଂ ଏରିଆ ଅଗ୍ରଗତିର କଲେ ସମୀକ୍ଷା



**ନୂଆଦିଲ୍ଲୀ, ୨୬।୨ (ସଂଚାର ବ୍ୟୁରୋ):** ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଦେଶର ପ୍ରମୁଖ ଯାତ୍ରୀବାହୀ ଟ୍ରେନ୍ ଟର୍ମିନାଲଗୁଡ଼ିକର କ୍ଷମତା ବୃଦ୍ଧି ଯୋଜନାର ସମୀକ୍ଷା କରିଛନ୍ତି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ରେଳ ବୋର୍ଡ ଅଧିକାରୀ ଏବଂ ସମ୍ପୃକ୍ତ ଜୋନାଲ ରେଳବାଇକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ରେଳବାଇ କ୍ରମାଗତ ଭାବରେ କ୍ଷମତା ବୃଦ୍ଧି କରିବା ଏବଂ ପ୍ରମୁଖ ସ୍ଥାନ, ବିଶେଷ କରି ବଡ଼ ସହରଗୁଡ଼ିକରେ ଭିଡ଼ କମ କରିବା, ଟ୍ରେନ୍ ପରିଚାଳନାକୁ ସୁବ୍ୟବସ୍ଥିତ କରିବା ତଥା ଯାତ୍ରୀଙ୍କ ସୁବିଧାକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବା ପାଇଁ ଟର୍ମିନାଲ ପରିଚାଳନା କ୍ଷମତାକୁ ଦ୍ୱିଗୁଣିତ କରିବା ପାଇଁ କାର୍ଯ୍ୟ କରୁଛି। କ୍ଷମତା ବୃଦ୍ଧିରେ ପ୍ଲାଟଫର୍ମର ସମ୍ପ୍ରସାରଣ, ଚଳାଚଳ କ୍ଷେତ୍ର, ପ୍ରବେଶ-ପ୍ରସ୍ଥାନ ସ୍ଥାନ, ଯାତ୍ରୀ ସୁବିଧା ଏବଂ ଉନ୍ନତ ଟ୍ରାଫିକ ପ୍ରବାହ ପରିଚାଳନା ଆଦି ଅନ୍ତର୍ଭୁକ୍ତ। ରେଳ ମନ୍ତ୍ରୀ ଦେଶବ୍ୟାପୀ ୭୬ଟି ରେଳ ଷ୍ଟେସନରେ ଅତିରିକ୍ତ ଯାତ୍ରୀ ଭିଡ଼କୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିବା ପାଇଁ ବିଶେଷକରି ଉତ୍ସବ ଏବଂ ଯାତାୟାତ ସମୟରେ ବିକଶିତ ହୋଲ୍ଡିଂ କ୍ଷେତ୍ରଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଥିଲେ।

## ରାସ୍ତାରେ ବୁଲୁଛି ଦନ୍ତା, ଭୟଭୀତ ଗାଁ ଲୋକେ



**ଢେଙ୍କାନାଳ, ୨୬।୨ (ସଂଚାର ବ୍ୟୁରୋ):** ରାସ୍ତାରେ ବୁଲୁଛି ଦନ୍ତା । ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ବ୍ଲକ କାଠପାଳ ଛକ ନିକଟ ରାସ୍ତାରେ ବୁଲୁଛି ଗୋଟିକିଆ ଦନ୍ତା ହାତୀ । କିଛି ସମୟ ପାଇଁ ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଥିଲା । ହାତୀଟି ନିକଟସ୍ଥ ଜଙ୍ଗଲକୁ ଚାଲିଯିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା । ତେବେ ହାତୀକୁ ଦେଖି ଲୋକେ ଆତଙ୍କିତ । କାଠପାଳ ଅଞ୍ଚଳରେ କିଛିଦିନ ହେବ ଏହି ଗୋଟିକିଆ ହାତୀ ଘୂରିବୁଲୁଛି । ରାସ୍ତା ଉପରେ ବୁଲୁଥିବାର ଦେଖି ଲୋକମାନେ ଆତଙ୍କିତ । ଗାଁ ଭିତରେ ପଶି ଆସି କ୍ଷୟକ୍ଷତି ଘଟାଇବାର ଆଶଙ୍କା ଥିବାରୁ ଲୋକମାନେ ଭୟଭୀତ ହୋଇପଡ଼ିଛନ୍ତି। ଖବର ପାଇ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ ।

## ଓଭରବ୍ରିଜରେ ଭୟଙ୍କର ଦୁର୍ଘଟଣା, ୫ ମୃତ

**ବ୍ରହ୍ମପୁର, ୨୬।୨ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ହଳଦିଆପଦର ଓଭରବ୍ରିଜରେ ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ଘଟଣା । ଘଟଣାର ସରଜମିନ ତଦନ୍ତ ପାଇଁ ହଳଦିଆପଦର ଓଭରବ୍ରିଜରେ ପହଞ୍ଚିଲେ ଉଚ୍ଚସ୍ତରୀୟ ବୈଷୟିକ ଟିମ୍ । ଓଭରବ୍ରିଜ ନିର୍ମାଣରେ ହୋଇଥିବା ତ୍ରୁଟିର ତଦନ୍ତ କରୁଛନ୍ତି ଟିମ୍ । ବ୍ରିଜର ପିଲର୍, କଂକ୍ରିଟ ଗଠନ, ଜଏଣ୍ଟ ପିଏଣ୍ଟ ସହ ଡିଜାଇନକୁ ନେଇ ସମୀକ୍ଷା କରିବେ ବୈଷୟିକ ଟିମ୍। ଟିମରେ ପୂର୍ତ୍ତ ବିଭାଗର ବହୁ ବରିଷ୍ଠ ଅଧିକାରୀଙ୍କ ସହ ରେଲୱେ ବିଭାଗର ବରିଷ୍ଠ ଅଧିକାରୀ ସାମିଲ ଅଛନ୍ତି । ଗତ ଜାନୁଆରୀ ୩୧ ତାରିଖରେ ହଳଦିଆପଦର ଓଭରବ୍ରିଜରେ ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ ହୋଇଥିଲା।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ଶଳା ଓ ଭିଣୋଇ ମୃତ

**କଣ୍ଟାବାଞ୍ଜି, ୨୬।୨ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଏହି ଦୁର୍ଘଟଣାରେ ଶଳା ଓ ଭିଣୋଇ ମୃତ। ତୁରେକେଲା ଥାନା ବୁଢ଼ିବାହାଲ ଗାଁ ନିକଟରେ ବୁଲାଣି ରେ ବାଇକ ଦୁର୍ଘଟଣା ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକ ହେଉଛନ୍ତି ଡୁମେରଚୁଆଁ ଗାଁର ହରେଶ ମାଝୀ ଓ ତାଙ୍କ ଶଳା ବେଦ ପୂଝାରୀ । ତୁରେକେଲା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ତୁରେକେଲା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଅଧିକ ତଦନ୍ତ ଆରମ୍ଭ କରିଛି । ୨ଜଣ ଶଳା ଭିଣୋଇ ଏକ ମୃତାହ କର୍ମରେ ଯୋଗ ଦେଇ ଫେରୁଥିବା ବେଳେ ଦୁର୍ଘଟଣା ହୋଇଥିଲା ।

## ଶୌଚ ପାଇଁ ଯାଉଥିବା ବେଳେ ଆକ୍ରମଣ କଲା ଭାଲୁ, ମହିଳା ଗୁରୁତର



**ଜୟପୁର, ୨୬।୨ (ସଂଚାର ବ୍ୟୁରୋ):** ଭାଲୁ ଆକ୍ରମଣରେ ମହିଳା ଗୁରୁତର । ଶୌଚ ପାଇଁ ଯାଉଥିବା ବେଳେ ଆକ୍ରମଣ କଲା ଭାଲୁ । କୋରାପୁଟ ଜିଲ୍ଲା ବୋରିଗୁମ୍ମା ବନାଞ୍ଚଳ ମୁଣ୍ଡାଗୁଡା ଅଞ୍ଚଳରେ ପୁଣି ଭାଲୁ ଆତଙ୍କ । ବୋରିଗୁମ୍ମା ମୁଣ୍ଡାଗୁଡା ଗାଁର ୪ ଜଣ ମହିଳା ଶୌଚ ପାଇଁ ଗାଁ ନିକଟ ପଡିଆକୁ ଯାଇଥିଲେ । ହଠାତ ୩ଟି ଭାଲୁ ଆସି ଜଣେ ମହିଳାଙ୍କୁ ଆକ୍ରମଣ କରିଥିଲେ । ଅନ୍ୟ ମହିଳାମାନେ ଚିତ୍କାର କରିବାରୁ ଭାଲୁଗୁଡ଼ିକ ଧାଇଁ ପଳାଇଥିଲେ । ଗୁରୁତର ମହିଳା ହେଲେ ଲକ୍ଷ୍ମୀ ଗଣ୍ଡା । ତାଙ୍କୁ ପ୍ରଥମେ ବୋରିଗୁମ୍ମା ମେଡିକାଲରେ ଭର୍ତ୍ତି କରାଯାଇଛି । ପରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି ।

## ୫ କୋଟି ଟଙ୍କାର ଗଞ୍ଜେଇ ଜବତ
### କୋରାପୁଟ ପୁଲିସକୁ ଉଲ୍ଲେଖନୀୟ ସଫଳତା



**କୋରାପୁଟ, ୨୬।୨ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ପୁଲିସକୁ ଆଜି ଏକ ବଡ଼ ଧରଣର ସଫଳତା ମିଳିଛି। ସ୍ଥାନୀୟ ପାଡୁଆ ଥାନା ଅନ୍ତର୍ଗତ ଜଲାପୁଟ ଜଳଭଣ୍ଡାର ନିକଟ ଜଙ୍ଗଲରୁ ବ୍ୟାପକ ପରିମାଣର ଗଞ୍ଜେଇ ୟୁନିଟ୍ ଠାବ ହୋଇଛି। ଏଥିରେ ୨୦୦ କୋଟି ଟଙ୍କାର ଗଞ୍ଜେଇ ତେଲ ସହ ୧ ଟନ୍ ଗଞ୍ଜେଇ ରହିଛି। ଜବତ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ୫ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ପାଡୁଆ ଥାନା ଅନ୍ତର୍ଗତ ଜଲାପୁଟ ଜଳଭଣ୍ଡାର ନିକଟ ଜଙ୍ଗଲରୁ କୋରାପୁଟ ପୁଲିସ ଏକ ଅସ୍ଥାୟୀ ଗଞ୍ଜେଇ ୟୁନିଟ୍ ଠାବ କରିଛି। ଚଢାଉ ସମୟରେ ୧୮୦ ଲିଟରରୁ ଅଧିକ ଗଞ୍ଜେଇ ତେଲ ସହ ୧ ଟନ୍ ଗଞ୍ଜେଇ ଜବତ ହୋଇଛି। ଘଟଣାରେ ମୁଖ୍ୟ ଅଭିଯୁକ୍ତକୁ ଚିହ୍ନଟ କରାଯାଇଛି। ଖୁବଶୀଘ୍ର ତାକୁ ଗିରଫ କରାଯିବ ବୋଲି ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନୱର ବିଶାଳ ସିଂହ ସୂଚନା ଦେଇଛନ୍ତି। ଏଥିସହ ଏହି ଘଟଣାରେ ଆଉ କେଉଁମାନେ ସାମିଲ ଅଛନ୍ତି, ସେନେଇ ପୁଲିସ ଖୋଳତାଡ଼ କରୁଛି।

## ତୋଷାଳୀ ଭବନରେ ଅଗ୍ନିକାଣ୍ଡ



**ଭୁବନେଶ୍ୱର, ୨୬।୨ (ସଂଚାର ବ୍ୟୁରୋ):** ତୋଷାଳୀ ଭବନରେ ଅଗ୍ନିକାଣ୍ଡ । ଭୁବନେଶ୍ୱର ସତ୍ୟନଗର ସ୍ଥିତ ତୋଷାଳି ଭବନରେ ନିଆଁ ଲାଗିଛି। ଲୋକାୟୁକ୍ତଙ୍କ କାର୍ଯ୍ୟାଳୟ ରେକଡରୁମ ୩ରେ ନିଆଁ ଲାଗିଥିବା ସୂଚନା । ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି ଅଗ୍ନିଶମ ବିଭାଗ। ସରକାରୀ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ପୋଡ଼ିଯାଇଥିବା ଆଶଙ୍କା । ସତ୍ୟନଗରରେ ଥିବା ଅଗ୍ନିକାଣ୍ଡ। ତୋଷାଳି ବିଲ୍ଡିଂରେ ଲାଗିଲା ନିଆଁ । ଲୋକାୟୁକ୍ତଙ୍କ କାର୍ଯ୍ୟାଳୟ ସାମ୍ନାରେ ଅଗ୍ନିକାଣ୍ଡ। ସରକାରୀ ଫାଇଲ୍ ପୋଡ଼ିଯିବା ଭୟରେ ସରକାରୀ କାର୍ଯ୍ୟାଳୟ ଲୋକ । ନିଆଁ କୁ ଲିଭାଇବା ପାଇଁ ପ୍ରୟାସ। ଅଗ୍ନିଶମ ଟିମ୍ ପହଞ୍ଚି ନିଆଁ କୁ ଆୟତ କରିଛି ।

## ପୋଲରେ ଝୁଲିଲା ବସ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ




**ବରଗଡ଼, ୨୬।୨ (ସଂଚାର ବ୍ୟୁରୋ):** ପୋଲରେ ଝୁଲିଲା ବସ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ । ସମ୍ବଲପୁର ବରଗଡ଼ ୫୩ ନମ୍ବର ଜାତୀୟ ରାଜପଥର ଅତାବିରା ଠାରେ ବସ୍ ଦୁର୍ଘଟଣା। ସକାଳ ୮ଟା ୩୦ ମିନିଟରେ ଏକ ଘରୋଇ ବସ୍ ଦୁର୍ଘଟଣା ଗ୍ରସ୍ତ ହୋଇଛି। ସମ୍ବଲପୁର ରୁ ବରଗଡ଼ ପଟକୁ ଯାଉଥିବା ବେଳେ ଦମଦମା ପୋଲରେ ଝୁଲିଲା ବସ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ । ପ୍ରତ୍ୟକ୍ଷ ଦର୍ଶୀଙ୍କ କହିବା ଅନୁଯାୟୀ ଭାରସାମ୍ୟ ହରାଇ ପୋଲ ଉପରକୁ ଚଢ଼ିଯାଇଥିଲା ବସ୍ । ଯାହାଫଳରେ ଯାତ୍ରୀ ମାନେ ଜୋର୍ ରେ ଚିତ୍କାର କରିଥିଲେ । ଅତାବିରା ସ୍ମଶାନ ଘାଟ ପାଖରେ ଥିବା ଦମ୍ ଦମା ନଦୀର ପୋଲରେ ଅଧା ଝୁଲା ଅବସ୍ଥାରେ ବସଟି ଅଟକି ଯାଇଥିଲା । ଅଳ୍ପକେ ବର୍ତ୍ତି ଯାଇଥିଲେ ଯାତ୍ରୀ । ପୋଲ ତଳକୁ ଖସି ଥିଲେ ଏକ ବଡ ଅଘଟଣ ହୋଇଥାନ୍ତା । ଦୁର୍ଘଟଣାରେ ଆହତ ଯାତ୍ରୀ ମାନଙ୍କୁ ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଉଛି। ଅତାବିରା ହସ୍ପିଟାଲ ରେ ୨୦ ରୁ ଅଧିକ ଯାତ୍ରୀଙ୍କୁ ଚିକିତ୍ସା କରାଯାଇଥିଲା। ପ୍ରାଣ ବିକଳରେ କେତେକ ଆହତ ଯାତ୍ରୀ ନିଜ ବ୍ୟବସ୍ଥାରେ ଅନ୍ୟ ଘରୋଇ ଡାକ୍ତରଖାନାକୁ ସିଧା ସଳଖ ଯାଇଛନ୍ତି । ଘଟଣା ସ୍ଥଳକୁ ପୋଲିସ ଅତାବିରା ପୋଲିସ ପହଞ୍ଚି ଆହତ ଯାତ୍ରୀ ମାନଙ୍କୁ ହସ୍ପିଟାଲ ପଠାଇଛନ୍ତି ।

### ମହାନଦୀ ଟ୍ରିବ୍ୟୁନାଲ ସଦସ୍ୟଙ୍କ ଗସ୍ତକୁ ବିରୋଧ
## ଓଡ଼ିଶା କି ମହାନଦୀକୁ ମିଳୁନାହିଁ ନ୍ୟାୟ




**ଭୁବନେଶ୍ୱର, ୨୬।୨ (ସଂଚାର ବ୍ୟୁରୋ):** ମହାନଦୀ ଟ୍ରିବ୍ୟୁନାଲ ଆଜିଠାରୁ ପାଞ୍ଚଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ସେ ମହାନଦୀ ପ୍ରବାହର ଆକଳନ କରିବେ। ତେବେ ଟ୍ରିବୁନାଲ ଗସ୍ତକୁ ଆଜି ମହାନଦୀ ବଞ୍ଚାଅ ଅଭିଯାନ ବିରୋଧ କରିଛି। ମାଷ୍ଟର କ୍ୟାଣ୍ଟିନ ଛକରେ ଟ୍ରିବୁନାଲଙ୍କ ବିଳାସପୂର୍ଣ୍ଣ ଗସ୍ତ ବିରୋଧରେ ବିରୋଧ ପ୍ରଦର୍ଶନ କରାଯାଇଛି। ୨୦୨୩ରେ ଟ୍ରିବୁନାଲ ଓଡିଶା ଗସ୍ତ କରିଥିଲେ। ସେ ସମୟରେ ସରକାରୀ ତହବିଲରୁ ଗସ୍ତ ବାବଦକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଗଲା। କିନ୍ତୁ ଏଯାଏଁ ଓଡିଶାକୁ ନ୍ୟାୟ ମିଳିଲା ନାହିଁ। ପୁଣି ଥରେ ଏଗସ୍ତର ଯଥାର୍ଥକୁ ନେଇ ପ୍ରଶ୍ନ ଉଠାଇଛି ମହାନଦୀ ବଞ୍ଚାଅ ଅଭିଯାନ।

ଟ୍ରିବ୍ୟୁନାଲର କାର୍ଯ୍ୟକାଳ ଆସନ୍ତା ଏପ୍ରିଲରେ ସରିବାକୁ ବସିଛି। ତା'ପୂର୍ବରୁ ବିଳାସମୟ ଗସ୍ତ ବିରୋଧରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ବିରୋଧ ଓ ପ୍ରତିବାଦ କରିଛି। ଗତକାଲି ବୈଠକର ନିଷ୍ପତ୍ତି ମୁତାବକ କନକତୋରାରୁ ଆରମ୍ଭ କରି ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, କଟକ, ପାରାଦ୍ୱୀପ, କୋଣାର୍କ, ଆଠମଲ୍ଲିକ ଭୁବନେଶ୍ୱର ଆଦି ପ୍ରାୟ ଦଶରୁ ଊର୍ଦ୍ଧ୍ୱ ସ୍ଥାନରେ ଆଜିଠୁ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ପ୍ରତିବାଦ, ବାଲି ସତ୍ୟାଗ୍ରହ ଆଦି କାର୍ଯ୍ୟକ୍ରମ କରାଯିବ। ଆଜି ସନ୍ଧ୍ୟାରେ ଟ୍ରିବ୍ୟୁନାଲ ଅଧ୍ୟକ୍ଷା ଓ ସଦସ୍ୟ, ତାଙ୍କ ପରିବାର ଝାରସୁଗୁଡା ବିମାନ ବନ୍ଦରରେ ପହଞ୍ଚିଛନ୍ତି। ଆସନ୍ତାକାଲିଠୁ ଦିବୁଗଡ, ହୀରାକୁଦ ଡ୍ୟାମ, ସମଲେଶ୍ୱରୀ ମନ୍ଦିର, ଚିଲିକା, କୋଣାର୍କ, ଜଗନ୍ନାଥ ଦର୍ଶନ ଆଦି ୫ ଦିନ ଧରି ବୁଲିବେ। ମଧ୍ୟବର୍ତ୍ତୀକାଳୀନ ରାୟ ମାଧ୍ୟମରେ ଅଣମୌସୁମୀରେ ମହାନଦୀରେ ପାଣି ଏପର୍ଯ୍ୟନ୍ତ ଛାଡ଼ିବାକୁ ସାମାନ୍ୟତମ ନିର୍ଦ୍ଦେଶ ବି ଟ୍ରିବୁନାଲ ଦେଲେନି। ମହାନଦୀ ଟ୍ରିବୁନାଲର ୯ମାସ ଅଧକ୍ଷ ପଦବୀ ଖାଲି ଥିଲା। ଯେହେତୁ ଟ୍ରିବ୍ୟୁନାଲରୁ ଓଡ଼ିଶାକୁ ଏବଂ ମହାନଦୀକୁ କିଛି ବି ନ୍ୟାୟ ମିଳୁନି, ତେଣୁ ରାଜ୍ୟବାସୀଙ୍କ ଟିକସ ପଇସା ସେମାନଙ୍କ ପିଛା କାହିଁକି ଖର୍ଚ୍ଚ କରାଯିବ ବୋଲି ସେ ପ୍ରଶ୍ନ କରିଛନ୍ତି।

### ଶୈଳବାଳା କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି
# ମାସେ ଧରି ଚାଲିଛି ଆନ୍ଦୋଳନ, ସରକାର ନିରବ

- ପାଗ ଦେଖି ରାଜନୀତି ରୁଟି ଶେକୁଛନ୍ତି ସୁବାଷ ସିଂ
- କଲେଜ ଜମି ଅନ୍ୟ ପ୍ରକଳ୍ପରେ ବିନିଯୋଗ କଲା କିଏ ?



**ଭୁବନେଶ୍ୱର, ୨୬।୨ (ସଂଚାର ବ୍ୟୁରୋ):** ରାଜ୍ୟର ପ୍ରଥମ ଓ ଦେଶର ଦ୍ୱିତୀୟ ମହିଳା ମହାବିଦ୍ୟାଳୟ ହୋଇ ମଧ୍ୟ ସରକାର ଓ ପ୍ରଶାସନର ଏତେ ଅଣଦେଖା କାହିଁକି? ଏଭଳି ପ୍ରଶ୍ନ ଉଠାଇ ଗତ ମାସେ ଧରି ଆନ୍ଦୋଳନ ଜାରି ରଖିଛନ୍ତି ଶୈଳବାଳା ମହିଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ। ଦିନକ ତଳେ କଟକ ଜିଲ୍ଲାପାଳଙ୍କ ସହ ସେମାନଙ୍କ ଆଲୋଚନା ବିଫଳ ହେବା ପରଠୁ ଦୁର୍ବାର ଆନ୍ଦୋଳନ ପାଇଁ ନିଷ୍ପତ୍ତି ହୋଇଛି। ଏବେ ଆଲୁମିନି ଆସୋସିଏସନର ବି ସମର୍ଥନ ଘୋଷଣା କରିଛି। କଲେଜର ପୂର୍ବତନ ଛାତ୍ରୀ, କଟକ ବରିଷ୍ଠ ନାଗରିକ ସଂଘ ସହ ବିଭିନ୍ନ ସଂଗଠନ ଓ ବୁଦ୍ଧିଜୀବୀ ସମସ୍ତେ ଏକାଠି ହାତ ମିଳାଇଛନ୍ତି। ଆଗାମୀ ଦିନରେ କଟକ ବନ୍ଦ ପାଇଁ ମଧ୍ୟ ସରକାରଙ୍କୁ ଚେତାବନୀ ବି ଦେଇଛନ୍ତି। ୨୦୦୬ ଏବଂ ୨୦୧୭ ମସିହାରେ ୟୁଜିସ ନାକ ଟିମ୍ ଦ୍ୱାରା ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳକୁ ଏ-ଗ୍ରେଡ୍ ପ୍ରଦାନ କରାଯାଇଥିଲା। ଛାତ୍ରୀଙ୍କ ଆନ୍ଦୋଳନ ସହ ତାଳ ଦେଇ ଶୈଳବାଳାକୁ ୟୁନିଭରସିଟି ମାନ୍ୟତା ପ୍ରଦାନରେ ସରକାରଙ୍କ ପାତର ଅନ୍ତର ନୀତିକୁ ନେଇ ତେଜିଛି ରାଜନୀତି। ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଏ ପ୍ରସଙ୍ଗ ବିଧାନସଭାରେ ଉଠାଇବା ସହ ଧାରଣାରତ ଛାତ୍ରୀମାନଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରିଛନ୍ତି। ସେମିତି କଟକ ମହାନଗର ନିଗମ ମେୟର ସୁବାସ ସିଂ ମୁଖ୍ୟମନ୍ତ୍ରୀଙ୍କୁ ଏ ନେଇ ଚିଠି ଲେଖି ସାରିଛନ୍ତି ଓ ରାଜ୍ୟପାଳଙ୍କୁ ବି ଚିଠି ଲେଖି ହସ୍ତକ୍ଷେପ ପାଇଁ ଦାବି କରିଛନ୍ତି। ତେଣେ କଟକ ବିଜେପି ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ ଏବଂ ବିଜେପି ନେତା ଶ୍ରୀତମ ଦାସ କଟକ ଜିଲ୍ଲାପାଳଙ୍କ ସହ ଆନ୍ଦୋଳନରତ ଛାତ୍ରୀମାନଙ୍କୁ ନେଇ ଆଲୋଚନା କରାଇଥିଲେ ବି ସୁଫଳ ମିଳିନାହିଁ। ୧୯୧୩ ମସିହାରେ ଖୋଦ୍ ଉତ୍କଳ ଗୌରବ ମଧୁସୂଦନ ଦାସ ତାଙ୍କ କନ୍ୟା ଶୈଳବାଳାଙ୍କ ନାଁରେ ଏ କଲେଜ ଖୋଲିଥିଲେ। ଆଉ ଏହି ଶତାୟୁ ଅନୁଷ୍ଠାନରୁ ଅନେକ ଛାତ୍ରୀ ଆଜିର ସମାଜରେ ପ୍ରତିଷ୍ଠିତ। ଏମିତିକି ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ବି ଏଇ କଲେଜର ଛାତ୍ରୀ ଥିଲେ। ହେଲେ ଏତେସବୁ ସତ୍ତ୍ୱେ ଶୈଳବାଳାକୁ ୟୁନିଭରସିଟି ମାନ୍ୟତା ମିଳୁନି। ଯେଉଁ ବିଜେଡି ନେତାମାନେ ଏବେ ସରକାରଙ୍କୁ ଚିଠି ଲେଖି ରାଜନୀତିର ଛୁଙ୍କ ଦେଉଛନ୍ତି ସେମାନେ ମଧ୍ୟ ଗତ ୨୪ ବର୍ଷ ଭିତରେ ଏବାବଦରେ ଚିନ୍ତା କରିନଥିଲେ। ଏବେ ଭଣ୍ଡାରୀ ଦେଖି ନଖ କଅଁଳିବା ଭଳି ସେମାନେ ବି ଗରମ ତାଓ୍ୱାରେ ରୁଟି ଶେକୁଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଶସ୍ତା ହେଲା ସୁନା-ରୁପା

## ୫ ହଜାର ଖସିଲା ଚାନ୍ଦି



ନୂଆଦିଲ୍ଲୀ, ୨୬।୨: ସୁଦଶାବ୍ରତରେ ଶସ୍ତା ହେଲା ସୁନା-ରୁପା। ଗୁରୁବାର ବଜାର ଖୋଲୁ ଖୋଲୁ ୫ ହଜାର ଖସିଲା ଚାନ୍ଦି। ସୁନା ଦରରେ ବି ହ୍ରାସ। ସେପଟେ ବ୍ୟବସାୟ ଆରମ୍ଭରୁ ଉଛୁଳିଥିଲା ସେନସେକ୍ସ ଏବଂ ନିଫ୍ଟି। ହେଲେ କିଛି ସମୟ ପରେ ଗତି ଧୀର ହୋଇ ରେଡ୍ ଜୋନ୍‌କୁ ଆସିଗଲେ ଉଭୟ। ଗୁରୁବାର କମୋଡିଟି ମାର୍କେଟ୍ ରେ ରୁପା ଦର ହ୍ରାସ ପାଇଛି। ଗତକାଲି ବଜାର ବନ୍ଦ ସମୟରେ ଏମସିଏକ୍ସ ରୁପା ଦର କିଲୋ ପିଛା ୨,୭୮,୩୬୪ ଟଙ୍କା ଥିଲା। ଏବେ ଏହା ୨,୭୨,୫୬୦ ଟଙ୍କା ଶସ୍ତା ହୋଇଛି। ଦେଖିବାକୁ ଗଲେ ରୁପା ଦର କିଲୋ ପିଛା ୫ ହଜାର ୮୦୪ ଟଙ୍କା ଶସ୍ତା ହୋଇଛି। ଏହି ହ୍ରାସ ପରେ ରୁପା ଜାନୁଆରୀ ୨୯ ତାରିଖରେ ଏହାର ସର୍ବୋଚ୍ଚ ମୂଲ୍ୟ ୪,୨୦,୦୪୮ ଟଙ୍କାରୁ ଏବେ ୧,୪୭,୪୮୮ ଟଙ୍କା ଶସ୍ତାରେ ମିଳୁଛି।

ରୁପା ସହ ସୁନା ଦରରେ ମଧ୍ୟ ହ୍ରାସ ଘଟିଛି। ଏମସିଏକ୍ସରେ ସୁନା ଫ୍ୟୁଚର୍ସ, ଯାହାର ମିଆଦ ଏପ୍ରିଲ ୨ରେ ଶେଷ ହେଉଛି, ବୁଧବାର ୧୦ ଗ୍ରାମ ପିଛା ୧,୬୧,୧୪୫ ଟଙ୍କାରେ ବନ୍ଦ ହୋଇଥିଲା। ଆଜି ଅଚାନକ ହ୍ରାସ ପାଇ ୧,୬୦,୫୧୬ ଟଙ୍କାରେ ଖୋଲିଛି। ଅର୍ଥାତ୍ ୧୦ ଗ୍ରାମ ୨୪ କ୍ୟାରେଟ୍ ସୁନା ୬୨୯ ଶସ୍ତା ହୋଇଛି। ଯଦି ଆମେ ସୁନା ମୂଲ୍ୟ ଶୀର୍ଷରୁ ହ୍ରାସକୁ ବିଚାର କରିବା, ଜାନୁଆରୀ ୨୯ ତାରିଖରେ ସୁନା ପ୍ରତି ୧୦ ଗ୍ରାମ ପିଛା ୧,୯୩,୦୯୬ର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା, ସେବେଠାରୁ ଏହି ମୂଲ୍ୟବାନ ଧାତୁ ୩୨,୫୮୦ ଟଙ୍କା ହ୍ରାସ ପାଇଛି।

ଘର କିଣୁଥିଲେ ଆଶ୍ୱସ୍ତି

# ୨୦ଲକ୍ଷ ପର୍ଯ୍ୟନ୍ତ ଡିଲ୍‌ରେ ଦରକାର ପଡ଼ିବନି ପାନ୍ କାର୍ଡ



ନୂଆଦିଲ୍ଲୀ,୨୬।୨: ଘର କିଣିବାକୁ ସ୍ୱପ୍ନ ଦେଖୁଥିବା ଲୋକଙ୍କ ପାଇଁ ବଡ଼ ଧରଣର ଆଶ୍ୱସ୍ତି। ଆୟକର ବିଭାଗ ପ୍ରସ୍ତାବିତ ନୂତନ ଆୟକର ଢାଞ୍ଚା ଅଧୀନରେ ଡ୍ରାଫ୍ଟ ନିୟମ ଜାରି କରିଛି, ଯାହା ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ସହିତ ଜଡିତ ପାନ୍ ନିୟମରେ ପରିବର୍ତ୍ତନ ପାଇଁ ପରାମର୍ଶ ଦେଇଛି। ଯଦି ଏହି ନିୟମଗୁଡ଼ିକ ଶେଷରେ କାର୍ଯ୍ୟକାରୀ ହୁଏ, ତେବେ କମ୍ ମୂଲ୍ୟର ସମ୍ପତ୍ତି କ୍ରୟ କରୁଥିବା ଲୋକଙ୍କ ପାଇଁ ପ୍ରକ୍ରିୟା ସହଜ ହୋଇପାରେ। ବର୍ତ୍ତମାନ ନିୟମ ଏହା ରହିଛି ଯେ,ଯଦି ଜଣେ ବ୍ୟକ୍ତି ୧୦ ଲକ୍ଷ ଟଙ୍କାରୁ ଅଧିକ ସ୍ଥାବର ସମ୍ପତ୍ତି,ଯେପରିକି ଘର କିମ୍ବା ଫ୍ଲାଟ, କିଣନ୍ତି କିମ୍ବା ବିକନ୍ତି, ତେବେ ତାଙ୍କୁ ନିଜର ପ୍ୟାନ୍ ନମ୍ବର ଦେବା ବାଧ୍ୟତାମୂଳ ହେବ। ଅର୍ଥାତ ୧୦ଲକ୍ଷ କିମ୍ବା ତା'ଉପରୁ ପ୍ରତି ଡିଲ୍‌ରେ ପାନ୍‌ର ସୂଚନା ଦେବାକୁ ପଡିଥାଏ। କିନ୍ତୁ ନୂଆ ଡ୍ରାଫ୍ଟ ନିୟମରେ ଏହି ସୀମାକୁ ବଢାଇ ୨୦ ଲକ୍ଷ କରିବାର ପ୍ରସ୍ତାବ ରହିଛି। ଏହାର ଅର୍ଥ ଏହା ଯେ, ଯଦି ପ୍ରପର୍ଟିର ଦାମ୍ ୨୦ ଲକ୍ଷ ଟଙ୍କାରୁ କମ୍ ହୁଏ ତେବେ ଲେଣଦେଣରେ ପ୍ୟାନ୍ କାର୍ଡ ଦରକାର ପଡିବନି। ଏହି ପରିବର୍ତ୍ତନ ବିଶେଷ ଭାବରେ ଛୋଟ ସହରରେ ଘର କିଣିବା ନେଇ ଆସିପାରେ। ଏବେ ବି ସେଠାରେ ୨୦ଲକ୍ଷ ଭିତରେ ଘର କିମ୍ବା ଜମି ମିଳିଯାଉଛି। ଏହି ଅଞ୍ଚଳରେ ରହୁଥିବା ଲୋକଙ୍କୁ ବଭିନ୍ନ ପ୍ରକାର କାଗଜପତ୍ର କାମ କରିବାକୁ ପଡିଥାଏ। ଏବେ ଛୋଟ ଟ୍ରାଞ୍ଜାକସନ୍ ଅପେକ୍ଷାକୃତ ସହଜ ହୋଇପାରେ। ତେବେ ଏହା ଧ୍ୟାନରେ ରଖିବା କଥା ଯେ, ଏହା ଏବେ କେବଳ ଡ୍ରାଫ୍ଟ ନିୟମ। ସରକାର ତାକୁ ପରାମର୍ଶ ଭାବରେ ଜାରି କରିଛି ଓ ଅନ୍ତିମ ନିଷ୍ପତ୍ତିର ଫିଡବ୍ୟାକ୍ ନେବା ପରେ ହିଁ ଧାର୍ଯ୍ୟ କରାଯିବ। ଆଶା କରାଯାଉଛି ଯେ, ଯଦି ସବୁକିଛି ଧାର୍ଯ୍ୟ ଯୋଜନା ଅନୁସାରେ ହୁଏ ତେବେ ନୂଆ ନିୟମ ୧ ଏପ୍ରିଲ ୨୦୨୬ରୁ ଲାଗୁ ହୋଇପାରେ। କେବଳ ସମୟ ସୀମା ବଢାଇବାର ପ୍ରସ୍ତାବ ନୁହେଁ, ବଂର କିଛି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କଥା କୁହାଯାଇଛି। ଉଦାହରଣ ଭାବରେ,ଯଦି କାହାକୁ ଗିଫ୍ଟ ଭାବରେ ସମ୍ପତ୍ତି ମିଳେ ତେବେ ଜଏଣ୍ଟ ଡେଭଲପମେଣ୍ଟ ଏଗ୍ରିମେଣ୍ଟ ଅନୁସାରେ ଜମି କିମ୍ବା ଫ୍ଲାଟ ଟ୍ରାନ୍ସଫର ହୁଏ,ତେବେ ଏଭଳି ମାମଲାକୁ ମଧ୍ୟ ପାନ୍ ଅନୁପାଳନ ପରିସରକୁ ଅଣାଯିବାର ପରମର୍ଶ ରହିଛି। ଏହାର ମୂଲ୍ୟ ଧାର୍ଯ୍ୟ ସୀମାଠାରୁ ଅଧିକ ହେଲେ ଏହାର ଉଦେଶ୍ୟ ବଡ଼ ଓ ଜଟିଳ ଡିଲ୍ ଉପରେ ନଜର ରଖିବା।



# ମୋଟ୍ ଘରୋଇ ଉତ୍ପାଦଠାରୁ ମୁଣ୍ଡପିଛା ଆୟ ଅଭିବୃଦ୍ଧି ଅଧିକ ତ୍ୱରାନ୍ୱିତ

ନୂଆଦିଲ୍ଲୀ, ୨୬।୨: ଭାରତୀୟଙ୍କ ମୁଣ୍ଡପିଛା ଆୟରେ ଅଭିବୃଦ୍ଧି ହାର ଦେଶରେ ମୋଟ ଘରୋଇ ଉତ୍ପାଦର ଅଭିବୃଦ୍ଧି ହାରଠାରୁ ଅଧିକ ତ୍ୱରାନ୍ୱିତ ହେଉଛି। ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ପୁନମ ଗୁପ୍ତା ଏହା ପ୍ରକାଶ କରିଛନ୍ତି। ଦେଶରେ ଜନସଂଖ୍ୟା ଅଭିବୃଦ୍ଧି ହାର ହ୍ରାସ ପାଉଥିବାରୁ ମୁଣ୍ଡପିଛା ଆୟ ଅଭିବୃଦ୍ଧି ହାର ମୋଟ ଘରୋଇ ଉତ୍ପାଦ ଠାରୁ ଅଧିକ ତ୍ୱରାନ୍ୱିତ ହୋଇ ପାରୁଥିବା ସେ କହିଛନ୍ତି। ଥିରୁଭନ୍ତପୁରମଠାରେ ଜାତୀୟ ବିକାଶ ଅଧ୍ୟୟନ କେନ୍ଦ୍ରର ପ୍ରତିଷ୍ଠା ଦିବସ ସମାରୋହରେ ଯୋଗ ଦେଇ ସେ ଏହା କହିଛନ୍ତି। ଜନସଂଖ୍ୟା ଅଭିବୃଦ୍ଧି ହାର ହ୍ରାସ ପାଉଥିବା ବେଳେ ଭାରତୀୟମାନଙ୍କର ଜୀବନଧାରଣ ମାନରେ ଉନ୍ନତି ଆସିଛି। ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମାନବ ବିକାଶ ନିୟାମକଗୁଡ଼ିକରେ ଭାରତର ଭଲ ପ୍ରଦର୍ଶନ ରହିଥିବା ପୁନମ ପ୍ରକାଶ କରିଛନ୍ତି। ଗତ ଦୁଇ ଦଶନ୍ଧୀ ମଧ୍ୟରେ ଭାରତୀୟମାନଙ୍କର ମୁଣ୍ଡପିଛା ଆୟରେ ଅଭିବୃଦ୍ଧି ହାର ୫ଗୁଣ ବୃଦ୍ଧି ପାଇଛି। ୧୯୯୦ ପରଠାରୁ ଭାରତୀୟ ଅର୍ଥନୀତିରେ ଅଭିବୃଦ୍ଧି ହାର ତ୍ୱରାନ୍ୱିତ ହୋଇଛି। ୧୯୮୦ ଦଶକରେ ଭାରତରେ ମୋଟ ଘରୋଇ ଉତ୍ପାଦରେ ଅଭିବୃଦ୍ଧି ହାର ଥିଲା ୫.୭ ପ୍ରତିଶତ। ପରବର୍ତ୍ତୀ ଦଶକରେ ତାହା ୬.୩ ପ୍ରତିଶତକୁ ବୃଦ୍ଧି ପାଇଥିଲା। ଚଳିତ ଶତାବ୍ଦୀର ପ୍ରଥମ ଦଶକରେ ଏହା ୬.୬ ପ୍ରତିଶତକୁ ବୃଦ୍ଧି ପାଇଥିବାବେଳେ ୨୦୧୦ ଦଶକରେ ମଧ୍ୟ ୬.୬ ପ୍ରତିଶତ ରହିଥିଲା। ଚଳିତ ଦଶକର ପ୍ରଥମ ଚାରି ବର୍ଷରେ ଏହି ଅଭିବୃଦ୍ଧି ହାର ୭.୭ ପ୍ରତିଶତ ରହିଛି।

# କ୍ରେଡିଟ୍ କାର୍ଡ ମାଧ୍ୟମରେ ଖର୍ଚ୍ଚ ୨.୭ ପ୍ରତିଶତ ହ୍ରାସ



ନୂଆଦିଲ୍ଲୀ, ୨୬।୨: ଚଳିତ ବର୍ଷ ଜାନୁଆରିରେ କ୍ରେଡିଟ୍ କାର୍ଡ ମାଧ୍ୟମରେ ଭାରତୀୟମାନେ କମ ବ୍ୟୟ କରିଛନ୍ତି। ଏହି ହାରାହାରି ଖର୍ଚ୍ଚ ଗତ ଡିସେମ୍ବର ତୁଳନାରେ ୨.୭ ପ୍ରତିଶତ ହ୍ରାସ ପାଇଛି। ଏକ ଆର୍ଥିକ ଅନୁଧ୍ୟାନକାରୀ ସଂସ୍ଥାର ରିପୋର୍ଟ ଅନୁଯାୟୀ, ଜାନୁଆରିରେ କ୍ରେଡିଟ୍ କାର୍ଡ ମାଧ୍ୟମରେ ହୋଇଥିବା ବ୍ୟୟରେ ୮.୧ ପ୍ରତିଶତ ଅଭିବୃଦ୍ଧି ହାର ହାସଲ ହୋଇଛି, ଯାହା ଗତ ବର୍ଷ ଡିସେମ୍ବରରେ ହୋଇଥିବା ଅଭିବୃଦ୍ଧି ହାର ତୁଳନାରେ କମ୍। ଚାରିଟି ପ୍ରମୁଖ ବ୍ୟାଙ୍କର ଗ୍ରାହକମାନେ ଏହି ସମୟରେ କ୍ରେଡିଟ୍ କାର୍ଡ ମାଧ୍ୟମରେ ଯଥେଷ୍ଟ କମ୍ ଅର୍ଥ ବ୍ୟୟ କରିଛନ୍ତି। ରାଷ୍ଟ୍ରାୟତ୍ତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଗ୍ରାହକଙ୍କ କ୍ରେଡିଟ୍ କାର୍ଡ ବ୍ୟୟ ଗତ ମାସ ତୁଳନାରେ ୪.୭ ପ୍ରତିଶତ ହ୍ରାସ ପାଇଛି। ସେହିପରି ଘରୋଇ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡରେ ହୋଇଥିବା ହାରାହାରି ଖର୍ଚ୍ଚ ପରିମାଣ ୪.୬ ପ୍ରତିଶତ ହ୍ରାସ ପାଇଥିବା ବେଳେ ଏଚଡିଏଫ୍‌ସି ବ୍ୟାଙ୍କର ୧.୩ ପ୍ରତିଶତ ଓ ଏକ୍ସିସ୍ ବ୍ୟାଙ୍କର ଗ୍ରାହକମାନଙ୍କ କ୍ରେଡିଟ୍ କାର୍ଡ ବ୍ୟୟ ୨.୭ ପ୍ରତିଶତ ହ୍ରାସ ପାଇଛି।

# ହୋଲିରେ ମହଙ୍ଗା ହେବ ବିମାନ ଭଡ଼ା

ମୁମ୍ବାଇ, ୨୬।୨: ଚଳିତ ବର୍ଷ ଭାରତରେ ମାର୍ଚ୍ଚ ୪ରେ ହୋଲି ପାଳନ କରାଯିବ। ଦୀପାବଳି ଭଳି ହୋଲିରେ ଅନ୍ୟ ସହରରୁ ଲୋକମାନେ ସେମାନଙ୍କ ଗାଁକୁ ଫେରିବାକୁ ଯାଉଛନ୍ତି। ଟ୍ରେନ୍ ପାଇଁ ଲମ୍ବା ଅପେକ୍ଷା ତାଲିକା ଏବଂ ବସ୍ ସିଟ୍ ପାଇଁ ହଇରାଣ ପୁଣିଥରେ ହେବାର ସମ୍ଭାବନା ରହିଛି। ହୋଲି ପାଳନ କରିବା ପାଇଁ ଘରକୁ ଯାଉଥିବା ଲୋକମାନଙ୍କୁ ସୁବିଧା ଦେବା ପାଇଁ ରେଳବାଇ ଶହ ଶହ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ଘୋଷଣା କରିଛି। ଏହି ସମୟରେ, ବିମାନ ସେବା କମ୍ପାନୀଗୁଡ଼ିକ ହୋଲି ପାଖାପାଖି ତାରିଖ ପାଇଁ ବିମାନ ଭଡ଼ା ବୃଦ୍ଧି କରିଛନ୍ତି। ହୋଲି ପୂର୍ବରୁ ଏବଂ ହୋଲି ପରେ ମୂଲ୍ୟ ମଧ୍ୟରେ ସ୍ପଷ୍ଟ ପାର୍ଥକ୍ୟ ରହିଛି। ଦିଲ୍ଲୀରୁ ପାଟନା ହେଉ କିମ୍ବା ମୁମ୍ବାଇରୁ ବାରାଣସୀ, ଯଦି ଆପଣ ହୋଲି ପୂର୍ବରୁ ବିମାନ ଯାତ୍ରା କରିବାକୁ ଯୋଜନା କରୁଛନ୍ତି, ତେବେ ଆପଣଙ୍କୁ ଅଧିକ ଭଡ଼ା ଦେବାକୁ ପଡ଼ିପାରେ। ଯଦି ଆପଣ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର (ଦିଲ୍ଲୀ) ରୁ ଜୟ ପ୍ରକାଶ ନାରାୟଣ ଅନ୍ତର୍ଜାତୀୟ ବିମାନବନ୍ଦର (ପାଟନା) କୁ ବିମାନ ଯାତ୍ରା କରିବାକୁ ଯୋଜନା କରୁଛନ୍ତି, ତେବେ ହୋଲି ପୂର୍ବରୁ ଟିକେଟ୍ ମୂଲ୍ୟ ଆପଣଙ୍କ ପକେଟ ପାଇଁ ଭାରୀ ହୋଇପାରେ। ଫେବୃଆରୀ ୨୮ ତାରିଖରେ ଇଣ୍ଡିଗୋ ବିମାନର ପ୍ରାରମ୍ଭିକ ଭଡ଼ା ୧୨,୫୦୦ ଟଙ୍କାରୁ ଅଧିକ ହୋଇଛି। ୨୬ ଫେବୃଆରୀରେ, ସମାନ ଟିକେଟ୍ ୯ ହଜାର ଟଙ୍କାରୁ ଅଧିକ ମୂଲ୍ୟରେ ଉପଲବ୍ଧ। ଇଣ୍ଡିଗୋର ୱେବସାଇଟ୍ ଅନୁଯାୟୀ, ମାର୍ଚ୍ଚ ୧ ରେ ଏହି ଭଡ଼ା ପ୍ରାୟ ୧୦ ହଜାର ଟଙ୍କାରୁ ଆରମ୍ଭ ହେଉଛି।



ଦିଲ୍ଲୀ-ପାଟନା ବିମାନ ଭଡ଼ା: ୨୪ ଫେବୃଆରୀରୁ ୨୮ ଫେବୃଆରୀ ମଧ୍ୟରେ ଦିଲ୍ଲୀରୁ ପାଟନା ଯାତ୍ରା ପାଇଁ ସର୍ବାଧିକ ଭଡ଼ା ଦେବାକୁ ପଡିବ। ୨୪ ଫେବୃଆରୀରେ ଦିଲ୍ଲୀରୁ ପାଟନା ପାଇଁ ପ୍ରାରମ୍ଭିକ ବିମାନ ଭଡ଼ା ୧୧,୯୮୦ ଟଙ୍କା। ୨୫ ଫେବୃଆରୀରେ ୧୦,୦୪୦ ଟଙ୍କା। ୨୬ ଫେବୃଆରୀରେ ୯୪୧୦ ଟଙ୍କା ଭଡ଼ା ରହିଛି। ୨୭ ଫେବୃଆରୀରେ ୧୦,୪୯୨ ଟଙ୍କା ଏବଂ ୨୮ ଫେବୃଆରୀରେ ୧୦,୬୮୮ ଟଙ୍କା। ୧ ମାର୍ଚ୍ଚରୁ ୩ ମାର୍ଚ୍ଚ ପର୍ଯ୍ୟନ୍ତ ଭଡ଼ା ଧୀରେ ଧୀରେ ହ୍ରାସ ପାଉଛି। ୧ ମାର୍ଚ୍ଚରେ ଦିଲ୍ଲୀରୁ ପାଟନା ଯାତ୍ରା ପାଇଁ ପ୍ରାରମ୍ଭିକ ଭଡ଼ା ୯୬୭୧ ଟଙ୍କା, ୨ ମାର୍ଚ୍ଚରେ ୭୬୫୭ ଟଙ୍କା ଥିବାବେଳେ ୩ ମାର୍ଚ୍ଚରେ ୬୭୧୨ ଟଙ୍କା। ଆପଣଙ୍କୁ ଜଣାଇ ଦେଉଛୁ ଯେ ଦିଲ୍ଲୀରୁ ପାଟନା ପାଇଁ ସାଧାରଣ ପ୍ରାରମ୍ଭିକ ଭଡ଼ା ପ୍ରାୟ ୪୫୦୦ ଟଙ୍କାକୁ ହ୍ରାସ ପାଇଛି।

ଦିଲ୍ଲୀ-ବାରଣାସୀ ବିମାନ ଭଡ଼ା:ସେହିପରି ୨୪ ଫେବୃଆରୀରୁ ୨୮ ଫେବୃଆରୀ ମଧ୍ୟରେ ଦିଲ୍ଲୀରୁ ବାରାଣସୀ ଯାତ୍ରା ପାଇଁ ସର୍ବାଧିକ ଭଡ଼ା ଦେବାକୁ ପଡିବ। ୨୪ ଫେବୃଆରୀରେ ଦିଲ୍ଲୀରୁ ବାରାଣସୀ ପାଇଁ ପ୍ରାରମ୍ଭିକ ବିମାନ ଭଡ଼ା ୮୩୯୫ ଟଙ୍କା, ୨୫ ଫେବୃଆରୀରେ ୮୩୯୫ ଟଙ୍କା, ୨୬ ଫେବୃଆରୀରେ ୭୪୭୮ ଟଙ୍କା, ୨୭ ଫେବୃଆରୀରେ ୯୮୦୪ ଟଙ୍କା ଏବଂ ୨୮ ଫେବୃଆରୀରେ ୧୧,୩୪୫ ଟଙ୍କା ରହିଛି। ୧ ମାର୍ଚ୍ଚରୁ ୩ ମାର୍ଚ୍ଚ ପର୍ଯ୍ୟନ୍ତ ଭଡ଼ା ଧୀରେ ଧୀରେ ହ୍ରାସ ପାଉଛି। ୧ ମାର୍ଚ୍ଚରେ ଦିଲ୍ଲୀରୁ ବାରାଣସୀ ଯାତ୍ରା ପାଇଁ ପ୍ରାରମ୍ଭିକ ଭଡ଼ା ୭୯୪୭ ଟଙ୍କା, ୨ ମାର୍ଚ୍ଚରେ ୬୪୮୨ ଟଙ୍କା ଏବଂ ୩ ମାର୍ଚ୍ଚରେ ୬୨୦୪ ଟଙ୍କା ରହିଛି। ଆପଣଙ୍କୁ ଜଣାଇ ଦେଉଛୁ ଯେ ଦିଲ୍ଲୀରୁ ବାରାଣସୀ ପାଇଁ ସାଧାରଣ ପ୍ରାରମ୍ଭିକ ଭଡ଼ା ୪୦୦୦ ଟଙ୍କାରୁ କମ୍।

ମୁମ୍ବାଇ-ପାଟନା ବିମାନ ଭଡ଼ା: ୨୪ ଫେବୃଆରୀରୁ ୨୮ ଫେବୃଆରୀ ମଧ୍ୟରେ ମୁମ୍ବାଇରୁ ପାଟନା ଯାତ୍ରା ପାଇଁ ସର୍ବାଧିକ ଭଡ଼ା ଦେବାକୁ ପଡିବ। ୨୪ ଫେବୃଆରୀରେ ମୁମ୍ବାଇରୁ ପାଟନା ପାଇଁ ପ୍ରାରମ୍ଭିକ ବିମାନ ଭଡ଼ା ୧୫,୩୯୩ ଟଙ୍କା, ୨୫ ଫେବୃଆରୀରେ ୧୫,୧୦୭ ଟଙ୍କା, ୨୬ ଫେବୃଆରୀରେ ୧୫,୧୦୭ ଟଙ୍କା, ୨୭ ଫେବୃଆରୀରେ ୧୭,୫୫୬ ଟଙ୍କା ଏବଂ ୨୮ ଫେବୃଆରୀରେ ୧୬,୦୮୮ ଟଙ୍କା ରହିଛି। ୧ ମାର୍ଚ୍ଚରୁ ୩ ମାର୍ଚ୍ଚ ପର୍ଯ୍ୟନ୍ତ ଭଡ଼ା ଧୀରେ ଧୀରେ ହ୍ରାସ ପାଉଛି। ୧ ମାର୍ଚ୍ଚରେ ମୁମ୍ବାଇରୁ ପାଟନା ଯାତ୍ରା ପାଇଁ ପ୍ରାରମ୍ଭିକ ଭଡ଼ା ୧୨,୫୧୪ ଟଙ୍କା, ୨ ମାର୍ଚ୍ଚରେ ୧୦,୬୨୫ ଟଙ୍କା ଏବଂ ୩ ମାର୍ଚ୍ଚରେ ୯୬୯୬ ଟଙ୍କା। ଆପଣଙ୍କୁ ଜଣାଇ ଦେଉଛୁ ଯେ ମୁମ୍ବାଇରୁ ପାଟନା ପାଇଁ ସାଧାରଣ ପ୍ରାରମ୍ଭିକ ଭଡ଼ା ପ୍ରାୟ ୭୦୦୦ ଟଙ୍କା ରହିଛି।

ମୁମ୍ବାଇ-ବାରଣାସୀ ବିମାନ ଭଡ଼ା:ସେହିପରି ଭାବେ ୨୪ ଫେବୃଆରୀରୁ ୨୮ ଫେବୃଆରୀ ମଧ୍ୟରେ ମୁମ୍ବାଇରୁ ବାରଣାସୀ ଯାତ୍ରା ପାଇଁ ସର୍ବାଧିକ ଭଡ଼ା ଦେବାକୁ ପଡ଼ିବ। ୨୪ ଫେବୃଆରୀରେ ମୁମ୍ବାଇରୁ ବାରଣାସୀ ଯାତ୍ରା ପାଇଁ ପ୍ରାରମ୍ଭିକ ଭଡ଼ା ୧୧,୬୭୬ ଟଙ୍କା, ୨୫ ଫେବୃଆରୀରେ ୮୮୨୩ଟଙ୍କା, ୨୬ ଫେବୃଆରୀରେ ୮୩୧୧ଟଙ୍କା, ୨୭ ଫେବୃଆରୀରେ ୮୫୪୯ ଟଙ୍କା ଏବଂ ୨୮ ଫେବୃଆରୀରେ ୯୨୭୨ଟଙ୍କା ରହିଛି। ୧ ମାର୍ଚ୍ଚରୁ ୩ ମାର୍ଚ୍ଚ ପର୍ଯ୍ୟନ୍ତ ଭଡ଼ା ଧୀରେ ଧୀରେ ହ୍ରାସ ପାଉଛି। ମୁମ୍ବାଇରୁ ବାରାଣସୀ ଯାତ୍ରା ପାଇଁ ପ୍ରାରମ୍ଭିକ ଭଡ଼ା ୧ ମାର୍ଚ୍ଚରେ ୭୯୯୦ ଟଙ୍କା, ୨ ମାର୍ଚ୍ଚରେ ୭୮୫୧ ଟଙ୍କା ଏବଂ ୩ ମାର୍ଚ୍ଚରେ ୭୦୫୧ ଟଙ୍କାରେ ଯାତ୍ରା ଉପଲବ୍ଧ ହେବ। ଆପଣଙ୍କୁ ଜଣାଇ ଦେଉଛୁ ଯେ ମୁମ୍ବାଇରୁ ବାରାଣସୀ ପାଇଁ ସାଧାରଣ ପ୍ରାରମ୍ଭିକ ଭଡ଼ା ପ୍ରାୟ ୫୦୦୦-୬୦୦୦ ଟଙ୍କା ମଧ୍ୟରେ ହେବ।

## ରେଳମନ୍ତ୍ରୀଙ୍କ ବଡ଼ ଘୋଷଣା

# ଲଞ୍ଚ ହେଲା ନୂଆ ପୋର୍ଟାଲ





ନୂଆଦିଲ୍ଲୀ, ୨୬।୨: ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରେଳବାଇରେ କ୍ଷତିପୂରଣ ସମ୍ପର୍କରେ ଏକ ବଡ଼ ଘୋଷଣା କରିଛନ୍ତି। ଦାବିଗୁଡ଼ିକର ଦ୍ରୁତ ଏବଂ ସ୍ୱଚ୍ଛ ସମାଧାନ ସୁନିଶ୍ଚିତ କରିବା ପାଇଁ ରେଳବାଇ ଇ-ଆରସିଟି (ଇଲେକ୍ଟ୍ରୋନିକ ରେଲଓ୍ୱେ କ୍ଲେମ୍ସ ଟ୍ରିବ୍ୟୁନାଲ) ବ୍ୟବସ୍ଥା ଆରମ୍ଭ କରିଛି। ଏହି ନୂତନ ଡିଜିଟାଲ ପ୍ଲାଟଫର୍ମ ରେଳବାଇ ଦୁର୍ଘଟଣା, ଅପ୍ରୀତିକର ଘଟଣା, ମାଲ କ୍ଷତି କିମ୍ବା ଭଡ଼ା ବିବାଦ ସହିତ ଜଡିତ ମାମଲାଗୁଡ଼ିକର ସମାଧାନକୁ ସହଜ କରିବ। ପୂର୍ବରୁ, ଏହି ମାମଲାଗୁଡ଼ିକ ପାଇଁ ଦାଖଲ ଠାରୁ ଶୁଣାଣି ପର୍ଯ୍ୟନ୍ତ ଅନେକ ଔପଚାରିକତା ଏବଂ ସମୟସାପେକ୍ଷ ପ୍ରକ୍ରିୟା ଆବଶ୍ୟକ ହେଉଥିଲା, କିନ୍ତୁ ବର୍ତ୍ତମାନ ସମଗ୍ର ବ୍ୟବସ୍ଥା ଅନଲାଇନ ହୋଇଥିବାରୁ, ପ୍ରକ୍ରିୟାଟି ବହୁତ ଦ୍ରୁତ ଏବଂ ଅଧିକ ସୁବିଧାଜନକ ହୋଇଛି। ଇଲେକ୍ଟ୍ରୋନିକ ରେଲଓ୍ୱେ କ୍ଲେମ୍ସ ଟ୍ରିବ୍ୟୁନାଲ ଆରମ୍ଭ ହୋଇଛି, ଯାହା ଭାରତୀୟ ରେଳବାଇ ମଧ୍ୟରେ ସ୍ୱଚ୍ଛତା ଏବଂ ଯାତ୍ରୀ ସୁବିଧା ପାଇଁ ଏକ ବିପ୍ଳବୀ ପଦକ୍ଷେପ। ଏହା ସମ୍ପୂର୍ଣ୍ଣ ଡିଜିଟାଲ ଭାବରେ କାର୍ଯ୍ୟ କରିବ। ଇ-ଆରସିଟି ବ୍ୟବସ୍ଥାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଫିଚର ହେଉଛି ଯେ ଯେକୌଣସି ବ୍ୟକ୍ତି ଏବେ ଯେକୌଣସି ସ୍ଥାନରୁ, ଯେକୌଣସି ସମୟରେ ଅନଲାଇନରେ ସେମାନଙ୍କର ଦାବି ଦାଖଲ କରିପାରିବେ। ମାମଲା ଦାଖଲ ଫିଚରଗୁଡ଼ିକରେ ଚେକଲିଷ୍ଟ-ଆଧାରିତ ଯାଞ୍ଚ, ଡକ୍ୟୁମେଣ୍ଟ ଅପଲୋଡ, ସ୍ୱୟଂଚାଳିତ ମାମଲା ଆବଣ୍ଟନ ଏବଂ ନୋଟିସଗୁଡ଼ିକର ଡିଜିଟାଲ କପି ଅନ୍ତର୍ଭୁକ୍ତ। ଏହା ସହିତ, ଶୁଣାଣି ପାଇଁ ଇ-ଶୁଣାଣିର ସୁବିଧା ମଧ୍ୟ ପ୍ରଦାନ କରାଯାଇଛି, ଯାହା ପକ୍ଷମାନଙ୍କୁ କୋର୍ଟକୁ ଆସିବାକୁ ହ୍ରାସ କରିବ। ଏହି ପ୍ଲାଟଫର୍ମ ମାମଲା ଦାଖଲ ଠାରୁ ନିଷ୍ପତ୍ତି ପର୍ଯ୍ୟନ୍ତ ସମସ୍ତ ଅଗ୍ରଗତିକୁ ଗୋଟିଏ ସ୍ଥାନରେ ପ୍ରଦର୍ଶନ କରିବ। ରେଳବାଇ ଅନୁଯାୟୀ, ଏହି ବ୍ୟବସ୍ଥା କେବଳ ସମୟ ବଞ୍ଚାଇବ ନାହିଁ ବରଂ ମାମଲା ସମାଧାନକୁ ସସ୍ୱଚ୍ଛ ଏବଂ ନିର୍ଭରଯୋଗ୍ୟ କରିବ। ଅଧିକାରୀମାନେ ବିଶ୍ୱାସ କରନ୍ତି ଯେ ଇ-ଆରସିଟି ବ୍ୟବସ୍ଥା ବିଚାରାଧୀନ ମାମଲାଗୁଡ଼ିକୁ ହ୍ରାସ କରିବ ଏବଂ ସାଧାରଣ ଜନତାଙ୍କୁ ପ୍ରକୃତ ସୁବିଧା ପ୍ରଦାନ କରିବ।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୫,୭୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୨,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୫,୭୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୨,୮୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୫,୭୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୨,୮୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୫,୯୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୨,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୭,୦୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୪,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୫,୭୮୦ ଓ ୧,୪୨,୮୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୦୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୦ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୯୨ ଟଙ୍କା ୬୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୮୭.୬୭ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୭ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି ।

# ପୌରପରିଷଦର ଅବହେଳାରୁ ବଢ଼ୁଛି ମଶାଙ୍କ ଉପଦ୍ରବ

**ସୁବର୍ଣ୍ଣପୁର,୨୬।୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ପୌରାଞ୍ଚଳରେ ମଶାଙ୍କ ବଂଶ ବୃଦ୍ଧି ଚିନ୍ତାର କାରଣ ପାଲଟିଛି । ଏମାନଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି । ପୌର କର୍ତ୍ତୃପକ୍ଷ ପରିମଳ ବ୍ୟବସ୍ଥା ପ୍ରତି ଯଥେଷ୍ଟ ଧ୍ୟାନ ଦେଉ ନ ଥିବାରୁ ମଶା ସହରବାସୀଙ୍କୁ ଅଥୟ କରିଦେଲେଣି। ଏହାର ନିରାକରଣ ଦିଗରେ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନ ଥିବା ଦେଖିବାକୁ ମିଳୁଛି । ସଚେତନତା ନେଇ ମଧ କୌଣସି ପଦକ୍ଷେପ ନିଆଯାଉନାହିଁ ।

ସୋନପୁର ପୌର ପରିଷଦ ଅଧୀନ ବିଭିନ୍ନ ଅଞ୍ଚଳରେ ଡ୍ରେନେଜ୍ ବ୍ୟବସ୍ଥାଠାରୁ ଆରମ୍ଭ କରି ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ଭାବେ କରାଯାଉ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷକରି ମଶାଙ୍କ ଉପଦ୍ରବରେ ସହରବାସୀ ଅତିଷ୍ଠ କରି ପକାଇଲାଣି । ଏ ନେଇ ଅଭିଯୋଗ କଲେ କେବଳ ପ୍ରତିଶ୍ରୁତି ମିଳୁଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି । ସହରର ଡ୍ରେନରେ ବୋଳାନୀଙ୍କ ବର୍ଜ୍ୟବସ୍ତୁ ପଡି ରହିବା ଫଳରେ ଜଳ ନିଷ୍କାସନରେ ବାଧକ ସାଜି ଜମି ରହୁଛି । ଅଧିକାଂଶ ସ୍ଥାନରେ ପାଇପ ଜଳ ଓ ଡ୍ରେନ୍ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଢେଉ ଭାଙ୍ଗୁଛି । ଦୀର୍ଘଦିନ ଧରି ପାଣି ନିଷ୍କାସନ ନ ହୋଇ ଜମି ରହିବାରୁ ମଶା, ମାଛି ସହ ବିଭିନ୍ନ ଜୀବାଣୁ ଙ୍କ ଉତ୍ପତି ସ୍ଥଳ ପାଲଟିଛି । ଏମାନଙ୍କ ବଂଶ ବୃଦ୍ଧି ରୋକିବାରେ ପୌରପରିଷଦ ପକ୍ଷରୁ ପଦକ୍ଷେପ ଗ୍ରହଣ କରା ନ ଯିବାରୁ ବିଭିନ୍ନ ରୋଗ ବ୍ୟାପିବାର ଆଶଙ୍କା ପ୍ରକାଶ ପାଉଛି ।

ସୋନପୁର ସହରରେ ଥିବା ନାଳ ନର୍ଦ୍ଦମାକୁ ଠିକ୍ ଭାବେ ସଫେଇ କରାଯାଉ ନାହିଁ । ଏପରି କି ସେଥିରେ ମଶା ତେଲ ସିଞ୍ଚନ ହେଉନାହିଁ । ପୌରପାଳିକାର ସମସ୍ତ ୱାର୍ଡରେ ନିୟମିତ ଭାବେ ମଶା ଧୂଆଁ ଗାଡ଼ି ଦେଖିବାକୁ ମିଳୁନି । ଆଗାମୀଦିନରେ ସହରରେ ଡେଙ୍ଗୁ, ମ୍ୟାଲେରିଆ ବ୍ୟାପିବାର ସମ୍ଭାବନା ରହୁଛି ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି

## ମଶାତେଲ, ମଶାଧୂଆଁ ଗାଡି ଆଉ ଦେଖିବାକୁ ମିଳୁନି



# ସୁନ୍ଦରଗଡ଼ର ଚର୍ଚ୍ଚିତ ଯୁବଚାଷୀ ହିରୋଦ ସମ୍ବର୍ଦ୍ଧିତ



**ସୁନ୍ଦରଗଡ଼,୨୬।୨ (ସଂଚାର ବ୍ୟୁରୋ):** ଅଳ୍ପ ବୟସରେ ବିଭିନ୍ନ ଆଧୁନିକ ପଦ୍ଧତି କୌଶଳ ଅବଲମ୍ବନକରି ନିଜର ବଗିଚାରେ ବିଭିନ୍ନ ପରିପରିବା, ଫୁଲ, ଆଇଲାଣ୍ଡ କୋଳି, ମାଛ ଚାଷ କରି ଖାଲି ଯେ ନିଜ ଅଞ୍ଚଳ କି ଜିଲ୍ଲାରେ ନୁହେଁ ସାରା ରାଜ୍ୟରେ ଜଣେ ଅଗ୍ରଣୀ ଚାଷୀ ଭାବେ ଜଣାଶୁଣା ଏହି କାରଣରୁ ଗତ ରବିବାର ଦିନ ୧୩୧ ତମ ମନ କୀ ବାତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁନ୍ଦରଗଡ଼ ରଘୁନାଥପୁର ଗ୍ରାମର ହିରୋଦ ପଟେଲଙ୍କ ଚାଷ ପ୍ରଣାଳୀକୁ ଉଚ୍ଚ ପ୍ରଶଂସା କରିଥିଲେ, ଏହା ସହ ସମସ୍ତ ଚାଷୀ ଓ ଯୁବକ ମାନଙ୍କୁ ଏଭଳି କୌଶଳ ଗ୍ରହଣ କରି ଆତ୍ମନିର୍ଭର ହେବା ପାଇଁ ନିଜର ଅଭିଭାଷଣ ରେ କହିଥିଲେ। ଆଜି ତାଙ୍କ ଗ୍ରାମକୁ ଯାଇ ସୁନ୍ଦରଗଡ଼ ବିଜେପିର ଏକ ଟିମ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି ,ଏହା ସହ ତାଙ୍କୁ ଉଚ୍ଚ ପ୍ରଶଂସା କରିବା ସହ ସୁନ୍ଦରଗଡ଼ର ନାମ ଜାତୀୟ ସ୍ତରରେ କରିଥିବାରୁ ସାଧୁବାଦ ଜଣାଇଛନ୍ତି ଏହି ସମ୍ବର୍ଦ୍ଧନା ଉତ୍ସବରେ ପୂର୍ବତନ ବିଧାୟିକା କୁସୁମ ଟେଟେ, ପୌର ଅଧକ୍ଷ ଚନ୍ଦ୍ରା ମିଶ୍ର, ବିଜେପି ଜିଲ୍ଲା ସଭାପତି ଗିରିଶ ସାହୁଙ୍କ ସମତେ ବିଜେପି ନେତା ମାନେ ଯୋଗଦେଇଥିଲେ, ଆଜି ଏହି ସମ୍ବର୍ଦ୍ଧନାକୁ ସବୁଦିନ ଏକ ସ୍ମୃତି ଭାବେ ଉଜ୍ଜୀବିତ ରଖିବା ପାଇଁ ତାଙ୍କ ବଗିଚାରେ ବୃକ୍ଷରୋପଣ କରାଯାଇଛି।

# ସରକାରୀ କଟକଣାକୁ ଫୁ': ବିଚ୍ ରାସ୍ତାରେ ବାଜୁଛି ଡିଜେ



**ବାଲିଆପାଳ,୨୬।୨ (ସଂଚାର ବ୍ୟୁରୋ):**ବାଲିଆପାଳ ବ୍ଲକ ରେ ବିଗୁଡୁଛି ଆଇନ ବ୍ୟବସ୍ଥା. ମେଟ୍ରିକ ପରୀକ୍ଷା ପାଇଁ ସରକାର ମାଇକ ବଜାଇବାକୁ ପରମିସନ ଦେଉନଥିବା ବେଳେ, ଡିଜେ ବଜାଇବାକୁ କିଏ ଦେଉଛି ଅନୁମତି. ସୂଚନା ଅନୁସାରେ ଡିଜେ ଉପରେ ସରକାର ସମ୍ପୂର୍ଣ୍ଣ କଟକଣା ଜାରି କରିଛନ୍ତି. ପୁଣି ଏବେ ଚାଲିଛି ମେଟ୍ରିକ ଓ +୨ ପରୀକ୍ଷା, ପିଲାମାନଙ୍କ ର ପାଠ ପଢା ରେ ଯେପରି କୌଣସି ସମସ୍ୟା ସୃଷ୍ଟି ନ ହୁଏ ସେଥିପାଇଁ ମାଇକ ପରମିସନ କୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି. ତେବେ ବିଗତ କିଛି ଦିନ ଧରି ବାଲିଆପାଳ ବଜାର ସମେତ ବିଭିନ୍ନ ସ୍ଥାନ ରେ ଡିଜେ ଗର୍ଜନ କରୁଥିବା ବେଳେ କିଏ ସେମାନଙ୍କୁ ପରମିସନ ଦେଉଛି ତାହାକୁ ନେଇ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି.ପୁଣି ଏସବୁ କୁ ତାଗିଦ କରିବାକୁ ପୋଲିସ ପ୍ରଶାସନ ତତ୍ପର ଥିବା ବେଳେ ବାଲିଆପାଳ ରେ ତାର ବ୍ୟତିକ୍ରମ ଦେଖା ଦେଉଥିବା ବୁଦ୍ଧିଜୀବୀ ମହଲ ରେ ଚର୍ଚ୍ଚା ହେଉଛି.

# ଦିନ ଦ୍ୱିପ୍ରହରରେ ରାଜପଥ ପାର୍ଶ୍ୱରୁ ୫୦ ଲକ୍ଷ ଲୁଟ୍



**ବୈଶିଙ୍ଗା, ୨୬।୨ (ସଂଚାର ବ୍ୟୁରୋ):**ବୈଶିଙ୍ଗା ଥାନା ଅଞ୍ଚଳରେ ଚୋରି, ଡକାୟତି ଛିନତାଇ ଆଦି ଘଟଣା ଚୋର ମାନଙ୍କ ପାଇଁ ଏକ ନିତିଦିନିଆ ଘଟଣା ପାଲଟି ଯାଇଛି ।

ନୂଆ ବର୍ଷର ଆରମ୍ଭରେ ଦୁଇ ମାସ ମଧ୍ୟରେ ୫ଟି ବଡ ଡକାୟତି ତିନୋଟି ଛିନତାଇ ଘଟଣା ସାଧାରଣ ଲୋକଙ୍କ ଧନଜୀବନ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆଜି ଗୁରୁବାର ଦିନ ଦ୍ୱିପ୍ରହର ସମୟରେ ୧୮ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ମହାତ୍ମାଗାନ୍ଧି ମହାବିଦ୍ୟାଳୟ ସମ୍ମୁଖରେ ରଙ୍ଗାମାଟିଆ ମୌଜାରେ ଘର କରି ରହିଥିବା କଲେଜର ପ୍ରତିଷ୍ଠାତା ସମ୍ପାଦକ ଇନ୍ଦ୍ରମଣି ମହାପାତ୍ର ଙ୍କ ଘରୁ ପ୍ରାୟ ୫୦ ଲକ୍ଷ ଟଙ୍କାର ସୁନା ଗହଣା ,ନଗଦ ଟଙ୍କା ଆଦି ଚୋରୀ ହୋଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଘର ମାଲିକ ଇନ୍ଦ୍ରମଣି ମହାପାତ୍ର ଏବଂ ତାଙ୍କ ପତ୍ନୀ ସିପ୍ରା ମହାପାତ୍ର ଦିବା ୧୧ଘଟିକା ସମୟରେ ଶୁଦ୍ଧିକ୍ରିୟା କାର୍ଯ୍ୟରେ ନିକଟସ୍ଥ କେନ୍ଦୁଆ ଗ୍ରାମର ଶ୍ରୀଯୁକ୍ତ ମହାପାତ୍ର ଙ୍କ ଶଳା ୰ରବୀନ୍ଦ୍ର ମିଶ୍ର ଙ୍କ ଘରକୁ ଯାଇଥିଲେ । ଅପରାହ୍ନ ୪ ଘଟିକା ସମୟରେ ଆସି ଦେଖନ୍ତି ତ ମୂଖ୍ୟ କବାଟ ର ଜଞ୍ଜିର ତାଲା ଭଙ୍ଗା ଯାଇଛି । କବାଟ ଖୋଲି ଦେଖିବା ବେଳକୁ ୩ଟି ଷ୍ଟିଲ ଆଲମିରା ଭାଙ୍ଗି ପ୍ରାୟ ପାଞ୍ଚଶହ ଗ୍ରାମର ସୁନା ଏବଂ ପାଞ୍ଚ ଶହ ଗ୍ରାମର ରୁପା ଅଳଙ୍କାର ସମେତ ୨୫ ହଜାର ନଗଦ ଟଙ୍କା ନେଇ ପଛ କବାଟ ଖୋଲି ଚୋର ମାନେ ପଳାଇ ଯାଇଚନ୍ତି । ସଙ୍ଗେ ସଙ୍ଗେ ବୈଶିଙ୍ଗା ପୁଲିସକୁ ଖବର ଦେବା ପରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରି ଥିଲା । ପ୍ରାଥମିକ ତଦନ୍ତରୁ ଚୋରମାନେ ଆର ଏମ୍ ସି ଗେଷ୍ଟ ହାଉସ୍ ପଛ ପଟୁ ବାଡ ଡେଇଁ ଭିତରକୁ ପଶି ଆରାମରେ ଚୋରୀ କରିଛନ୍ତି । ସନ୍ଧାନୀ କୁକୁର ଧରି ସାଇଣ୍ଟିଫିକ୍ ଟିମ ସନ୍ଧ୍ୟାରେ ପହଞ୍ଚି ବହୁ ପରୀକ୍ଷଣ ପରେ ମଧ କୌଣସି ପ୍ରମାଣ ପାଇ ପାରି ନ ଥିଲେ । ଏ ନେଇ ବୈଶିଙ୍ଗ ପୋଲିସ୍ ଏକ ମାମଲା ରୁଜୁ କରି ଅଧିକ ଅନୁ ସନ୍ଧାନ ଜାରି ରଖିଥିବା ଆଇ ଆଇ ସି ବାରିଣି ଦାସ ପ୍ରକାଶ କରିଛନ୍ତି । ପ୍ରକାଶ ଥାଉକି ଅଳ୍ପ ଦିନ ତଳେ ଖୁଣ୍ଟାପୁର ସ୍ଥିତ ଚିନ୍ମୟ ମିଶ୍ରଙ୍କ ଘରୁ ସନ୍ଧ୍ୟା ୭ ଘଟିକା ସମୟରେ ସସସ୍ତ୍ର ଡକାୟତି ଘଟଣାର ୪୮ ଘଣ୍ଟା ମଧ୍ୟରେ ଆଠ ଜଣଙ୍କୁ ଧରିବା ସହିତ ସୁନା ଗହଣା ,ଟଙ୍କା ,ମୋବାଇଲ ଓ ମାରଣାସ୍ତ୍ର ଜବତ କରି ଥିବା ଘଟଣା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ ।

# ପଶୁ ଚିକିତ୍ସା କେନ୍ଦ୍ରର କୋଠା ସହ ଗ୍ରାମ୍ୟ ଜଙ୍ଗଲ ଜମିକୁ କବଜା



**ଧାମନଗର,୨୬।୨ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅଧୀନ ଆନନ୍ଦପୁର ପଞ୍ଚାୟତର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କର୍ତ୍ତୃପକ୍ଷଙ୍କ ଦ୍ୱାରା ସରକାରୀ ଜମି ଓ ପଶୁ ଚିକିତ୍ସା କେନ୍ଦ୍ରର କୋଠାକୁ ବେଆଇନ ଭାବେ କବଜା କରିନେଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଆନନ୍ଦପୁର ରାଜସ୍ୱ ଗ୍ରାମର ଖାତା ନଂ–୫୯୯, ପ୍ଲଟ ନଂ–୧୦୪୮ରେ ଥିବା ଗୋଚର ଜମିରେ ୨୦୧୧ ମସିହାରେ ପ୍ରାୟ ୧୫ ଲକ୍ଷ ଟଙ୍କା ବ୍ୟୟରେ ପଶୁ ଚିକିତ୍ସା କେନ୍ଦ୍ର ନିର୍ମାଣ କରାଯାଇଥିଲା। ଏହା ସହିତ କୃତ୍ରିମ ପ୍ରଜନନ କେନ୍ଦ୍ର ମଧ କାର୍ଯ୍ୟରତ ଥିଲା। କିନ୍ତୁ ଷ୍ଟାଫ୍ ଅଭାବରୁ ୨୦୨୧ ମସିହାରୁ କେନ୍ଦ୍ରଟି ଅଚଳ ହୋଇ ପଡ଼ିଥିବା କଥା କୁହାଯାଉଥିବା ବେଳେ, ଗାଁ ଲୋକଙ୍କ

## ନିରବଦ୍ରଷ୍ଟା ସାଜିଛି ପ୍ରଶାସନ

ଅଭିଯୋଗ ଅନୁଯାୟୀ ବିଦ୍ୟାଳୟ ସୀମାକୁ ଲାଗି ରହିଥିବା ପଶୁ ଚିକିତ୍ସା କେନ୍ଦ୍ରର ଦୁଇ ମହଲା ବିଶିଷ୍ଟ କୋଠାକୁ ସ୍କୁଲ ନିଜ ଅକ୍ତିଆରକୁ ନେଇ ସେଠାରେ କଂକ୍ରିଟ କାମ ଓ ଗ୍ରୀଲ୍ ଲଗାଇବା ସହ ଅଫିସ ସ୍ଥାପନ ପାଇଁ ପ୍ରସ୍ତୁତି ଚଳାଇଛି। ଏହା ପାଇଁ ପ୍ରଶାସନିକ ଅନୁମତି ଅଛି କି ନାହିଁ, ସେନେଇ ଲୋକମାନେ ପ୍ରଶ୍ନ ଉଠାଇଛନ୍ତି। ଏହା ସହିତ ସମାନ ଖାତାର ପ୍ଲଟ ନଂ–୧୦୫୦ (ଗ୍ରାମ୍ୟ ଜଙ୍ଗଲ କିସମ) ଜମିରେ ସାଇକେଲ ଷ୍ଟାଣ୍ଡ ଓ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ହେଉଥିବା ବେଳେ ପ୍ଲଟ ନଂ–୧୦୫୧, ୧୦୬୬ ଓ ୧୦୬୮ରେ ଥିବା ଅନାବାଦୀ ଓ ଜଙ୍ଗଲ ଜମି ଉପରେ ମଧ କବଜା କରିଥିବା ଅଭିଯୋଗ ହୋଇଛି।

ଏନେଇ ପ୍ରଧାନ ଆଚାର୍ଯ୍ୟଙ୍କୁ ପଚାରିବାରୁ କୁହନ୍ତୁ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଦେବେନ୍ଦ୍ର ସାହୁଙ୍କୁ ପଚାରନ୍ତୁ ସେ ଏହି କାର୍ଯ୍ୟ କରୁଛନ୍ତି। ତେବେ ପରିଚାଳନା କମିଟି ସଦସ୍ୟ ଦେବେନ୍ଦ୍ର ସାହୁ କହିଛନ୍ତି, ପଶୁ ଚିକିତ୍ସା ବିଭାଗର ଅଧିକାରୀଣୀଙ୍କ ସହ ଆଲୋଚନା ପରେ କୋଠାକୁ ନବୀକରଣ କରାଯାଉଛି। ବିଦ୍ୟାଳୟ ଅଫିସ ଏଠାରେ କାର୍ଯ୍ୟ କରିବ। ଅନ୍ୟପଟେ, ଧାମନଗର ପଶୁ ଚିକିତ୍ସା ବିଭାଗ ଭିଏସ୍ ଝାନସୀ ରାଣୀ ତପସ୍ୱୀଙ୍କୁ ପଚାରିବାରୁ କୁହନ୍ତି ଷ୍ଟାଫ୍ ଅଭାବରୁ କୋଠା ବନ୍ଦ ହୋଇ ରହିଥିଲା। ସେମାନେ ଜୋର୍ ଜବରଦସ୍ତ କବଜା କରି କାର୍ଯ୍ୟ କରୁଛନ୍ତି। ଏନେଇ ମୁଁ ଥାନାରେ ଲିଖିତ ଅଭିଯୋଗ କରିବା ସହ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛି।

ସରକାରୀ ନିୟମ ଅନୁଯାୟୀ ଗ୍ରାମ୍ୟ ଜଙ୍ଗଲ ଜମିରେ ସ୍ଥାୟୀ ନିର୍ମାଣ ନିଷିଦ୍ଧ ଥିବା ବେଳେ, ଏପରି ସ୍ଥିତିରେ ନିର୍ମାଣ କାର୍ଯ୍ୟ କିପରି ଚାଲିଛି ଓ ସରକାରୀ ସମ୍ପତ୍ତିର ବ୍ୟବହାର କେତେଦୂର ଆଇନସଙ୍ଗତ ସେନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ବୃଦ୍ଧି ପାଇବା ସହ ଘଟଣାର ତଦନ୍ତ ପାଇଁ ତହସିଲଦାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ଦାବୀ ହୋଇଛି।

# କାମାକ୍ଷାନଗର ସଖୀ କେନ୍ଦ୍ର ପରିଦର୍ଶନ କଲେ ଯୋଜନା ଓ ସମନ୍ୱୟ ବିଭାଗର ସ୍ୱତନ୍ତ୍ର ସଚିବ




**କାମାକ୍ଷାନଗର, ୨୬।୨ (ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ପରିସରରେ କାର୍ଯ୍ୟ କରୁଥିବା 'ସଖୀ' ୱାନ ଷ୍ଟପ୍ ସେଣ୍ଟରର କାର୍ଯ୍ୟକାରିତା ଅନୁଧ୍ୟାନ କରିବା ପାଇଁ ଆଜି ଯୋଜନା ଓ ସମନ୍ୱୟ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀ ଟେମଜେନୱାପାଞ୍ଜ ଆଓ ଏକ ସରକାରୀ ଗସ୍ତରେ ଆସି ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ସ୍ୱତନ୍ତ୍ର ସଚିବ କେନ୍ଦ୍ରର ସମସ୍ତ ବିଭାଗ ବୁଲି ଦେଖିବା ସହ ଏହାର ପରିଚାଳନା ସମ୍ପର୍କରେ ତଦାରଖ କରିଥିଲେ। ସେ ମୁଖ୍ୟତଃ ସ୍ଥାନୀୟ ଅଞ୍ଚଳରେ ମହିଳାମାନଙ୍କ ସାମାଜିକ ସ୍ଥିତି, ସେମାନଙ୍କ ସୁରକ୍ଷା ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବିଶେଷ କରି ଶିଶୁ ବିବାହର କାରଣ ଏବଂ ଏହାର ନିରାକରଣ ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ସେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

ଏହି ଗସ୍ତ ସମୟରେ ସ୍ୱତନ୍ତ୍ର ସଚିବଙ୍କ ସହିତ ଢେଙ୍କାନାଳ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଦିପ୍ତୀ ରଂଜନ ସେଠୀ, କାମାକ୍ଷାନଗର ବିଡିଓ ଶ୍ରୀ ପ୍ରଭୁ କଲ୍ୟାଣ ଦାସ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ଦିଗାମ୍ବର ସାହୁ ଏବଂ ଉପଖଣ୍ଡ ଡାକ୍ତରଖାନାର ଜୁନିୟର ହସ୍ପିଟାଲ ମ୍ୟାନେଜର ରଶ୍ମିପ୍ରଭା ସାମଲ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ରର ପରିଚାଳନା ଦାୟିତ୍ୱରେ ଥିବା ସ୍ୱେଚ୍ଛାସେବୀ ସଂଗଠନ ଶୋଭା ର ନିର୍ଦ୍ଦେଶକ ଶ୍ରୀ ଉଦୟେନ୍ଦୁ ମିଶ୍ର ଅତିଥିମାନଙ୍କୁ କେନ୍ଦ୍ରର କାର୍ଯ୍ୟଧାରା ଏବଂ ମହିଳାମାନଙ୍କୁ ଦିଆଯାଉଥିବା ବିଭିନ୍ନ ସେବା ସମ୍ପର୍କରେ ସମସ୍ତ ବିବରଣୀ ପ୍ରଦାନ କରିଥିଲେ।

# ଅଭିରାମ ପରମହଂସ ଦେବଙ୍କ ୫୬ତମ ସନାତନ ଧର୍ମ ସମ୍ମିଳନୀ

**ରାଜନଗର, ୨୬।୨ (ସଂଚାର ବ୍ୟୁରୋ):**ରାଜନଗର ବ୍ଲକ ଗୁପ୍ତି ଠାରେ ଆଜିଠାରୁ ୫୬ତମ ସନାତନ ଧର୍ମ ସମ୍ମିଳନୀ ଓ ଭକ୍ତ ମିଳନ ଉତ୍ସବ ଆରମ୍ଭ ହୋଇଛି । ରାଜନଗର ଆଞ୍ଚଳିକ ଭକ୍ତ ଗୋଷ୍ଠୀ ଆନୁକୂଲ୍ୟରେ ଏହି ସନାତନ ଧର୍ମ ସମ୍ମିଳନୀ ଆରମ୍ଭ ହୋଇଛି। ଏହି ସନାତନ ଧର୍ମ ସମ୍ମିଳନୀ ପାଇଁ ଆଜି ସକାଳ ୧୦ ଘଟିକାରେ ରାଜନଗର ସ ଆଶ୍ରମଠାରୁ ଶ୍ରୀ ଶ୍ରୀ ଠାକୁର ଅଭିରାମ ପରମହଂସ ଦେବଙ୍କୁ ଭବ୍ୟ ଓ ଦିବ୍ୟ ସଂକୀର୍ତ୍ତନ ଶୋଭାଯାତ୍ରାରେ ସମ୍ମିଳନୀ ମଣ୍ଡପ ଯାଏଁ ପାଛୋଟି ନିଆଯାଇଛି। ରାଜନଗର ଆଶ୍ରମରୁ ବାହାରିଥିବା ଠାକୁରଙ୍କ ଶୋଭାଯାତ୍ରା ରାଜନଗର ବଜାର ଓ ଗାଁ ପରିକ୍ରମା କରିଥିଲା । ଏହା ପରେ ମହିଂଶାସୁର,କୁରୁଣ୍ଟି, ହାତିନା, ଜୁନୁପଙ୍ଗରା,ବଧୀ,ଗୋପାଳପୁର ଗାଁ ପରିକ୍ରମା କରି ଗୁପ୍ତି ସମ୍ମିଳନୀ ସ୍ଥଳରେ ପହଞ୍ଚିଥିଲା। ସନ୍ଧ୍ୟାରେ ଶାନ୍ତି ଧାମର ପୂଜ୍ୟ ସନ୍ୟାସୀ ରତ୍ନାକର ଦାସ ବାବାଜୀ,ଦୟାନିଧି ଦାସ ବାବାଜୀ,ଆତ୍ମାରାମ ଦାସ ବାବାଜୀ,ପଣ୍ଡିତ ଉଦୟ ନାଥ ସାହୁ ପ୍ରମୁଖ ସାଧୁସନ୍ଥ ଆଶ୍ରିବଚନ ପ୍ରଦାନ କରିଥିଲେ । ଏହି ଧର୍ମ ସମିଳନୀ ୪ ଦିନ ଧରି ଚାଲିବ ବୋଲି ସୂଚନା ଦେଇଛନ୍ତି ।

# ୧୬ରେ ନୀଳଗିରି ଯୁଥ ଫେଷ୍ଟିଭାଲ ପାଇଁ ଚୂଡାନ୍ତ ପ୍ରସ୍ତୁତି ବୈଠକ




**ନୀଳଗିରିର, ୨୬।୨ (ସଂଚାର ବ୍ୟୁରୋ):** ଆସନ୍ତା ୧୬ ରେ ନୀଳଗିରି ଯୁଥ ଫେଷ୍ଟିଭାଲ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏନେଇ ଆଜି ରାତ୍ରି ୮ ଘଟିକା ସମୟରେ ନୀଳଗିରି ଏନଏସି କଲ୍ୟାଣ ମଣ୍ଡପ ପ୍ରାଙ୍ଗଣରେ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି।

ମୁଖ୍ୟ ଉଦ୍ୟକ୍ତା ସମାଜସେବୀ ତାପସ ପରିଡ଼ା ବାର୍ଷିକ ବିବରଣୀ ପାଠ ସହିତ ଆସନ୍ତା ମାର୍ଚ୍ଚ ୧୬ ରୁ ୨୨ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ଅନୁଷ୍ଠିତ ହେବାକୁ ଯାଉଥିବା ନୀଳଗିରି ଯୁଥଫେଷ୍ଟ କୁ ଚିତାକର୍ଷକ କରିବା ପାଇଁ ନୀଳଗିରି ମାଟିର ସ୍ୱାଧୀନତା ସଂଗ୍ରାମୀ ପଥ ପ୍ରଦର୍ଶକ, କମ୍ରେଡ ସ୍ୱର୍ଗତ ବନମାଳୀ ଦାସ, ସ୍ୱର୍ଗତ କୈଳାଶଚନ୍ଦ୍ର ମହାନ୍ତି, ସ୍ୱର୍ଗତ ବଳରାମ ରାଜ ଭଳି ମହା ମନୀଷୀ ମାନଙ୍କୁ ସମ୍ମାନ ଜଣାଇ ବା ଉଦେଶ୍ୟରେ ମରୋଣତ୍ତର ଭାବେ ସମ୍ମାନିତ କରାଯିବ। ଏଥି ସହିତ ଅରମାସ ଠାରୁ ଆରମ୍ଭକରି ଆଇଟିଡିଏ ର ସହଯୋଗରେ ବିଭିନ୍ନ ଷ୍ଟଲ , ଡିଆରଡିଓ ର ଆଧୁନିକ ଅସ୍ତ୍ର ଶସ୍ତ୍ର ପ୍ରଦର୍ଶନ ସହିତ ନିଶ୍ଚୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ପାଇଁ ବିଭିନ୍ନ ବିଭାଗ ର ଡାକ୍ତରଙ୍କୁ ଡାକିବା କଥା କହିଥିଲେ।

ସଂଯୋଜକ ଚନ୍ଦ୍ରଶେଖର ନନ୍ଦ, ଜୁନିୟର ସାଇଣ୍ଟିଷ୍ଟ ସୁଜିତ ମହାନ୍ତି, କପିଳ ସାମଲ ନିଜ ନିଜ ବକ୍ତବ୍ୟରେ ଯୁଥଫେଷ୍ଟ ସରସ ସୁନ୍ଦର ହେବାପାଇଁ ନୀଳଗିରି ବାସୀଙ୍କ ସହଯୋଗ କାମନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୋଷାଧକ୍ଷ ଗୟାଧର ବେହେରା, ମାନସ ପରିଡ଼ା, ଆଶିଷ ପଟ୍ଟନାୟକ, ଜୁନିୟର ବୈଜ୍ଞାନିକ ସୁଜିତ ମହାନ୍ତି, ନିଗମ ମହାପାତ୍ର, ଅବିନାଶ ନନ୍ଦ, ସନ୍ତୋଷ ସେଠୀ, ସ୍ୱପ୍ନେଶ୍ୱର ବେହେରା, ଗୌରହରୀ ବିଶ୍ୱାଳ, ଗୁରୁପ୍ରସାଦ ଦାସ, ଲଳିତ ନାୟକ, ରସାନନ୍ଦ ଖୁଣ୍ଟିଆ, ପରେଶ ସେଠୀ, ସାଇରମ ବାପୁ, କୌଶିକ ମହାନ୍ତି, କୁଲୁ ମହାନ୍ତି, କୁମାର ରାୟ, ଲିପୁ ଦାସବାବୁ, ପ୍ରଦୀପ ଦାସ ପ୍ରମୁଖ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

# ମେଗା ମାଟିପାତ୍ର ତିଆରି ପ୍ରତିଯୋଗିତାରେ କେନ୍ଦ୍ରାପଡ଼ାରୁ ୫୦ଜଣ ପ୍ରତିଯୋଗୀ




**କେନ୍ଦ୍ରାପଡ଼ା,୨୬।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ୫୦ ଜଣ ମାଟିପାତ୍ର ଓ ଟେରାକୋଟା ହସ୍ତଶିଳ୍ପୀ ଭୁବନେଶ୍ୱର ଗଣ୍ଡମୁଣ୍ଡାସ୍ଥିତ (ସିଡ଼ାକ) କଳାଭୂମି ପରିସରରେ ଅନୁଷ୍ଠିତ ମେଗା ମାଟିପାତ୍ର ପ୍ରସ୍ତୁତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟର ସବୁ ଜିଲ୍ଲାରୁ ୧ହଜାରରୁ ଅଧିକ ହସ୍ତଶିଳ୍ପୀ ଯୋଗଦେଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ପରକୁଳାର ନିପୁଣ ହସ୍ତଶିଳ୍ପୀ ମକର କେତନ ସାହୁ ନିର୍ଦ୍ଧାରିତ ୧ଘଣ୍ଟାରେ ୨୧୮ଟି ମାଟିପାତ୍ର ଗଢ଼ି ପୂର୍ବରୁ ଥିବା ରେକର୍ଡ ୨୧୨କୁ ଭାଙ୍ଗିବା ସହିତ ଏହି ତାଲିକାର ସପ୍ତମ ସ୍ଥାନରେ ରହିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟତମ ଶିଳ୍ପୀ କୋରୁଆର ବାମଦେବ ମୁଦୁଲି ୧୬୭ଟି ମାଟିପାତ୍ର ଗଢ଼ି କୋଡିଏ ଜଣଙ୍କ ମଧ୍ୟରେ ସ୍ଥାନ ପାଇ ପୁରସ୍କୃତ ହୋଇଥିଲେ । ଉଭୟ ହସ୍ତଶିଳ୍ପୀଙ୍କ ସଫଳତା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା କୁମ୍ଭକାର ସଂଘର ସଭାପତି ରତ୍ନାକର ବେହେରା, ସମ୍ପାଦକ ବିଚିତ୍ରାନନ୍ଦ ବେହେରା, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା, ବିଷ୍ଣୁଚରଣ ବେହେରା, ମନମୋହନ ବେହେରା, ଶ୍ରୀଧର ବେହେରା, ଚନ୍ଦନ ବେହେରା, ନିରଞ୍ଜନ ରଣା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି । କେନ୍ଦ୍ରାପଡ଼ା ହସ୍ତଶୀଳ୍ପ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି, ହସ୍ତଶୀଳ୍ପ ବିକାଶ ଅଧିକାରୀ ତାପସ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ଶିଳ୍ପୀମାନେ ୨୩ ଏବଂ ୨୪ ତାରିଖ ଦୁଇଦିନ ଭୁବନେଶ୍ୱରରେ ରହଣି ସହିତ କର୍ମଶାଳାରେ ଅନୁଷ୍ଠିତ ମାଟିପାତ୍ର ଗଢ଼ିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ନିପୁଣ ହସ୍ତଶିଳ୍ପୀ ନିରଞ୍ଜନ ବେହେରା, ତପନ ବେହେରା, ସୁବଳ ବେହେରା ସହଯୋଗ କରିଥିଲେ । ବରଗଡ଼ ଜିଲ୍ଲାର ସେବକ ରଣା ୩୧୦ଟି ମାଟିପାତ୍ର ଗଢ଼ି ପ୍ରଥମ ସ୍ଥାନ ହାସଲ କରି ପୂର୍ବର ରେକର୍ଡ ୨୧୨କୁ ଅତି ସହଜରେ ଅତିକ୍ରମ କରିଛନ୍ତି । ଏହି ପ୍ରତିଯୋଗିତାର ଉଦଘାଟନ ଏବଂ ଉଦଯାପନ ଉତ୍ସବରେ ସମବାୟ,ହସ୍ତତନ୍ତ, ବୟନଶୀଳ୍ପ ଏବଂ ହସ୍ତଶୀଳ୍ପ ବିଭାଗମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ବିଭାଗୀୟ ସଚିବ ପୁନମଗୁହା ତାପସକୁମାର, ବିଭାଗୀୟ ନିର୍ଦ୍ଦେଶିକା ଡ଼ ନିବେଦିତା ପୃଷ୍ଟି, ୱାର୍ଲଡ ବୁକ ଅଫ ରେକର୍ଡର ଉପସଭାପତି ରାଜୀବ ଶ୍ରୀବାସ୍ତବ, ପଦ୍ମଶ୍ରୀ ବିନୋଦ ମହାରଣା,ଜାତୀୟ ପୁରସ୍କାର ପ୍ରାପ୍ତ ଟେରାକୋଟା ହସ୍ତଶିଳ୍ପୀ ମୁକୁନ୍ଦ ରଣା, ମନବୋଧ ରଣା, ସିଡ଼ାକ ର ଅତିରିକ୍ତ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ ।

# ବାୟାଁପଦା ହରଚଣ୍ଡୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ



**ବାଲିଅନ୍ତା,୨୬।୨ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ବାୟାଁପଦା ଗ୍ରାମ ମା' ହରଚଣ୍ଡୀ ଦେବୀଙ୍କ ନୂତନ ମନ୍ଦିର ଓ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨୩ ତାରିଖରେ ଅଙ୍କୁରାରୋପଣ ,୨୪ ତାରିଖରେ ଭାଗର୍ବୀ ନଦୀରୁ ୧୦୮ କଳସ ଶୋଭାଯାତ୍ରା, ଧ୍ୱଜା ଧାନ୍ୟାଧିବାସ,ଅଗ୍ନିସ୍ଥାପନ, ୨୫ ତାରିଖରେ ମଣ୍ଡପ ପୂଜା,ହବନ, ଶୟନ, ୨୬ ତାରିଖରେ ମଣ୍ଡପ ପୂଜା,ହବନ,ଦେବୀ ନ୍ୟାସ ହୋମ, ଗ୍ରାମ ପରିକ୍ରମା, ମନ୍ଦିର ପ୍ରବେଶ,ପ୍ରାଣ ପ୍ରତିଷ୍ଠା, ପୂର୍ଣ୍ଣାହୁତି ଏବଂ ବିସର୍ଜନ ପୂଜାବିଧି ଅନୁଷ୍ଠିତ ହୋଇଥିଲା। ଏନେଇ ପ୍ରତ୍ୟହ ପୀଠରେ ଭଜନକୀର୍ତ୍ତନ ଓ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପାଖାପାଖି ୫ ହଜାର ଲୋକ ପ୍ରସାଦ ସେବନ କରିଥିଲେ।

# ସମ୍ପର୍କ କ୍ଲବ୍ ଦାନ୍ତୁଣିଦାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




**ବାଲିଆପାଳ,୨୬।୨ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ଦୋଭକ ପଞ୍ଚାୟତ ଦାନ୍ତୁଣିଦା ଛକ ନିକଟରେ ୧୦ ଦିନ ଧରି ଅନୁଷ୍ଠିତ ହୋଇଥିବା ଅଲ ଓଡ଼ିଶା ସମ୍ପର୍କ କ୍ଲବ ଦାନ୍ତୁଣିଦା ଆନୁକୁଲ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମ୍ୟାଚ ବୁଧବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟର ସମୁଦାୟ ଓଡ଼ିଶା ରୁ ବିଭିନ୍ନ ଜିଲ୍ଲାରୁ ଆଠଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଡିସିସି ସନ୍ଥପୁରା କେନ୍ଦ୍ରାପଡା ପ୍ରଥମେ ବ୍ୟାଟିଂ କରି ୮୧ ରନ କରିଥିଲା। ଜବାବରେ ଇମେଜ ଏକାଦଶ ଭଦ୍ରକ ୧ ରନ ଅଧିକ କରି ୮୨ ରନରେ ବିଜୟ ହାସଲ କରିଥିଲା। ସ୍ଥାନୀୟ ସରପଞ୍ଚ ସବିତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନି ଜେନା ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ବିତରଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାଶ, ଆଇଆଇସି ସାଲଖାନ ମୁର୍ମୁ, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠି, ବେଣୁଧର ଜେନା, ସମାଜସେବୀ ମୃତ୍ୟୁଞ୍ଜୟ ନାୟକ, ପ୍ରତାପ କେଶରୀ ନାଥ, ଦେବ କୁମାର ଦେ, ମନ୍ମଥ ବାରିକ ପ୍ରମୁଖ, ବେଣୁଧର ଜେନା, ଦୁରୋର୍ଯ୍ୟ ନାୟକ ପ୍ରମୁଖ ଯୋଗଦେଇ ଥିଲେ। ବାରିପଦା ଡେଙ୍ଗେଡେଙ୍ଗ ଓ ବାଲିଆପାଳ ଲିଟନ ବେହେରା ଖେଳ ପରିଚାଳକ ଭାବେ କାର୍ଯ୍ୟ ତୁଲାଇ ଥିଲେ।କବ୍ଲର ସଭାପତି ଜ୍ଞାନ ରଞ୍ଜନ ଦାସ, ଉପସଭାପତି ରତିକାନ୍ତ ଦଳାଇ, ଦିପକ କୁମାର ଜେନା, ଶରତ ବେହେରା, ପ୍ରସାନ୍ତ ଦଳାଇ, ଅମିତ ଜେନା ସତ୍ୟ ଦଳାଇ, ସାଗର ଦଳାଇ, ପ୍ରଫୁଲ୍ଲ ମହାନ୍ତି, ରାମଚନ୍ଦ୍ର ଜେନା, ଜୀବନ ଜ୍ୟୋତି ମହାନ୍ତି, ସନୁ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ଼ ପକ୍ଷରୁ ସ୍ୱଚ୍ଛତା ଅଭିଯାନ




**ଯାଜପୁର, ୨୬।୨ (ସଂଚାର ବ୍ୟୁରୋ):**ଯାଜପୁର କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ଼ ପକ୍ଷରୁ ଦାନଗଦି ଠାରେ "ଷ୍ଟେନଲେସ୍ ସ୍ୱଚ୍ଛତା ଅଭିଯାନ"ପ୍ରକଳ୍ପର ବାର୍ଷିକ ସମ୍ମେଳନ ଉତ୍ସବ ହୋଇଯାଇଛି। "ମୋ ଗାଁ, ସ୍ୱଚ୍ଛ ଗାଁ"ଶୀର୍ଷକ ଏହି କାର୍ଯ୍ୟକ୍ରମରେ ସୋଲେଇ, ସିଙ୍ଗାଗଡ଼ିଆ, ଦାନଗଦି, ଧୁଳିଗଡ଼ ଓ ମାନପୁର ଗ୍ରାମର ପ୍ରାୟ ୨୦୦ ଜଣ ମହିଳା ସଦସ୍ୟାଙ୍କ ସହ ସ୍କୁଲ୍ ଛାତ୍ରଛାତ୍ରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଦାନଗଦି ବ୍ଲକ ଉନ୍ନୟନ ଅଧିକାରୀ ଶ୍ରୀ ପ୍ରଦୀପ କୁମାର ସେଠୀ ଓ ଜିନ୍ଦଲ ଷ୍ଟେନଲେସର ଯାଜପୁର କାରଖାନା ମୁଖ୍ୟ ଶ୍ରୀ ଦୀପକ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ।

ଶ୍ରୀ ଦୀପକ ଅଗ୍ରୱାଲ ମହିଳା ସଦସ୍ୟାମାନଙ୍କୁ ପରିବେଶକୁ ସ୍ୱଚ୍ଛ ଓ ଆବର୍ଜନାମୁକ୍ତ ରଖିବାକୁ ଆହ୍ୱାନ କରିଥିଲେ, ଯାହା ରୋଗ ପ୍ରକୋପକୁ ରୋକିବାରେ ସହାୟକ ହେବ । ପ୍ରଦୀପ କୁମାର ସେଠୀ ତାଙ୍କ ଅଭିଭାଷଣରେ କଲେରା ପରି ସ୍ୱଚ୍ଛତା-ସମ୍ବନ୍ଧୀୟ ରୋଗ ଗୁଡିକର ପ୍ରତିରୋଧ ପାଇଁ ଗ୍ରାମ୍ୟ ସ୍ତରରେ ବର୍ଜ୍ୟବସ୍ତୁ ପରିଚାଳନାର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ ।

ଗ୍ରୀନ୍ ଡ୍ରିମ୍ ଫାଉଣ୍ଡେସନ୍ ଆୟୋଜିତ ଚର୍ଚ୍ଚା ଆଲୋଚନାରେ ଜିଲ୍ଲା ସ୍ୱଚ୍ଛତା ସମନ୍ୱୟକାରୀ ଶ୍ରୀ ମାନସ ରଞ୍ଜନ ସାହାଣୀ, ଦାନଗଦି ବ୍ଲକ ରିସୋର୍ସ କୋଓର୍ଡିନେଟର୍ ଶ୍ରୀ ଦୀପ୍ତିମନ୍ତ ମଲ୍ଲିକ, ସିଏସଆର ମୁଖ୍ୟ ଶ୍ରୀ ସୁକାନ୍ତ କୁମାର ରଥ ଓ ପରିବେଶ ମୁଖ୍ୟ ଶ୍ରୀମତୀ ମୈତ୍ରେୟୀ ଦେବ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସିଏସଆର ମୁଖ୍ୟ ଶ୍ରୀ ସୁକାନ୍ତ କୁମାର ରଥ ଜିନ୍ଦଲ ଷ୍ଟେନଲେସ୍ ଫାଉଂଡେସନ ଙ୍କ ଦ୍ୱାରା ମହିଳା ସ୍ୱୟଂସହାୟକ ଗୋଷ୍ଠୀ ର ସଭ୍ୟା ମାନଙ୍କୁ ସଂଶ୍ଳିଷ୍ଟ କରାଇ ଶୋଲେଇ ଗ୍ରାମରେ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମ ସଫଳତାର ସହିତ ଆରମ୍ଭ କରାଯାଇଥିବା ସୂଚନା ପ୍ରଦାନ କରିଥିଲେ ।

ସୋଲେଇ ଗ୍ରାମକୁ ସ୍ୱଚ୍ଛ ଓ ସବୁଜ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗୀ ମାନଙ୍କୁ ମାନଙ୍କୁ ମଧ ସମ୍ମାନିତ କରାଯାଇଥିଲା। ସିଏସଆର ବିଭାଗ ର ବରିଷ୍ଠ ପ୍ରବନ୍ଧକ ଶ୍ରୀ ତପନ ନାୟକ ସ୍ୱାଗତ ସମ୍ଭାଷଣ ଦେଇଥିଲେ । ସହ ପ୍ରବନ୍ଧକ ଶ୍ରୀ ରାମେଶ୍ୱର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଗ୍ରୀନ୍ ଡ୍ରିମ୍ ଫାଉଣ୍ଡେସନ୍ ସ୍ୱବଛୋସେବି ସଂସ୍ଥାର ର ଶ୍ରୀମତୀ ସୁସ୍ମିତା ପୁହାଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁନଃଚକ୍ରାୟନ ହୋଇଥିବା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ରୁ ପ୍ରସ୍ତୁତ ବିଭିନ୍ନ ଦ୍ରବ୍ୟ ମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା । ଏଠାରେ ଉଲ୍ଲେଖନୀୟ ଯେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ଼ ଏହାର ସିଏସଆର ବିଭାଗ ମାଧମରେ ଦାନଗଦି ପଂଚାୟତ ସମିତି ଅଧିନସ୍ଥ ସୋଲେଇ, ସିଙ୍ଗାଗଡ଼ିଆ, ଦାନଗଦି ଗ୍ରାମ ଏବଂ ଦାନଗଦି ବଜାରରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ କାର୍ଯ୍ୟକାରି କରି ଆସୁଅଛି ।

ସଂଚାର SANCHAR ଶୁକ୍ରବାର ୨୭ ଫେବ୍ରୁଆରୀ ୨୦୨୬
ସ୍ୱାସ୍ଥ୍ୟ






# ମୁଲତାନି ମାଟି ଲଗାଇବା ତ୍ୱଚା ପାଇଁ ଉପକାରୀ

ଲୋକମାନେ ଏବେ ପୁଣି ଥରେ ଚର୍ମ, କେଶ ଏବଂ ସ୍ୱାସ୍ଥ୍ୟ ପାଇଁ ପ୍ରାକୃତିକ ଉପଚାର ଉପରେ ନିର୍ଭର କରୁଛନ୍ତି। ସଠିକ୍ ଭାବରେ ବ୍ୟବହାର କଲେ, ଏଗୁଡ଼ିକର ସର୍ବନିମ୍ନ ପାର୍ଶ୍ୱ ପ୍ରତିକ୍ରିୟା ହୁଏ। ଏପରି ଏକ ପ୍ରାକୃତିକ ଉପାଦାନ ହେଉଛି ମୁଲତାନି ମିଟ୍ଟି, ଯାହାକୁ ବର୍ଷ ବର୍ଷ ଧରି ଚର୍ମ ଯତ୍ନରେ ସର୍ବୋତ୍ତମ ଭାବରେ ବିବେଚନା କରାଯାଉଛି। କୁହାଯାଏ ଯେ ମୁଲତାନି ମାଟି ଚର୍ମ ପାଇଁ ଏକ ବରଦାନ। ଏହା ଚର୍ମକୁ ଶାନ୍ତ କରିଥାଏ ଏବଂ ଅନ୍ୟାନ୍ୟ ଅନେକ ଲାଭ ପ୍ରଦାନ କରିଥାଏ। ଯେଉଁ ଲୋକମାନଙ୍କର ଚର୍ମରେ ଅଧିକ ତେଲ ଥାଏ ସେମାନଙ୍କୁ ମୁଲତାନି ମାଟି ମାସ୍କ କିମ୍ବା ପ୍ୟାକ୍ ଲଗାଇବାକୁ ପରାମର୍ଶ ଦିଆଯାଏ।

**ତ୍ୱଚା ଯତ୍ନରେ ମୁଲତାନି ମାଟିର ଲାଭଃ** ପ୍ରକୃତରେ, ମୁଲତାନି ମିଟ୍ଟି ତ୍ୱଚା ପାଇଁ ଏକ ଚମତ୍କାର ସୌନ୍ଦର୍ଯ୍ୟ ଉପଚାର। ଏହାର ଏକ ପ୍ୟାକ୍ ଲଗାଇବା ଦ୍ୱାରା ତ୍ୱଚା ଟୋନ୍ ହୁଏ, କାରଣ ଏହାର ଉପାଦାନଗୁଡ଼ିକ ଏହାକୁ ଟାଇଟ୍ ଏବଂ ଯୁବା ଦେଖାଯାଏ। ଯଦି କାହାର ତେଲିଆ ତ୍ୱଚା ଅଛି, ତେବେ ସେମାନେ ବ୍ରଣ କିମ୍ବା ବ୍ରଣ ଭଳି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଏହି ଅବସ୍ଥା ପାଇଁ ମୁଲତାନି ମିଟ୍ଟି ଲଗାଇବାକୁ ସୁପାରିଶ କରାଯାଏ, କାରଣ ଏହା ଅତିରିକ୍ତ ତେଲ ଦୂର କରେ ଏବଂ ତ୍ୱଚା ସ୍ୱରକୁ ଉନ୍ନତ କରେ। ପ୍ରଦୂଷଣ ଏବଂ ଖରାପ ଖାଦ୍ୟ ମଧ୍ୟ ତ୍ୱଚାରେ ଫୁସ ଏବଂ ବ୍ରଣ ସୃଷ୍ଟି କରିପାରେ। ଏଗୁଡ଼ିକୁ ଦୂର କରିବା ଏବଂ ଥଣ୍ଡା ପ୍ରଭାବ ପ୍ରଦାନ କରିବା ପାଇଁ ମୁଲତାନି ମାଟି ବ୍ୟବହାର କରାଯାଏ।

**ମୁଲତାନି ମାଟି ପ୍ରତିଦିନ ଲଗାଇବା ଉଚିତଃ** କିଛି ତ୍ୱଚା ବିଶେଷଜ୍ଞ ପ୍ରତିଦିନ ମୁହଁରେ ମୁଲତାନି ମିଟ୍ଟି ଲଗାଇବାର ଭୁଲ କରନ୍ତି। ଏକ ଭୁଲ ଧାରଣା ଅଛି ଯେ ଏହାକୁ ପ୍ରତିଦିନ ଲଗାଇବା ଦ୍ୱାରା ଲାଭ ଦ୍ୱିଗୁଣିତ ହୁଏ। ଏହା ଚର୍ମ ଶୁଷ୍କ କରିଦିଏ। ହାଇଡ୍ରେସନ୍ ଅଭାବରୁ ଲାଲପଣ ହୋଇପାରେ ଏବଂ କିଛି କ୍ଷେତ୍ରରେ, ଝାଡ଼ା ମଧ୍ୟ ହୋଇପାରେ। ଏହି କ୍ଷେତ୍ରରେ, ମୁଲତାନି ମିଟ୍ଟି କ୍ଷତିକାରକ ହୋଇପାରେ।

**ସମସ୍ତ ପ୍ରକାରର ଚର୍ମ ପାଇଁଃ** ମୁଲତାନି ମିଟ୍ଟି ପ୍ରାକୃତିକ ହୋଇଥିଲେ ମଧ୍ୟ, ଏହା ସମସ୍ତ ପ୍ରକାରର ଚର୍ମ ପାଇଁ ଉପଯୁକ୍ତ ନୁହେଁ। ଯେଉଁମାନଙ୍କର ସମ୍ବେଦନଶୀଳ କିମ୍ବା ଶୁଷ୍କ ଚର୍ମ ଅଛି ସେମାନେ ଏହାକୁ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ପରେ ହିଁ ମୁହଁରେ ଲଗାଇବା ଉଚିତ। ଏହି ମାଟି ଚର୍ମରୁ ଅତିରିକ୍ତ ତେଲ ଶୋଷେଣ କରେ ଏବଂ ଶୁଷ୍କ ଚର୍ମରେ ପୂର୍ବରୁ ଆର୍ଦ୍ରତାର ଅଭାବ ଥାଏ। ଏହା ଚର୍ମକୁ ଆହୁରି ଶୁଷ୍କ କରିପାରେ।

**ବ୍ଲାକହେଡ୍ସ ପାଇଁ ପ୍ରଭାବଶାଳୀଃ** ଅନେକ ଲୋକ ମୁଲତାନି ମିଟ୍ଟି ମୁହଁରେ ଲଗାନ୍ତି, ବିଶ୍ୱାସ କରନ୍ତି ଯେ ଏହା କଳାଦାଗ ଏବଂ ଧଳାଦାଗ ଦୂର କରେ, କିନ୍ତୁ ଏହା ସତ୍ୟ ନୁହେଁ। ଏହା ଚର୍ମକୁ କଡ଼ା କରିଥାଏ ଏବଂ ଏହାକୁ ଯୁବକ ଦେଖାଏ। କଳାଦାଗ ଦୂର କରିବା କିମ୍ବା ଦୂର କରିବା ପାଇଁ ଏକ୍ସଫୋଲିଏସନ୍ ଜରୁରୀ। କଳାଦାଗ ପାଇଁ ରେଟିନଏଡ୍ କିମ୍ବା ସାଲିସିଲିକ୍ ଏସିଡ୍ ବ୍ୟବହାର କରିବା ସର୍ବୋତ୍ତମ।



# ଥକ୍କାପଣ ଅନୁଭବ କରୁଥିଲେ...

ବର୍ତ୍ତମାନ ସମୟରେ ଦୈନନ୍ଦିନ ଜୀବନରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଯାହା ଅନେକ ସମୟରେ ଆମ ଶରୀର ଉପରେ କୁପ୍ରଭାବ ପକାଇଥାଏ। ଫିଟ୍ ରହିବାକୁ ଅଧିକାଂଶ ଲୋକ ଡାଏଟ୍ ଲିଷ୍ଟକୁ ଫଲୋ କରିଥାଆନ୍ତି। କିନ୍ତୁ ସାମାନ୍ୟ ଖରାପ ଖାଦ୍ୟପେୟ ଆମକୁ ବିପଦ ମୁହଁକୁ ଠେଲି ଦେଇଥାଏ। ଯେହେତୁ ସ୍ୱାସ୍ଥ୍ୟକୁ ସମ୍ପଦ ବୋଲି କୁହାଯାଏ। ତେଣୁ ବିଶେଷ କରି ଦିନର ପ୍ରଥମ ଖାଦ୍ୟ ଉପରେ ଗୁରୁତ୍ୱ ଦେବା ଜରୁରୀ। ପ୍ରତ୍ୟେକ ଖାଦ୍ୟର ଭିନ୍ନ ଭିନ୍ନ ପ୍ରଭାବ ଆମ ଶରୀର ଉପରେ ପଡିଥାଏ। ଯାହା ଆମ ସୁସ୍ଥ ଶରୀର ଗଠନ କରିବାରେ ସାହାଯ୍ୟ କରିଥାଏ। ଯଦି କୌଣସି ବ୍ୟକ୍ତି ଠିଆ ହେବା ଅବସ୍ଥାରେ ପଡିଯିବା,ମୁଣ୍ଡ ବୁଲାଇବା ଓ ଦୁର୍ବଳ ଅନୁଭବ ଇତ୍ୟାଦି କରୁଥାନ୍ତି ତେବେ ଏହା ଶରୀରରେ କିଛି ପୋଷକତତ୍ତ୍ୱର ଅଭାବ ଥିବ ବୋଲି ଭାବିନେବାକୁ ପଡିବ। ତେଣୁ ଆମ ମାନଙ୍କୁ ପ୍ରତିଦିନ ଏମିତି ଖାଦ୍ୟ ଖାଇବାକୁ ପଡିବ ଯାହା ଆମ ଶରୀରରେ ଶକ୍ତି ବର୍ଦ୍ଧକ ହେବ ଓ ଶହନଶକ୍ତି ପ୍ରଦାନ କରିବ। ତେବେ କେଉଁ କେଉଁ ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀରକୁ ଶକ୍ତି ମିଳିଥାଏ ଆସନ୍ତୁ ତାହା ବିଷୟରେ ଜାଣିବା।

**ଓଟ୍ସଃ** ଓଟ୍ସ ଖାଇବା ଦ୍ୱାରା ଶରୀରକୁ ଅଧିକ ମାତ୍ରାରେ ଏନର୍ଜି ମିଳିଥାଏ। ସବୁଦିନ ସକାଳୁ କ୍ଷୀର ସହିତ ଓଟ୍ସ ଖାଇବା ଦ୍ୱାରା ଶରୀରକୁ ପ୍ରଚୁର ମାତ୍ରାରେ ଶକ୍ତି ମିଳିଥାଏ। ଓଟ୍ସ ଜାଗାରେ ଆପଣ ଦଲିୟା ମଧ୍ୟ ଖାଇପାରିବେ।ଏହା ଆପଣଙ୍କ ଶରୀର ପାଇଁ ବହୁତ ଲାଭଦାୟକ ହେବ।

**ଗଜାମୁଗଃ** ଗଜାମୁଗ ଖାଇବା ଶରୀର ପାଇଁ ବହୁତ ଲାଭଦାୟକ ହୋଇଥାଏ। ଏଥିରେ ଆମ ଶରୀରକୁ ଶକ୍ତି ମିଳିଥାଏ। ଗଜାମୁଗ ଶରୀରକୁ ଫିଟ୍ ରଖିବାରେ ମଧ୍ୟ ସହାୟକ ହେଇଥାଏ।

**ପାଳଙ୍ଗ ଶାଗ ସୁପ୍ଃ** ଯଦି ଆପଣ ମୋଟପଣରୁ ମୁକ୍ତି ପାଇବା ପାଇଁ ଚାହୁଁଛନ୍ତି ତେବେ ପାଳଙ୍ଗ ଶାଗର ସୁପ୍ ପିଅନ୍ତୁ। ଏଥିରୁ ଶରୀରକୁ ଅଧିକ ଶକ୍ତି ମିଳିବା ସହିତ କ୍ୟାଲସିୟମ ମଧ୍ୟ ଅଧିକ ମାତ୍ରାରେ ମିଳିବ।

**କଦଳୀଃ** କଦଳୀ ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ। ଏହା ଶରୀରର ଷ୍ଟାମିନା ବଢାଇବାରେ ବେଶ୍ ସହାୟକ ହୋଇଥାଏ। ପ୍ରତିଦିନ ଗୋଟିଏ କଦଳୀକୁ ଗୋଟିଏ ଗ୍ଲାସ କ୍ଷିର ସହିତ ଖାଇବା ଦରକାର।

ବାଦାମଃ ବାଦାମ ଖାଇବା ଦ୍ୱାରା ହାର୍ଟ ଶକ୍ତ ହୋଇଥାଏ ଓ ମସ୍ତିଷ୍କ ଠିକ୍ ଭାବରେ କାମ କରିଥାଏ। ବାଦାମ ଶରୀରକୁ ଉପଯୁକ୍ତ ଶକ୍ତି ଯୋଗାଇଥାଏ କିନ୍ତୁ ଏହାକୁ ସବୁଦିନ ଖାଇବା ଅନୁଚିତ୍ କାରଣ ଏହା ଶରୀରର ମୋଟାପଣ ବଢାଇବାରେ ସାହଯ୍ୟ କରିଥାଏ।

**ଦେଶୀ ଘିଅଃ** ଦେଶୀ ଘିଅ ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ। କିନ୍ତୁ ପ୍ରତିଦିନ ଏହାକୁ ଖାଇଲେ ଶରୀର ମୋଟା ହେବାର ସମ୍ଭାବନା ରହିଛି। ବିଶେଷ କରି ଡାଇବେଟିସ ରୋଗୀ ଏହାକୁ ଖାଇବା ଅନୁଚିତ। ଯଦି ଅନେକ ସ୍ୱାସ୍ଥ୍ୟ ଜନିତ ସମସ୍ୟାରୁ ରକ୍ଷା ପାଇବାକୁ ଚାହାଁନ୍ତି ତେବେ ଏହି ସବୁ ଖାଦ୍ୟ ଖାଇବାର ଅଭ୍ୟାସ କରନ୍ତୁ। ଯାହା ଆପଣଙ୍କୁ ରୋଗମୁକ୍ତ କରିବାରେ ସହାୟକ କରିବ।





# ଚୁଟିରେ ରୂପି ହେଉଛି କି ?

ବର୍ତ୍ତମାନର ଲାଇଫଷ୍ଟାଇଲ କେବଳ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇନଥାଏ। କେଶ ଏବଂ ତ୍ୱଚା ଉପରେ ମଧ୍ୟ କୁପ୍ରଭାବ ପକାଏ। ଆମେ ଅନେକ ସମୟରେ ସମସ୍ୟାର ସମାଧାନ ପାଇଁ ଅନେକ ପ୍ରଡକ୍ଟ ବ୍ୟବହାର କରିଥାଉ। କିନ୍ତୁ ଏହା ବେଳେବେଳେ ଆମ ଉପରେ ନକାରାତ୍ମକ ପ୍ରଭାବ ପକାଏ। ଯଦି କେଶ ଝଡ଼ିବା ଏବଂ ଫାଟିବା ଯୋଗୁ ଆପଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ନିୟମିତ ଭାବରେ କେଶରେ ତେଲ ଲଗାଇ ମାଲିସ କରନ୍ତୁ। ଏହା ସହ କେଶକୁ ଲମ୍ବ କରିବାକୁ, ସାଧାରଣ ତେଲ ଲଗାଇବା ପରିବର୍ତ୍ତେ, ଏଥିରେ କିଛି ଜିନିଷ ମିଶାନ୍ତୁ। କେଶ ଲମ୍ବା କରିବା ପାଇଁ କଳାଜିରା ଏବଂ ପିଆଜ ରସ ଉପକାରୀ ବୋଲି ବିବେଚନା କରାଯାଏ। ଏହି ଦୁଇଟି ଜିନିଷରୁ ପ୍ରସ୍ତୁତ ତେଲ କେଶକୁ ମୋଟା ଏବଂ ଲମ୍ବା କରିଥାଏ। କେଶରେ ପିଆଜ ରସ ଲଗାଇଲେ କେଶ କଳା ହୋଇଯାଏ ଏବଂ ଅଧିକ ବଢ଼ିବାକୁ ଲାଗିଥାଏ। ସେହି ଭଳି କଳାଜିରା ମଧ୍ୟ କେଶ ପାଇଁ ପ୍ରଭାବଶାଳୀ ହୋଇଥାଏ। କେଶ ମଜବୁତ ହେବାରେ କଳାଜିରା ତେଲ ସାହାଯ୍ୟ କରେ। ତାହେଲେ ତେଲରେ ଏହି ଦୁଇଟି ଜିନିଷ କିପରି ମିଶାଇ ବ୍ୟବହାର କରିବା ଆସନ୍ତୁ ସେ ସମ୍ପର୍କରେ ଜାଣିବା।

**ପିଆଜ ଏବଂ କଳାଜିରା ତେଲ କିପରି ତିଆରି କରିବେଃ** ପିଆଜ ଏବଂ କଳାଜିରା ତେଲ ତିଆରି କରିବା ପାଇଁ ସୋରିଷ ତେଲ କିମ୍ବା ନଡ଼ିଆ ତେଲ ନିଅନ୍ତୁ। ଏହା ପରେ ଏକ ପ୍ୟାନରେ ତେଲ ନେଇ ଗରମ କରନ୍ତୁ ଏବଂ ତେଲ ଗରମ ହୋଇଗଲେ ଏଥିରେ ୧ ଚାମଚ କଳାଗିରା ମିଶାନ୍ତୁ। ପରେ ତେଲରେ ଛୋଟ ଛୋଟ ଖଣ୍ଡ ପିଆଜ କଟା ପକାନ୍ତୁ ଏବଂ ପିଆଜକୁ ବ୍ରାଉନ୍ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଏହା ସହ ଯଦି ଆପଣ ଚାହିଁବେ, ଆପଣ ଏଥିରେ ୧ ଚାମଚ କଳାଜିରା ମଧ୍ୟ ମିଶାଇ ସବୁକିଛି ଭଲ ଭାବେ ଫୁଟାଇ ପାରିବେ। ଏହା ପରେ ତେଲକୁ ଥଣ୍ଡା ହେବାକୁ ଦିଅନ୍ତୁ ଏବଂ ଏହାକୁ କିଛି ସମୟ ପ୍ୟାନରେ ଛାଡି ଦିଅନ୍ତୁ। ଯେତେବେଳେ ତେଲ ଥଣ୍ଡା ହୋଇଯିବ, ଏହାକୁ ଏକ ପାତ୍ରରେ ଛାଣନ୍ତୁ ଏବଂ କେଶରେ ତେଲ ଭଲ ଭାବରେ ଲଗାନ୍ତୁ। ଅବଶିଷ୍ଟ ବଞ୍ଚି ଥିବା ତେଲକୁ ଏକ ବୋତଲରେ ରଖନ୍ତୁ ଏବଂ କେଶ ଧୋଇବା ପୂର୍ବରୁ ଏହାକୁ ମାଲିସ୍ କରନ୍ତୁ। ଏହି ତେଲକୁ ସପ୍ତାହରେ ଅତି କମରେ ୨ ରୁ ୩ ଥର କେଶରେ ଭଲ ଭାବରେ ଲଗାନ୍ତୁ। ଏହା ପରେ ଦେଖିବେ କେଶ କିଛି ଦିନ ମଧ୍ୟରେ ଲମ୍ବା ଏବଂ କଳା ହେବାକୁ ଲାଗିବ। ତେବେ ଏହି ତେଲ କେଶର ଲମ୍ବ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।

**ଜାଣନ୍ତୁ କଳାଜିରା ଏବଂ ପିଆଜ ତେଲର ଉପକାରତାଃ** ଏହି ତେଲକୁ କେଶରେ ଲଗାଇଲେ ଧଳା କେଶର ସମସ୍ୟା କମିବା ଆରମ୍ଭ କରେ। ତେବେ କଳାଜିରା ଏବଂ ପିଆଜ ରସ କେଶକୁ ମଜବୁତ କରେ ଏବଂ କେଶ ଝଡ଼ିବା ଏବଂ ଫାଟିବା କମିଯାଏ। ଏପରି ଭାବେ ରକ୍ତ ସଞ୍ଚାଳନ ଭଲ ହୋଇଥାଏ। ଯଦି କେଶରେ କୌଣସି ପ୍ରକାରର ଇନ୍‌ଫେକ୍ସନ୍ ଥାଏ, ତେବେ ଏହି ତେଲ ଲଗାଇବା ଇନ୍‌ଫେକ୍ସନ୍‌କୁ ଦୂର କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ଏହି ତେଲ ବ୍ୟବହାର କରିବା ଦ୍ୱାରା ରୁପି ସମସ୍ୟା ମଧ୍ୟ ଦୂର ହୋଇଥାଏ। ତେବେ ଯେଉଁ ଲୋକମାନେ ନିଜ କେଶରେ କଲର କିମ୍ବା କୌଣସି ପ୍ରକାରର କେମିକାଲ ବ୍ୟବହାର କରନ୍ତି। ସେମାନଙ୍କ କେଶ ଅଧିକ ପରିମାଣରେ ଝଡିବାକୁ ଆରମ୍ଭ କରିଥାଏ। ସେଥିପାଇଁ ଏହି ତେଲ ଆପଣଙ୍କ ପାଇଁ ଲାଭଦାୟକ ହେବ। ପିଆଜ ଓ କଳାଜିରା ତେଲ ଲଗାଇବା ଦ୍ୱାରା ନୂଆ କେଶ ମଧ୍ୟ ବଢିବାକୁ ଆରମ୍ଭ କରିଥାଏ।

# ପାକସ୍ଥଳୀ ଅଣୁଜୀବଙ୍କୁ ପ୍ରଭାବିତ କରୁଛି ଅତି ପ୍ରକ୍ରିୟାକୃତ ଖାଦ୍ୟ

ଆମ ସ୍ୱାସ୍ଥ୍ୟର ନାନାଦି ବିଭବ ଉପରେ ପ୍ରଭାବ ପକାଉଛନ୍ତି ପେଟ ଭିତରେ ଥିବା ଅସୁମାରି ଅଣୁଜୀବ। ପାକସ୍ଥଳୀର ଅଣୁଜୀବଙ୍କ ବିବିଧତା ଠିକ୍ ଗୋଟାଏ ବନସ୍ତରେ ଥିବା କିସମ କିସମ ଗଛବୃଚ୍ଛ ଓ ଜୀବଜନ୍ତୁଙ୍କ ଭଳି। ପାକସ୍ଥଳୀରେ ଯେତେ ଅଧିକ ଓ ଭିନ୍ନଭିନ୍ନ ଜାତିର ଅଣୁଜୀବ ରହିବେ ମନୁଷ୍ୟ ସେତେ ଅଧିକ ପେଟ ବେମାରି ସହ୍ୟ କରିବାକୁ ସମର୍ଥ ହେବ। ବିଜ୍ଞାନ ମଧ୍ୟ ଦୀର୍ଘ ଦିନରୁ ସୁନିଶ୍ଚିତ କରିସାରିଛି ଯେ ମନୁଷ୍ୟର ସାମଗ୍ରିକ ସୁସ୍ଥତା ନିମନ୍ତେ ମୁଖ୍ୟ ଉପାଦାନ ହେଉଛି ବିପୁଳସଂଖ୍ୟକ ବିବିଧ କିସମ ପାକସ୍ଥଳୀ ଅଣୁଜୀବ। କାରଣ, ଏହା ମନୁଷ୍ୟ ମିଜାଜ୍‌ରୁ ନେଇ ମେଟାବଲିଜିମ୍ ଓ ମସ୍ତିଷ୍କକୁ ବି ପ୍ରଭାବିତ କରେ। ଅଣୁଜୀବ ବିବିଧତା ହ୍ରାସ ପାଇଲେ ମନୁଷ୍ୟଠାରେ ଶୟନ ସମସ୍ୟା, ପାକସ୍ଥଳୀ ବିକୃତି ଓ ପ୍ରଦାହ ଭଳି ରୋଗ ହେବାର ଯଥେଷ୍ଟ ଆଶଙ୍କା ଥାଏ। ତେଣୁ, କିଙ୍ଗ୍‌ସ କଲେଜ୍ ଲଣ୍ଡନ୍‌ର ନ୍ୟୁଟ୍ରିସନ୍ ପ୍ରଫେସର୍ ସାରା ବେରି କହନ୍ତି, ‘‘ଏ ଗୋଟାଏ ସାମଗ୍ରିକ ପରିସଂସ୍ଥାନ। ଅର୍ଥାତ୍ ଆମ ଶରୀର ମଧ୍ୟରେ ଅଣୁଜୀବସମୂହ ଗୋଟାଏ ଅତିରିକ୍ତ ଅଙ୍ଗ ସଦୃଶ।’’ କିନ୍ତୁ, ଆମେ ସାଧାରଣତଃ ଖାଉଥିବା କେତେକ ଆହାର ପାକସ୍ଥଳୀସ୍ଥିତ ପରିସଂସ୍ଥାନର କ୍ଷତିସାଧନ କରୁଛି ବୋଲି ପ୍ରମାଣ ମିଳିଗଲାଣି। ବିଶେଷତଃ ଅଲ୍‌ଟ୍ରା-ପ୍ରୋସେସ୍‌ଡ ଫୁଡ୍ ବା ଅତି ପ୍ରକ୍ରିୟାକୃତ ଆହାର ମନୁଷ୍ୟ ପାକସ୍ଥଳୀରେ ଅଣୁଜୀବଙ୍କ କ୍ରିୟାକଳାପରେ ବ୍ୟାଘାତ ଓ ପରିବର୍ତ୍ତନ ଘଟାଇପାରେ। ଏ ଧରଣର ଖାଦ୍ୟରେ ଦିଆଯାଉଥିବା ଏମଲ୍‌ସିଫାୟର୍, କୃତ୍ରିମ ଶର୍କରା ଓ ରଙ୍ଗ ଭଳି ଅସଂଖ୍ୟ ରାସାୟନିକ ଉପାଦାନ ଏଥିପାଇଁ ଦାୟୀ। ଅଧିକ ସ୍ୱାଦଯୁକ୍ତ, ମୁସ୍‌ମୁସିଆ କରିବା ପାଇଁ ଅଥବା ଖାଦ୍ୟର ରୂପ ବଦଳାଇବା ପାଇଁ ଏବଂ ଦୀର୍ଘଦିନ ତଟକା ରଖିବା ଲାଗି ପ୍ରକ୍ରିୟାକରଣକାରୀ କମ୍ପାନିମାନେ ଏସବୁ କରନ୍ତି। ସୁପର୍‌ମାର୍କେଟ୍‌ଗୁଡ଼ିକରେ ମିଳୁଥିବା ଅଧିକାଂଶ ପ୍ରକ୍ରିୟାକୃତ ଖାଦ୍ୟଦ୍ରବ୍ୟରେ ଅଧିକ ଏମଲ୍‌ସିଫାୟର୍ ଥିବା କଥା ଗବେଷକମାନେ କହନ୍ତି। ଏ ଧରଣର ରାସାୟନିକ ଉପାଦାନ, ବିଶେଷ କରି ଏମଲ୍‌ସିଫାୟର୍ ମିଶ୍ରିତ ଆହାର ଭୋଜନ କଲେ ପାକସ୍ଥଳୀରେ ଥିବା ଅଣୁଜୀବଙ୍କ ଉପରେ କୁପ୍ରଭାବ ପଡ଼େ। ତା’ଛଡ଼ା ଏଥିଯୋଗୁଁ, ଆଇବିଡି, ଆଇବିଏସ୍, ଏବଂ କଲୋରେକ୍ଟାଲ୍ କ୍ୟାନ୍‌ସର୍ ଆଦି ରୋଗ ହେବାର ଆଶଙ୍କା ଥାଏ।

ପାକସ୍ଥଳୀର ଅନ୍ତରେ ଲାଗିରହିଥିବା ବହଳିଆ ଲାଳ ଅଣୁଜୀବମାନଙ୍କ କବଳରୁ ଏହାର ଭିତରପାର୍ଶ୍ୱ ସୁରକ୍ଷିତ ରଖିଥାଏ। ଏ ଲାଳ ପ୍ରଦାହ ପ୍ରତିରୋଧକ ଭାବେ କାର୍ଯ୍ୟ କରିଥାଏ। ଅତି ପ୍ରକ୍ରିୟାକୃତ ଖାଦ୍ୟ ଖାଇବା ଯୋଗୁଁ ଉଦରସ୍ଥ ଲାଳ କ୍ଷୟ ହୋଇଯାଏ ଏବଂ ଅଣୁଜୀବମାନେ ଅନ୍ତ ଭିତରପାର୍ଶ୍ୱକୁ ସଂକ୍ରମିତ କରି ପ୍ରଦାହ ସୃଷ୍ଟି କରନ୍ତି। ଏହାର ଅର୍ଥ ନୁହେଁ ଯେ ପ୍ରକ୍ରିୟାକୃତ ଖାଦ୍ୟ ଆଦୌ ନ ଖାଇବା। ମାତ୍ର ନିଜ ସ୍ୱାସ୍ଥ୍ୟ ଓ ପାକସ୍ଥଳୀ ଅଣୁଜୀବଙ୍କ ହିତ ପାଇଁ ଏଥିସହିତ ଯଥା ସମ୍ଭବ ସଦ୍ୟ ରନ୍ଧା ଖାଦ୍ୟ ଖାଇବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ।



ଠାକୁରଙ୍କୁ ବି ଛାଡୁନାହାନ୍ତି

# ଲୁଟେରାଙ୍କ ଟାର୍ଗେଟ୍‌ରେ ମନ୍ଦିର



**ନିମାପଡ଼ା,୨୬।୨ (ସଂଚାର ବ୍ୟୁରୋ):** ବିପଦରେ ଧର୍ମକ୍ଷେତ୍ର । ଲଗାତାର ମନ୍ଦିର ଚୋରିକୁ ନେଇ ସାରା ରାଜ୍ୟରେ ଏବେ ଭୟର ବାତାବରଣ । ମନ୍ଦିରର ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରୁଛନ୍ତି ଲୋକେ । ଏହା ପୁଲିସ୍‌ର କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୁରୀ ଜିଲ୍ଲା ନିମାପଡ଼ା ଅଞ୍ଚଳରେ ଲଗାତାର ମନ୍ଦିର ଚୋରି ସ୍ଥାନୀୟ ଅଞ୍ଚଳରେ କୋହୁଆ ଭୟ ଖେଳାଇ ଦେଇଛି । କିଛି ଦିନ ପୂର୍ବରୁ ଗୋପର ମା' ନାରାୟଣୀ ଓ ମା ଗେଲେବାଇ ମନ୍ଦିରରୁ ଚୋରି ଘଟଣା ପରେ ନିମାପଡ଼ାର ପ୍ରସିଦ୍ଧ ବାବା ବାଲୁଙ୍କେଶ୍ୱର ମନ୍ଦିରରୁ ବିଳମ୍ବିତ ରାତିରେ ହୋଇଛି ଲୁଟ୍। ରାତି ଅଧରେ ଦୁର୍ବୃତ୍ତମାନେ ମନ୍ଦିରରେ ପଶି ଦାନବାକ୍ସ ଭାଙ୍ଗି ଲୁଟିବା ସହ ପିତ୍ତଳ ବାସନକୁସନ ନେଇ ଚମ୍ପଟ ହୋଇଯାଇଛନ୍ତି । ଏନେଇ ଖବର ପାଇ ନିମାପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମାଲକାନଗିରି ସଦର ମହକୁମା ସ୍ଥିତ ଦୁର୍ଗା ମା'ଙ୍କ ମନ୍ଦିରରୁ ଲୁଟ ହୋଇଛି । ମନ୍ଦିର ତାଲା ଭାଙ୍ଗି ମା'ଙ୍କ ସୁନା ହାର, ପାଉଁଜି ଓ ଅନ୍ୟାନ୍ୟ ଅଳଙ୍କାର ଲୁଟିନେଇଛନ୍ତି ଦୁର୍ବୃତ୍ତ । ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମଣିଷ ତ' ଛାଡ଼ ଠାକୁର ବି ଏଠି ସୁରକ୍ଷିତ ନାହାନ୍ତି। ଲଗାତାର ମନ୍ଦିର ଚୋରି ଘଟଣା ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇପଡ଼ିଛି। ଧାର୍ମିକ ସ୍ଥାନଗୁଡ଼ିକର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି। ଶୀଘ୍ର ଦୁର୍ବୃତ୍ତ ମାନଙ୍କୁ ଗିରଫ କରି କଠୋର କାର୍ଯ୍ୟାନୁଷ୍ଠାନ ସହ ମନ୍ଦିରର ସୁରକ୍ଷା ଦିଗରେ ଗୁରୁତ୍ୱ ଦେବାକୁ ଦାବି ହୋଇଛି ।

## ଜିଲ୍ଲାରେ ମାପ ଓଜନରେ ବ୍ୟାପକ ଠକେଇ ଅଭିଯୋଗ, ବିଭାଗ ପାଲଟିଛି ଠାଣୁ

**ସୁବର୍ଣ୍ଣପୁର,୨୬।୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ବଜାରରେ ଛୋଟ ବଡ଼ ଦୋକାନ ରହିଥିବା ବେଳେ ବିଭିନ୍ନ ଅଞ୍ଚଳରେ ସାପ୍ତାହିକ ହାଟ ବସେ ବହୁ ଛୋଟ ଦୋକାନୀ ହାଟରେ ବସୁଛନ୍ତି। ଏତିକି ସୋନପୁର ପୌରପରିଷଦ ବଜାର ରାସ୍ତା ପାର୍ଶ୍ୱରେ ୨୦୦ ରୁ ଊର୍ଦ୍ଧ୍ୱ ଦୋକାନୀ ବସି ବିଭିନ୍ନ ସାମଗ୍ରୀ ବିକ୍ରି କରିଥାନ୍ତି।କେତେକ ବ୍ୟବସାଇ ବଟକରା ବଦଳରେ ଗୋଡି ଇଟା ଓ ଜରିରେ ବନ୍ଧା ହୋଇଥିବା ପୁଡ଼ିଆ କୁ ବ୍ୟବହାର କରୁଥିବା ବେଳେ, ଅନ୍ୟ କେତେକ ଦୋକାନୀ ବ୍ୟବହାର କରିଥିବା କଣ୍ଟାରେ କଣ୍ଟା ଟି ୧୦ ଗ୍ରାମ ରୁ ୨-୩ କିଲୋଗ୍ରାମ ପର୍ଯ୍ୟନ୍ତ କମ କରି ରଖିଥାନ୍ତି।ଅନେକ ଦୋକାନୀ ମାନଙ୍କର ବଣ୍ଡପାଲ, ବଟକରା, ପଲା ୨୦୨୪-୨୫ ରେ ରିନ୍ୟୁ ହୋଇ ନ ଥିବା ଅଭିଯୋଗ ହେଉଛି। ଜିଲ୍ଲା ମାପ ଓଜନ ବିଭାଗ ଓ ଏନ୍ଫୋର୍ସମେଣ୍ଟ ଟିମ କୌଣସି ପଦକ୍ଷେପ ନେଉ ନ ଥିବା ବେଳେ ଚଢ଼ାଉ କରୁ ନାହାନ୍ତି। ଯାହା ଫଳରେ କେତେକ ଅସାଧୁ ବ୍ୟବସାୟୀ ମାନେ ସାଧାରଣ ଲୋକମାନଙ୍କୁ ଠକି ନିଜେ ଏଥିର ପୁରା ଫାଇଦା ନେଉଛନ୍ତି। ସୋନପୁର ବଜାରରେ ବର୍ଷ ବର୍ଷ ଧରି ମାପ ଓଜନ ବିଭାଗ ପକ୍ଷରୁ ଚଢ଼ାଉ ହୋଇନଥିବା ସାଧାରଣ ଲୋକମାନେ ଅଭିଯୋଗ ଆଣିଛନ୍ତି। ଏଥିପ୍ରତି ଜିଲ୍ଲା ମାପ ଓଜନ ବିଭାଗ ଓ ଏନ୍ଫୋର୍ସ ଟିମ ଦୃଷ୍ଟି ଦେବାକୁ ଦାବୀ ହେଉଛି।

## ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ନବନିର୍ମିତ ଆଦର୍ଶ କାରାଗାର ପରିଦର୍ଶନ



**ସୁନ୍ଦରଗଡ଼/ବଡ଼ଗାଁ,୨୬।୨ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ବ୍ଲକର ଭୋଇପାଲି ଠାରେ ହାଉସିଂ ବୋର୍ଡ଼ ତରଫରୁ ନିର୍ମିତ ହୋଇଥିବା ଆଦର୍ଶ କଏଦୀ କାରାଗାରରେ ବନ୍ଦୀ ଜୀବନ ବିତାଉଥିବା କଏଦି ମାନେ କିପରି ଆତ୍ମ ନିର୍ଭରଶୀଳ ହୋଇପାରିବେ, ନିଜର ପରିବାର ପ୍ରତିପୋଷଣ କରିବା ସହ ସମାଜରେ ସୁଧାର ଆଣିବା ସହ ଭଲ ମଣିଷ ହୋଇ ଗଢି ଉଠିବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ସେ ପ୍ରୟାସ ନେଇ ସରକାର ଆରମ୍ଭ କରିଥିବା ଏହି ଆଦର୍ଶ କାରାଗାର ଓଡ଼ିଶାରେ ପୂର୍ବରୁ ଆଠଗଡ଼ ଠାରେ ଥିବା ବେଳେ ଭୋଇପାଲି ଠାରେ ଏହା କିଭଳି ଶୀଘ୍ର ଆରମ୍ଭ ହେବ ସେନେଇ ସୁନ୍ଦରଗଡ଼ ମୁଖ୍ୟ କାରାଗାରର ସୁପରିଟେଣ୍ଡେଣ୍ଟ ଜୀବନ ସିଂ ମୁଣ୍ଡା ପ୍ରୟାସ ଆରମ୍ଭ କରିଛନ୍ତି, ଆଜି ବଡ଼ଗାଁ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୃପାସିନ୍ଧୁ ଭୋଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିନ୍ମୟ ମାଝୀ, ଆରତୀ ଫାଉଣ୍ଡେସନର କର୍ମକର୍ତ୍ତା, ସ୍ଥାନୀୟ ସରପଞ୍ଚ ଓ ଗ୍ରାମବାସୀଙ୍କୁ ନେଇ ଭୋଇପାଲି ସ୍ଥିତ ଆଦର୍ଶ କାରାଗାର ପରିଦର୍ଶନ କରିଛନ୍ତି। ଆଜି ପରିଦର୍ଶନ ପରେ ଜେଲ ସୁପରିଟେଣ୍ଡେଣ୍ଟ ଶ୍ରୀ ମୁଣ୍ଡା କହିଛନ୍ତି ଆମେ ପୋଲିସ ହାଉସିଂ ବୋର୍ଡ଼କୁ ଅନୁରୋଧ କରିଛୁ ଶୀଘ୍ର ଏହାକୁ ହସ୍ତାନ୍ତର କରିବାକୁ ଏବଂ ଜେଲ ମହା ନିର୍ଦ୍ଦେଶକଙ୍କୁ ଶୀଘ୍ର ରେଡି ଏହା କେଉଁ ଶୀଘ୍ର କିଭଳି କାର୍ଯ୍ୟକ୍ଷମ ହବ ବୋଲି ଅନୁରୋଧ କରାଯିବ ଏହା ସହ ଏଠାରେ କଏଦି ରହିବା ପରେ ଶିଳ୍ପ ସମୃଦ୍ଧ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ କଳକାରଖାନା ରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପାଇଁ ବ୍ୟବହୃତ କରୁଥିବା ବିଭିନ୍ନ ଉପକରଣ ଏଠାରେ କଏଦି ମାନେ ତିଆରି କରିବା ସହ, ନିଜର ଦକ୍ଷତା ଅନୁଯାୟୀ ବିଭିନ୍ନ ପ୍ରଶିକ୍ଷଣ ଯେଭଳି ଡ଼ାଇରୀ ଫାର୍ମ, ହସ୍ତତନ୍ତ, ଶିକ୍ଷା, ବିଭିନ୍ନ କୌଶଳ ଦକ୍ଷତା ନେଇ ନିଜେ ଆତ୍ମ ନିର୍ଭରଶୀଳ ହେବା ସହ ପରିବାର ପ୍ରତିପୋଷଣ କରିପାରିବେ ଏହା ମୂଳଲକ୍ଷ୍ୟ ବୋଲି ଶ୍ରୀ ମୁଣ୍ଡା ପ୍ରକାଶ କରିଛନ୍ତି।

## ବଲାଙ୍ଗିରରେ କଳିଙ୍ଗ ହର୍ବାଲ୍ ମେଳାର ଆରମ୍ଭ



**ବଲାଙ୍ଗିର,୨୬।୨ (ସଂଚାର ବ୍ୟୁରୋ):** ବଲାଙ୍ଗିର ବନଖଣ୍ଡ ଓ ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ପକ୍ଷରୁ ଆଞ୍ଚଳିକ କଳିଙ୍ଗ ହର୍ବାଲ୍ ମେଳାର ଶୁଭାରମ୍ଭ ହୋଇଛି। ପାଞ୍ଚ ଦିନ ବ୍ୟାପୀ ଏହି ମେଳାକୁ ବଲାଙ୍ଗିର ଜିଲ୍ଲାପାଳ ଗୌରବ୍ ଶିୱାଜୀ ଭସଲୱାର ଉଦ୍‌ଘାଟନ କରିଥିଲେ। ଖଣ୍ଡୀୟ ବନ ଅଧିକାରୀ ଅଜିତ ବିଶିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ, ସରକାରୀ ଆୟୁର୍ବେଦ ଚିକିତ୍ସା ମହାବିଦ୍ୟାଳୟ, ବଲାଙ୍ଗିର ପ୍ରଫେସର ଡା. ମନୋଜ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଏସିଏଫ ମାନସ ରଞ୍ଜନ ବେହେରା ଓ ରେଞ୍ଜ ଅଫିସର ନବୀନ କୁମାର ପଣ୍ଡା ମଞ୍ଚାସୀନ ଥିଲେ। ଜିଲ୍ଲାପାଳ ଉଦ୍‌ଘାଟନୀ ଉଦ୍‌ବୋଧନରେ କହିଥିଲେ, ଆୟୁର୍ବେଦିକ ଔଷଧ ଓ ପ୍ରାଚୀନ ଚିକିତ୍ସା ପ୍ରଣାଳୀକୁ ଜନସାଧାରଣଙ୍କ ସହିତ ଯୋଡ଼ିବା ଏହି ମେଳାର ପ୍ରଧାନ ଉଦ୍ଦେଶ୍ୟ। ସେ ବଲାଙ୍ଗିର ଜିଲ୍ଲାର ଜଙ୍ଗଲ ଓ ଔଷଧୀୟ ବୃକ୍ଷ ସୁରକ୍ଷାର ପ୍ରାସଙ୍ଗିକତା ଉପରେ ଜୋର ଦେଇଥିଲେ। କୋଶଳ କଳା ମଣ୍ଡପ ପ୍ରାଙ୍ଗଣରେ ଆୟୋଜିତ ଏହି ମେଳାରେ ୫୫ଟି ଷ୍ଟଲ୍ ଖୋଲାଯାଇଛି। ରାଜ୍ୟର ୪୭ଜଣ ବୈଦ୍ୟ, କବିରାଜ, ସ୍ୱୟଂ ସହାୟକ ଗୋଷ୍ଠୀ, ବନ ସଂରକ୍ଷଣ ସମିତି ସହିତ ରାଜ୍ୟ ବାହାରରୁ ନାମିଦାମୀ ଆୟୁର୍ବେଦ ଔଷଧ କମ୍ପାନୀମାନେ ଅଂଶଗ୍ରହଣ କରିଛନ୍ତି। ମେଳାରେ ସର୍ବସାଧାରଣଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା ରହିଛି। ମଧୁମେହ, ଉଚ୍ଚ ରକ୍ତଚାପ, ସ୍ତ୍ରୀରୋଗ, ଚର୍ମରୋଗ ଓ ଅନ୍ୟାନ୍ୟ ଦୁରାରୋଗ୍ୟ ବ୍ୟାଧି ବିଷୟରେ ବୈଦ୍ୟମାନଙ୍କ ଆଲୋଚନାଚକ୍ର, କର୍ମଶାଳା ଓ ସମ୍ମିଳନୀ ଆୟୋଜିତ ହେବ। ଏହି ହର୍ବାଲ୍ ମେଳା ଆସନ୍ତା ୧ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ଅବସରରେ ବନଖଣ୍ଡ ଅଧିକାରୀ, କର୍ମଚାରୀ ଓ ସାମ୍ବାଦିକମାନେ ଉପସ୍ଥିତ ଥିଲେ।

## 'ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷାର ହେବ ବିକାଶ'



**ଦାରିଙ୍ଗବାଡ଼ି,୨୬।୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଭ୍ରମରବାଡ଼ି ପଞ୍ଚାୟତ ଅଞ୍ଚଳରେ ରହିଥିବା ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନୂତନ ଭାବେ ସକ୍ଷମ କେନ୍ଦ୍ର ସ୍ଥାପନ ହୋଇଛି। ଏହାକୁ ଗୁରୁବାର ଉଦ୍‌ଘାଟନ କରାଯାଇଛି। ଏଥିରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବନମାଳୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜକିରଣ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେହିପରି ଭ୍ରମରବାଡ଼ି ପଞ୍ଚାୟତର ସମିତିସଭ୍ୟା ମିତା ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭୀଷ୍ମ ଚରଣ ପୂଜାରୀ, ଗୋଷ୍ଠୀ ସମ୍ବଳ ଶିକ୍ଷକ ମାନସ କୁମାର ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରଶ୍ମିତା ସେନାପତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ସକ୍ଷମ କେନ୍ଦ୍ର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଶିକ୍ଷଣୀୟ ସାମଗ୍ରୀ ସହ ଶିକ୍ଷା ଏବଂ ସେମାନଙ୍କ ମାନସିକ ବୌଦ୍ଧିକ ଓ ଅନ୍ୟାନ୍ୟ ଦିଗରେ ବିକାଶ ହୋଇପାରିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଜଳେନ୍ଦ୍ର ଦିଗାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ଜୁନିଅର ବ୍ୟାଡମିଣ୍ଟନ ପ୍ରତିଯୋଗିତା

## ଲେବଲ ୨ରେ ଦ୍ୱିତୀୟ ସ୍ଥାନ ଅଧିକାର କଲେ ଆୟୁଷ ମଣ୍ଡଳ

**ମାଲକାନଗିରି,୨୬।୨ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକର ଆୟୁଷ ମଣ୍ଡଳ ରାଜ୍ୟ ସ୍ତରୀୟ ଜୁନିଅର ବ୍ୟାଡମିଂଟନ ଲେବେଲ ୨ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଚଳିତ ବର୍ଷ ୟୋନେକ୍ସ ସନରାଇଜ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ ତରଫରୁ ଆୟୋଜିତ ରାଜ୍ୟ ସ୍ତରୀୟ ଜୁନିଅର ବ୍ୟାଡମିଣ୍ଟନ ପ୍ରତିଯୋଗିତା ଲେବେଲ ୨ ରେ ମାଲକାନଗିରି ଜିଲ୍ଲାର ପ୍ରତିଭାବାନ ଖେଳାଳି ଆୟୁଷ ମଣ୍ଡଳ ଭାଗ ନେବା ସହ ଦ୍ୱିତୀୟ ସ୍ଥାନ ଅଧିକାର କରି ନିଜର ଦକ୍ଷତା ପ୍ରଦର୍ଶନ କରିଛନ୍ତି। ସେ ଏହା ପୂର୍ବରୁ ବ୍ଲକ ଏବଂ ଜିଲ୍ଲା ସ୍ତରରେ ଏକକ ଓ ଯୁଗଳ ବର୍ଗରେ ଚମ୍ପିଆନ ଆଖ୍ୟା ଅର୍ଜନ କରି ରାଜ୍ୟ ସ୍ତରୀୟ ଜୁନିଅର ବ୍ୟାଡମିଂଟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାରେ ଅଞ୍ଚଳର ପ୍ରଥମ ଖେଳାଳି। କାଲିମେଲା ଭଳି ଅଞ୍ଚଳରୁ ଆୟୁଷ ମଣ୍ଡଳଙ୍କ ଭଳି ଖେଳାଳି ରାଜ୍ୟ ସ୍ତରୀୟ ଜୁନିଅର ବ୍ୟାଡମିଂଟନ ପ୍ରତିଯୋଗିତାରେ ରନର ଅପ୍ ହୋଇ ରାଜ୍ୟ ସ୍ତରରେ ଜିଲ୍ଲାର ନାମ ରୋଶନ କରିଛନ୍ତି। ପୁଅର ଏହି ଉପଲବ୍ଧି ଉଭୟ ପିତା ମାତାଙ୍କ ଦୀର୍ଘ ଦିନର ସଂଘର୍ଷର ଫଳ ଦେବା ସହ ଉଭୟ ପିତା ମାତା ଓ ଆୟୁଷଙ୍କ ପାଇଁ ଶୁଭେଚ୍ଛାର ସୁଅ ଛୁଟିଛି।

## ମୁଖ୍ୟ ଚିକିତ୍ସାଳୟ ଡ୍ରେନରେ ପଡିଛି ମୃତଦେହ

● ଦୁର୍ଘଟଣା ନା ହତ୍ୟା ବଢିଲା ସସ୍‌ପେନ୍ସ



**ବଲାଙ୍ଗୀର,୨୬।୨ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଡ୍ରେନରେ ଏକ ମୃତଦେହ । ଗୁରୁବାର ସକାଳୁ ବଲାଙ୍ଗୀର ମୁଖ୍ୟ ଚିକିତ୍ସାଳୟ ଆଇସିୟୁ ସମ୍ମୁଖରେ ଥିବା ଡ୍ରେନରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବାର ଦେଖାଯାଇଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିନାହିଁ । ଡ୍ରେନରେ ମୃତଦେହ ପଡ଼ିଥିବା ନେଇ ଚିକିତ୍ସାଳୟ ପକ୍ଷରୁ ପୋଲିସକୁ ଖବର ଦେଇଥିଲେ। ଖବରପାଇ ଟାଉନ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହକୁ ଡ୍ରେନ ଭିତରୁ ଉଦ୍ଧାର କରାଯାଇ ମୃତଦେହ ବ୍ୟବଚ୍ଛେଦ ଗୃହକୁ ନିଆଯାଇଛି । ଡ୍ରେନ ଭିତରୁ ମୃତଦେହ ମିଳିବା ପରେ ଏବେ ଏହା ଦୁର୍ଘଟଣା ନା ହତ୍ୟାକାଣ୍ଡ ସେନେଇ ଆଲୋଚନା ହେଉଛି।

## 'ଅନ୍ତର୍ଜାତୀୟ ମାତୃଭାଷା ଦିବସ'ରେ ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମ

**ବେତନଟୀ,୨୬।୨ (ସଂଚାର ବ୍ୟୁରୋ):** ଗୁରୁବାର ଦିନ ପି ଏମ ଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ଏବଂ ତମାଖୁ ମୁକ୍ତ ବିଦ୍ୟାଳୟ ପାଇଁ ସଚେତନତା କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। ମାତୃଭାଷା କିପରି ଜ୍ଞାନ ଲାଭ ର ମୂଳଭିତ୍ତି, ସଂସ୍କୃତି ଓ ଐତିହ ର ସଂରକ୍ଷଣ, ଭାବ ପ୍ରକାଶ ର ମାଧ୍ୟମ ଓ ରାଷ୍ଟ୍ରୀୟ ଏକତା ର ଆଧାର ତାହା ଆଲୋଚିତ ହୋଇଥିଲା। ତତ ସହିତ ମାତୃଭାଷା ର ବ୍ୟବହାର, ସୁରକ୍ଷା ଓ ସଂରକ୍ଷଣ କୁ ପ୍ରୋତ୍ସାହିତ କରିବା ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଯଥା - ଚିତ୍ରାଙ୍କନ, ପ୍ରବନ୍ଧ ଏବଂ କବିତା ଆବୃତ୍ତି ହୋଇଥିଲା। କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ତମାଖୁ ମୁକ୍ତ ବିଦ୍ୟାଳୟ ପାଇଁ ଆୟୋଜିତ ହୋଇଥିବା ସଚେତନତା କାର୍ଯ୍ୟକ୍ରମ ରେ ଆୟୁଷ ବିଭାଗ ର ଡକ୍ଟର ମହେଶ୍ୱର ଦାସ ଏବଂ ଡକ୍ଟର ସ୍ୱିଟି ପଣ୍ଡା ତମାଖୁ ଏବଂ ଏହାର କୁପ୍ରଭାବ ସମ୍ବନ୍ଧ ରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ ଉପରେ ତମାଖୁ ର କୁପ୍ରଭାବ ସମସ୍ତ ବିଶ୍ୱରେ ଚିନ୍ତା ର କାରଣ ଅଟେ ତାହା ପ୍ରକାଶ କରିଥିଲେ। ତମାଖୁ ଛାଡ଼ିବା ପାଇଁ ଦେୟମୁକ୍ତ ନମ୍ବର ୧୮୦୦-୧୧-୨୩୫୬ ରେ ସମ୍ପର୍କ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଛାତ୍ରଛାତ୍ରୀମାନେ ପୋଷ୍ଟର ପ୍ରତିଯୋଗିତା, ନାଟକ ଓ ସ୍ଲୋଗାନ ପାଠ ମାଧ୍ୟମରେ ସମାଜକୁ ତମାଖୁ ଛାଡ଼ିବା ପାଇଁ ସନ୍ଦେଶ ଦେଇଥିଲେ।

## ଗ୍ରାମରେ ଜଳ ଅର୍ପଣ ଦିବସ ପାଳିତ

**ମାଲକାନଗିରି,୨୬।୨ (ସଂଚାର ବ୍ୟୁରୋ):** ଆଜି ମାଲକାନଗିରି ବିଧାୟକ ନରସିଂହ ମାଡକାମୀଙ୍କ ଦ୍ୱାରା କାଲିମେଲା ବ୍ଲକ ଭେଙ୍କେଟପାଲମ ପଞ୍ଚାୟତ ନିକଟରେ ପୋଟେରୁ ନଦୀରେ ହୋଇଥିବା ମେଗା ପାନୀୟ ଜଳ ପ୍ରକଳ୍ପକୁ ଶୁଭାରମ୍ଭ କରି ଜଳ ଅର୍ପଣ ଦିବସ ରୂପେ ବିବେଚନା କରିଛନ୍ତି। ଏହି ପ୍ରକଳ୍ପ ସମସ୍ତ ନିୟନ୍ତ୍ରଣ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି। ପଞ୍ଚାୟତର ଆଖିପାଖି ଅଞ୍ଚଳ ଯଥା କାଲିମେଲା, କୋଇମେଟଲା ଇତ୍ୟାଦି ପଞ୍ଚାୟତର ବାସିନ୍ଦା ପାନୀୟ ଜଳ ବ୍ୟବହାର କରିବେ। ଗ୍ରୀଷ୍ମ ଦିନେ ଜଳ ସଙ୍କଟରୁ ମୁକ୍ତି ମିଳିଲା ବୋଲି ଅଞ୍ଚଳ ବାସୀ ଖୁସି ବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲାର ପ୍ରକଳ୍ପ ନିର୍ଦ୍ଦେଶକ ଦାଶରଥି ସରାବ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, କାଲିମେଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର କର, ଅଧିକ୍ଷଣ ଯନ୍ତ୍ରୀ ଜନକ ବଳବନ୍ତରାୟ, ଏ ଇ ଇ ଆର ଡବ୍ଲୁ ଏସ ଏସ କାଲିମେଲା ପିଠା ସୋରେନ, ଏ ଇ ଆର ଡବ୍ଲୁଏସ ଏସ କାଲିମେଲା ସୁକୁମାର ପ୍ରଧାନ, ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବେନ୍ଦ୍ର ନାୟକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କାଲିମେଲା ସୌମ୍ୟ ରଞ୍ଜନ ନାୟକ ଉପସ୍ଥିତ ଥିଲେ। ସମସ୍ତ ଅତିଥି ଜଳର ଉପାଦେୟତା ଏବଂ ସଂରକ୍ଷଣ ଉପରେ ଉପସ୍ଥିତ ଜନସାଧାରଣ ଏବଂ ବିଦ୍ୟାଳୟର ପିଲାମାନଙ୍କୁ ବୁଝାଇଥିଲେ।

## ଋଣ ମେଳା କାର୍ଯ୍ୟକ୍ରମରେ ଯୋଗଦେଲେ ବିଧାୟକ

**ଜୟପୁର,୨୬।୨ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଆୟୋଜିତ ଋଣ ମେଳା କାର୍ଯ୍ୟକ୍ରମ ସଫଳତାର ସହିତ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବ୍ୟାଙ୍କ ଚେକ୍ ବିତରଣ କରିଥିଲେ।ତାଙ୍କ ଅଭିଭାଷଣରେ ବିଧାୟକ କହିଥିଲେ ଯେ, ସ୍ୱୟଂ ସହାୟକ ଗୋଷ୍ଠୀମାନେ ଗ୍ରାମୀଣ ଅର୍ଥନୀତିର ମୂଳ ଶକ୍ତି ଏବଂ ମହିଳା ସଶକ୍ତିକରଣର ଭିତିସ୍ତମ୍ଭ। ଏପରି ଋଣ ସହାୟତା ମାଧ୍ୟମରେ ମହିଳାମାନେ ସ୍ୱାବଲମ୍ବୀ ହୋଇ ନିଜ ଜୀବିକାର ବିକାଶ କରିପାରିବେ ଓ ପରିବାରର ଆର୍ôଥକ ସ୍ଥିତିକୁ ସୁଦୃଢ଼ କରିପାରିବେ। ସେ ସମସ୍ତ ଗୋଷ୍ଠୀ ସଦସ୍ୟାଙ୍କୁ ଏହି ଋଣର ସଠିକ୍ ଓ ଉନ୍ନତିମୂଳକ ବ୍ୟବହାର କରି ଆତ୍ମନିର୍ଭର ହେବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ, ବ୍ୟାଙ୍କ କର୍ମକର୍ତାମାନେ ଏବଂ ବହୁ ସଂଖ୍ୟକ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଉପସ୍ଥିତ ଥିଲେ।

## 'ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ସ୍ୱେଚ୍ଛାସେବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'



**ବ୍ରହ୍ମପୁର,୨୬।୨ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ବ୍ରହ୍ମପୁର ନିକଟସ୍ଥ ଶୀତଳାପଲ୍ଲୀ ସ୍ଥିତ ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟ ପରିସରରେ ଗୁରୁବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଏବଂ ପ୍ରାଥମିକ ଚିକିତ୍ସା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କଟକ ନିକଟସ୍ଥ ମୁଣ୍ଡୁଳିଠାରେ ଥିବା ଏନ୍‌ଡିଆର୍‌ଏଫ୍ ତୃତୀୟ ବାଟାଲିୟନର ମୁଖ୍ୟ ମେଡିକାଲ ଅଫିସର୍ ଡ. ନବୀନ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସ୍ୱେଚ୍ଛାସେବୀଙ୍କ ଭୂମିକା ସମ୍ପର୍କରେ କହିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ଅଧିକାରୀ ଡ. ଜୟନ୍ତ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ପ୍ରାୟ ୧୦୦ ଏନ୍‌ଏସଏସ୍ ଶାଖା ଅଛି ବୋଲି କହିଥିଲେ। ଉକ୍ତ ସମସ୍ତ ଶାଖାରେ ପ୍ରାୟ ୧୦ ହଜାର ସ୍ୱେଚ୍ଛାସେବୀ ଅଛନ୍ତି। ସେହିଭଳି ରାଜ୍ୟରେ ପ୍ରାୟ ଦେଢ଼ଲକ୍ଷ ସ୍ୱେଚ୍ଛାସେବୀ ଥିବା ବେଳେ ସମଗ୍ର ଦେଶରେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଅଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ସ୍ୱେଚ୍ଛାସେବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଗତ କିଛି ବର୍ଷ ହେବ ଆମେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛନ୍ତି। ବରଫ ତରଳୁଛି। ଜଳବାୟୁ ପରିବର୍ତ୍ତନ ହେଉଛି। ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ହେଉଛି। ତାହାର ମୁକାବିଲା ପାଇଁ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପଣ୍ଡା କହିଥିଲେ। ଏଥିସହ ସେ କହିଥିଲେ ଏହି ଶିବିରରେ ପ୍ରାଥମିକ ଚିକିତ୍ସା ଉପରେ ମଧ୍ୟ ତାଲିମ ଦିଆଯିବ। ଦୁର୍ଘଟଣାର ପ୍ରଥମ ଏକ ଘଣ୍ଟା ଆହତଙ୍କୁ ବଞ୍ଚାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ସମୟ। ତେଣୁ ସ୍ୱେଚ୍ଛାସେବୀମାନେ କିଭଳି ଜଣେ ଆହତ କିମ୍ବା ହୃଦ୍‌ଘାତ ବ୍ୟକ୍ତିଙ୍କୁ କିଭଳି ପ୍ରାଥମିକ ଚିକିତ୍ସା ସେବା ଯୋଗାଇ ଦେବେ ତାହାରି ଉପରେ ଡ ପଣ୍ଡା କହିଥିଲେ।

## ଭୋଜି ଖାଇବାକୁ ଯାଇ ନିଖୋଜ ହୋଇଯାଇଥିଲେ ରଘୁନାଥ

**ଦିଗପହଣ୍ଡି,୨୬।୨ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଚୁଡ଼ଙ୍ଗପୁର ଗ୍ରାମର ସିଏଚ. ରଘୁନାଥ ପାତ୍ର(୬୫) ନାମକ ଜଣେ ବୃଦ୍ଧଙ୍କ ମୃତଦେହକୁ ସାହସପୁର ହାଟପଦା ନିକଟ ଏକ ଜମିରେ ଥିବା ଗାଡ଼ିଆରୁ ଗୁରୁବାର ସକାଳେ ଉଦ୍ଧାର କରାଯାଇଛି। ରଘୁନାଥ ସାହସପୁର ଗ୍ରାମର ଜଣେ ସମ୍ପର୍କୀୟଙ୍କ ଘରକୁ ବୁଧବାର ଭୋଜି ଖାଇବାକୁ ଯାଇଥିଲେ। ସେସେଠାରୁ ଆକସ୍ମିକ ନିଖୋଜ ହୋଇଯାଇଥିଲେ। ସନ୍ଧ୍ୟା ସୁଦ୍ଧା ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳି ନ ଥିଲା। ଗୁରୁବାର ଭୋରରେ କିଛି ବ୍ୟକ୍ତି ଚାଷଜମିକୁ ଯାଉଥିବା ବେଳେ ଗାଡ଼ିଆ ହିଡ଼ରେ ଚପଲ, ଶର୍ଟ ଓ ଧୋତି ପଡ଼ିଥିବା ଦେଖିଥିଲେ। ଖବରପାଇ ପରିବାର ଲୋକେ ସେଠାରେ ପହଞ୍ଚି ଦିଗପହଣ୍ଡି ଅଗ୍ନିଶମବାହିନୀକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ବୃନ୍ଦ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଆରୁ ମୃତଦେହ ଉଦ୍ଧାର କରିବା ସହ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରସ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ରଘୁନାଥଙ୍କ ପୁଅ ଅର୍ଜୁନ ପାଟପୁର ଥାନାରେ ଏତଲା ଦେବାପରେ ପୋଲିସ ଟିମ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଅପମୃତ୍ୟୁ ମାମଲା ନଂ.୪/୨୬ ଅନୁଯାୟୀ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ କରାଯାଇଛି।

## ଯୁବତୀକୁ ଗଣ ଦୁଷ୍କର୍ମ ପରେ ହତ୍ୟା

## ଚାରି ମହଲା କୋଠା ତଳୁ ଯୁବତୀଙ୍କ ମୃତ ଦେହ ଉଦ୍ଧାର

**ତିର୍ତ୍ତୋଲ,୨୬।୨ (ସଂଚାର ବ୍ୟୁରୋ):** ପାରାଦୀପ ସ୍ଥିତ ତାରିଣୀ ଗଡ଼ା ଠାରେ ଚାରି ମହଲା କୋଠା ତଳୁ ଗତ ଗତ ୨୩ ତାରିଖ ଦିନ ଜଣେ ଅଜଣା ଯୁବତୀଙ୍କ ମୃତ ଦେହ ଉଦ୍ଧାର ହେବା ଘଟଣାର ଦିନକ ପରେ ତାଙ୍କର ପରିଚୟ ମିଳିଛି। ମୃତ ଯୁବତୀ ତିର୍ତ୍ତୋଲ ଥାନା କୋଲର ଜଇପୁର ଅଞ୍ଚଳର ବୋଲି ଜଣା ଯାଇଛି। ଯୁବତୀ ଜଣକ ଗତ ଶନିବାର ଠାରୁ ଘରୁ ନିଖୋଜ ଥିବାର ତାଙ୍କର ପରିବାର ପକ୍ଷରୁ ତିର୍ତ୍ତୋଲ ଥାନାରେ ଏକ ଏତାଲା ହୋଇଥିଲା। ଆଜି ସନ୍ଧ୍ୟା ରେ ଆଦର୍ଶ ଥାନା ପୋଲିସ ପୁନର୍ବାର ଘଟଣା ସ୍ଥଳକୁ ଯାଇ ଖାନ ତଲାସ କରିବାରୁ ରୋଷେଇ ଘର ତାଜା ଉପରୁ ମୃତ ଯୁବତୀଙ୍କର ସୁଇଚ ଅପ ଥିବା ମୋବାଇଲ କୁ ଜବତ କରିଥିଲା। ମୋବାଇଲ ସୁଇଚ ଅନ କରିବା ପରେ ଯୁବତୀଙ୍କର ଭାଇ ସେହି ନମ୍ବର କୁ କଲ କରିବା ପରେ ଯୁବତୀଙ୍କ ପରିଚୟ ବାବଦରେ ଜଣା ପଡ଼ିଥିଲା। ହେଲେ ସମ୍ପୃକ୍ତ ଯୁବତୀ ସେଠାକୁ କେମିତି ଗଲେ ? କାହା ସହିତ ଗଲେ ? କିଏ ତାଙ୍କୁ ସେଠାକୁ ଡାକିଥିଲା ? ଏହି ଯୁବକ ମାନଙ୍କ ସହିତ ତାଙ୍କର କଣ ସମ୍ପର୍କ ?ଏହାକୁ ନେଇ ତମାମ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଅଧିକ ତଦନ୍ତ ପରେ ସବୁ ଘଟଣାର ପର୍ଦାଫାସ ହେବ ବୋଲି ପୋଲିସ କହିଥିବା ବେଳେ ଯୁବତୀ କୁ ଗଣ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପରଲୋକ



**ବାଲିପାଟଣା,୨୬।୨ (ସଂଚାର ବ୍ୟୁରୋ):** ବାଲିପାଟଣା ବ୍ଲକ ଭଇରିପୁର ପଞ୍ଚାୟତ ଭଇରିପୁର ଗ୍ରାମର ବରିଷ୍ଠ ନାଗରୀକ ତଥା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ରାଜ କିଶୋର ନାୟକଙ୍କ ଆଜି ସକାଳ ୬ ଟା ୫୫ ରେ ନିଜ ବାସଭବନରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୮ ବର୍ଷ ବୟସ ହୋଇଥିବା ବେଳେ ସେ ଭାରତୀୟ ପ୍ରତ୍ନତତ୍ୱ ବିଭାଗରେ ଚାକିରୀ କରିଥିଲେ। ଗତ ୨୦୦୮ ରେ ଅବସର ନେଇଥିଲେ। ସ୍ୱର୍ଗତଃ ନାୟକ ଜଣେ ଅମାୟିକ, ପରୋପକାରୀ, ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ଗାଁରେ ଶୋକର ଛାୟା ଖେଳିଯାଇଥିବା ବେଳେ ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ କରିବା ସହ ଅମରଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଧର୍ମପତ୍ନୀ ବନଲତା ଏବଂ ପୁତ୍ର, ପୁତ୍ରବଧୁ, ଝିଅ ଜ୍ୱାଇଁ, ନାତି ନାତୁଣୀ ଉପସ୍ଥିତ ଥିଲେ। ଶେଷରେ ଗାଁ ସ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡପୁଅ ହିମାଂଶୁ ମୁଖାଗ୍ନି ଦେଇଥିଲେ ।

## ରାସ୍ତା ସ୍ଥାନାନ୍ତରିତକୁ ନେଇଁ ଗ୍ରାମବାସୀଙ୍କ ବିରୋଧ



**ଲାଞ୍ଜିଗଡ଼,୨୬।୨ (ସଂଚାର ବ୍ୟୁରୋ):** ପ୍ରତ୍ୟେକ ଗାଁକୁ ସରକାରଙ୍କ ମୌଳିକ ସୁବିଧା ପହଞ୍ଚିବ, ସରକାରୀ ଯୋଜନାରୁ କେହିଁ ମଧ୍ୟ ବଞ୍ଚିତ ରହିବେ ନାହିଁ, ଗାଁରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାନୀୟ ଜଳ ଓ ଗମନାଗମନ ଭଳି ରହିଥିବା ସମସ୍ୟା ଦୂର କରିବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି ସେଥି ମାଧ୍ୟରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅନ୍ୟତମ। ଏହି ଯୋଜନା ମାଧ୍ୟମରେ ସହରାଞ୍ଚଳ ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣର ବ୍ୟବସ୍ଥା ରହିଛି। ହେଲେ ଏବେବି ଅନେକ ଗାଁରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ପହଞ୍ଚି ପାରିନାହିଁ ଯାହାବି ରାସ୍ତା ପହଞ୍ଚିଛି ଏବେ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ି ରହିଛି। ନୂତନ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଜାରି ରହିଥିବାବେଳେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ରାସ୍ତା ସ୍ଥାନାନ୍ତରିତକୁ ନେଇଁ ଗ୍ରାମ ବାସୀଙ୍କ ବିରୋଧ ଦେଖିବାକୁ ମିଳିଛି। ଏହି ଭଳି ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ମେଲବାହାଲି ଗାଁରେ। ସୂଚନା ଅନୁସାରେ ବିଜେପୁର ଠାରୁ ଲାଞ୍ଜିଗଡ଼ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଠାରୁ ମେଲବାହାଲି ଗାଁ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ମାଧ୍ୟମରେ ରାସ୍ତା ନିର୍ମାଣ ପାଇଁ ସର୍ଭେ ଓ ଟେଣ୍ଡର ପ୍ରକ୍ରିୟା ସମେତ ରାସ୍ତା ମାପ ମଧ୍ୟ ସରି ସାରିଥିଲା। ହେଲେ କୌଣସି କାରଣରୁ ସେହି ରାସ୍ତାକୁ ମେଲବାହାଲି ଗାଁରେ ନିର୍ମାଣ ନ'କରି ସେହି ଟେଣ୍ଡର ହୋଇଥିବା ରାସ୍ତାକୁ ପଡ଼ୋଶୀ ଗାଁ ବଣ୍ଡେଲ ପଡ଼ାରେ ନିର୍ମାଣ ହେଉଥିବାରୁ ଗ୍ରାମବାସି ଅସନ୍ତୋଷ ପ୍ରକାଶ କରିବା ସହ ତୀବ୍ର ବିରୋଧ କରୁଥିବା ଚିତ୍ର ସାମ୍ନାକୁ ଆସୁଛି। ତେବେ କେଉଁ କାରଣରୁ ସେହି ପ୍ରକଳ୍ପ ଅନ୍ୟ ଗାଁ କୁ ସ୍ଥାନାନ୍ତର କରାଯାଇଛି। ତାହା ଏବେ ବିରାଟ ବଡ଼ ପ୍ରଶ୍ନବାଚି ସୃଷ୍ଟି କରୁଥିବା ବେଳେ କୌଣସି ରାଜନୀତି ଚାପ ଯୋଗୁଁ ଏହି ରାସ୍ତା କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି ବୋଲି ଗ୍ରାମ ବାସି ଅଭିଯୋଗ ଆଣିଛନ୍ତି।

## ପୁଲିସକୁ ଖୋଲା ଚ୍ୟାଲେଞ୍ଜ, ଶୁଦ୍ଧିକ୍ରିୟା ସାରି ଫେରିବା ବେଳକୁ ଘରେ କଳାକନା

**ବୈଶିଙ୍ଗା,୨୬।୨ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ନିକଟରୁ ମାତ୍ର ଏକ କିଲୋମିଟର ଦୂରରେ ଚୋରି । ବାରିପଦା ବାଲେଶ୍ୱର ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଇନ୍ଦ୍ରମଣି ମହାପାତ୍ରଙ୍କ ଘରେ ଗୁରୁବାର ଦିନ ଦ୍ୱିପହରରେ କବାଟ ତାଡ଼ି ଆସବାବପତ୍ର ସହ ସୁନାଗହଣା ଚୋରି ହୋଇଯାଇଥିବା ସୂଚନା ମିଳିଛି। ମିଳିଥିବା ସୂଚନା ମୁତାବକ, ଇନ୍ଦ୍ରମଣି ଓ ତାଙ୍କ ପତ୍ନୀ ଦିନ ଏଗାରଟା ସମୟରେ ଘରେ ଚାବି ପକାଇ ଏକ ଶୁଦ୍ଧିକ୍ରିୟା କାମରେ ଯୋଗଦେବାକୁ ଯାଇଥିଲେ । ଇନ୍ଦ୍ରମଣି ମହାପାତ୍ର, ଜଣେ ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ। ତାଙ୍କ ଦୁଇ ପୁଅ ବାହାରେ ରୁହନ୍ତି। ହେଲେ ଦ୍ୱିପହର ତିନିଟା ସମୟରେ ଘରେ ପହଞ୍ଚି ଦେଖଲା ବେଳକୁ ମୁଖ୍ୟ ଦ୍ୱାର କବାଟ ଭଙ୍ଗାରୁଜା ହୋଇଥିଲା ଏବଂ ଭିତରେ ଜିନିଷପତ୍ର ଏଣେତେଣେ ବିଛାଡି ହୋଇ ପଡ଼ିଥିଲା। ଲୁହା ଆଲମିରା ଭଙ୍ଗା ଯାଇ ସୁନାଗହଣା ମଧ୍ୟ ଲୁଟି ନେଇଥିବା ପୁଲିସ ନିକଟରେ ଅଭିଯୋଗ କରିଛନ୍ତି । ଖବରପାଇ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ପୁଲିସ ଏସ ଆଇ ସରୋଜ କୁମାର ଜେନାଙ୍କ ସହ ଏଏସଆଇ ପ୍ରଦିପ କୁମାର ଦେ ପୁଲିସ ଟିମ ସହ ସଙ୍ଗେସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ସନ୍ଧ୍ୟାରେ ବାରିପଦାରୁ ଫରେନସିକ ଟିମ ଓ ଡଗ୍ ସ୍କ୍ୱାର୍ଡ ର ସହଯୋଗରେ ଅଧିକ ତଦନ୍ତ ଜାରି ରହିଛି ।